# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, February 3/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 71 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
51 Years
DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୩/୨୦୨୫ | Bhubaneswar, Monday, February 3/2025 | ପୃଷ୍ଠା-୧



**ରୋମାଣ୍ଟିକ ଫିଲ୍ମ କରିବାକୁ ଚାହୁଁଛନ୍ତି ଜୟଦୀପ**
ରୋମାଣ୍ଟିକ ଫିଲ୍ମ କରିବାକୁ ଇଚ୍ଛା ରହିଛି ବୋଲି ଅଭିନେତା ଜୟଦୀପ ଅହଲାୱତ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି। **୦୭**

**୧୨** **ଅଭିଷେକ ଶର୍ମାଙ୍କ ଶତକ**
ଇଂଲଣ୍ଡ ବିପକ୍ଷ ପଞ୍ଚମ ଟି୨୦ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ଅଭିଷେକ ଶର୍ମା।



# ମଧ୍ୟବିତ୍ତ କିଏ

**ତଥାଗତ ସତପଥୀ**

ସାଧାରଣ ବଜେଟ ୨୦୨୫-୨୬ ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସଂସଦରେ ଉପସ୍ଥାପନ କରିବା ପରଠାରୁ ସମଗ୍ର ଦେଶରେ ଗୋଟିଏ କଥା ଗୁଞ୍ଜରଣ ହେଉଛି ଯେ, ମଧ୍ୟବିତ୍ତ ବର୍ଗ ସବୁଠାରୁ ଅଧିକ ଉପକୃତ ହେବେ। କାରଣ ଆୟକରଦାତାଙ୍କୁ ସବୁଠାରୁ ଅଧିକ ସୁବିଧା ଦିଆଯାଇଛି। ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଆଉ ଟିକସ ଦେବାକୁ ପଡ଼ିବ ନାହିଁ। ଏପରିକି ଜାତୀୟ ଗଣମାଧ୍ୟମରେ ଏହି ଲାଭ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏକ ତଥ୍ୟରୁ ଜଣାପଡ଼ିଛି ଯେ ୧୪୦ କୋଟି ଭାରତୀୟଙ୍କ ମଧ୍ୟରୁ ମାତ୍ର ୮ କୋଟି ଟିକସ ଫର୍ମ ଭରିଥାଆନ୍ତି। ସେମାନଙ୍କ ମଧ୍ୟରୁ ୪ କୋଟି ହେଉଛନ୍ତି ଶୂନ ଟିକସଦାତା। ବାକି କରଦାତାଙ୍କ ମଧ୍ୟରେ ବିଭାଗୀକରଣ କରାଯାଇଛି। ଖୋଦ୍ ଅର୍ଥମନ୍ତ୍ରୀ କହିଛନ୍ତି, ବଜେଟରେ କରାଯାଇଥିବା ନୂଆ ଟିକସ ବ୍ୟବସ୍ଥା ଅନୁଯାୟୀ ପ୍ରାୟ ୧ କୋଟି କରଦାତା ଲାଭବାନ ହେବେ। ଏଭଳି ପ୍ରଚ୍ଛଦପଟରେ ଦେଶର ମଧ୍ୟବିତ୍ତଙ୍କ ସଂଖ୍ୟା ଉପରେ ନଜର ପକାଯାଉ। ୨୦୨୦-୨୧ର ଏକ ତଥ୍ୟ ଅନୁଯାୟୀ ଦେଶ ଜନସଂଖ୍ୟାର ୪୩ କୋଟି ୨୦ ଲକ୍ଷ ରହିଛନ୍ତି ମଧ୍ୟବିତ୍ତ। ଉପରଲିଖିତ ସଂଖ୍ୟା ଦେଖିଲେ ୧ କୋଟି କରଦାତା ଯେଉଁ ଲାଭବାନ ହେବେ ବୋଲି କୁହାଯାଉଛି ସେହି ଅନୁଯାୟୀ ବିଚାର କଲେ ଆହୁରି ୪୨ କୋଟିରୁ ଅଧିକ ଲୋକ ଆୟକର ସୁବିଧାର ଧାର ଧରିବେ ନାହିଁ। ତେଣୁ ସମ୍ପୂର୍ଣ୍ଣ ମଧ୍ୟବିତ୍ତ ଉପକୃତ ହେବେ ବୋଲି ଯେଉଁ ଗୋଟେ ବଡ଼ ଡାକ ପଡ଼ିଛି ତାହା ବାସ୍ତବ ନୁହେଁ।

ଏହା କୁହାଯାଇପାରେ ଯେ ଦେଶରେ ମଧ୍ୟବିତ୍ତ ସବୁବେଳେ ଅଣଦେଖା ହୋଇ ରହିଆସିଛନ୍ତି। ତେବେ କେଉଁ ପରିବାର ବା ବ୍ୟକ୍ତିବିଶେଷଙ୍କୁ ମଧ୍ୟବିତ୍ତ ବୋଲି କୁହାଯିବ, ତାହାର ମାପଦଣ୍ଡ କେହି ନିର୍ଦ୍ଧାରଣ କରୁନାହାନ୍ତି। ମାସକୁ ୩ ଲକ୍ଷ ଟଙ୍କା ଅର୍ଜନ କରୁଥିବା ଲୋକ ସୀତାରାମନଙ୍କ ୨୦୨୫-୨୬ ବଜେଟରେ କୌଣସି ଲାଭ ପାଇପାରିବ ନାହିଁ। ସେହି ବ୍ୟକ୍ତି ଯଦି ପରିବାରରେ ଏକମାତ୍ର ରୋଜଗାରକ୍ଷମ ଏବଂ ତାଙ୍କ ସହିତ ମାତାପିତା, ସାନ ଭଉଣୀଭାଇ, ସ୍ତ୍ରୀ ଏବଂ ୨ରୁ ୩ ପିଲା ଏକସଙ୍ଗେ ଗୋଟିଏ ଛାତ ଓ ଗୋଟିଏ ରୋଷେଇଘରର ଆଶ୍ରୟ ନେଇଥିବେ, ଆଜିର ମହଙ୍ଗା ଯୁଗରେ ସେଭଳି ତଥାକଥିତ ଧନୀ ଲୋକ ମଧ୍ୟ ମଧ୍ୟବିତ୍ତ ବୋଲି ଆଖ୍ୟା ପାଇପାରିବ କି ନାହିଁ, ତାହା କହିବା ସମ୍ଭବ ନୁହେଁ। ଏହାଛଡ଼ା ଭାରତର କେଉଁ ବଡ଼ ସହର କିମ୍ବା ଅଞ୍ଚଳରେ ସେଭଳି ପରିବାର ବସବାସ କରୁଛନ୍ତି, ତାହା ମଧ୍ୟ ଅର୍ଥନୈତିକ ସ୍ଥିତି ନିର୍ଦ୍ଧାରଣ କରିଥାଏ। ବିରାଟ ଜନବହୁଳ ଦେଶରେ ମଧ୍ୟବିତ୍ତର ସଂଜ୍ଞା ଅସ୍ପଷ୍ଟ ଥିବାରୁ ବଜେଟରେ ଦିଆଯାଇଥିବା ସୁବିଧା ସମ୍ଭବତଃ କାହାରିକୁ ହୃଦ୍‌ବୋଧ ହେବ ନାହିଁ। ଧନିକ ବ୍ୟକ୍ତିଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ଫରକ ପଡୁ ନ ଥିବା ବେଳେ ଗରିବଙ୍କୁ ସରକାର ବିନା ମୂଲ୍ୟରେ ବହୁ ଜନହିତକର ଯୋଜନାରେ ହିତାଧିକାରୀ କରିଦେଇଛନ୍ତି। ସରକାରୀ ହିସାବରେ ଦେଶର ୮୦ କୋଟିରୁ ଅଧିକ ଲୋକ ମାଗଣାରେ ଅନେକ ସୁବିଧା ପାଉଛନ୍ତି। ଏହା ଜଣାଶୁଣା ଯେ ଏସବୁ ଟିକସଦାତାଙ୍କ ଅର୍ଥରୁ ଦିଆଯାଇଥାଏ। ଏଭଳି ସ୍ଥଳେ ମଧ୍ୟବିତ୍ତ 'ଘାସକୁ ମୋଟ, ଗଛକୁ ଛୋଟ' ସ୍ତରରେ ଦୋଦୁଲ୍ୟମାନ ହୋଇଥାଏ। ଯାହା ହେଉ ଏଥର ବଜେଟରେ ପୂର୍ବାପେକ୍ଷା ମଧ୍ୟବିତ୍ତଙ୍କ କଥା ସରକାର ବିଚାର କରିଥିବାରୁ ତାହା ଗୋଟିଏ ପକ୍ଷେ ସ୍ୱାଗତଯୋଗ୍ୟ। କିନ୍ତୁ ଯେଭଳି ପ୍ରଚାର ହେଉଛି ଯେ ସବୁ ମଧ୍ୟବିତ୍ତ ବଜେଟ ଦ୍ୱାରା ଉପକୃତ ହେବେ, ତାହା ଅବାସ୍ତବ ପ୍ରତୀୟମାନ ହେଉଛି। ବର୍ତ୍ତମାନର ଭୂରାଜନୈତିକ ଓ ଭୂଅର୍ଥନୈତିକ ସ୍ଥିତିକୁ ଦେଖିଲେ ଚାରିଆଡ଼େ ଅନିଶ୍ଚିତତା ଲାଗିରହିଛି। ଫେବୃଆରୀ ୨ର ଖବର ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମ ପର୍ଯ୍ୟାୟରେ ମେକ୍ସିକୋ, କାନାଡା ଓ ଚାଇନା ଉପରେ ଆମଦାନୀ ଟିକସକୁ ବୃଦ୍ଧି କରିଛନ୍ତି। ଏହା ନିଶ୍ଚିତ ଭାବେ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ଓ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରିବ। ଏହାର ପ୍ରଭାବ ପରବର୍ତ୍ତୀ ସମୟରେ ଭାରତ ଉପରେ ପଡ଼ିବା ଥୟ। ହୁଏତ ଏହାକୁ ସାମ୍ନା କରିବାକୁ କେନ୍ଦ୍ର ବଜେଟରେ ଆମେରିକାରୁ ଆମଦାନୀ ହେଉଥିବା କେତେକ ମୋଟରଯାନ ଉପରେ ଆମଦାନୀ କର ହ୍ରାସ କରାଯାଇଛି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜର ଶପଥ ଗ୍ରହଣ ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିମନ୍ତ୍ରଣ ଦେଇ ନ ଥିବା ହେତୁ ଏଭଳି ଟିକସ ହ୍ରାସ କେତେଦୂର ପ୍ରଭାବ ପକାଇବ ତାହା ଏବେ କହିବା କଷ୍ଟକର। ତେଣୁ ଏଭଳି ବାହ୍ୟ ସ୍ଥିତି ଭାରତୀୟ ଅର୍ଥନୀତିକୁ ଦୁର୍ବଳ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଏମିତି ଦେଖିଲେ ଡଲାର ତୁଳନାରେ ଭାରତୀୟ ମୁଦ୍ରା କ୍ରମାଗତ ଦୁର୍ବଳ ହେବାରେ ଲାଗିଛି। ଯଦି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି କଥା ଆଲୋଚନା କରାଯାଏ, ତାହାର ଗତିରୋଧ ବିଷୟରେ ବଜେଟରେ ଗଭୀର ଚିନ୍ତା କରାଯାଇ ନ ଥିବା ଜଣାପଡୁଛି। ଆୟକରଦାତାଙ୍କୁ ଟିକସରେ ରିହାତି ସାମଗ୍ରୀ ଓ ସେବା ଉପଭୋଗ ଲାଗି ଲୋକଙ୍କ ହାତକୁ ଅଧିକ କିଛି ଅର୍ଥ ଆସିପାରେ। କିନ୍ତୁ ସେହି ମୁକ୍ତି ପାଇଥିବା କରଦାତାଙ୍କ ବାସ୍ତବ ସଂଖ୍ୟା କେତେ ଏବଂ ସେମାନେ ସୁନା କିଣିବେ କିମ୍ବା କେଉଁଭଳି ଖର୍ଚ୍ଚ କରିବେ, ତାହା ଆକଳନ କରିବା ସମ୍ଭବପର ନୁହେଁ। ଏହା କହିଲା ବେଳେ ଅନେକେ ସଚେତନ ରହିବା କଥା ଯେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତିଟି ଜିନିଷ ଓ ସେବା ପାଇଁ ଦେବାକୁ ପଡୁଛି। ତାହା ଭାରତୀୟ ନାଗରିକଙ୍କ ରକ୍ତ ଶୋଷି ନେଉଛି। ତେଣୁ ସେହି ଦିଗରେ ଅଧିକ ଧ୍ୟାନ ଦେବାର ଥିଲା। ଗତ ସପ୍ତାହରେ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ୮ମ ବେତନ କମିଶନ ଦିଆଯିବା ଲାଗି ସୁପାରିସ ହୋଇଛି। ଏଥିରେ କର୍ମଚାରୀଙ୍କ ଦରମା ଓ ସୁବିଧା ୨.୨୮ ରୁ ୨. ୮୬ ପ୍ରତିଶତ ବୃଦ୍ଧି ଲାଗି ସୁପାରିସ କରାଯାଇଛି। କଟିକାଟି ତାହା ଯଦିବା ଦୁଇ ପ୍ରତିଶତ ହୁଏ, ତାହା ହେଲେ କେନ୍ଦ୍ରୀୟ କର୍ମଚାରୀଙ୍କ ଦରମା ଓ ଆନୁଷଙ୍ଗିକ ଆର୍ଥିକ ସୁବିଧା ଦୁଇଗୁଣ ବଢ଼ିବା ଯାଏ ଯିବ। ସେସବୁ ଟିକସଦାତାଙ୍କ ଅର୍ଥରୁ ଭରଣା କରାଯିବ ଓ ତାହାର ସିଧାସଳଖ ପ୍ରଭାବ ବଜାର ଉପରେ ପଡ଼ିଲେ ବିଭିନ୍ନ ସାମଗ୍ରୀ ମୂଲ୍ୟ ଆହୁରି ବୃଦ୍ଧି ପାଇବ। କେବଳ ସେତିକି ନୁହେଁ, ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ ଓ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଅସମାନତା ବେଶ୍ ବଢ଼ିଯିବ।

ବଜେଟ ଗୋଟେ ଦେଶର ଆୟବ୍ୟୟ ଅଟକଳର ଏକ ବାର୍ଷିକ ବିବରଣୀ ହୋଇଥାଇପାରେ। କିନ୍ତୁ ସମାଜର ପ୍ରତ୍ୟେକ ବର୍ଗଙ୍କ ଆର୍ଥିକ ଦିଗ ଭଳି ସାମାଜିକ ପୃଷ୍ଠଭୂମିକୁ ନେଇ ବ୍ୟୟବରାଦ ଯୁକ୍ତିସଙ୍ଗତ ହେଲେ ଜନମଙ୍ଗଳ ରାଷ୍ଟ୍ରରେ ସମସ୍ତେ ତାହାର ଉପକାର ପାଇପାରନ୍ତେ। ସାଧାରଣ ଲୋକ ବିତ୍ତୀୟ ନିଅଣ୍ଟ, କାପେକ୍ସ (କ୍ୟାପିଟାଲ ଏକ୍ସପେଣ୍ଡିଚର), ଜିଡିପି ଭଳି କ୍ଲିଷ୍ଟ ଅର୍ଥନୈତିକ ଶବ୍ଦ କିଛି ବୁଝି ନ ଥାଏ। ତାହାର ଦରକାର ଘର ଚଳାଇବା ସହ ପିଲାଙ୍କୁ ଉପଯୁକ୍ତ ଶିକ୍ଷା, ରୋଜଗାର ମିଳିବାଠାରୁ ଆରମ୍ଭ କରି ଶିଶୁଠୁ ବୟସ୍କଙ୍କ ଯାଏ ଉତ୍ତମ ସ୍ୱାସ୍ଥ୍ୟ ଠିକ୍ ଭାବେ ପାଇବା। ପରିବହନ, ଯୋଗାଯୋଗ ଓ ଆନୁଷଙ୍ଗିକ ଭିତ୍ତିଭୂମିର ଉନ୍ନତି ହେଲେ ତାହାର ଜୀବନ ସୁଗମ ହୋଇପାରିବ। ନିକଟରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ କିମ୍ବା ଚଳିତ ବର୍ଷ ଶେଷ ଆଡ଼କୁ ବିହାର ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି ବଜେଟରେ କିଛି ଲୋଭ ଦେଖାଇବା କେବଳ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ପ୍ରଥମ ଥର ପାଇଁ କରିନାହାନ୍ତି ; ପୂର୍ବବର୍ତ୍ତୀ ସରକାରରେ ମଧ୍ୟ ରାଜନୈତିକ ଉଦ୍ଦେଶ୍ୟ ରଖି ବଜେଟ ଉପସ୍ଥାପନ କରାଯାଇଛି। ତେବେ ଆଜିର ମାନ୍ଦାବସ୍ଥା ସ୍ଥିତିକୁ ଦେଖିଲେ ସରକାରଙ୍କୁ ଅଧିକ ସତର୍କ ହୋଇ ଆର୍ଥିକ ନିଷ୍ପତ୍ତି ନେବାର ଆବଶ୍ୟକତା ଥିଲା ବୋଲି କୁହାଯାଇପାରେ। ଗଣମାଧ୍ୟମରେ କେବଳ ବଜେଟର ନିର୍ଦ୍ଦିଷ୍ଟ ଦିଗକୁ ନେଇ ପ୍ରଶଂସା କଲେ ତାହାର ବାସ୍ତବ ସୁଫଳ ଲୋକେ ପାଇପାରିବେ ନାହିଁ।




ମାଲେସିଆର କୁଆଲାଲମ୍ପୁରଠାରେ ରବିବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିବା ପରେ ଟ୍ରଫି ସହ ଭାରତୀୟ ଦଳ।

# ନାକ୍ ମାନ୍ୟତା ପାଇଁ ଲାଞ୍ଚ

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କ ସମେତ ୧୦ ଗିରଫ

**ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡିଶନ୍ କାଉନ୍‌ସିଲ (ଏନ୍‌ଏଏସି)ର ଏ++ଏସି ମାନ୍ୟତା ପାଇଁ ଲାଞ୍ଚ ନେବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦେଶର ୨୦ ସ୍ଥାନରେ ଚଢ଼ାଉ କରି ନାକ୍ ଯାଞ୍ଚ କମିଟିର ୬ ସଦସ୍ୟଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଛି। ୧୦ ଅଭିଯୁକ୍ତଙ୍କ ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ଜଣେ ଲେଖାଏ ପ୍ରଫେସର ରହିଛନ୍ତି। ଚଢ଼ାଉ ବେଳେ ନଗଦ ୩୭ ଲକ୍ଷ ଟଙ୍କା, ୬ଟି ଲାପ୍‌ଟପ୍, ଗୋଟିଏ ଆଇଫୋନ୍ ୧୬ ପ୍ରୋ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଖୋଳତାଡ଼ ଜାରି ରହିଛି। ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରବିବାର ସିବିଆଇ ପକ୍ଷରୁ ଜାରି ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ଏହି ବିଷୟ ସାମ୍ନାକୁ ଆସିବା ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ମାନ୍ୟତା ଏବଂ ରେଟିଂ ଆକଳନରେ ନାକ୍‌ର ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

ସମ୍ବଲପୁର(ପ୍ରମୋଦ ବହିଦାର)/ ନୂଆଦିଲ୍ଲୀ(ଏଜେନ୍ସି), ୨।୨

ଦେଶର ଅନେକ ଉଚ୍ଚ ଶିକ୍ଷାନୁଷ୍ଠାନ ର୍‍ୟାଙ୍କିଙ୍ଗ୍ ପାଇଁ ଆବଶ୍ୟକ ମାପଦଣ୍ଡ ପୂରଣରେ ବିଫଳତା ସତ୍ତ୍ୱେ ସେଗୁଡ଼ିକୁ କେନ୍ଦ୍ରୀୟ ସ୍ୱୀକୃତି ପ୍ରଦାନ ସକାଶେ କିପରି ଜାଲିଆତି ଓ ଲାଞ୍ଚ କାରବାର ଚାଲିଛି, ସିବିଆଇ ପକ୍ଷରୁ ଦେଶର ୨୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ ପରେ ତା'ର ପର୍ଦ୍ଦାଫାଶ କରାଯାଇଛି। ରିପୋର୍ଟ ଅନୁଯାୟୀ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ କୋନେରୁ ଲକ୍ଷ୍ମୈଆହ ଏଜୁକେଶନ୍



ଡ. ବୁଲୁ ମହାରଣା

ଫାଉଣ୍ଡେଶନ୍ (କେଏଲ୍‌ଇଏଫ୍) ଅଧୀନ ଏକ ଶିକ୍ଷାନୁଷ୍ଠାନକୁ ନାକ୍ ରେଟିଂ ପ୍ରଦାନ ସକାଶେ ଯାଞ୍ଚ ପାଇଁ ଏକ ଟିମ୍ ଯାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତି ବିହାର) ଲାଇବ୍ରେରୀ ସାଇନ୍ସ ବିଭାଗର ଫାକଲ୍ଟି ମୁଖ୍ୟ ପ୍ରଫେସର ଡ. ବୁଲୁ ମହାରଣାଙ୍କ ସମେତ ନାକ୍ ନିରୀକ୍ଷଣ କମିଟିର ୬ ସଦସ୍ୟ ଏହି ଇନ୍‌ସ୍ପେକ୍ସନ ଟିମ୍‌ରେ ରହିଥିଲେ। ଅନ୍ୟମାନେ ହେଲେ କେଏଲ୍‌ଇଏଫ୍ କୁଳପତି ଜିପି ସରଧି ବର୍ମା, କେଏଲ୍‌ଇଏଫ୍‌ର ଉପସଭାପତି କୋନେରୁ ରାଜା ହରିନ୍, କେଏଲ୍ ବିଶ୍ୱବିଦ୍ୟାଳୟ ହାଇଦ୍ରାବାଦ କ୍ୟାମ୍ପସର ନିର୍ଦ୍ଦେଶକ ଏ ରାମକ୍ରିଷ୍ଣା, ନାକ୍ ପିୟର ନିରୀକ୍ଷଣ କମିଟି ଅଧ୍ୟକ୍ଷ ତଥା ରାମଚନ୍ଦ୍ର ଚନ୍ଦ୍ରବଂଶୀ ବିଶ୍ୱବିଦ୍ୟାଳୟ କୁଳପତି ସମରେନ୍ଦ୍ର ନାଥ ଶାହା, ☞ପୃଷ୍ଠା-୨

# ଫେବୃଆରୀ ପ୍ରଥମରୁ ୩୬.୭ ଡିଗ୍ରୀ ତାତି

ଭୁବନେଶ୍ୱର, ୨।୨ (ଅନୁରାଧା ମହାରଣା)

ମାଘ ମାସରେ ବାଘପରି ଶୀତ ହୋଇଥାଏ ବୋଲି କଥାରେ କୁହାଯାଏ। ମାତ୍ର ଚଳିତବର୍ଷ ଶୀତ ଉଭେଇ ଯାଇଥିବାବେଳେ ଟାଇଁ ଟାଇଁ ଖରା ବାଘ ଭଳି ଡରାଉଛି। ଫେବୃଆରୀ ଆରମ୍ଭରୁ ପାରଦ ୩୭ ଡିଗ୍ରୀ ପାଖାପାଖି ପହଞ୍ଚିଛି। ରବିବାର ସର୍ବୋଚ୍ଚ ତାପମାତ୍ରା ୩୬.୭ ଡିଗ୍ରୀ ସହ ବଲାଙ୍ଗୀର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବାବେଳେ ଟିଟିଲାଗଡ଼ରେ ୩୬ ଡିଗ୍ରୀ, ପାରଳାଖେମୁଣ୍ଡି ୩୫.୮, ଝାରସୁଗୁଡା ୩୫.୬, ସମ୍ବଲପୁର ୩୫.୧ ଓ ଭବାନୀପାଟଣାରେ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଶନିବାର ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୩.୬ ଡିଗ୍ରୀ ରହିଥିବାବେଳେ ରବିବାର ୩୪.୯ ଡିଗ୍ରୀ ଛୁଇଁଛି। ସେହିପରି ସର୍ବନିମ୍ନ ତାପମାତ୍ରାରେ ବୃଦ୍ଧି ଘଟି କୋରାପୁଟରେ ୧୪.୦ ଡିଗ୍ରୀ ରହିଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ଆସନ୍ତା ୨ଦିନ ରାଜ୍ୟର ବିଭିନ୍ନ ଜିଲାରେ ଘନକୁହୁଡ଼ିର ପ୍ରଭାବ ଦେଖିବାକୁ ମିଳିବ। ଏଥିପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼, ଅନୁଗୋଳ ଓ ଢେଙ୍କାନାଳ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

**ଟ୍ରମ୍ପଙ୍କ ଟାରିଫ୍‌ରୁ ବାଣିଜ୍ୟ ଯୁଦ୍ଧ**
ପୃଷ୍ଠା-୭

# ୮ରେ ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୨।୨ (ସୁନିତ୍ ମିଶ୍ର)

ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ଯାଜପୁରଠାରେ ଆସନ୍ତା ୮ ତାରିଖରେ ପ୍ରଦାନ କରାଯିବ। ଏହା ପୂର୍ବରୁ ଏନ୍‌ପିସିଆଇ ସମସ୍ୟା ଥିବା ହିତାଧିକାରୀଙ୍କୁ ବ୍ୟାଙ୍କ ଯାଇ କ୍ଲିଅର କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅପିଲ କରିଛନ୍ତି। ଆସନ୍ତା ୩ ଓ ୪ ତାରିଖ ବ୍ୟାଙ୍କ ଯାଇ ଏନ୍‌ପିସିଆଇ ଚେକ୍ କରିପାରିବେ। ଏବେ ମଧ୍ୟ ଅଢ଼େଇ ଲକ୍ଷ ହିତାଧିକାରୀଙ୍କ ଏନ୍‌ପିସିଆଇ ସମସ୍ୟା ଅଛି। ସେହିପରି ଲକ୍ଷେରୁ ଅଧିକ ହିତାଧିକାରୀଙ୍କ କେୱାଇସି ସମସ୍ୟା ରହିଛି। ତେଣୁ ୮ ତାରିଖ ପୂର୍ବରୁ ଏହାର ସମାଧାନ କରିଦେଲେ ୪ର୍ଥ ପର୍ଯ୍ୟାୟ ସୁଭଦ୍ରାରେ ସାମିଲ ହୋଇପାରିବେ। ଚତୁର୍ଥ ପର୍ଯ୍ୟାୟରେ ହିତାଧିକାରୀଙ୍କ ସଂଖ୍ୟା କୋଟିଏ ହେବ। ଫେବୃଆରୀରେ ଯଦି ବଞ୍ଚିତ ହୁଅନ୍ତି, ଯାଞ୍ଚ କରିବାକୁ ମାସେ ସମୟ ରହିଛି। ମାର୍ଚ୍ଚ ୮ ସୁଦ୍ଧା ଯାଞ୍ଚକରି ତଥ୍ୟ ଦାଖଲ କଲେ ଟଙ୍କା ପାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ପରିଡ଼ା ଆହୁରି କହିଛନ୍ତି, ଯୋଗ୍ୟ ହିତାଧିକାରୀ ପଞ୍ଜୀକରଣ କରୁଥିବା ପର୍ଯ୍ୟନ୍ତ ସୁଭଦ୍ରା ଲଗାତର ଚାଲିଥିବ। ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ଆସନ୍ତା ୮ ତାରିଖରେ ପ୍ରଦାନ କରାଯିବ। ଯେଉଁମାନଙ୍କ ବାୟୋମାଟ୍ରିକ କିମ୍ବା ଏନ୍‌ପିସିଆଇ ସମସ୍ୟା ରହିଛି, ସେମାନେ କେବଳ ବ୍ୟାଙ୍କକୁ ଯାଇ ନିଜର ଆକାଉଣ୍ଟ ଦେଖିଦେଲେ ହୋଇଯିବ। ଏନ୍‌ପିସିଆଇ ଲାଗି ବ୍ୟାଙ୍କକୁ ଯେଉଁ ସମୟ ଦିଆଯାଇଥିଲା ଏବେ ଆଉଥରେ ସମୟ ଦିଆଯାଇଛି। ସୋମବାର ଏବଂ ମଙ୍ଗଳବାର ଦିନ ବ୍ୟାଙ୍କରେ ଏନ୍‌ପିସିଆଇ ଚେକ୍ ପୁଣିଥରେ ଆବେଦନକାରୀମାନେ କରିପାରିବେ। ବ୍ୟାଙ୍କ ନିର୍ଦ୍ଦିଷ୍ଟ ସମୟ ଏଥିଲାଗି ଦେବ। ☞ପୃଷ୍ଠା-୨

# ସ୍ୱାମୀଙ୍କ କିଡ୍‌ନୀ ବିକ୍ରି ଟଙ୍କା ନେଇ ପ୍ରେମିକଙ୍କ ସହ ଫେରାର

କୋଲକାତା, ୨।୨



ପଶ୍ଚିମବଙ୍ଗର ହାଓଡ଼ାରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ କିଡ୍‌ନୀ ବିକ୍ରି କରିବାକୁ ବାଧ କରିଥିଲେ। ସ୍ତ୍ରୀଙ୍କ କଥାକୁ ଗ୍ରହଣ କରି ସ୍ୱାମୀ ୧୦ ଲକ୍ଷ ଟଙ୍କାରେ ନିଜ କିଡ୍‌ନୀକୁ ମଧ୍ୟ ବିକ୍ରି କରିଥିଲେ। ଉକ୍ତ ଟଙ୍କାକୁ ବ୍ୟାଙ୍କ୍‌ରେ ଜମା କରିଦେବେ ବୋଲି କହି ମହିଳା ଜଣକ ନିଜ ପାଖରେ ରଖିଥିଲେ। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ମହିଳା ଜଣକ ଉକ୍ତ ୧୦ ଲକ୍ଷ ଟଙ୍କା ନେଇ ତାଙ୍କ ପ୍ରେମିକଙ୍କ ସହ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ହାଓଡ଼ା ଜିଲାର ସଙ୍କରୈଲରେ ଏହି ମହିଳା ଜଣକ ସ୍ୱାମୀ ଓ ୧୦ ବର୍ଷର ଝିଅଙ୍କ ସହ ରହୁଥିଲେ। ତାଙ୍କ ସ୍ୱାମୀ ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ସ୍ୱାମୀଙ୍କ ଆୟ ଖୁବ୍ କମ୍ ଥିବାରୁ ଏହି ଦମ୍ପତିଙ୍କ ମଧ୍ୟରେ ଅଧିକାଂଶ ସମୟ କଳହ ଲାଗି ରହୁଥିଲା। ଝିଅର ପାଠପଢ଼ା ଖର୍ଚ୍ଚ ମେଣ୍ଟାଇବା ପାଇଁ ସେମାନଙ୍କ ନିକଟରେ ଆବଶ୍ୟକ ଅର୍ଥ ନ ଥିଲା। ତେଣୁ ପରିବାରର ଆର୍ଥିକ ସମସ୍ୟା ଦୂର କରିବା ପାଇଁ ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ କିଡ୍‌ନୀ ବିକ୍ରି କରିବାକୁ ବାଧ କରିଥିଲେ। ପ୍ରଥମେ ତାଙ୍କ ସ୍ୱାମୀ ଏହି ପ୍ରସ୍ତାବରେ ରାଜି ହୋଇ ନ ଥିଲେ। ତେବେ କିଡ୍‌ନୀ ବିକ୍ରି କରିବା ପାଇଁ ମହିଳା ଜଣକ ସ୍ୱାମୀଙ୍କୁ ଲଗାତର ଭାବେ ଚାପ ପକାଉଥିଲେ। କିଡ୍‌ନୀ ବିକ୍ରି ନ କଲେ ☞ପୃଷ୍ଠା-୨



# ବର୍ଣ୍ଣବୋଧର ବିକଳ୍ପ ନାହିଁ : ମୁଖ୍ୟମନ୍ତ୍ରୀ

## ପୁନଃ ମୁଦ୍ରିତ, ଡିଜିଟାଲ ସଂସ୍କରଣ ଉନ୍ମୋଚିତ

ଭୁବନେଶ୍ୱର,୨।୨(ସୌମ୍ୟରଞ୍ଜନ ରାଉତ)

ପବିତ୍ର ଶ୍ରୀପଞ୍ଚମୀ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମତିଥି ଅବସରରେ ତାଙ୍କ ରଚିତ 'ବର୍ଣ୍ଣବୋଧ'ର ପୁନଃ ମୁଦ୍ରିତ ଓ ଡିଜିଟାଲ ସଂସ୍କରଣ ରବିବାର କୃଷି ଭବନଠାରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉନ୍ମୋଚନ କରି କହିଛନ୍ତି, ଓଡ଼ିଶା ଏବଂ ଓଡ଼ିଆ ଭାଷା ଯେଉଁ କାଳଖଣ୍ଡରେ ନିଜର ଅସ୍ତିତ୍ୱ ଓ ଜାତୀୟତା ପାଇଁ ସଂଗ୍ରାମ କରୁଥିଲା, ସେହି ସମୟରେ ଭକ୍ତକବି ମଧୁସୂଦନ ରାଓ 'ଛବିଳ ମଧୁ ବର୍ଣ୍ଣବୋଧ' ବହି ପ୍ରକାଶ କରି ଆମ ରାଜ୍ୟର ହୃତ୍ ଗୌରବ ଫେରାଇ ଆଣିଥିଲେ। ବର୍ଣ୍ଣବୋଧ ପ୍ରତି ଓଡ଼ିଆଙ୍କ ପ୍ରିୟ ପୁସ୍ତକ। ଏହା ଗୋଟିଏ ରାଜ୍ୟ ତଥା ସମୃଦ୍ଧ ଜାତିର ଶିକ୍ଷାକୁ କାଳ କାଳ ଧରି ପ୍ରଭାବିତ କରି ଆସିଥିବା ଏକ ଚିରନ୍ତନ ମହକ। ୧୩୦ ବର୍ଷ ପରେ ମଧ ଏହାର ବିକଳ୍ପ ନାହିଁ। ଚଳିତବର୍ଷ ଏହି ପୁସ୍ତକର ୧୦ ହଜାର କପି ଛପାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଭାଷା ସାହିତ୍ୟର ମହାନ୍ ସ୍ରଷ୍ଟାମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନକୁ ଆମେ ଗୁରୁତ୍ୱ ଦେଉଛୁ। ବର୍ଣ୍ଣବୋଧକୁ ନୂତନ ଭାବେ ପ୍ରକାଶ କରିବା ଭକ୍ତକବିଙ୍କ ପ୍ରତି ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାଷା ପ୍ରତିଷ୍ଠାନର ମୁଖପତ୍ର 'ଭାଷାପତ୍ର' ଏବଂ ସତ୍ୟନାରାୟଣ ବହିଦାର ଓ ବାସୁଦେବ ସାହୁଙ୍କ ଜୀବନୀ ପୁସ୍ତକ ଉନ୍ମୋଚନ କରିବା ସହ ଭକ୍ତକବିଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ବର୍ତ୍ତମାନ ସମୟରେ ସ୍ମାର୍ଟ କ୍ଲାସରୁମ୍‌ରେ ପିଲାଙ୍କୁ ଚିତ୍ର ମାଧମରେ ଶିକ୍ଷାଦାନ କରାଯାଉଛି। ୧୮୭୩ ମସିହାରେ ଜନ୍ମିତ ଭକ୍ତକବି ପିଲାଙ୍କୁ ସ୍ମାର୍ଟ ବହି ଧରାଇଥିଲେ। ସେତେବେଳେ ସ୍ରଷ୍ଟାମାନେ ସାହିତ୍ୟ ମାଧମରେ ଜନଜାଗରଣ ସୃଷ୍ଟି କରିଥିଲେ। ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ସରକାରଙ୍କ ଉଦ୍ୟମ ଜାରି ରହିଛି। ସହଯୋଗ କଲେ ଏହା ନିଶ୍ଚୟ ସୁଦୃଢ଼ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଏକାମ୍ର ବିଧାୟକ ବାବୁ ସିଂ କହିଲେ, ଆମ ସଂସ୍କୃତିକୁ ନେଇ ଆମେ ଗର୍ବ ଅନୁଭବ କରିଥାଉ। ସଂସ୍କୃତିକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ଆଜିର ଏହି ଶୁଭଦିନ 'ଶ୍ରୀପଞ୍ଚମୀ' ଆମପାଇଁ ସଂସ୍କୃତି, ସ୍ୱାଭିମାନ ଓ ଅସ୍ମିତାକୁ ବଜାୟ ରଖିବା ଲାଗି ଏକ ସଂକଳ୍ପର ଦିନ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ବିଜୟକେତନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟମାନେ 'ବର୍ଣ୍ଣବୋଧ'ର ନୂତନ ମୁଦ୍ରିତ ସଂସ୍କରଣକୁ ଉନ୍ମୋଚନ କରୁଛନ୍ତି।

# ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍‌ର ସଫଳ ପରୀକ୍ଷଣ


ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍‌ର ପରୀକ୍ଷଣ କରାଯାଉଛି।

ବାଲେଶ୍ୱର,୨।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଶନିବାର ରାତିରେ ଅତ୍ୟନ୍ତ କ୍ଷୁଦ୍ର ଦୂରଗାମୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍)ର ତିନୋଟି କ୍ରମାଗତ ଉଡ଼ାଣ ପରୀକ୍ଷଣ ସଫଳ ହୋଇଛି। ଏହି ପରୀକ୍ଷଣଗୁଡ଼ିକ ଅତ୍ୟନ୍ତ କମ୍ ଉଚ୍ଚତାରେ ଉଡୁଥିବା ଉଚ୍ଚ ଗତି ଲକ୍ଷ୍ୟ ବିରୋଧରେ କରାଯାଇଥିଲା। ଏହି ତିନୋଟି ଉଡ଼ାଣ ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ରଗୁଡ଼ିକ ବିଭିନ୍ନ ଉଡ଼ାଣ ପରିସ୍ଥିତିରେ କମ୍ ଉଚ୍ଚତାରେ ଉଡୁଥିବା ଡ୍ରୋନ୍‌ଗୁଡ଼ିକର ଅନୁକରଣ କରି ଥର୍ମାଲ୍ ସିଗ୍ନେଚର୍ ହ୍ରାସ କରିଥିବା ଲକ୍ଷ୍ୟଗୁଡ଼ିକୁ ଅଟକାଇ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିଦେଇଥିଲା। ଉଡ଼ାଣ ପରୀକ୍ଷଣଗୁଡ଼ିକ ଅନ୍ତିମ ନିୟୋଜନ ବିନ୍ୟାସରେ କରାଯାଇଥିଲା, ଯେଉଁଠାରେ ଦୁଇ ଜଣ କ୍ଷେତ୍ର ଅପରେଟର ଅସ୍ତ୍ର ପ୍ରସ୍ତୁତି, ଲକ୍ଷ୍ୟ ହାସଲ ଏବଂ କ୍ଷେପଣାସ୍ତ୍ର ଫାୟାରିଂ କରିଥିଲେ। ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର୍) ଚାନ୍ଦିପୁର ଦ୍ୱାରା ନିୟୋଜିତ ଟେଲିମେଟ୍ରି, ଇଲେକ୍ଟ୍ରୋ-ଅପ୍ଟିକାଲ୍ ଟ୍ରାକିଂ ସିଷ୍ଟମ୍ ଏବଂ ରାଡାର ଭଳି ବିଭିନ୍ନ ରେଞ୍ଜ ଉପକରଣ ଦ୍ୱାରା ଉଡ଼ାଣର ତଥ୍ୟ କଏଦ କରାଯାଇଥିଲା। ଡିଆର୍‌ଡିଓର ବରିଷ୍ଠ ଅଧିକାରୀ, ସଶସ୍ତ୍ର ବାହିନୀ, ବିକାଶ ଓ ଉତ୍ପାଦନ ଅଂଶୀଦାରମାନେ କ୍ଷେପଣାସ୍ତ୍ରର ଉଡ଼ାଣ ପରୀକ୍ଷଣଗୁଡ଼ିକୁ ଅନୁଧ୍ୟାନ କରିଥିଲେ।

ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍ ହେଉଛି ଏକ ମାନବ ପୋର୍ଟେବଲ୍ ଏୟାର ଡିଫେନ୍ସ ସିଷ୍ଟମ। ଡିଆର୍‌ଡିଓ ପରୀକ୍ଷାଗାର, ବିକାଶ ଓ ଉତ୍ପାଦନ ଅଂଶୀଦାରଙ୍କ ସହଯୋଗରେ ଇମାରତ ରିସର୍ଚ୍ଚ ସେଣ୍ଟର ଏହି କ୍ଷେପଣାସ୍ତ୍ରକୁ ସ୍ୱଦେଶୀ ଭାବରେ ଡିଜାଇନ୍ ଏବଂ ବିକଶିତ କରିଛି। ଏହି କ୍ଷେପଣାସ୍ତ୍ରରେ ସଶସ୍ତ୍ର ବାହିନୀର ତିନୋଟି ଶାଖା ଯଥା ଭାରତୀୟ ସେନା, ନୌସେନା ଏବଂ ବାୟୁସେନାର ଆବଶ୍ୟକତା ପୂରଣ କରିବାର କ୍ଷମତା ରହିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସଫଳ ପରୀକ୍ଷଣକୁ ନେଇ ଡିଆର୍‌ଡିଓ, ସଶସ୍ତ୍ର ବାହିନୀ ଓ ପ୍ରତିରକ୍ଷା ଉଦ୍ୟୋଗୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ବିଭାଗ ଗବେଷଣା ଓ ବିକାଶ ସଚିବ ଏବଂ ଡିଆର୍‌ଡିଓର ଅଧ୍ୟକ୍ଷ ଡ. ସମୀର ଭି. କାମତ ଏହାର ସଫଳ ଉଡ଼ାଣ ପରୀକ୍ଷଣ ପାଇଁ ଡିଆର୍‌ଡିଓ ଦଳ ଓ ପ୍ରତିରକ୍ଷା ଉଦ୍ୟୋଗୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି।

# ଆଜି ଚାଲିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ପାଇଁ ଚାଲିବ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଜାନୁଆରୀ ୩୧ ତାରିଖ ଦିବା ୧୧ଟା ସମୟରୁ ଆରମ୍ଭ ହୋଇଥିଲା। ସର୍ବାଧିକ ୧୦୦୦ ପଞ୍ଜୀକରଣକାରୀଙ୍କୁ ମୁଖ୍ୟମନ୍ତ୍ରୀ ଭେଟିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରବିବାର ବସନ୍ତ ପଞ୍ଚମୀରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ରଥଖଳାରେ ରଥକାଠ ଅନୁକୂଳ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଜଣେ ମାଓବାଦୀ ଗିରଫ, ବିସ୍ଫୋରକ ସାମଗ୍ରୀ ଜବତ


ସୁକୁମା ଜିଲା ପୋଲିସ ନିକଟରେ ଗିରଫ ମାଓବାଦୀ।

ମାଲକାନଗିର,୨।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲା ପୋଲିସ ଜଣେ ମାଓବାଦୀଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଗିରଫ ମାଓବାଦୀ ଜଣକ ହେଲେ ମାଡକାମ ସୁଲା। ସେ ଆରପିସି ମିଲିସିଆ ସଦସ୍ୟ ବୋଲି ଜଣାପଡ଼ିଛି।

ତଥ୍ୟ ଅନୁଯାୟୀ, ସୁରକ୍ଷା ବାହିନୀଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ ସୁକୁମା ଜିଲା ଦୋର୍ନାପାଲ-ଜାଗରଗୁଣ୍ଡା ରାସ୍ତାର ଗୋରଗୁଣ୍ଡା-ପୋଲାମପାଲ୍ଲୀ ମଧ୍ୟରେ ଥିବା ଡବ୍ବୁପୋଲ ନିକଟରେ ୫ କିଲୋଗ୍ରାମର ଗୋଟିଏ ଆଇଇଡି ପୋତିଥିଲେ। ସୁରକ୍ଷାବାହିନୀ କୋମ୍ବିଂ ଅପରେଶନ କରିବା ସମୟରେ ଉକ୍ତ ବିସ୍ଫୋରକକୁ ଜବତ କରିଥିଲେ। ପରେ ପୋଲାମପାଲୀ ପୋଲିସ ଆରଲାମପାଲ୍ଲୀ ଓ ଆଖପାଖ ଅଞ୍ଚଳରେ ଅପରେଶନ କରୁଥିବା ବେଳେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ପୋଲିସକୁ ଦେଖି ଜଙ୍ଗଲ ଆଡକୁ ଦୌଡି ପଳାଉଥିବା ବେଳେ ପୋଲିସ ତାଙ୍କୁ କାବୁ କରି ପଚରାଉଚୁରା କରିବାରୁ ସେ ଆର.ପି.ସି. ମିଲିସିଆ ସଦସ୍ୟ ବୋଲି ଜଣାପଡ଼ିଥିଲା। ଡବ୍ବୁପୋଲ ନିକଟରୁ ଉଦ୍ଧାର କରାଯାଇଥିବା ଆଇଡି ପୋତିବାରେ ସେ ସାମିଲ ଥିବା ତଦନ୍ତରୁ ଜଣାପଡିଛି। ଏଥିସହ ଉକ୍ତ ମାଓବାଦୀଙ୍କ ନିକଟରୁ ୨ଟି ଡିଟୋନେଟର, ୨ ଜିଲୋଟିନ୍ ରଡ୍, ୫ ମିଟର କୋଡେକ୍ସ ତାର, ୫ ମିଟର ବିଦ୍ୟୁତ୍ ତାର ଜବତ କରିଛି।

# ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥକାଠ ଅନୁକୂଳ

ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜୁନ ୨୭ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଚଳିତବର୍ଷ ଘୋଷଯାତ୍ରାର ଆଦ୍ୟପର୍ବ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜାଠାରୁ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ରବିବାର ବସନ୍ତ ପଞ୍ଚମୀ ତଥା ସରସ୍ୱତୀ ପୂଜା ଉତ୍ସବ ଅବସରରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ରଥଖଳାରେ ରଥକାଠ ଅନୁକୂଳ ପୂଜା ସମ୍ପନ୍ନ ହୋଇଛି। ୧୨ଫୁଟିଆ ୩ଖଣ୍ଡ ଧଉରା କାଠ ପୂଜା କରାଯାଇଛି।

ପରମ୍ପରା ଅନୁଯାୟୀ, ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ଥିବା ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥକାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଏବଂ ଅନ୍ୟ ଶ୍ରୋତ୍ରିୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ମହାପ୍ରସାଦ ସମର୍ପଣ ପରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ପୂଜା ହୋଇଥିବା ଉକ୍ତ ୩ଟି କାଠରେ ତିନିରଥର ଗୁଜ କାର୍ଯ୍ୟ କରାଯିବ। ସେହିପରି ଆସନ୍ତା ରାମନବମୀ ତିଥିରେ କଟକ ଖପୁରିଆସ୍ଥିତ ସ'ମିଲ୍‌ରେ ରଥକାଠ ଚିରଟ କରାଯିବ। ରଥ ସଂହିତା ଅନୁଯାୟୀ, ପବିତ୍ର ଅକ୍ଷୟତୃତୀୟାରୁ ରାଜନହର ସମ୍ମୁଖସ୍ଥ ରଥଖଳାରେ ତିନିରଥ ନିର୍ମାଣ ଅନୁକୂଳ ହେବ। ରଥଯାତ୍ରା ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସି ସମେତ ବିଭିନ୍ନ ପ୍ରକାର କାଠ ଆବଶ୍ୟକ ହୋଇଥାଏ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ୩ଟି ଟ୍ରକ୍ ଯୋଗେ ୧୦୧ ଖଣ୍ଡ ରଥକାଠ ନୟାଗଡ଼ ଓ ଦଶପଲ୍ଲା ବନଖଣ୍ଡରୁ ଆସି ପୁରୀରେ ପହଞ୍ଚିଥିଲା। ତନ୍ମଧ୍ୟରେ ୪୮ ଖଣ୍ଡ ଅସନ ଓ ୫୩ ଖଣ୍ଡ ଧଉରା କାଠ ରହିଥିଲା। ଗତବର୍ଷ ୫୧ ଖଣ୍ଡ କାଠ ବଳକା ରହିଛି। ଚଳିତବର୍ଷ ରଥ ନିର୍ମାଣ ପାଇଁ ୮୧୪ ଖଣ୍ଡ କାଠ ଆବଶ୍ୟକ। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଆସିଥିବା ଉକ୍ତ କାଠ ମଧ୍ୟରୁ ୧୨ ଫୁଟିଆ ୩ଟି ଧଉରା କାଠକୁ ରବିବାର ପୂଜା କରାଯାଇଛି। ଚଳିତ ବର୍ଷ ରଥଯାତ୍ରା ଯେପରି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବ, ସେଥିନିମନ୍ତେ ପ୍ରଶାସନିକ ଅଧିକାରୀ ଓ ସେବାୟତମାନେ ପ୍ରାର୍ଥନା କରିଛନ୍ତି। ଅନୁକୂଳ ପୂଜା ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ ବୀନିତ ଅଗ୍ରୱାଲ, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ସେବାୟତମାନେ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ସମସ୍ତଙ୍କ ସହଯୋଗରେ ରଥକାଠ ଅନୁକୂଳ ପୂଜା ସମ୍ପନ୍ନ ହୋଇଛି। ରାମନବମୀରେ କାଠ ଚିରଟ ଏବଂ ଅକ୍ଷୟତୃତୀୟାରୁ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ।

# ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ ପାଇଁ ୩୩ ପ୍ଲାଟୁନ୍ ଫୋର୍ସ



କୋଣାର୍କ, ୨।୨(ଜ୍ୟୋତିରାଜ ମହାନ୍ତି)

ଆସନ୍ତା ୪ତାରିଖରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାରେ ପବିତ୍ର ମାଘସପ୍ତମୀ ବୁଡ଼। ଉକ୍ତ ଦିନ ତ୍ରିଶମ୍ଭୁଙ୍କ ମହାସ୍ନାନ ବିଧି ସମ୍ପନ୍ନ ହେବା ପରେ ଭୋର ୪ଟା ୩୭ ମିନିଟରେ ଲକ୍ଷାଧିକ ଶ୍ରଦ୍ଧାଳୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇବେ। ତେଣୁ ଏଠାରେ ଭାରତର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ସମାଗମ ହେବ। ଏଥିଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଠାରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ସମାଗମ ହେବ ବୋଲି ପ୍ରଶାସନ ଆକଳନ କରିଛି। ସୁରକ୍ଷା ପାଇଁ ୩୩ ପ୍ଲାଟୁନ ଫୋର୍ସ, ୬ ଅତିରିକ୍ତ ଏସ୍‌ପି, ୧୩ ଡିଏସ୍‌ପି, ୩୯ ଆଇଆଇସି, ୧୧୬ ଏଏସଆଇ, ୨୮ ହାବିଲଦାର, ୧୨୭ କନଷ୍ଟେବଲ, ୧୬ ଟ୍ରାଫିକ ପୋଲିସ ଏବଂ ୩୬୪ଜଣ ହୋମଗାର୍ଡଙ୍କ ସମେତ ବୋମା ନିଷ୍କ୍ରିୟକାରୀ ଟିମ୍ ମୁତୟନ ହେବେ ବୋଲି ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ ପ୍ରକାଶ କରିଛନ୍ତି। ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ସାତଥର ଗଙ୍ଗା ନଦୀରେ ସ୍ନାନ କଲେ ଯେତିକି ପୁଣ୍ୟ ହୋଇଥାଏ, ଗୋଟିଏ ଥର ପବିତ୍ର ମାଘସପ୍ତମୀ ଅବସରରେ ଚନ୍ଦ୍ରଭାଗାରେ ବୁଡ ପକାଇଲେ ସେହି ସମାନ ପୁଣ୍ୟ ଅର୍ଜନ ହୋଇଥାଏ ବୋଲି କିମ୍ବଦନ୍ତୀ ରହିଛି।

# ବାରୁଦ ବିସ୍ଫୋରଣରେ ଦୁଇ ନାବାଳକ ଗୁରୁତର

## ଘଟଣାକୁ ଚପାଇ ଦେବାକୁ ଉଦ୍ୟମ

ପାଟଣାଗଡ଼,୨।୨
(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅଧୀନ ପାଢେଲ ଗାଁରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ବାର୍‌ହା ମାରିବା ପାଇଁ ବ୍ୟବହାର କରାଯାଉଥିବା ବାରୁଦ ବିସ୍ଫୋରଣରେ ଆସି ଦୁଇ ଜଣ ନାବାଳକ ଗୁରୁତର ଆହତ ହୋଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆହତ ନାବାଳକ ଦ୍ୱୟ ହେଲେ ଉକ୍ତ ଗ୍ରାମର ଜଗା ସରାଫ ଓ ସଞ୍ଜୀବ ଦଲେଇ। ପ୍ରକାଶ ଯେ, ମଧ୍ୟାହ୍ନ ସମୟରେ ଜଗା (୧୧) ଓ ସଞ୍ଜୀବ (୧୩) ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଖେଳୁଥିଲେ। ଏହି ସମୟରେ ଘରେ ଥିବା ଏକ ଗୋଲାକାର ବସ୍ତୁ ଉପରେ ସେମାନଙ୍କ ନଜର ପଡ଼ିଥିଲା। ସେମାନେ ତାକୁ ଆଣି କୌତୂହଳବଶତଃ ଏକ ହାତୁଡ଼ିରେ ପିଟିଥିଲେ। ଜଗା ଦୁଇ ତିନି ଥର ପିଟିବା ପରେ ତାହା ବିସ୍ଫୋରଣ ହୋଇଥିଲା। ଫଳରେ ଜଗାଙ୍କ ବାମହାତରେ ଗଭୀର କ୍ଷତ ହୋଇଛି। ଏହାଛଡ଼ା ସେହି ସମୟରେ ପାଖରେ ବସିଥିବା ସଞ୍ଜୀବଙ୍କ ଉପରକୁ ବାରୁଦ ଛିଟିକି ତାଙ୍କ ଅଣ୍ଡକୋଷରେ କ୍ଷତ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାରବର୍ଗ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ପାଟଣାଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରେ ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ ହେଉଛି। ତେବେ କାହିଁକି ଏହି ବାରୁଦ ଘରେ ରଖାଯାଇଥିଲା ତାହା ତଦନ୍ତ ସାପେକ୍ଷ। ପାଢେଲ ଗାଁକୁ ଲାଗି ଚଙ୍ଗରିଆ ପାହାଡ଼ ଓ ବାଙ୍କୋଡୋ ଡୁଙ୍ଗୁରି ରହିଛି। ପ୍ରତିଦିନ ସନ୍ଧ୍ୟା ସମୟରେ ଶୋଷ ମେଣ୍ଟାଇବା ପାଇଁ ବିଭିନ୍ନ ବନ୍ୟଜନ୍ତୁ ଜଙ୍ଗଲ ଭିତରେ ଥିବା ପୋଖରୀକୁ ଆସିଥାନ୍ତି। ଫଳରେ କେତେଜଣ ଶିକାରୀ ବାର୍‌ହା ଶିକାର ପାଇଁ ଘରେ ବାରୁଦ ରଖୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପାଟଣାଗଡ ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କୁ ପଚାରିବାରେ ତଦନ୍ତ ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି।


ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ନାବାଳକ।

# ବୃଦ୍ଧ ଦମ୍ପତିଙ୍କୁ ଦଳି ମାରିଲା ଦନ୍ତା

■ଶୋଇଥିବା ବେଳେ ଘର ଭାଙ୍ଗି କରିଥିଲା ଆକ୍ରମଣ

■ପାଖ ଘରେ ଥିବା ୩ ସମ୍ପର୍କୀୟ ଦୌଡି ଜୀବନ ବଞ୍ଚାଇଲେ

ଲାଞ୍ଜିଗଡ଼,୨।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତର କାଦମାଳି ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଦନ୍ତାହାତୀ ଆକ୍ରମଣରେ ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ମୁଗୁନା ମାଝୀ (୭୦) ଓ ଗାଦ ମାଝୀ(୬୫)। ମୃତ ଦମ୍ପତିଙ୍କ ମୂଳ ଘର ଦୋରାସାର୍ଲି ଗ୍ରାମରେ ହୋଇଥିବାବେଳେ କାଦମାଳି ଗାଁରେ କିଛି ବର୍ଷ ପୂର୍ବେ ଚାଷ ଜମିରେ ଘର ତିଆରି କରି ସେଠାରେ ରହୁଥିଲେ। ପୋଡୁ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ଘରେ ଶୋଇଥିବା ବେଳେ ଦନ୍ତା ସେମାନଙ୍କ ଝାଟିମାଟି କୋଠରି ଭାଙ୍ଗି ଦଳି ଦେଇଥିଲା। ଏପରିକି ସେମାନଙ୍କ ଶରୀରକୁ ଦଳିଚକଟି ଖଣ୍ଡ ବିଖଣ୍ଡିତ କରି ଦେଇଥିଲା। ଏହି ସମୟରେ ପାଖ ଘରେ ଶୋଇଥିବା ମୁଗାନାଙ୍କ ପୁଅ ନାଥ ମାଝୀ(୨୧), ସାନଭାଇ ସାଧୁ ମାଝୀ(୬୫) ଓ ସମ୍ପର୍କୀୟ କୁଲୁ ମାଝୀ(୪୦) କୌଣସିମତେ ସେଠାରୁ ଦୌଡି ପଳାଇ ଯାଇ ଜୀବନ ବଞ୍ଚାଇଥିଲେ।

ଖବରପାଇ ରବିବାର ସକାଳେ ବିଶ୍ୱନାଥପୁର ଏସିଏଫ୍ ନରୋତ୍ତମ ମାଝୀ, ବିଜେପୁର ଫରେଷ୍ଟର ପଦ୍ମଲୋଚନ ଶବର, ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝୀ, ଲାଞ୍ଜିଗଡ ଫରେଷ୍ଟ ଗାର୍ଡ ଗିରିଧାରୀ ଗଉଡ, ବିଜେପୁର ଥାନା ଅଧିକାରୀ ନୀଳାମ୍ବର ଜାନୀ ଓ ଏସ୍‌ଆଇ ଶ୍ୟାମ କୁଲଶିକା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବନବିଭାଗର ଅବହେଳା ଯୋଗୁଁ ହାତୀ ଉପଦ୍ରବ ଘଟି ଧନଜୀବନ ହାନୀ ଘଟୁଛି ବୋଲି ଲୋକେ ଅଭିଯୋଗ କରିଥିଲେ। ଏହାକୁ ନେଇ ବନବିଭାଗ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ କଥା କଟାକଟି ହୋଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଏସିଏଫ୍ ମାଝୀ ତତ୍କାଳ ସହାୟତା ବାବଦ ମୃତକଙ୍କ ସମ୍ପର୍କୀୟଙ୍କୁ ୧୫ହଜାର ଟଙ୍କା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ସରକାରୀ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଦୁଇଟି ପୃଥକ ଅପମୃତ୍ୟୁ ମାମଲା(୧,୨/୨୦୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା କହିଛନ୍ତି ବିଜେପୁର ଥାନା ଅଧିକାରୀ ନୀଳାମ୍ବର ଜାନୀ। ସୂଚନାଯୋଗ୍ୟ ଲାଞ୍ଜିଗଡ ବ୍ଲକ ଦୋରାସାର୍ଲି ଗ୍ରାମର ମୁଗୁନା ଓ ତାଙ୍କ ସ୍ତ୍ରୀ ଗାଦ ଗାଁଠାରୁ ୩କିମି ଦୂର କାଦମାଳିରେ ଥିବା ନିଜ ଚାଷ ଜମିରେ କିଛିବର୍ଷ ହେବ ଘର କରି ରହୁଥିଲେ। ପୋଡୁଚାଷ କରି ସେମାନେ ପରିବାର ପ୍ରତିପୋଷଣ କରୁଥିବା ଜଣାପଡିଛି।


ତଦନ୍ତ ପାଇଁ ଆସିଥିବା ବନ ବିଭାଗ ଅଧିକାରୀ ଓ ସ୍ଥାନୀୟ ଲୋକେ।

## ହାତୀ ଆକ୍ରମଣରେ ଦମ୍ପତି ଗୁରୁତର

ରେଢ଼ାଖୋଲ, ୨।୨(ଅଚ୍ୟୁତାନନ୍ଦ ପୁରୋହିତ): ସମ୍ବଲପୁର ଜିଲା ରେଢ଼ାଖୋଲ ସହର ୱାର୍ଡ ନଂ. ୨ ଶୁଣ୍ଡିମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟ ନିକଟ ବନ ବିଭାଗ ନର୍ସରିରେ ରବିବାର ମଧ୍ୟାହ୍ନ ୧୨ଟା ବେଳେ ଦନ୍ତାହାତୀ ଆକ୍ରମଣରେ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ କମଳ ନାଏକ(୫୫) ଓ ତାଙ୍କ ସ୍ତ୍ରୀ ଅଞ୍ଜଳି ନାଏକ(୫୦)। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ଉଭୟେ ଜାଳେଣି କାଠ ସଂଗ୍ରହ କରିବାକୁ ଯାଉଥିବା ବେଳେ ହାତୀ ହାବୁଡରେ ପଡିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ପାଇଁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ବନ ବିଭାଗ ଡ୍ରୋନ୍ କ୍ୟାମେରା ସହାୟତାରେ ହାତୀ ଗତିବିଧି ଉପରେ ନଜର ରଖି ଘଉଡାଇବା ଉଦ୍ୟମ କରୁଥିବା ଏସିଏଫ୍ ଗଜେନ୍ଦ୍ର କୁମାର ଆନ୍ଦାଜା କହିଛନ୍ତି।

> ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା



# କାମ ମଣିଷର, ଦୋଷ ଭଗବାନ୍‌ଙ୍କର



ସହଦେବ ସାହୁ

ବର୍ଷ ଆରମ୍ଭ ନ ହେଉଣୁ ଲସ୍ ଆଞ୍ଜେଲସ୍ ବନାଗ୍ନି (ଜାନୁଆରୀ ୮ରେ ଆରମ୍ଭ ହୋଇଥିବା ଜଙ୍ଗଲର ନିଆଁ) ଜଣାଇଦେଲା ପରିବେଶକୁ ଧ୍ୱଂସ କରୁଛି ମଣିଷ: ଭଗବାନ୍‌ଙ୍କ କାମ (ଆକ୍ଟ ଅଫ୍ ଗଡ୍) ବୋଲି କିଛି ନାହିଁ। ଦୁନିଆଟା ନିୟମରେ ଚାଲିବାର ପ୍ରକ୍ରିୟା କରିଛନ୍ତି ଭଗବାନ୍, ତା' ଉପରେ ହସ୍ତକ୍ଷେପ କରୁଛି ମଣିଷ, ତାକୁ ବଦଳାବଦଳି କରିବାର ପଦକ୍ଷେପ ନେଉଛି ମଣିଷ। ଜଣ ଜଣକର ଜୀବନ ପ୍ରଭାବିତ ହେଉନାହିଁ, ସମଗ୍ର ମାନବ ସମାଜ ବିପଦଗ୍ରସ୍ତ ହେଉଛି। ଭିଡ଼, ଦଳାଚକଟା ଓ ଅକାଳ ମୃତ୍ୟୁ ସବୁର କାରଣ ମଣିଷ। ମଣିଷ ହିଁ ତିଆରି କରିଛି ସ୍ଥାନ ଓ କାଳ। କେଉଁ ସମୟରେ କେଉଁ ବିନ୍ଦୁରେ ପହଞ୍ଚିଗଲେ କିମ୍ବା ଗାଧୋଇ ପଡ଼ିଲେ (ଗଙ୍ଗାରେ ଶାହୀ ସ୍ନାନ ଭଳି) କୋଟି କୋଟି ଜନ୍ମର ପାପ ଧୋଇ ହୋଇଯିବ ବୋଲି ମଣିଷ କହୁଛି, ପ୍ରାଣୀ ହିସାବରେ ପୃଥିବୀରେ ମଣିଷର ଆବିର୍ଭାବ କୋଟିଏ ବର୍ଷ ହୋଇନଥିଲେ ବି! ଜଗା ଦର୍ଶନ କରିବାକୁ ଆସି କେହି ଅକାଳ ମୃତ୍ୟୁରେ ପଡ଼ିଲେ ତାହା ବି ଭଗବାନ୍‌ଙ୍କ କାମ। ଆମେରିକାରେ ୱାଶିଂଟନ୍ ଉପର ଆକାଶରେ ଯାତ୍ରୀବାହୀ ବିମାନ ସହ ସେନାବାହିନୀର ହେଲିକପ୍ଟର ଧକ୍କା ହେବା ଓ ଦୁଇଟିଯାକ ଯାନର ଧ୍ୱଂସାବଶେଷ ପୋଟୋମାକ୍ ନଦୀରେ ପଡ଼ିବା ବି ଭଗବାନ୍‌ଙ୍କ କାମ ବୋଲି କେତେକ କହୁଛନ୍ତି– ଜଣେ କାହାର ମରିବାର ଥିଲା ବୋଲି ଦୁର୍ଘଟଣା ଘଟିଲା। ୱାଶିଂଟନ୍ ବିମାନ ବନ୍ଦରର ଟ୍ରାଫିକ୍ କଣ୍ଟ୍ରୋଲରଙ୍କ ଭୁଲ୍ ନିର୍ଦ୍ଦେଶ ଯୋଗୁ ହୋଇଥିଲେ ବି ଭଗବାନ୍ ଚାହିଁଥିବାରୁ ଏପରି ଘଟିଲା ବୋଲି କେତେକ କହୁଛନ୍ତି। କେତେ ଦିନ ଯାଏ ଆମେ ଭଗବାନ୍‌ଙ୍କୁ ଦୋଷ ଦେଉଥିବା ଆମର କାମ ପାଇଁ? ଆମେ ଏମିତି ଦୋମୁହାଁ, ଭଲ ଥିଲେ ମୁଁ କରିଛି, ଆଉ ଖରାପ ଘଟିଲେ ଭଗବାନ୍ କରିଛନ୍ତି ବୋଲି ସହଜରେ କହିଦେଉଛୁ। କାଲିଫର୍ନିଆ ଭଳି ଯୁକ୍ତରାଷ୍ଟ୍ରର ଏକ ଉନ୍ନତ ପ୍ରଦେଶର, ଆମେରିକାର ଦ୍ୱିତୀୟ ବୃହତ୍ତମ ଜନବହୁଳ ନଗର ଲସ୍ ଆଞ୍ଜେଲ୍ସରେ ବନାଗ୍ନି ଦେଖାଇଦେଲା ମଣିଷର ଅମଣିଷିଆ କାରବାର ଦିନେ ପୃଥିବୀକୁ ମାନବଶୂନ୍ୟ କରିପାରେ। କାର୍ଯ୍ୟ–କାରଣ ସମ୍ପର୍କ ଉପରେ ମଣିଷ ମାନସ–ମନ୍ଥନ (ବ୍ରେନ୍ ଷ୍ଟର୍ମିଂ) କରୁନାହିଁ, ଘଟଣା ପରେ ଭଗବାନ୍‌ଙ୍କୁ ଦୋଷ ଦେଉଛି– ଏ ଏକ 'ଆକ୍ଟ ଅଫ୍ ଗଡ୍', ଭଗବାନ୍ ଏମିତି କରିଛନ୍ତି।

ଏବେ ସେଠାକାର ନିବାସୀମାନେ ଧୂଳି ପାଉଁଶ ଭିତରେ ନିଜସ୍ୱ ବୋଲି କହୁଥିବା ଜିନିଷ ସବୁ କୁଆଡ଼େ ଗଲା ବୋଲି ଖୋଜୁଛନ୍ତି। ଜାନୁଆରୀ ୮ରେ ଯେଉଁ ନିଆଁ ଲାଗିଲା, ତାହାକୁ ମାସ ଶେଷ ସୁଦ୍ଧା କଣ୍ଟ୍ରୋଲ କରିହେଉନାହିଁ। ଯେଉଁଠି ହଲିଉଡ୍ ହିଲ୍ସ ଆପାର୍ଟମେଣ୍ଟ ଭଳି ଧନୀମାନଙ୍କ ପ୍ରାସାଦ ଥିଲା, ସେଠି ଏବେ ଦିଶୁଛି ଅନିଶ୍ଚିତତାର, ତୀବ୍ର ସନ୍ତାପର ଓ କେତେକଙ୍କ ପାଇଁ ସମ୍ପୂର୍ଣ୍ଣ କ୍ଷତିର ମରୁଭୂମି। ବିଭ୍ରାଟ ଭିତରେ ଆଶା ବି ଅଛି।



ଏକ ସମ୍ବେଦନଶୀଳ ଲସ୍‌ଆଞ୍ଜେଲସ୍ ଗଢ଼ିହେବ ସେତେବେଳେ, ପୁନଃ ନିର୍ମାଣଟା ଭଗବାନ୍‌ଙ୍କର (ତାଙ୍କ ଅଧସ୍ତନ ଦେବଦେବୀଙ୍କର) କାମ ବୋଲି ଲୋକେ କହିବେ ନାହିଁ। 'ପର୍ଯ୍ୟାୟ ପରେ ପର୍ଯ୍ୟାୟ'ରେ ଘଟଣା ନ ଘଟିଲେ ତାକୁ ଆମେ କହୁ ପ୍ରାକୃତିକ ବିପର୍ଯ୍ୟୟ ; ପର୍ଯ୍ୟାୟର ବ୍ୟତିକ୍ରମ। ଜଳଭଣ୍ଡାର ବା ନଦୀବନ୍ଧ ତିଆରି କଲେ ବା ପରମାଣୁ–ଇନ୍ଧନ ତିଆରି କାରଖାନା ବସାଇବା ଭଳି ଯୋଜନା କଲେ ଯେଉଁ ବିପଦ ଆସିପାରେ, ତାକୁ ଆମେ କହୁ ମଣିଷ–ତିଆରି ବିପଦ (ମ୍ୟାନ୍ ମେଡ୍ କାଲାମିଟି) ବା ଦୁର୍ବିପାକ, ମନ୍ଦ ପରିଣାମ। ପୃଥିବୀ ଭିତରଟା ଖୁବ୍ ଗରମ, ଗରମ ଥିବାରୁ ବସ୍ତୁ ପ୍ରସାରିତ ହୁଏ, ପାଣି ଫୁଟିଲା ପରି କିଛି କିଛି ଛିଟ୍‌କି ଯାଏ। ଅନ୍ୟପକ୍ଷରେ ପୃଥିବୀର କେନ୍ଦ୍ରାକର୍ଷଣ (ଗ୍ରାଭିଟେସନାଲ୍) ଶକ୍ତି ଯେକୌଣସି ଅଂଶକୁ କେନ୍ଦ୍ର ଆଡ଼କୁ ଟାଣିରଖେ। ଏ ଦୁଇଟିର ପାରସ୍ପରିକ ଶକ୍ତି ପୃଥିବୀ ଭଳି ନଭୋଚାରିକୁ ଗୋଲାକାର ରଖିଥାଏ, ଦୁଇଟି ଶକ୍ତି ଯେଉଁଠି ସମାନ ନୁହେଁ, ସେ ଅଂଶଟି ଖାଲ (ଯଥା ହ୍ରଦ ବା ସମୁଦ୍ର) ବା ଉଚ୍ଚ (ଯଥା ପାହାଡ଼) ହୋଇଥାଏ, ଅକ୍ଷ ପାଖ ଫୁଲିବା ଓ ମେରୁ ଆଡ଼କୁ ଚେପ୍‌ଟା ହୋଇଥାଏ। ଏ ସବୁ ଭଗବାନ୍‌ଙ୍କ କାମ ନୁହେଁ, ଭଗବାନ୍ ତିଆରି କରିଥିବା ନିୟମର କାମ– ତାକୁ ଫିଜିକ୍ସ, କେମେଷ୍ଟ୍ରି, ବାୟୋଲଜି ଆଦି ଭଳି ବିଭାଗ କରି ଆମେ ବିଭିନ୍ନ ଶାସ୍ତ୍ରସମ୍ମତ ନିୟମ କହୁଛୁ। ଅଗ୍ନି ଉଦ୍‌ଗିରଣ, ଭୂକମ୍ପ, ସୁନାମି, ଭୂସ୍ଖଳନ ଆଦି ଭଗବାନ୍ ତିଆରି କରିଥିବା ପ୍ରକୃତିର ନିୟମ। ବୈଜ୍ଞାନିକମାନେ ଗବେଷଣା କରି ସେସବୁ ନିୟମ କିପରି କାମ କରୁଛି ଦେଖିସାରିଲେଣି, ସେଗୁଡ଼ିକ ପ୍ରାକୃତିକ ଘଟଣା: ଅଘଟଣ ବା ବିପର୍ଯ୍ୟୟ ନୁହେଁ। ବରଂ ଆମେ ମଣିଷମାନେ ସେଭଳି ଘଟଣା ଘଟିବାର ସମ୍ଭାବନା ଥିବା ସ୍ଥାନରେ ବସବାସ କରିବା ଆରମ୍ଭ କରିଦେଉଛୁଁ, ଅର୍ଥାତ୍ ବିପଦକୁ ବରଣ କରୁଛୁ। ସେସବୁକୁ ଏଡ଼ାଇ ନିରାପଦ–ଆଶ୍ରୟସ୍ଥଳୀ କରି ଘଟଣାଠାରୁ (ଅଘଟଣଠାରୁ ନୁହେଁ) ଦୂରେଇ ରଖୁଛୁ। ଭୂଖଣ୍ଡ ଚଳନ (ଟେକ୍ଟୋନିକ୍ ମୁଭ୍‌ମେଣ୍ଟ) ଯୋଗୁ ତ ଭାରତ ଭୂଖଣ୍ଡ ତିବ୍‌ବତ ଭୂଖଣ୍ଡ (ପ୍ଲେଟ୍)କୁ ଠେଲୁଛି, ତେଣୁ ନେପାଳ ଓ ତିବ୍‌ବତରେ ପ୍ରବଳ ଭୂକମ୍ପ ହେଉଛି। ପ୍ରଶାନ୍ତ ମହାସାଗରର ଉଭୟ ଉପକୂଳ ଭୂକମ୍ପ–ପ୍ରବଣ ବୋଲି ଭୌଗୋଳିକ ବିଜ୍ଞାନବିତ୍ କହିଆସିଛନ୍ତି। ସେଠି ବସବାସ କଲେ ଭୂକମ୍ପର ଶିକାର ହେବାକୁ ପଡ଼ିପାରେ, ତଥାପି ଲୋକେ ସେଠାରେ ବସବାସ କରୁଛନ୍ତି, କେଉଁ ଦିନ ଅକାଳେ ସକାଳେ ଆଗ୍ନେୟଗିରିର ଉଦ୍‌ଗିରଣ ବା ଭୂମିକମ୍ପ ହେବ ବୋଲି ସବୁଦିନେ ମାଛ ଓ ଅନ୍ୟ ସାମୁଦ୍ରିକ ଖାଦ୍ୟ ମିଳୁଥିବା ଉପକୂଳ ଛାଡ଼ି ଖାଦ୍ୟାଭାବ ଅଞ୍ଚଳକୁ ଚାଲିଯିବା କି?

ଆଉ ଥରେ ଲସ୍ ଆଞ୍ଜେଲସ୍ ବନାଗ୍ନି କଥା ଶୁଣନ୍ତୁ। ଖାଣ୍ଡବବନ ଦହନ (ଅର୍ଜୁନଙ୍କ ତୀର ଦ୍ୱାରା ଜଳିବା) ପରି ଏ ଏକ ମନୁଷ୍ୟକୃତ ଘଟଣା। ଏଯାଏ ପ୍ରାୟ ୩୦ ହଜାର କୋଟି ଡଲାର କ୍ଷତି ହେଲାଣି, ଓଡ଼ିଶାର ଏ ବର୍ଷର ବଜେଟ ଅଟକଳ ୨,୬୦,୦୦୦ କୋଟି ଟଙ୍କା ସଙ୍ଗେ ସମାନ। ଏ କ'ଣ ଭଗବାନ୍‌ଙ୍କର କାମ? ଫସିଲ ଫୁଏଲ୍ (ଖଣିଜ ତୈଳ) କମ୍ପାନୀଗୁଡ଼ିକ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ। ସେଠାରେ ଏବକାର ଭୂପୃଷ୍ଠର ତାପ ଶିଳ୍ପ ବିପ୍ଲବ ସମୟର ଭୂପୃଷ୍ଠର ତାପଠାରୁ ଦେଢ଼ ଡିଗ୍ରୀ ସେଲ୍‌ସିଅସ୍ ବେଶି ହୋଇଥିବାରୁ ଆପେ ଆପେ ଶୁଖିଲାପତ୍ରରେ ନିଆଁ ଲାଗିଥିବା ଆଶଙ୍କା ହେଉଛି। ସମ୍ଭବତଃ ଅଗ୍ନି ଚପାଇବାର ପ୍ରଚେଷ୍ଟାରେ ଆମେରିକା ସରକାର ବ୍ୟର୍ଥ। ଜଙ୍ଗଲ ଭିତରେ ଭୂମି ଉପରେ ଜମୁଥିବା ଶୁଖିଲାପତ୍ର, ଡାଳ ଆଦି ସହଜରେ ନିଆଁ ଲାଗୁଥିବା ଦ୍ରବ୍ୟଗୁଡ଼ିକର ପରିମାଣ ବଢ଼ିଚାଲିଲା। ଜଳଭଣ୍ଡାର ସୃଷ୍ଟି କରିବାରେ ଓ ଅଗ୍ନି ନିର୍ବାପନ ବ୍ୟବସ୍ଥା ବ୍ୟାପକ କରିବାରେ ଲସ୍ ଆଞ୍ଜେଲସ୍ ନଗର ନିଗମ ଫେଲ୍ ହୋଇଛି। କାଲିଫର୍ନିଆ ସରକାର ଗୃହ ନିର୍ମାଣ ବୃଦ୍ଧିକୁ ରୋକି ପାରିନଥିବା କାରଣରୁ ଆବର୍ଜନା ଆଦି ଅଗ୍ନିପ୍ରବଣ ପଦାର୍ଥ ଜଙ୍ଗଲ ଅଭ୍ୟନ୍ତରକୁ ବ୍ୟାପିଗଲା। ଅଥବା ଇନ୍‌ସ୍ୟୁରାନ୍ସ କମ୍ପାନୀଗୁଡ଼ିକ ଜଳବାୟୁ ପରିବର୍ତ୍ତନ କାରଣ ଯୋଗୁ ଅଗ୍ନି–ବୀମା କଲେ ନାହିଁ। ଶହେ ବର୍ଷ ତଳେ ଉଇଲିଅମ୍ ମୁଲ୍‌ହଲାଣ୍ଡ ଏକ ପ୍ରକାଣ୍ଡ ଆକ୍ୱାଡକ୍ଟ ନିର୍ମାଣ କରି ଲସ୍ ଆଞ୍ଜେଲସ୍‌କୁ ଜଳ ଯୋଗାଣ କରିବାର ଯେଉଁ ଯୋଜନା କଲେ, ତାହା ଲସ୍ ଆଞ୍ଜେଲସ୍‌କୁ ଘନ ଆବାସସ୍ଥଳୀ କରିଦେଲା। ଦିନେ ଏ ସହର ଆମେରିକାର ୨ୟ ବୃହତ୍ତମ ନଗର ହେବ ସେ ଭାବିପାରିନଥିଲେ। ଫଳରେ ଦାବାନଳ ଭଳି ଅପ୍ରାକୃତିକ ଦୁର୍ବିପାକର ଉତ୍ସ ହୋଇଗଲା। ଏବେ ବୁଝିଲେ ତ କିପରି ମାନବୀୟ ଲୀଳା– ମଣିଷର କର୍ମ ଓ ଅପକର୍ମ– ଏହାର କାରଣ। ଏବେ ଆମେ ଭଗବାନ୍‌ଙ୍କୁ ଦାୟୀ କରୁନାହୁଁ– ମଣିଷ ହାତରେ ଏହାର ସମାଧାନ ଅଛି କହୁଛୁ। ଭଗବାନ୍‌ଙ୍କ ଅଭିଶାପ ବା କୁଦୃଷ୍ଟି କହିଦେଲେ ତା'ର ପ୍ରତିକାର ମଣିଷ ହାତରେ ନାହିଁ ବୋଲି ଭାବିନେବା। ଯେଉଁ ଭଗବାନ୍ ସର୍ବଜ୍ଞ, ସର୍ବୋତ୍ତମ, ସର୍ବତ୍ର ବିଦ୍ୟମାନ, ସିଏ କାହିଁକି କାହା ଉପରେ ରାଗିବେ! ଗୀତାର ୯ମ ଅଧ୍ୟାୟ ଶ୍ଳୋକ ୨୯ରେ ଶ୍ରୀକୃଷ୍ଣ ପରା କହିଦେଇଛନ୍ତି, ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ।

sahadevas@yahoo.com

## ଏଇ ଭାରତରେ

ସମାଜରେ ଏଭଳି ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ନିଜ କଥା ଚିନ୍ତା ନ କରି ଅନ୍ୟମାନଙ୍କ ମଙ୍ଗଳ ପାଇଁ କାମ କରନ୍ତି। ଠିକ୍ ଏମିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଡ. କ୍ରାନ୍ତି ମିଶ୍ରା। ମଧ୍ୟପ୍ରଦେଶ ସତନା ଜିଲାରେ ଥିବା ଶହୀଦ ପଦମଧର ସିଂହ କଲେଜର ହିନ୍ଦୀ ପ୍ରଫେସର ଭାବେ ସେ କାମ କରନ୍ତି, କିନ୍ତୁ ସମାଜସେବା ପାଇଁ ଜୀବନକୁ ସମର୍ପିତ କରିଦେଇଛନ୍ତି। ଚାକିରିକାଳର ସମସ୍ତ ରୋଜଗାରକୁ ସେ ସମାଜସେବାର ବିଭିନ୍ନ କାମରେ ଖର୍ଚ୍ଚକରି ଦେଉଛନ୍ତି। ଏବେ ସୁଦ୍ଧା ସେ ୪୦ ଜଣ ଯୁବତୀଙ୍କୁ ବିବାହ କରାଇ ସାରିଲେଣି ଓ ୬୦ରୁ ଅଧିକ ଛାତ୍ରଙ୍କ ପାଠପଢା ଖର୍ଚ୍ଚ ବହନ କରି ସେମାନଙ୍କୁ ଆତ୍ମନିର୍ଭର କରିସାରିଲେଣି। ଏହା ବ୍ୟତୀତ ସ୍ୱଚ୍ଛତା ଅଭିଯାନ, ନିଶାମୁକ୍ତି ଆନ୍ଦୋଳନ, ମହିଳା ସାକ୍ଷରତା ତଥା ଗମନାଗମନ ସୁବିଧା ଆଦି ପାଇଁ ମଧ ସେ ବିଭିନ୍ନ ସଂସ୍ଥା ମାଧ୍ୟମରେ କାମ କରୁଛନ୍ତି। ବିଭିନ୍ନ ରାଲି ଆୟୋଜନ କରି ଘର ଘର ବୁଲି ଲୋକଙ୍କୁ ସଚେତନ କରାଇଥାନ୍ତି। ସମାଜ ସୁଧାର ପାଇଁ ଯାହା ଆବଶ୍ୟକ ସେସବୁ କରିବା ଲାଗି ସେ ଅନ୍ୟମାନଙ୍କୁ ପ୍ରେରଣା ଦେଉଛନ୍ତି। ତାଙ୍କ ମତରେ ସମାଜ ଓ ପରିବେଶ ଭଲ ରହିଲେ ହିଁ ସମସ୍ତଙ୍କ ଜୀବନ ସୁଖଶାନ୍ତିରେ କଟିପାରିବ। ପିଲାବେଳୁ ସେ ତାଙ୍କ ବାପାଙ୍କଠାରୁ ଶିଖି ଏହି କାମ କରି ଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୩ ଫେବୃଆରୀ ୧୯୭୬

- ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ସହରରେ ବୃହତ୍ତର ଉନ୍ନୟନ ସଂସ୍ଥା ଗଠନ କରାଯାଇଛି।
- କେନ୍ଦ୍ର ସରକାରଙ୍କ ଦ୍ୱାରା ୮୪ ଲକ୍ଷ ୩୪ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁଥିବା ଧାମରା ମାଛଧରା ପୋତାଶ୍ରୟର ଶୁଭଦାନ।
- ଉତ୍ତର ଫିଲିପାଇନ୍ସର ଏକ ପାହାଡ଼ିଆ ଅଞ୍ଚଳରେ କେତେକ ବନ୍ଧୁକଧାରୀ ବ୍ୟକ୍ତି ଗୋଟିଏ ବସ୍ ଉପରେ ଆକ୍ରମଣ କରିବା ଫଳରେ ୨୫ ଜଣଙ୍କ ମୃତ୍ୟୁ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | 8 | | | 4 | |
| 1 | | | | | 7 | | | |
| 6 | | | | 3 | 2 | | | |
| | 5 | | | | 8 | | | |
| 9 | 8 | | | | | 1 | 2 | |
| | | | | | | | 5 | |
| | 6 | | | | 9 | | 3 | |
| 2 | | 9 | 7 | | | | | |
| 3 | 1 | | | | | 7 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 3 | 6 | 5 | 1 | 7 | 2 | 4 |
| 5 | 7 | 4 | 9 | 2 | 8 | 3 | 6 | 1 |
| 2 | 1 | 6 | 3 | 7 | 4 | 5 | 9 | 8 |
| 7 | 4 | 8 | 5 | 6 | 3 | 2 | 1 | 9 |
| 3 | 2 | 5 | 1 | 4 | 9 | 6 | 8 | 7 |
| 9 | 6 | 1 | 7 | 8 | 2 | 4 | 5 | 3 |
| 4 | 3 | 2 | 8 | 9 | 6 | 1 | 7 | 5 |
| 1 | 5 | 9 | 2 | 3 | 7 | 8 | 4 | 6 |
| 6 | 8 | 7 | 4 | 1 | 5 | 9 | 3 | 2 |

ଗତକାଲିର ଉତ୍ତର

# କେନ୍ଦ୍ରୀୟ ବଜେଟର ବିଶ୍ଳେଷଣ



ଚିତ୍ତରଞ୍ଜନ ନାୟକ

ଏନ୍‌ଡିଏ–୩.୦ ସରକାରଙ୍କ ପ୍ରଥମ ପୂର୍ଣ୍ଣ ବଜେଟ (୨୦୨୫–୨୬) ପାର୍ଲାମେଣ୍ଟରେ ଉପସ୍ଥାପିତ ହୋଇଛି। ଏହା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ କ୍ରମାଗତ ଅଷ୍ଟମ ବଜେଟ, ତାହା ବି ଜଣେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳରେ। ଏଥର ବଜେଟର ୪ଟି ବିଶେଷ ଆହ୍ୱାନ ଥିଲା।

ପ୍ରଥମତଃ, ଘରୋଇ ଉପଭୋଗର ମାନ୍ଦାବସ୍ଥା। ଉଲ୍ଲେଖଯୋଗ୍ୟ ଯେ ଯଦିଓ ଅର୍ଥନୈତିକ ସର୍ଭେ ୨୦୨୪–୨୫ରେ ଚଳିତ ବର୍ଷ ଭାରତର ରପ୍ତାନି ବୃଦ୍ଧି ଉତ୍ସାହଜନକ ରହିବ ବୋଲି ଆକଳନ କରିଛି, ଅସଲ କଥା ହେଲା ସାମ୍ପ୍ରତିକ ବିଶ୍ୱ ପରିଦୃଶ୍ୟରେ ରପ୍ତାନି ଆଧାରିତ ଅଭିବୃଦ୍ଧି ଉପରେ ଭରସା କରିହେବ ନାହିଁ। ତେଣୁ 'ଘରୋଇ ଉପଭୋଗ'କୁ ମୁଖ୍ୟ ଆଧାର କରି ଆର୍ଥିକ ଅଭିବୃଦ୍ଧିର ଯୋଜନା ନିର୍ଦ୍ଧାରଣ କରିବା ଉପରେ ଅର୍ଥଶାସ୍ତ୍ରୀମାନେ ମତ ଦେଉଥିଲେ। ସରଳ ତର୍କଟି ହେଲା, ଉପଭୋଗ ବଢ଼ିଲେ ଉତ୍ପାଦନ ବଢ଼ିବ, ଯାହାଦ୍ୱାରା ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ମାତ୍ର ସଦ୍ୟ ପ୍ରକାଶିତ ଅନ୍ୟ ଏକ ତଥ୍ୟରୁ ଜଣାପଡ଼ିଲା ଯେ ଜୁଲାଇ–ସେପ୍ଟେମ୍ବର ତ୍ରୈମାସରେ ଘରୋଇ ଉପଭୋଗର ଅଭିବୃଦ୍ଧି ଚିନ୍ତାଜନକ ଭାବେ ୫.୪ ଶତକ ଦ୍ରୁତ ହ୍ରାସ ପାଇଛି। ଯେଉଁଥିପାଇଁ ୨୦୨୪–୨୫ର ଅଭିବୃଦ୍ଧି ଆଉ ୬.୫ରୁ ୭% ହେବନାହିଁ। ବରଂ ୬ରୁ ୬. ୪% କୁ କମିଯିବ। ତେଣୁ ଉପଭୋଗ ବ୍ୟୟ ବଢ଼ାଇବା ଜରୁରୀ। ମଧ୍ୟମବର୍ଗ ହାତରେ ବଳକା ଅର୍ଥ ଛା ନିତାନ୍ତ ଆବଶ୍ୟକ। ସେଥିପାଇଁ ଏହି ବଜେଟରେ ଆୟ କରରେ ଆଖିଦୃଶିଆ ଆଶ୍ୱସ୍ତି ଦେଇ ସରକାର ମଧ୍ୟମ ବର୍ଗ ପ୍ରତି ନ୍ୟାୟ କରିବା ସହ ସମୟୋଚିତ ଆର୍ଥିକ ପଦକ୍ଷେପ ନେଇଥିବା ପ୍ରତୀତ ହେଉଛି।

ଦ୍ୱିତୀୟତଃ, ପୁଞ୍ଜିଗତ ବ୍ୟୟର ଅଭିବୃଦ୍ଧିକୁ ଜାରି ରଖିବା ମଧ ଏକ ଆହ୍ୱାନ ଥିଲା। ବାସ୍ତବରେ 'ଚାହିଦା ପ୍ରବନ୍ଧନ' ତୁଳନାରେ 'ଯୋଗାଣ ପରିଚାଳନା' ଦ୍ୱାରା ଅଭିବୃଦ୍ଧି ହାସଲ ମୋଦି ସରକାରଙ୍କ ଆର୍ଥିକ ନୀତିର ପ୍ରାଥମିକତା ବୋଲି ସମୀକ୍ଷକମାନେ ମତ ଦିଅନ୍ତି। ତେଣୁ ବିନିର୍ମାଣ ଉଦ୍ୟୋଗକୁ ଟିକସ ରିହାତି ତଥା ପୁଞ୍ଜିଗତ ବ୍ୟୟରେ ନିରନ୍ତର ବୃଦ୍ଧି ଏ ସରକାରଙ୍କ ଶାସନ କାଳରେ ଦେଖିବାକୁ ମିଳିଛି। ତେବେ ଏ ବର୍ଷ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଲା। ବଜେଟରେ ପୁଞ୍ଜିଗତ ବ୍ୟୟ ପାଇଁ ଗତବର୍ଷ ଯେତିକି ବରାଦ କରାଯାଇଥିଲା (୧୧. ୧ ଲକ୍ଷ କୋଟି ) ଏ ବର୍ଷ ପ୍ରାୟ ସେତିକି (୧୧.୨ ଲକ୍ଷ କୋଟି ଟଙ୍କା) ହିଁ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ପୁଞ୍ଜିଗତ ବ୍ୟୟ ପାଇଁ ଚଳିତବର୍ଷର ଆବଣ୍ଟିତ ଅର୍ଥରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇପାରିବ ନାହିଁ ବୋଲି କୁହାଯାଉଛି। ନିର୍ବାଚନ କାରଣ ହେଉ ବା ବିଭିନ୍ନ ବିଭାଗର ଖର୍ଚ୍ଚ ଦକ୍ଷତାର ଅଭାବ ହେଉ ଧାର୍ଯ୍ୟ ରାଶିର ପ୍ରାୟ ୧୦ ଶତକ ଖର୍ଚ୍ଚ ହୋଇପାରିବ ନାହିଁ, ଯାହା ଚିନ୍ତାଜନକ। ମାତ୍ର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ହେଲେ ବିଶେଷକରି ୫ ଟ୍ରିଲିଅନ ଅର୍ଥ ବ୍ୟବସ୍ଥା, ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନ ପାଇଁ ନିରନ୍ତର ପୁଞ୍ଜିଗତ ବ୍ୟୟବୃଦ୍ଧି ଆବଶ୍ୟକ ଥିଲା।

ତୃତୀୟତଃ, ବିଭିନ୍ନ ଆହ୍ୱାନ ପରିପ୍ରେକ୍ଷୀରେ ସରକାର ଆର୍ଥିକ ଶୃଙ୍ଖଳା କିପରି ରଖୁଛନ୍ତି, ତାହା ଉପରେ ସମସ୍ତଙ୍କ ଦୃଷ୍ଟି ଥିଲା। କୋଭିଡ୍–୧୯ ପରବର୍ତ୍ତୀ ୨୦୨୧–୨୨ ବଜେଟରେ ପୁନଃ ଆର୍ଥିକ ଶୃଙ୍ଖଳା ପାଇଁ ୨୦୨୫–୨୬ ବର୍ଷ ସୁଦ୍ଧା ବିତ୍ତୀୟ ନିଅଣ୍ଟକୁ ସମଗ୍ର ଘରୋଇ ଉତ୍ପାଦନର ୪.୫ ଶତକଡ଼ାକୁ ହ୍ରାସ କରିବା ପାଇଁ ନୂତନ ଲକ୍ଷ୍ୟ ରଖାଯାଇଥିଲା। ଅର୍ଥମନ୍ତ୍ରୀ ୨୦୨୪–୨୫ରେ ଏହାକୁ ୪. ୯କୁ ଆଣିବେ ବୋଲି ଲକ୍ଷ୍ୟ ରଖିଥିଲେ, ଯାହା ଏବେ ୪. ୮କୁ କମିବା ସହ ୨୦୨୫–୨୬ରେ ଏହା ୪.୪%କୁ ଖସିବ ବୋଲି ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଜଣାପଡୁଛି ଯେ ଚଳିତ ବର୍ଷ ପୁଞ୍ଜିଗତ ବ୍ୟୟରୁ ଥିବା ବଳକା ଅର୍ଥରାଶିରୁ ରାଜକୋଷ ନିଅଣ୍ଟ ଭରଣା ହୋଇଛି। ମାତ୍ର ଆଗାମୀ ବର୍ଷ ଟିକସ ରିହାତି ସତ୍ତ୍ୱେ ଯଦି ୪. ୪% ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ହୋଇଯାଏ, ତାହାହେଲେ ଏହା ସରକାରଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ବୋଲି ନିଶ୍ଚୟ ଧରାଯିବ। ଋଣ–ଜିଡିପି ଅନୁପାତ ମଧ ୫୭%ରୁ ୫୬%କୁ ଖସିବ ବୋଲି କୁହାଯାଇଛି।




ଚତୁର୍ଥତଃ, ଆର୍ଥିକ ଅଭିବୃଦ୍ଧି ଓ ରୋଜଗାର ସୃଜନ ଦୃଷ୍ଟିରୁ ସରକାର ବଜେଟରେ କିପରି ଉଦ୍ୟମ କରିବେ ତାହା ମଧ କୌତୂହଳର ବିଷୟ ଥିଲା। ବିଶେଷକରି କୃଷି, ଉଦ୍ୟୋଗ ଓ ସେବା କ୍ଷେତ୍ରରେ ବଜେଟ ପ୍ରସ୍ତାବଗୁଡ଼ିକ କ'ଣ ତାହା ଅନୁଧ୍ୟାନଯୋଗ୍ୟ। ଆଗାମୀ ବଜେଟରେ କମ୍ କୃଷି ଉତ୍ପାଦକତା ଥିବା ୧୦୦ଟି ଜିଲାରେ କୃଷି ସଘନତା ତଥା ଉତ୍ପାଦନ ବୃଦ୍ଧି ପାଇଁ 'ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା' ପରି ଏକ ନୂତନ ଯୋଜନାର ପ୍ରସ୍ତାବ ଦିଆଯାଇଛି। ଆଶା କରାଯାଏ ଓଡ଼ିଶା, ବିହାର, ଛତିଶଗଡ଼, ଝାଡଖଣ୍ଡ ପରି ପୂର୍ବ ଭାରତର ଅନେକ ଜିଲା ଏଥିରୁ ଲାଭାନ୍ୱିତ ହେବେ। ସେହିପରି ଅଭିବୃଦ୍ଧି ଓ ରୋଜଗାର ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଉଦ୍ୟୋଗ – ବିଶେଷତଃ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ 'ରାଷ୍ଟ୍ରୀୟ ବିନିର୍ମାଣ ମିଶନ' ଗଠନର ସ୍ୱପ୍ନ ଦେଖାଯାଇଛି। ତେବେ ଏସବୁ ଯୋଜନାର ବିସ୍ତୃତ ରୂପରେଖ କ'ଣ ଓ କେତେ ପାଣ୍ଠି କେଉଁ ଉପାୟରେ ବିନିଯୋଗ କରିବାର ପ୍ରାବଧାନ ରହିଛି ତାହା ଜାଣିବାକୁ ହେବ। ଉତ୍ପାଦକତା ବୃଦ୍ଧି ଓ କ୍ରମବର୍ଦ୍ଧିଷ୍ଣୁ ଶିକ୍ଷିତ ଓ ବହୁଆକାଂକ୍ଷୀ ଯୁବବର୍ଗ ପାଇଁ ରୋଜଗାର ସୃଜନ ଲାଗି ଏସବୁ କେତେଦୂର ଉପଯୋଗୀ ହେବ ତାହା ଅନୁଧ୍ୟାନର ବିଷୟ।

ବଜେଟରେ ଆଣବିକ ଶକ୍ତି ପ୍ରକଳ୍ପ, କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ, କୃଷି ଉତ୍ପାଦକତା, ଅସ୍ଥାୟୀ–ଅସୁରକ୍ଷିତ(ଗିଗ) ଶ୍ରମିକମାନଙ୍କ ସୁରକ୍ଷା, ଛୋଟ ସହର ବିମାନ ସଂଯୋଗୀକରଣ ଇତ୍ୟାଦି ଅନେକ ପ୍ରସ୍ତାବ ଦିଆଯାଇଛି। ଏସବୁ ସ୍ୱାଗତଯୋଗ୍ୟ। ମାତ୍ର ସାମାଜିକ କ୍ଷେତ୍ରରେ କରାଯାଇଥିବା ଆବଣ୍ଟନ ପ୍ରଶ୍ନ ସୃଷ୍ଟି କରେ। ସରକାର ନୂତନ ଶିକ୍ଷାନୀତି ପ୍ରଣୟନ କଲେ। ସମଗ୍ର ଘରୋଇ ଉତ୍ପାଦର ଶତକଡା ୬ ଭାଗ ଶିକ୍ଷା ପାଇଁ ଖର୍ଚ୍ଚ ହେବାର ପ୍ରସ୍ତାବ ରହିଛି। କେନ୍ଦ୍ର ଓ ରାଜ୍ୟଗୁଡ଼ିକୁ ମିଶାଇ ଏହା ଏବେ ୪.୪%ରେ ପହଞ୍ଚିଛି। ଶିକ୍ଷା ଖର୍ଚ୍ଚ ବୃଦ୍ଧିରେ କେନ୍ଦ୍ର ସରକାରଙ୍କୁ ନେତୃତ୍ୱ ନେବାକୁ ହେବ। କିନ୍ତୁ ଆଗାମୀ ବଜେଟରେ ଶିକ୍ଷା କ୍ଷେତ୍ରରେ ପ୍ରସ୍ତାବିତ ବଣ୍ଟନ ହେଉଛି ୧.୨୮ ଲକ୍ଷ କୋଟି, ଯାହା ପୂର୍ବ ବଜେଟ ତୁଳନାରେ ମାତ୍ର ୨. ୪ଭାଗ ଅଧିକ। ପୂର୍ବ ବର୍ଷ ୧. ୨୫ ଲକ୍ଷ କୋଟି ପ୍ରସ୍ତାବିତ ରାଶିରୁ କେବଳ ୧.୧୪ ଲକ୍ଷ କୋଟି ଖର୍ଚ୍ଚ ହୋଇପାରିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ ସମଦଶା। ସାମାଜିକ କ୍ଷେତ୍ରରେ ଖର୍ଚ୍ଚ କରା ନ ଗଲେ ଦକ୍ଷତା ବିକାଶ ହେବ କିପରି?

ମୋଟ ଉପରେ ବଜେଟ ୨୦୨୫–୨୬ ମଧ୍ୟମ ବର୍ଗଙ୍କୁ ଆଶ୍ୱସ୍ତି ଦେବା ସହ ବିତ୍ତୀୟ ଶୃଙ୍ଖଳା ରକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ବେଳେ ସାମାଜିକ କ୍ଷେତ୍ର ଓ ପୁଞ୍ଜିଗତ କ୍ଷେତ୍ର ପ୍ରତି ଅଧିକ ସଜାଗ ହୋଇଥିଲେ ଅଧିକ ପ୍ରଭାବୀ ହୋଇଥାନ୍ତା।

**ପ୍ରଫେସର, ଅର୍ଥଶାସ୍ତ୍ର ବିଭାଗ, ପୂର୍ବୋତ୍ତର ପାର୍ବତୀୟ ବିଶ୍ୱବିଦ୍ୟାଳୟ, ଶିଲଂ, ମେଘାଳୟ**
chittaranjan.ru@gmail.com

# ବଡ଼ଙ୍କୁ ସମ୍ମାନ



ସତ୍ୟନାରାୟଣ ଦେହୁରୀ

ପରିବାର ହେଉଛି ଆମ ସମାଜର ଏକ ମୁଖ୍ୟ ଅଙ୍ଗ। ଯେଉଁ ପରିବାର ମଧ୍ୟରେ ପରସ୍ପର ସ୍ନେହ ଶ୍ରଦ୍ଧା ଥାଏ ତାହା ଏକ ଖୁସି ପରିବାର। ସେଥିପାଇଁ ଭକ୍ତକବି ମଧୁସୂଦନ ମଧ୍ୟ କହିଛନ୍ତି ,ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ,ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର। ପରିବାର ମଧ୍ୟରେ ଅନେକ ପିତୃମାତୃ ସ୍ଥାନୀୟ ବ୍ୟକ୍ତିଙ୍କ ସହ କେତେଜଣ ଛୋଟପିଲା ମଧ୍ୟ ଥାଆନ୍ତି। ଏଠି ସମସ୍ତଙ୍କର ସମାନ ଭୂମିକା ରହିଛି। ସାଧାରଣତଃ ପିତା, ମାତା, ପୁଅ ,ଝିଅ, ଅଜା ,ଆଇ, ନାତିନାତୁଣୀ ,କାକା, ଖୁଡ଼ୀ, ପୁତୁରା ,ଝିଆରୀ ,ଭାଇଭଉଣୀ ଇତ୍ୟାଦିଙ୍କୁ ନେଇ ଏକ ପରିବାର ଗଠିତ ହୋଇଥାଏ। ଏହାକୁ ଯୌଥ ପରିବାର କୁହାଯାଏ। ଅବଶ୍ୟ ଏହି ପ୍ରକାରର ପରିବାର ଆଉ ଦେଖିବାକୁ ମିଳୁନାହିଁ। ଏବେ ପରିବାର କହିଲେ ବାପା ,ମାଆ ଓ ସେମାନଙ୍କ ପୁଅ, ଝିଅଙ୍କୁ ନେଇ ଗଢ଼ା। ବର୍ତ୍ତମାନ ପିଲାମାନେ ନିଜର ପିତାମାତାଙ୍କ ବ୍ୟତୀତ ଆଉ ଯେଉଁ ତୃତୀୟ ବ୍ୟକ୍ତିକୁ ଜାଣନ୍ତି ସେ ହେଉଛନ୍ତି ଅଙ୍କଲ ,ଆଣ୍ଟି।

ବଡ଼ମାନଙ୍କୁ ସାନମାନେ ସମ୍ମାନ ଦେବା ଓ ସାନମାନଙ୍କୁ ବଡ଼ମାନେ ଶ୍ରଦ୍ଧା କରିବା ଏକ ନୈତିକତା। ଏହା ଏକ ସାମାଜିକ ପ୍ରଥା ,ପରମ୍ପରା ତଥା ଚଳଣି। ଯେଉଁ ପରିବାରରେ ବଡ଼ଙ୍କୁ ସମ୍ମାନ ସାନଙ୍କୁ ଶ୍ରଦ୍ଧା ନାହିଁ ସେ ପରିବାର ଏକ ବିଶୃଙ୍ଖଳିତ ପରିବାର। ପରିବାରରୁ ହିଁ ପିଲାମାନେ ଶିକ୍ଷା କରିଥାଆନ୍ତି ବଡ଼ମାନଙ୍କୁ ସମ୍ମାନ ଦେବା ଓ ସାନମାନଙ୍କୁ ଶ୍ରଦ୍ଧା କରିବା। ପରିବାର ବାହାରେ ଆହୁରି ଅନେକ ଗୁରୁଜନ ଶ୍ରେଣୀୟ ବ୍ୟକ୍ତି ଅଛନ୍ତି। ଅନେକ ବନ୍ଧୁବାନ୍ଧବ ଅଛନ୍ତି। ସାଙ୍ଗସାଥୀ, ସହକର୍ମୀ ଅଛନ୍ତି। ସମସ୍ତଙ୍କ ପ୍ରତି ଯଥା ସମ୍ମାନ ଜଣାଇବା ଏକ ବିଧି। ଏହା ଏକ ନୈତିକ ଶିକ୍ଷା ଯାହାକି ପରିବାରରୁ ହିଁ ଶିକ୍ଷା କରାଯାଏ। ବଡ଼ ଦୁଃଖ ଓ ପରିତାପର ବିଷୟ ,ବର୍ତ୍ତମାନ ସେସବୁ ଲୋପପାଇଗଲାଣି। ଏବେ ପିଲାମାନେ ବଡ଼ମାନଙ୍କୁ ସମ୍ମାନ ଜଣାଇବା ତ ଦୂରର କଥା ମୁଣ୍ଡ ନୁଆଁଉନାହାନ୍ତି । ତାଙ୍କୁ ବିଦ୍ରୂପ ମଧ୍ୟ କରୁଛନ୍ତି। ଆଉ ସାନମାନଙ୍କୁ ଶ୍ରଦ୍ଧା ବଦଳରେ ମିଳୁଛି ନିର୍ଯାତନା। କେତେକ ଜାଗାରେ ସାନଝିଅମାନେ ପାଶବିକ ଅତ୍ୟାଚାରର ଶିକାର ମଧ୍ୟ ହେଉଛନ୍ତି।

ବର୍ତ୍ତମାନର ଅନୁଶାସନ ଢିଲା। ନା ଅଛି ପରିବାରରେ ଶୃଙ୍ଖଳିତ ଅନୁଶାସନ ନା ଅଛି ବିଦ୍ୟାଳୟରେ ଶୃଙ୍ଖଳା। ବିଦ୍ୟାଳୟ ହେଲା ଦଣ୍ଡମୁକ୍ତ। ପିଲା ହେଲେ ଉଚ୍ଛୃଙ୍ଖଳ। ଯେଉଁ ହାତଗଣତି କିଛି ପିଲା ଶୃଙ୍ଖଳା ରକ୍ଷା କରୁଥିଲେ, ସେମାନେ ମଧ୍ୟ ସମୟ ସୁଅରେ ପଡ଼ି ପରିବେଶର ପ୍ରଭାବରେ ପ୍ରଭାବିତ ହେଲେ। ରାସ୍ତାରେ ଯଦି ୪ଜଣ ପିଲା ଯାଉଛନ୍ତି ସେମାନଙ୍କ ମଧ୍ୟରୁ ୨ଜଣ ତାଙ୍କ ଗୁରୁଙ୍କୁ ଦେଖିଲେ ନମସ୍କାର କରୁଛନ୍ତି। ଆଉ ୨ଜଣ ସେମିତି ଚାଲିଯାଉଛନ୍ତି। ଶ୍ରେଣୀ କୋଠରିକୁ ଶିକ୍ଷକ କିମ୍ବା କୌଣସି ପରିଦର୍ଶକ ଆସିଲେ କେତେଜଣ ପିଲା ଛିଡ଼ା ହେଉଛନ୍ତି ତ କେତେକେ ବସିଥାଆନ୍ତି ବା ଡେରିରେ ଛିଡ଼ା ହୁଅନ୍ତି। ତାହା ପୁଣି ବାଧ୍ୟବାଧକତାରେ। ବିଦ୍ୟାଳୟରେ ସହକର୍ମୀମାନଙ୍କ ମଧ୍ୟରେ ମଧ୍ୟ ସେଇ ସମାନ କଥା। ପ୍ରଧାନ ଶିକ୍ଷକଙ୍କୁ କ୍ଷମତା ଭୟରେ ସମସ୍ତେ ନମସ୍କାର କରନ୍ତି। ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ସହକର୍ମୀ ପରସ୍ପର ନମସ୍କାର ପ୍ରତିନମସ୍କାରରେ ଥାଏ ପାତରଅନ୍ତର। ଅର୍ଥାତ୍ ଯାହାର ଯାହା ସହ ଭଲ ସମ୍ପର୍କ ସେମାନେ ପରସ୍ପର ନମସ୍କାର ହୁଅନ୍ତି। ଯାହା ସହ କିଛି ବି ମନୋମାଳିନ୍ୟ ଥାଏ ସେ ହୁଏ ଅଲୋଡ଼ା। ଏଠାରେ ଏକ ଛୋଟ ଘଟଣାର ଅବତାରଣା ଆବଶ୍ୟକ ପଡୁଛି। ଗୋଟିଏ ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ନିଜର ଶୃଙ୍ଖଳିତ ଆଚରଣ ପାଇଁ ସହକର୍ମୀ ମହଲରେ ବେଶ୍ ଆଦର ପାଉଥିଲେ। ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ସେ ବିଦ୍ୟାଳୟରେ ଥାଅନ୍ତି ୨ ଜଣ ଠିକାରେ ନିଯୁକ୍ତ ଶିକ୍ଷୟିତ୍ରୀ। ଠିକାରେ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଧାର୍ଯ୍ୟ ଛୁଟିଠାରୁ ଅଧିକ ନେଲେ ଦରମା କଟିଯାଏ। ସେ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ଜଣେ କୌଣସି ପରୀକ୍ଷା ଦେବା ପାଇଁ ଧାର୍ଯ୍ୟଠାରୁ ଅଧିକ ଦିନ ଛୁଟିନେଲେ। ମାସ ଶେଷକୁ ଯେତେବେଳେ ତାଙ୍କର ୫ ଦିନର ଦରମା କଟିଗଲା ସେତେବେଳେ ତାଙ୍କ ବାପା ଅସି ପ୍ରଧାନ ଶିକ୍ଷକଙ୍କୁ ପୂରା ଦରମା କରିବାକୁ କହିଲେ। ପ୍ରଧାନ ଶିକ୍ଷକ ମନାକଲେ। କାରଣ ସେ ସମସ୍ତଙ୍କୁ ସମାନ ଦେଖନ୍ତି। କୌଣସି ନିୟମ ବିରୋଧ କାମ କରନ୍ତି ନାହିଁ। ଯଦି ଜଣକ ପାଇଁ କିଛି କୋହଳ ମନୋଭାବ ଦେଖାନ୍ତି ,ଅନ୍ୟଙ୍କୁ ମଧ୍ୟ ଦେଖାଇବାକୁ ପଡ଼ିବ। ସେ ଶିକ୍ଷୟିତ୍ରୀ ନିଜେ ପ୍ରଧାନ ଶିକ୍ଷକଙ୍କୁ ଅନୁରୋଧ କରିବା ବଦଳରେ ତାଙ୍କ ବାପାଙ୍କୁ ପଠାଉଛନ୍ତି। ପ୍ରଥମେ ସେ ନିଜେ ଅନୁରୋଧ କରିବା କଥା। ସେ କଥା ଭୁଲିଗଲେ , ତାଙ୍କ ବାପାଙ୍କୁ ପଠାଇଲେ। ଏ ଘଟଣା ପରେ ସେ ଶିକ୍ଷୟିତ୍ରୀ ଜଣକ ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ସମ୍ମାନ ଦେବା ବନ୍ଦ କରିଦେଲେ। କିନ୍ତୁ ମନେରଖିବାର କଥା ,ବଡ଼ଙ୍କୁ ସମ୍ମାନ ନ ଦେଲେ ବଡ଼ର କ୍ଷତି ହୁଏ ନାହିଁ ବରଂ ସାନର ହିଁ କ୍ଷତିହୁଏ।

**ବୌଦ୍ଧ , ମୋ: ୯୪୩୭୨୯୮୭୧୪**

## ଚିରନ୍ତନୀ

କାନନେ ଡାକେ ମୟୂରୀ
ନଦୀରେ ଡାକେ ଭଉଁରି
ଶିଖରି ଚୂଳରେ ମେଘ ଡାକିଲାଣି,
ଭୁବନେ ଡାକିଲେ ସକଳ,
ମୋହରି ପାଇଁ ସେ ବିକଳ।
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କାହିଁକି ୧୦୦ ଟଙ୍କାରେ ଯୋଗାଇ ହେବନି ମହାପ୍ରସାଦ

ମହାଶୟ,

ଶ୍ରୀମନ୍ଦିରରେ ଦିଅଁ ଦର୍ଶନ ପରେ ସମସ୍ତେ ମହାପ୍ରସାଦ ଖାଇବା ପାଇଁ ଚାହିଁ ବସିଥାନ୍ତି। ନିକଟରେ ଓଡ଼ିଶା ସରକାର ଘୋଷଣା କରିଛନ୍ତି ଯେ, ଭକ୍ତଙ୍କୁ ୧୦୦ ଟଙ୍କାରେ ପେଟପୂରା ମହାପ୍ରସାଦ ଯୋଗାଇବେ । କିନ୍ତୁ କିଛି ସେବାୟତ କହୁଛନ୍ତି, ଏହା ସମ୍ଭପର ନୁହେଁ। ଏଠାରେ ଉଲ୍ଲେଖ କରିବାକୁ ଚାହେଁ, ବଡ଼ଦାଣ୍ଡରେ ବିନା ପିଆଜ ରସୁଣରେ ଅନେକ ନିରାମିଷ ହୋଟେଲ ରହିଛି । ସେମାନେ ଲୋକଙ୍କୁ ୭୦ ଟଙ୍କାରେ ପେଟପୂରା ଖାଇବାକୁ ଦେଉଛନ୍ତି । ତେଣୁ ୧୦୦ ଟଙ୍କାରେ ଭକ୍ତଙ୍କୁ ମହାପ୍ରସାଦ ଯୋଗାଇ ହେବ ନାହିଁ କାହିଁକି।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସଡ଼କ ସୁରକ୍ଷା ଜୀବନ ରକ୍ଷା ସଚେତନତା କାର୍ଯ୍ୟକ୍ରମ

ପାଟଣାଗଡ,୨।୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ପୋଲିସ ପକ୍ଷରୁ ପାଟଣାଗଡ଼ ସହରର ମୁଖ୍ୟ ରାସ୍ତାରେ ସଡକ ସୁରକ୍ଷା ଜୀବନ ରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଡକ ସୁରକ୍ଷା ଜରିଆରେ ନିଜର ଓ ଅନ୍ୟର ବହୁମୂଲ୍ୟ ଜୀବନ ରକ୍ଷା କରିବା ପାଇଁ ଗାଡି ଚାଳକଙ୍କ ସହ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଯେଉଁ ଗାଡି ଚାଳକମାନେ ସିଟ ବେଲ୍ଟ ଲଗାଇ ନ ଥିଲେ ସେମାନଙ୍କୁ ପୋଲିସ ସିଟ ବେଲ୍ଟ ଲଗାଇବା ସହ ଟ୍ରାଫିକ ନିୟମମାନି ଗାଡି ଚଳାଇବାକୁ ପରାମର୍ଶ ଦେଇଥିଲେ। ଯେଉଁ ଗାଡି ଚାଳକମାନେ ସମସ୍ତ ପ୍ରକାର ଟ୍ରାଫିକ ନିୟମ ମାନି ସିଟବେଲ୍ଟ ଲଗାଇ, ହେଲମେଟ ପିନ୍ଧି ଶୃଙ୍ଖଳିତ ଭାବେ ଗାଡି ଓ ବାଇକ୍ ଚଲାଉଥିଲେ ପୋଲିସ ପକ୍ଷରୁ ସେମାନଙ୍କୁ ଗୋଲାପ ଫୁଲ ଓ ଚକୋଲେଟ ଉପହାର ଦେଇ ଶୁଭେଚ୍ଛା ଜଣାଯାଉଥିଲା। ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ, ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ଓ ଅନ୍ୟ ପୋଲିସ ଅଧିକାରୀ, କର୍ମଚାରୀଙ୍କ ସମେତ ସ୍କୁଲ ଛାତ୍ରମାନେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ଟିଟିଲାଗଡ଼ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ

ଟିଟିଲାଗଡ଼,୨।୨(ଶରତ ମିଶ୍ର)

ଟିଟିଲାଗଡ଼ ପୋଲିସ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଜନସାଧାରଣଙ୍କୁ ସଚେତନ ତଥା ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ସଚେତନ କରାଯାଇଥିଲା । ହେଲମେଟ ପିନ୍ଧିବା, କାର ଚଳାଇବା ବେଳେ ସିଟ ବେଲ୍ଟ ପିନ୍ଧିବା, ବାଇକ୍‌ରେ ତିନି ଜଣ ନ ବସିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଥାନାଧିକାରୀ ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ପୋଲିସ ବିଭାଗ କର୍ମଚାରୀ ଓ ଡିଏଭି ମହାବିଦ୍ୟାଳୟର ଏନସିସି କ୍ୟାଡେଟମାନଙ୍କୁ ନେଇ ଏକ ରାଲି ସହର ପରିକ୍ରମା କରିଥିଲା। ଏହି ପରିକ୍ରମା ସମୟରେ ଯେଉଁମାନେ ହେଲମେଟ ଓ ସିଟ ବେଲ୍ଟ ପିନ୍ଧିଥିଲେ ସେମାନଙ୍କୁ ଚକୋଲେଟ ଦିଆଯାଇଥିଲା। ସହର ପରିକ୍ରମା ସମୟରେ ଅନ୍ୟମାନଙ୍କ ମଧ୍ୟରେ ଏସଆଇ ହୀରା ଖାଲକୋ, କିରନ ଜାନି, ମନୋଜ କୁମାର ବିଶି,ଏଏସଆଇ କାର୍ତ୍ତିକ ପ୍ରଧାନ, ସୁବାସ ସାହୁ, ଅହଲ୍ୟା ସୁନାନି, ସଞ୍ଜୀବ ପାଣିଗ୍ରାହୀ, ହୋମଗାର୍ଡ ପ୍ଲାଟୁନ କମାଣ୍ଡର ଗୁଲାମ ସାହୁ, ହାବିଲଦାର ପ୍ରଦ୍ୟୁମ୍ନ ସାହୁ, ବୈରାଗୀ ବିଶି ଓ ଅନ୍ୟ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

### କୋଶଲି ମହାଜୋଟର ପୁଷପୁନି ଭେଟଘାଟ

ଟିଟିଲାଗଡ଼,୨।୨(ଶରତ ମିଶ୍ର)

କୋଶଲି ସାଂସ୍କୃତିକ ମହାଜୋଟ, ଟିଟିଲାଗଡ଼ ପକ୍ଷରୁ ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଲଇତରା କୁମୁଡିପଦରସ୍ଥିତ ମା' କୋଶଲେଶ୍ୱରୀ ଶକ୍ତି ପୀଠରେ ପ୍ରତିବର୍ଷ ଭଳି ପୁଷପୁନି ଭେଟଘାଟ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ଼ ପୌରନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର ଯୋଗଦେଇ ଆମର ତିହାର ନୂଆଁଖାଇ, ଛେରଛେରା, ଛାଡ଼ଖାଇ ଆମ ସଂସ୍କୃତିକୁ ମହାନ କରିଥିବା କହିଥିଲେ। ମୁଖ୍ୟବକ୍ତା ଡ. ଦୋଳଗୋବିନ୍ଦ ବିଶି କୋଶଲ ସଂସ୍କୃତି, ବେଶଭୂଷା, ଖାଦ୍ୟପେୟ, ଚାଲିଚଳଣ ବର୍ତ୍ତମାନ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କରୁଥିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କବି ସୁଶାନ୍ତ ବାଗ ଓ ଅନ୍ୟତମ ଅତିଥି ଭାବେ ଡ. ଯୁଗଲ କିଶୋର ଷଡ଼ଙ୍ଗୀ ଯୋଗଦେଇଥିଲେ। ଅତିଥିମାନେ ପୁଷପୁନି ମାଟିର ପର୍ବ ବୋଲି କହିଥିଲେ। ଅନୁଷ୍ଠାନର ଟିକେଲାଲ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ କଳାକାର ନୀଳମଣି ସାହୁ, ଘିନୁ ଆଡ଼ୁଆଡ଼, ସଞ୍ଜୟ ଅଗସ୍ତି, ବୃନ୍ଦାବନ କୁମ୍ଭାର, ସଦାନନ୍ଦ ହୋତାଙ୍କ ସମେତ ଶତାଧିକ କୋଶଲ ସଂଗ୍ରାମୀ ଉପସ୍ଥିତ ଥିଲେ ।

# ତେଲଙ୍ଗାନାରେ ଦାଦନ ଶ୍ରମିକ ନିର୍ଯାତିତ

- ଉଦ୍ଧାର ପାଇଁ ନିବେଦନ
- ୨୬ରୁ ଜଣେ ଶ୍ରମିକଙ୍କୁ ଅପହରଣ ଅଭିଯୋଗ

ଲାଠୋର,୨।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ଢୋଲମାନ୍ଦଲ ଗ୍ରାମର ୬ଟି ପରିବାରର ୨୨ ଜଣ ମହିଳା,ପୁରୁଷ ଶ୍ରମିକ ଏବଂ ୬ ଜଣ ଶିଶୁ ଗତ ଏକ ମାସ ହେବ ତେଲଙ୍ଗାନା ରାଜ୍ୟକୁ କାମ କରିବାକୁ ଯାଇ ଅକଥନୀୟ ନର୍ଯ୍ୟାତନାର ଶିକାର ହେଉଥିବା ଜଣାଯାଇଛି। ଏ ନେଇ ଜଣେ ଶ୍ରମିକଙ୍କ ପରିବାରର ସଦସ୍ୟା ଭଗବତୀ ପରାଭୁଏ ଗତ ୩୧ ତାରିଖରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦାଖଲ କରି ନିର୍ଯାତିତ ଶ୍ରମିକମାନଙ୍କୁ ଯଥାଶୀଘ୍ର ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ହେଲେ ଶ୍ରମ ବିଭାଗ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କୁ ଉଦ୍ଧାର କରାଯାଇ ନାହିଁ। ତେଲଙ୍ଗାନାରୁ ମଧ୍ୟ ନିର୍ଯାତିତ ଶ୍ରମିକମାନେ ଜିଲା ଶ୍ରମ ଅଧିକାରୀଙ୍କୁ ଫୋନ ଯୋଗେ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି। କିନ୍ତୁ ଆମେ ସେଠାକାର ଶ୍ରମ ବିଭାଗକୁ ଚିଠି କରିଛୁ ବୋଲି କହି ନୀରବ ରହିବାରୁ ସେଠାରେ କାମ କରୁଥିବା ଶ୍ରମିକମାନଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସଂପୃକ୍ତ ମହିଳା ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଢୋଲମାନ୍ଦଲ ଗ୍ରାମର ଶ୍ୟାମସୁନ୍ଦର ପରାଭୁଏ, ପରକ୍ଷୀତ ପରାଭୁଏ, ସୁରଭି ପରାଭୁଏ, ଶତୃଘ୍ନ ପରାଭୁଏ, ଖେତୁ ମାଝି ଏବଂ ଖଗେଶ୍ୱର ମାଝିଙ୍କ ପରିବାରବର୍ଗଙ୍କୁ ତୁରେକେଲା ଗ୍ରାମର ଜଣେ ଦଲାଲ ଗତ ନଭେମ୍ବର ମାସରେ କିଛି ଟଙ୍କା ଅଗ୍ରୀମ ଦେଇ ତେଲେଙ୍ଗାନାର ସାଙ୍ଗାରେଡ଼ି ଜିଲା ଭୋଲାରାମ ଥାନା ଅଧୀନ କିଷ୍ଟାପଲ୍ଲୀସ୍ଥିତ ଏକ ଇଟା ଭାଟିକୁ ଇଟା ଗଢିବାକୁ ନେଇଥିଲେ। ସେଠାରେ କିଛି ଦିନ କାମ କରିବା ପରେ ମାଲିକ ଶ୍ରମିକମାନଙ୍କୁ ଦିନ ରାତି କାମରେ ଖଟାଉଛନ୍ତି। ଶ୍ରମିକମାନେ ଏହାର ପ୍ରତିବାଦ କଲେ ସେମାନଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିବାକୁ ପଛାଉ ନାହାନ୍ତି । ଖାଦ୍ୟପେୟ ବାବଦକୁ ଆବଶ୍ୟକ ଟଙ୍କା ଦେଉନାହାନ୍ତି। ସେଠାରେ ନିର୍ଯାତିତ ଶ୍ରମିକମାନଙ୍କ ମଧ୍ୟରୁ ବେଣୁଧର ପରାଭୁଏ ପ୍ରତିବାଦ କରିବାରୁ ମାଲିକ ୨୬ ଜାନୁୟାରୀ ରାତି ୧୦ ଟାରେ କେତେଜଣ ଲୋକଙ୍କୁ ଇଟାଭାଟିକୁ ଡକାଇ ସଂପୃକ୍ତ ଶ୍ରମିକଙ୍କୁ ମାଡ଼ ମାରିବା ସହ ଅପହରଣ କରି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ତାଙ୍କ ସମ୍ପର୍କୀୟମାନେ ପଚାରିଲେ କାମ କର ନ ହେଲେ ଜୀବନରୁ ମାରି ଦେବାକୁ ଧମକ ଚମକ ଦେଉଛନ୍ତି। ଏପରି କି ଶ୍ରମିକମାନଙ୍କ ମୋବାଇଲ ଫୋନ ନେଇ ଯାଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। କେବଳ ଗୋଟିଏ ମାତ୍ର ମୋବାଇଲ ଶ୍ରମିକମାନଙ୍କ ପାଖରେ ଥିବାରୁ ସେମାନେ ସେହି ମୋବାଇଲରୁ ଜିଲା ଶ୍ରମ ଅଧିକାରୀଙ୍କୁ ଯୋଗାଯୋଗ କରୁଛନ୍ତି। ଏନେଇ ଜିଲା ଅତିରିକ୍ତ ଶ୍ରମ ଅଧିକାରୀ କେଶବ ବେହେରାଙ୍କୁ ପଚାରିବାରେ ଆମେ ଯୋଗାଯୋଗ କରି ସମସ୍ତ ବ୍ୟବସ୍ଥା କରିଛୁ। ଶୀଘ୍ର ସେମାନଙ୍କୁ ଉଦ୍ଧାର କରାଯିବ ବୋଲି କହିଥିଲେ।


ତେଲଙ୍ଗାନାରେ ନିର୍ଯାତିତ ହେଉଥିବା ଦାଦନ ଶ୍ରମିକ।

# ନାକଟାସର ଦଳ ବିଜୟୀ


ଦ୍ୱିତୀୟ ଦିବସରେ ଉଭୟ ଦଳ ଖେଳାଳି ସହ ଅତିଥି ବୃନ୍ଦ ।

### ୧୧ତମ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଦିନରେ

ମୁରିବାହାଲ,୨।୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ୟୁଥ ଓ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୧୧ତମ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଦ୍ୱିତୀୟ ଦିବସରେ ମ୍ୟାଚ ନୂଆପଡା ଜିଲ୍ଲାର ଖଡ଼ିଆଳ ଓ ବଲାଙ୍ଗୀର ନକଟାସର ମଧ୍ୟରେ ହୋଇଥିଲା । ଏଥିରେ ଖଡ଼ିଆଳ ଦଳ ନକଟାସର ୧-୧ ଗୋଲ ଦେଇ ବରାବର ହେବା ଯୋଗୁ ଟ୍ରାଇବେକର ମାଧ୍ୟମରେ ନକଟାସର ଦଳ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବରେ ସେମି ଫାଇନାଲ ପ୍ରବେଶ କରିଛି । ଏହି ଅବସରରେ ବଲାଙ୍ଗୀର ଜିଲ୍ଲା ହସ୍ତଶିଳ୍ପ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅଜିତ ପ୍ରସାଦ ଭୋଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ପୋଲିସ ଅଧିକାରୀ ରବୀନ୍ଦ୍ର କୁମାର ସୁନା, ଉପବିଭାଗ ଅଧିକାରୀ ନକୁଳ ମାଝୀ, ଲିଲନ କୁମାର ପଟ୍ଟନାୟକ, ମଣି ଭୋଇ, ସଞ୍ଜୟ ବାଗ, ଗିରିଧାରୀ ସାହୁ, ଅଭିମନ୍ୟୁ ଛୁରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ମ୍ୟାଚକୁ ଦୁଷ୍ମନ୍ତ ସାହୁ, ଯୁବରାଜ ଭୋଇ, ଭୁଜରାଜ ଭୋଇ, ଶରତ ପଧାନ ପରିଚାଳନା କରିଥିଲେ । ଭୋଳା ଭୋଇ, ସମ୍ପାଦକ ପ୍ରଦୀପ କୁମାର ବଘାର, ଦିବ୍ୟସୁନ୍ଦର ସାହୁ, ବିକି ମହାରଣା, ସୁଧାଂଶୁ ଶେଖର ପୋଢ଼ ଯାଦବ, ପିଣ୍ଟୁ ଭୋଇ, ସେମନ୍ତ ବାଗ, ଗୋପୀନାଥ ମାଝୀ, ପ୍ରଫୁଲ୍ଲ କୁମାର ବଘାର, ଅଜିତ କୁମାର ତରିଆ ପ୍ରମୁଖ ସହଯୋଗ କରିଥିଲେ। ସୁଦାମ ଚରଣ ବଘାର ଓ ଲିଲୁ ମୋହନ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର କଣ୍ଟାବାଞ୍ଜି ସହ ବଲାଙ୍ଗୀର ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ।

### 'ଖେଳୁଆଡ଼ ମନୋଭାବ କ୍ରୀଡ଼ା ସହ ଅଞ୍ଚଳର ସାମଗ୍ରିକ ବିକାଶ କରେ'

ସକ୍‌ମା କ୍ରିକେଟ ଟୁର୍ନାମେଣ୍ଟ

ବଲାଙ୍ଗୀର,୨।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସକ୍‌ମା ଗାଁସ୍ଥିତ ଜାତୀୟ ସଂସ୍କୃତି ଜନମଙ୍ଗଳ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଯଦିଓ କୌଣସି କ୍ରୀଡାର ବିଶେଷ ଭିତ୍ତିଭୂମି ନାହିଁ ତଥାପି ଗାଁ ଯୁବକମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରି ଗ୍ରାମାଞ୍ଚଳରେ କ୍ରୀଡା ପ୍ରତିଭା ସୃଷ୍ଟି କରୁଛନ୍ତି। ଏହାସହିତ ଗ୍ରାମାଞ୍ଚଳରେ କ୍ରୀଡାର ପ୍ରଚାର ପ୍ରସାର କରିବା ପାଇଁ ଲୋକଙ୍କ ଭିତରେ ଖେଳୁଆଡ ମନୋଭାବ ଜାଗ୍ରତ କରୁଛନ୍ତି। ଏହା ଯେ କେବଳ କ୍ରୀଡା ଓ କ୍ରୀଡାବିତଙ୍କ ମନୋଭାବରେ ଉନ୍ନତି ଆଣୁଛି ତାହା ନୁହେଁ ବରଂ ଅଞ୍ଚଳରେ ଶାନ୍ତି ଓ ସଦ୍‌ଭାବନା ଜାରି ରହୁଛି ବୋଲି ମିଶ୍ର କହିଥିଲେ। ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଛନ୍ତି।

# ମନ୍ଦିର ସମ୍ମୁଖ ଆବର୍ଜନା ସଫେଇ ଦାବି

ଲୋଇସିଂହା,୨।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଯୋଗୀସର୍ଡାର ପ୍ରସିଦ୍ଧ ଯୋଗେଶ୍ୱର ଧାମ ସୌନ୍ଦର୍ଯ୍ୟକରଣ ପାଇଁ ଗ୍ରାମବାସୀଙ୍କ ତରଫରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ହାତକୁ ନିଆଯାଇଛି। ଏହି କ୍ରମରେ ଗଛର ଡାଳପତ୍ର କଟାଯିବା ସହିତ ମନ୍ଦିର ପାର୍ଶ୍ୱରେ ଥିବା ଦୋକାନ ଗୃହ ଭଙ୍ଗା ଚାଲିଛି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଉଭୟ ପକ୍ଷରୁ ୯ ଜଣ ବ୍ୟକ୍ତିଙ୍କୁ ଜେଲ ଯିବାକୁ ପଡ଼ିଛି। ଏହି ଘଟଣାକୁ ନେଇ ଗାଁରେ ଚାପା ଉତ୍ତେଜନା ଲାଗି ରହିଛି। ପରିସ୍ଥିତିକୁ ନଜରରେ ରଖିବା ପାଇଁ ଗାଁରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅଘଟଣ ଓ ଗିରଫଦାରି ପରେ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରହିଛି। ଏଣୁ ମନ୍ଦିର ସମ୍ମୁଖରେ ଗଛ ଡାଳପତ୍ର ଓ ଦୋକାନ ଗୃହ ଭଙ୍ଗାରୁଜାର ଆବର୍ଜନା ସ୍ତୁପ ପଡି ରହିଛି। ମନ୍ଦିର ସମ୍ମୁଖରେ ଆବର୍ଜନାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ମନ୍ଦିର ପାର୍ଶ୍ୱ ସ୍ୱଚ୍ଛତା ଆଣିବା ପାଇଁ ଜିଲା ଓ ପୋଲିସ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।


ମନ୍ଦିର ଆଗରେ ପଡିଥିବା ଡାଳପତ୍ର ଓ ଆବର୍ଜନା ।

# ଚାଉଳ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ: ଡ୍ରାଇଭର ମୃତ, ହେଲପର ଆହତ

ବେଲପଡ଼ା,୨।୨(ମନୋଜ କୁମାର ମିଶ୍ର): ବଲାଙ୍ଗୀର ଜିଲା ବେଲପଡ଼ା ନିକଟ ଭରୁଆମୁଣ୍ଡା ଚକବୁଲାନିଠାରେ ରବିବାର ଭୋର ସମୟରେ ଏକ ଚାଉଳ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକଟି ଭାରସାମ୍ୟ ହରାଇ ଓଲଟି ପଡିବାରୁ ଘଟଣାସ୍ଥଳରେ ଡ୍ରାଇଭରର ମୃତ୍ୟୁ ଘଟିଛି ଓ ହେଲପର ଆହତ ହୋଇଛନ୍ତି। ମୃତ ଡ୍ରାଇଭର ହେଲେ ଜନକ ହାତୀ । ତାଙ୍କ ଘର ବରଗଡ ଜିଲା ବୁଢେନ ଥାନା ଡଙ୍ଗରଚଚରା ଗ୍ରାମରେ। ଚାଉଳ ବୋଝେଇ ଟ୍ରକଟି ଛତିଶଗଡ଼ର ଚମ୍ପାରୁ କଣ୍ଟାବାଞ୍ଜି ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ଟ୍ରକକୁ ଜବତ କରିଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ ୩୧/୨୫ ରେ ମାମଲା ରୁଜୁ କରାଯାଇଛି ।

# ତୋଷାଳି ମହୋତ୍ସବ ଉଦ୍‌ଯାପିତ


ମହୋତ୍ସବରେ ମଞ୍ଚାସୀନ ଅତିଥି।

ଗୁଡଭେଲା,୨।୨(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ହାଇସ୍କୁଲ ପଡିଆଠାରେ ୩ ଦିନ ଧରି ଚାଲିଥିବା ଚତୁର୍ଥ ତୋଷାଳି ମହୋତ୍ସବ-୨୦୨୫ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ କମିଟିକୁ ପ୍ରୋତ୍ସାହିତ କରିବା ସହ ଏହି ଅବସରରେ ତୁଷୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅପଗ୍ରେଡ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିଟିଲାଗଡ ବିଧାୟକ ନବୀନ ଜୈନ, କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର ଦୋରା ଯୋଗ ଦେଇଥିଲେ। ବଡଗଡର ମା' ସମଲେଶ୍ୱରୀ ଢଲିଆ ଖୁସା କଳାପରିଷଦ, ଦେଓଗାଁର ବେନାର ମୁହୁରିଆ କଳାପରିଷଦ ଓ ତୋଷରାର ନଟରାଜ ସଙ୍ଗୀତ ବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଗୋଲଖ ମହାତୀର୍ଥ ଗୋଶାଳା ଉଦ୍‌ଘାଟିତ


ବାବା ଚିନ୍ମୟ ମହାରାଜ ଗୋଶାଳା ପରିସରରେ ପ୍ରବଚନ ପ୍ରଦାନ କରୁଛନ୍ତି ।

ବେଲପଡ଼ା,୨।୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ନିକଟସ୍ଥ ବାଲିଖମାର ଗ୍ରାମ ନିକଟରେ ଗୋଲଖ ମହାତୀର୍ଥ ଗୋଶାଳା ମାରୁତି ଆଶ୍ରମର ବାବା ଶ୍ରୀ ଚିନ୍ମୟ ଦାସ ଜୀ ମହାରାଜଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପୁରୀରୁ ବାବା ଦୟାନିଧି ଦାଶ ଜୀ ମହାରାଜ ଓ ଅନ୍ୟାନ୍ୟ ସାଧୁ ସନ୍ଥ ଯୋଗ ଦେଇଥିଲେ। ଚିନ୍ମୟ ମହାରାଜ ମହାରାଜ ଗୋପାଳନର ଉଦ୍ଦେଶ୍ୟ ଓ ମହନୀୟତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନବନିର୍ମିତ ଗୋଶାଳା ପରିସରରେ ପଞ୍ଚକୁଣ୍ଡୀୟ ସୁରଭି ମହାଯଜ୍ଞ ହୋଇଥିଲା । ପ୍ରଥମ ଦିବସରେ ୧୦ ଯୋଡ଼ି କର୍ତ୍ତା ରହିଥିଲା ବେଳେ ଅପରାହ୍ନ ୪ଟାରେ ବାବା ଚିନ୍ମୟ ମହାରାଜ ଭଗବତ କଥା ଉପରେ ପ୍ରବଚନ ପ୍ରଦାନ କରିଥିଲେ। ପ୍ରବଚନ ଶୁଣିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା । ଗୋଶାଳା ପରିସରରେ ବିଭିନ୍ନ ଷ୍ଟଲ ଖୋଲାଯାଇଛି। ସୁରଭି ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗୋଶାଳା କମିଟି ପକ୍ଷରୁ ପ୍ରକାଶ।

**KINJIRKELA HIGHER SECONDARY SCHOOL, KINJIRKELA**
BLOCK - BALISANKARA, DIST - SUNDARGARH – 770015
Regd. No. S.G.D. 1252-60/93-94
**URGENTLY REQUIRED**
Interview for the post of **Lecturer in Odia** candidate most having minimum 55% marks in P.G. Level.
Desire candidates are requested to apply for the above post with their bio-data, self attested Xerox copy of all certificate and documents and one recent passport size photo apply on or before 15 days from the advertisement.
Principal-Cum-Secretary
Kinjirkela Higher Secondary School, Kinjirkela
Dist : Sundargarh

**ସମଗ୍ର ଶିକ୍ଷା, କଳାହାଣ୍ଡି** No.n–201
Letter No. 226 Dtd.31.01.25
**ନିଯୁକ୍ତି ବିଜ୍ଞାପନ**
କଳାହାଣ୍ଡି ଜିଲ୍ଲାର ବିଭିନ୍ନ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ଚୁକ୍ତିଭିତ୍ତିକ ପଦବୀ ଯଥା– Warden, Accountant, Part Time Teachers (English), Part Time Teachers (Sanskrit / Hindi), Part Time Teachers (Science / Mathematics) ପଦବୀ କେବଳ ମହିଳା ପ୍ରାର୍ଥିନୀମାନଙ୍କଠାରୁ ଆବଶ୍ୟକ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଥିବା ମହିଳା ପ୍ରାର୍ଥିନୀମାନେ ଜିଲ୍ଲା ୱେବ୍‌ସାଇଟ www.kalahandi.odisha.gov.inରୁ ଆବଶ୍ୟକ ଦରଖାସ୍ତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଓ୍ୱାରୀ ଖାଲି ପଡ଼ିଥିବା ତାଲିକା ଓ ଆବେଦନ କରିବା ପାଇଁ ଅନ୍ୟାନ୍ୟ ତଥ୍ୟ ଡାଉନ୍‌ଲୋଡ କରି ତା୩।୨।୨୫ରିଖରୁ ୧୧।୦୨।୨୦୨୫ ତାରିଖ ସନ୍ଧ୍ୟା ୫ ଘଟିକା ସୁଦ୍ଧା ଆବେଦନ କରିବା ପାଇଁ ସୂଚାଇ ଦିଆଗଲା।
ଜିଲ୍ଲାପାଳ ତଥା ଅଧକ୍ଷ, ସମଗ୍ର ଶିକ୍ଷା, କଳାହାଣ୍ଡିଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲା ଶିକ୍ଷାଧିକାରୀ-ତଥା-ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, କଳାହାଣ୍ଡି
OIPR–27172/11/0003/2425

**NOTICE**
DIST-BOLANGIR
COURT OF SENIOR CIVIL JUDGE, TITILAGARH
Execution case No.1/2016
Food Corporation of India, District Office, Titilagarh. ... D.Hr.
Versus
Utkal Roller Flour Mills Pvt. Ltd. & others. ... J.Drs.
To
(i) Utkal Roller Flour Mills Pvt. Ltd., Cherupali.
(ii) Thawar mal Swamy, S/o Baluram Swamy.
(iii) Suresh Kumar Swamy, S/o Baluram Swamy.
All resident of At/P.O. Cherupali, P.S.Dunguripali,Civil Judgeship- B.Rampur, District Sonepur, Odisha. ...J.Drs.
Where as Area Manager Food Corporation of India on behalf of Food Corporation of India, District Office, Titilagarh has made application to this court for execution of decree in Civil suit No.84/2009 on the allegation that you are the judgement Debter in the case. This is to give you notice to appear before this court on the day of 20.02.2025. to show cause why execution should not be granted.
Given under my hand and the seal of the court this 18th day of January 2025.
Sd/-
Civil Judge. (SD)

No.E-
**State Health Assurance Society**
A1 Block, 2nd Floor, Toshali Bhawan, Satya Nagar
Unit-9, Bhubaneswar – 751007, Odisha
Phone/Fax :0674-2620500
**TENDER CALL NOTICE FOR PRINTING & SUPPLY OF ENVELOP, ABPMJAY-GJAY CARD HOLDER (POUCH), FAQ (LEAFLET) & HCM LETTER**
**Tender Advt. No. 01/2025** **Date: 03.02.2025**
Sealed tenders are invited from registered agencies (with GST registration having GSTIN) having adequate experience in taking up the works of composing /proof reading / designing and printing. Details regarding the design of these items, specifications, printing and supply terms & conditions may be downloaded from the websites: www.nhmodisha.gov.in (under link "Tender"). A pre-bid meeting shall be held on **06.02.2025, 03.30 PM at NHM Conference Hall, Unit-8, Bhubaneswar**. The tender should reach the office of the undersigned by **10.02.2025 (till 03.00 PM)**. The Tender will be opened at **04.00 PM on 10.02.2025 at NHM Conference Hall, Unit-8, Bhubaneswar.** Any changes in the tender document including extension if any shall only be notified in the website mentioned above.
The undersigned reserves the right to reject any or all the tenders / cancel the tender without assigning any reason thereof.
Sd/
Chief Executive Officer
State Health Assurance Society, Odisha
OIPR-10170/11/0008/2425

## ସଂକ୍ଷେପରେ

### ଗଛରେ ଚଢ଼ିଥିବା ଭାଲୁକୁ ଘଉଡ଼ାଇଲା ବନ ବିଭାଗ

ବାଉଁଶୁଣୀ,୨।୨(ଦେବାଶିଷ ନେପାକ)

ବୌଦ୍ଧ ଜିଲା ମନମୁଣ୍ଡା ରେଞ୍ଜ ଲୁମୁରୁଜନା ଗାଁ ପାଖ ପୁତନା ଜଙ୍ଗଲରେ ମହୁ ଖାଇବାକୁ ଆସି ଲୋକଙ୍କ କୋଳାହଳରୁ ଗଛରେ ଚଢିରହିଥିବା ଭାଲୁକୁ ରବିବାର ଅପରାହ୍ନ ୫ଟାରେ ବନ ବିଭାଗ ସୁରକ୍ଷିତ ଭାବେ ଜଙ୍ଗଲକୁ ଘଉଡ଼ାଇଛି । ଏକ ଭାଲୁ ମହୁ ଖାଇବା ପାଇଁ ଫଣା ଥିବା ଗଛ ଉପରକୁ ଚଢିଥିଲା । ସକାଳୁ ଗାଁ ଲୋକେ ଦେଖି ବନ ବିଭାଗକୁ ଜଣାଇଥିଲେ। ଗଛ ନିକଟରେ ଜନ ଗହଳି ବୃଦ୍ଧି ପାଇଥିଲା। ଫଳରେ ଭାଲୁ ଦୀର୍ଘ ସମୟ ଗଛ ଉପରେ ରହିଥିଲା। ବନ ବିଭାଗ ଟିମ ଆସିବା ପରେ ଭାଲୁ ଗଛରୁ ଓହ୍ଲାଇବା ପରେ ଜଙ୍ଗଲକୁ ଯାଇଥିଲା ।

### ଗିରଫ ନକଲି ପୋଲିସ କୋର୍ଟ ଚାଲାଣ

ବାଉଁଶୁଣୀ,୨।୨(ଦେବାଶିଷ ନେପାକ)

ଜାତୀୟ ରାଜପଥ ନଂ ୫୭ର ବାଉଁଶୁଣୀ ଥାନା ସିଙ୍ଗାରୀ ନିକଟରୁ ଲୋକଙ୍କ ଦ୍ୱାରା ଧରାପଡିଥିବା ନକଲି ପୋଲିସକୁ ରବିବାର ଅପରାହ୍ନ ସାଢ଼େ ୫ଟାରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୈଳାଶ ଜଗଦଲା। ସ୍ଥାନୀୟ ଥାନା ଅଞ୍ଚଳର କେତେଜଣ ପୋଲିସ ପୋଷାକରେ ଜଣେ ଯୁବକଙ୍କୁ ଶୁକ୍ରବାର ସନ୍ଧ୍ୟାରେ ସିଙ୍ଗାରୀ ନିକଟରେ ଅଟକାଇ ଚାନ୍ଦା ମାଗୁଥିଲେ। ସେମାନଙ୍କ ମଧ୍ୟରୁ କୈଳାଶଙ୍କୁ ଲୋକେ ପୋଲିସ ଜିମା ଦେଇଥିଲେ। ଅନ୍ୟ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ।

### ରାଜ୍ୟ ପୋଲିସ କ୍ରିକେଟ୍ ଟିମ୍‌ରେ ବି.ପୁରୁଷୋତ୍ତମ



ସୋନପୁର,୨।୨(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ପୋଲିସ କ୍ରିକେଟ୍ ଟିମ୍ ପାଇଁ ସୁବର୍ଣ୍ଣପୁରରୁ ବି ପୁରୁଷୋତ୍ତମ ବିକ୍ରମ ପାତ୍ର ମନୋନିତ ହୋଇଛନ୍ତି। ଫେବୃଆରୀ ୪ ତାରିଖରୁ ଆସାମ ରାଜ୍ୟର ଗୌହାଟିରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ପୋଲିସ ଜୋନାଲ କ୍ରିକେଟ୍ ଟୁର୍ନାମେଣ୍ଟରେ ଓଡ଼ିଶା ରାଜ୍ୟ ପୋଲିସ ଦଳରେ ସେ ସାମିଲ ହେବେ। ବି ପୁରୁଷୋତ୍ତମ ସୁବର୍ଣ୍ଣପୁର ଏସ୍‌ପି ଅଫିସରେ କନଷ୍ଟେବଳ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଶନିବାର ଗୌହାଟି ଅଭିମୁଖେ ଯାତ୍ରା କରିଛନ୍ତି। ଜାନୁଆରୀ ୨୩ରୁ ୨୭ ପର୍ଯ୍ୟନ୍ତ କଟକ ଓଏସଏପି ଷଷ୍ଠ ବାଟାଲିୟନ ପଡିଆରେ ରାଜ୍ୟ ପୋଲିସ କ୍ରିକେଟ୍ ଟିମ୍ ଚୟନ ପାଇଁ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବି ପୁରୁଷୋତ୍ତମ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ରାଜ୍ୟ ଟିମ୍‌କୁ ମନୋନିତ ହୋଇଥିଲେ। ସେ ଦୀର୍ଘ ବର୍ଷ ହେବ ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ଏଥିପାଇଁ ସୁବର୍ଣ୍ଣପୁର ପୋଲିସ କର୍ମଚାରୀ ଓ ଜିଲା କ୍ରିକେଟ୍ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ୨୩୯ ଚାକିରିଆ ଫେରାଇଲେ ରାଶନ କାର୍ଡ

ସୋନପୁର,୨।୨(ମୃତ୍ୟୁଞ୍ଜୟ ଶତପଥୀ)

- ମାଗଣା ଚାଉଳ ନେଇଥିଲେ
- ହିତାଧିକାରୀ ଥିଲେ ଅଧାପକ, ଶିକ୍ଷକ, ସରକାରୀ ଓକିଲ, ନର୍ସିଂ ଅଫିସର, ପୋଲିସ ଓ ଅବକାରୀ ଅଧିକାରୀ

**ଧରିତ୍ରୀ ପ୍ରଭାବ**

ରାଶନ କାର୍ଡ ନେଇଥିବା ସୁବର୍ଣ୍ଣପୁର ଜିଲାର ୨୩୯ ସରକାରୀ ଚାକିରିଆ କାର୍ଡ ଫେରସ୍ତ କଲେଣି। ଜିଲା ପ୍ରଶାସନ ନିକଟରୁ ରବିବାର ସନ୍ଧ୍ୟା ସୁଦ୍ଧା ଏହି ତଥ୍ୟ ମିଳିଛି। ରାଶନ କାର୍ଡ ଫେରସ୍ତକାରୀଙ୍କ ମଧ୍ୟରେ ଅଧାପକ, ଶିକ୍ଷକ, ନର୍ସିଂ ଅଫିସର, କନେଷ୍ଟବଳ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରହିଛନ୍ତି। ସୋମବାର ଓ ମଙ୍ଗଳବାର ଏହି ସଂଖ୍ୟା ଆହୁରି ବଢିବ ବୋଲି ଜଣେ ଅଧିକାରୀ କହିଛନ୍ତି। କ୍ଷୁଧା ଦୂର କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କୁ ମାଗଣା ଚାଉଳ ଯୋଗାଉଛନ୍ତି। କିନ୍ତୁ ଏହି ଚାଉଳ ଗରିବଙ୍କ ବଦଳରେ ଧନୀକ ଶ୍ରେଣୀର ଲୋକ ବାଟମାରଣା କରିଛନ୍ତି। ସରକାରୀ ଚାକିରିଆ, ଆୟକର ରିଟର୍ନ ଦାଖଲ କରୁଥିବା ବ୍ୟକ୍ତି ଚଞ୍ଚକତା କରି କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ସୁବର୍ଣ୍ଣପୁର ଜିଲାରେ ସରକାରୀ କର୍ମଚାରୀ ଅସାଧୁ ଉପାୟ ଅବଲମ୍ବନ କରି ଗରିବଙ୍କ ରାଶନ କାର୍ଡ ହାତେଇବା ସହ ପ୍ରତିମାସ ସରକାରଙ୍କ ମାଗଣା ଚାଉଳ ନେଇଛନ୍ତି। ଏ ସମ୍ପର୍କରେ ଧରିତ୍ରୀରେ ୮୦୯ ଚାକିରିଆ ହାତେଇଛନ୍ତି ରାଶନ କାର୍ଡ ଶିର୍ଷକ ଏକ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ନେଇ ଜିଲାରେ ବୁଦ୍ଧିଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗରିବଙ୍କ ପାଇଁ ଉଦ୍ଦିଷ୍ଟ ମାଗଣା ଚାଉଳ ନେଇଥିବା ସରକାରୀ ଚାକିରିଆଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଥିଲା। ଏହା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ଛନକା ପଶିଛି। ତେଣୁ କାର୍ଯ୍ୟାନୁଷ୍ଠାନ ଭୟରେ ଅଯୋଗ୍ୟ ହିତାଧିକାରୀମାନେ ରାଶନ କାର୍ଡ ଫେରସ୍ତ କରୁଥିବା ଜିଲାର ବିଡିଓ ମାନେ ପ୍ରକାଶ କରିଛନ୍ତି।

ଗଫଲତି କରି ମାସିକ ୪୦ ହଜାରରୁ ୧ଲକ୍ଷ ପର୍ଯ୍ୟନ୍ତ ଦରମା ପାଉଥିବା ସରକାରୀ ଚାକିରିଆ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ରାଶନ କାର୍ଡ ହାତେଇବା ସହ ବର୍ଷ ବର୍ଷ ଧରି ମାଗଣା ଚାଉଳ ନେଇଥିଲେ। ଅନ୍ୟପକ୍ଷେ ଜିଲାର ଅନେକ ଗରିବ ଲୋକ ନିଜର ଭୋକ ମେଣ୍ଟାଇବା ପାଇଁ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ପାରିନାହାନ୍ତି। ତଥ୍ୟ ଅନୁଯାୟୀ ଜିଲାର ୬ଜଣ ଅଧାପକଙ୍କ ନାଁରେ ରାଶନ କାର୍ଡ ରହିଛି। ବିନିକା ବ୍ଲକ ଅଞ୍ଚଳରେ ଜଣେ ସରକାରୀ ଓକିଲ, ଜିଲାର ଶତାଧିକ ଶିକ୍ଷୟତ୍ରୀ ଶିକ୍ଷକ, ନର୍ସିଂ ଅଫିସର, ଅଙ୍ଗନୱାଡି ସୁପରଭାଇଜର, ପଞ୍ଚାୟତ ନିର୍ବାହୀ ଅଧିକାରୀ, କିରାଣୀ, ପୋଲିସ ଅଧିକାରୀ, କନେଷ୍ଟବଳ, ବନରକ୍ଷୀ ଓ ଅବକାରୀ ନୀରିକ୍ଷକଙ୍କ ନାମରେ ରାଶନ କାର୍ଡ ଅଛି। ପ୍ରତି ମାସରେ ଉକ୍ତ କାର୍ଡରେ ଚାଉଳ ଉଠାଯାଉଛି। ରାଶନ କାର୍ଡ ଜରିଆରେ ଅନ୍ୟାନ୍ୟ ସରକାରୀ ସୁବିଧା ବି ପାଉଛନ୍ତି। ଜିଲା ବାହାରେ ପ୍ରତିଷ୍ଠିତ ସଂସ୍ଥାରେ ଚାକିରି କରୁଥିବା କିଛି ଅଧିକାରୀ ନିଜକୁ ଗରିବ ଦର୍ଶାଇ ଚାଉଳ ନେଇଛନ୍ତି। ଜିଲାର ଡୁଙ୍ଗୁରିପାଲି ବ୍ଲକରେ ୧୭୬ଜଣ ସରକାରୀ କର୍ମଚାରୀ ନିଜ ନାମରେ ରାଶନ କାର୍ଡ ନେଇଥିଲେ, ସେଥିମଧ୍ୟରୁ ୪୬ ଜଣ କାର୍ଡ ଫେରସ୍ତ କରିଛନ୍ତି। ବିନିକା ବ୍ଲକରେ ୩୭ଜଣ, ବିନିକା ସହରରେ ୨ଜଣ, ବୀରମହାରାଜପୁର ବ୍ଲକରେ ୩୫ଜଣ, ସୋନପୁର ବ୍ଲକରେ ୨୧ଜଣ, ସୁବର୍ଣ୍ଣପୁର ସହରରେ ୨୧ଜଣ, ତରଭା ବ୍ଲକରେ ୩୭ଜଣ, ତରଭା ସହରରେ ୮ଜଣ ଓ ଉଲୁଣ୍ଡା ବ୍ଲକରେ ୩୨ଜଣ ରାଶନ କାର୍ଡ ଫେରାଇଛନ୍ତି। ଖବର ପ୍ରକାଶ ପାଇବା ପରେ ଏବେ ସରକାରୀସ୍ତରରେ ଧରପଗଡ ଆରମ୍ଭ ହୋଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଯୋଗାଣ ସହାୟକଙ୍କୁ ନେଇ ତଦନ୍ତ ଟିମ୍ ଗଠନ ହୋଇଛି। ସେମାନେ ନିଜ ପଞ୍ଚାୟତର ତାଲିକା ପ୍ରସ୍ତୁତ କରିବା ସହ ରାଶନ କାର୍ଡ ଫେରସ୍ତ ପାଇଁ ଦରଖାସ୍ତ ଗ୍ରହଣ କରୁଛନ୍ତି। ନୂଆ ସରକାର ଆସିବା ପରେ ଭୂତ ହିତାଧିକାରୀଙ୍କ ସଂଖ୍ୟା ଜାଣିବା ଓ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାଶନ କାର୍ଡ ଯୋଗାଇଦେବା ଉଦ୍ଦେଶ୍ୟ ନେଇ ରାଶନ କାର୍ଡ ସହିତ ଇ-କେୱାଇସି ଅପଡେଟ୍ କରାଯାଉଛି। ଜୁନ୍ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ହିତାଧିକାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାର ଅବଧି ପୁଣି ଥରେ ଫେବୃଆରୀ ୧୫ ତାରିଖ ଯାଏ ବୃଦ୍ଧି ହୋଇଛି।



ରାମାନୁଜନ ବିଦ୍ୟାର୍ଥୀ ପ୍ରଭାତ ଶାଖାର ବାର୍ଷିକ ଉତ୍ସବରେ ଉପସ୍ଥିତ ଶାଖାର ସଦସ୍ୟମାନେ।

## ଶ୍ରୀନିବାସ ରାମାନୁଜନ ଶାଖାର ବାର୍ଷିକ ଉତ୍ସବ

ଅମରପାଲି,୨।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ପରିସରରେ ଶ୍ରୀନିବାସ ରାମାନୁଜନ ବିଦ୍ୟାର୍ଥୀ ପ୍ରଭାତ ଶାଖାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର କଲେଜର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମୁଖ୍ୟ କର୍ଣ୍ଣେଲ ସୂର୍ଯ୍ୟନାରାୟଣ ପଣ୍ଡା ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଶ୍ଚିମ ପ୍ରାନ୍ତର ସହ-ପ୍ରଚାର ପ୍ରମୁଖ ପ୍ରଣବ କୁମାର ନାୟକ ମୁଖ୍ୟବକ୍ତା, ଜିଲା ସଂଘଚାଳକ ଦିଲ୍ଲୀପ ତ୍ରିପାଠୀ ଓ ସହ-ସଂଘଚାଳକ ଜୟଦ୍ରଥ ଜଗଦଲା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଶାଖା କାର୍ଯ୍ୟବାହ ବିକାଶ ମହାକୁଡ ବିବରଣୀ ପଠନ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅରୁଣ ରଣା ମୁଖ୍ୟ ଶିକ୍ଷକ, ସୁମନ ବିଶାଳ ପ୍ରାର୍ଥନା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ସ୍ୱୟଂ ସେବକମାନେ ଦଣ୍ଡ, ସମତା, ନିଯୁଦ୍ଧ ଆଦି ବିଭିନ୍ନ ଶାରିରିକ କୌଶଳ ଓ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଶାଖାର ପାଳକ ଅଧିକାରୀ ପ୍ରଧାନ ଶିକ୍ଷକ ପଙ୍କଜ ଖମାରୀ, ଅନୁଷ୍ଠାନର ଅନ୍ୟତମ ବରିଷ୍ଠ ଶିକ୍ଷକ ତଥା ଖଣ୍ଡ ପ୍ରଚାର ପ୍ରମୁଖ ଯୁଧିଷ୍ଠିର ଖମାରୀ ତଥା ଅନ୍ୟାନ୍ୟ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁ ଭଉଣୀଭାଇମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ସୁବଳୟା ଯୁକ୍ତ ୨ କଲେଜ ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଅମରପାଲି, ୨।୨(ପୀତାମ୍ବର ସାହୁ)



ଅଧକ୍ଷ ଭୋଳାନାଥ କର୍ମୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଯୁକ୍ତ ୨ କଲେଜ ଅଧକ୍ଷ ଭୋଳାନାଥ କର୍ମୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ରମାକାନ୍ତ ପୁରୋହିତ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଦେବାଶିଷ ପଧାନ ସଭା ପରିଚାଳନା କରିଥିଲେ। ସଭାରେ ସୁବଳୟା ଡିଗ୍ରୀ କଲେଜ ଅଧକ୍ଷ ବଳଦେବ ପୂଜାରୀ, ସୋନପୁର କଲେଜର ରାଜେନ୍ଦ୍ର ରଣା, ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ମଦନସୁନ୍ଦର କ୍ଷେତୀ, ବୀରମହାରାଜପୁର କଲେଜର ବିଜୟ ପୁରୋହିତ, ପ୍ରକାଶ ସେଠ ଯୋଗଦେଇଥିଲେ। ଅତିଥିମାନେ କର୍ମୀଙ୍କ ଚାକିରି ସମୟର କାର୍ଯ୍ୟାବଳୀର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଖଣ୍ଡହତା କଲେଜ, ଜିଲା ତୁମାଲ ପରିଷଦ, ସୁବଳୟା ମିଶନ ଶକ୍ତି ସଦସ୍ୟା, ଯୁବ ଛାତ୍ର ସଂସଦ ଆଦିର କର୍ମକର୍ତ୍ତା ଯୋଗଦେଇ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ କଲେଜର ଲାଇବ୍ରେରୀକୁ ଭୋଳାନାଥ କର୍ମୀଙ୍କ ନାମରେ ନାମିତ କରାଯିବ ବୋଲି ଘୋଷଣା କରାଯାଇଥିଲା। ପ୍ରଜ୍ଞାକଳ୍ପିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ନଗର ପରିକ୍ରମା କରାଯାଇ ଏକ ଭାବବିହ୍ୱଳ ପରିବେଶରେ ତାଙ୍କୁ ଟେଭାପଦର ସ୍ଥିତ ବାସଭବନ ଯାଏ ପାଛୋଟି ନିଆଯାଇଥିଲା। ଶ୍ରୀ କର୍ମୀ ଦୀର୍ଘ ୩୬ ବର୍ଷର କାର୍ଯ୍ୟକାଳ ମଧ୍ୟରେ ୧୯୯୧ରୁ ୧୯୯୬ ଓ ୨୦୧୬ରୁ ଅବସର ଯାଏ କଲେ ଅଧକ୍ଷ ଦାୟିତ୍ୱ ତୁଲାଇଥିଲେ ।

## ସରସ୍ୱତୀ ପୂଜା ପାଇଁ ସ୍କୁଲ ଯାଉଥିବା ବେଳେ ବାଇକ ଦୁର୍ଘଟଣାଗ୍ରସ୍ତ

**ଜଣେ ଛାତ୍ର ମୃତ, ଅନ୍ୟ ଜଣେ ଗୁରୁତର**

ଅମରପାଲି,୨।୨(ପୀତାମ୍ବର ସାହୁ)

ସରସ୍ୱତୀ ପୂଜାରେ ଘଟିଛି ଦୁଃଖଦ ଘଟଣା। ପୂଜା ପାଇଁ ବାଇକରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ହାଇସ୍କୁଲକୁ ଯାଉଥିବାବେଳେ ଦୁର୍ଘଟଣା ଘଟି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଛାତ୍ର ଚୌକା ଗ୍ରାମର ନରେନ୍ଦ୍ର ମହାକୁରଙ୍କ ପୁତ୍ର ତନ୍ମୟ(୧୪)। ଗୁରୁତର ଆହତ ଛାତ୍ର ଯୁଧିଷ୍ଠିରପୁର ଗ୍ରାମର କପିଳାସ ମଲ୍ଲିକଙ୍କ ପୁତ୍ର ଦେବାଶିଷ(୧୫) । ତନ୍ମୟ ନବମ ଶ୍ରେଣୀର ଛାତ୍ର ଥିବାବେଳେ ଦେବାଶିଷ ଦଶମରେ ପଢୁଥିଲେ। ସକାଳେ ଉଭୟେ ଏକ ବାଇକ ଯୋଗେ ସ୍କୁଲ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ସିମେଣ୍ଟ ପୋଲରେ ପିଟି ହୋଇଯାଇଥିଲେ। ଉଭୟେ ଗାଡିରୁ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ହେଁ ଆସିବାରେ ବିଳମ୍ବ ହୋଇଥିଲା। ତେବେ ସେହି ରାସ୍ତାରେ ବୀରମହାରାଜପୁର ବ୍ଲକର ପୂର୍ବତନ ଅଧକ୍ଷ ସନ୍ତୋଷ ଭୋଇ ଯାଉଥିବା ବେଳେ ସେ ତାଙ୍କ ଗାଡ଼ିରେ ଉଭୟଙ୍କୁ ବୀରମହାରାଜପୁର ଡାକ୍ତରଖାନ ନେଇଥିଲେ। ଡାକ୍ତରଖାନାରେ ତନ୍ମୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଦେବାଶିଷଙ୍କୁ ଅଧିକ ଚିକିତ୍ସା ପାଇଁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତଖାନାକୁ ପ୍ରେରଣ କରାଯାଇଛି। ବୀରମହାରାଜପୁର ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଆଇଆଇସି ଶୋଭାକର ସେଠ କହିଛନ୍ତି।

## ସିଂଘିଯୁବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



ସିଂଘିଯୁବା ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବିନିକା, ୨।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାଜକୁମାର ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବୀରମହାରାଜାପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଯୋଗଦେଇଥିଲେ। ସ୍କୁଲର ନୂତନ କୋଠା ନିର୍ମାଣ, ପାନୀୟ ଜଳ ସମସ୍ୟାର ସମାଧାନ ଓ ଶୌଚାଳୟ ନିର୍ମାଣ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷକ ନିରଞ୍ଜନ ପଧାନ ଯୋଗଦେଇ ପାଠପଢି ଭଲମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

ସମ୍ମାନୀତ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁର, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ପୁଷ୍ଟି ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ପ୍ରଧାନଶିକ୍ଷକ ରାଜକୁମାର ମହାକୁର, ନିରାକାର କର୍ଣ୍ଣ ମଞ୍ଚାସୀନ ଥିଲେ। ଶିକ୍ଷକ ନିରଞ୍ଜନ ପଧାନ ମୁଖ୍ୟବକ୍ତାଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। କ୍ରିଷ୍ଣାମଇ ମହତ୍ତମ ସଭା ପରିଚାଳନା କରିଥିଲେ। ଶିକ୍ଷକ ହୃଦାନନ୍ଦ ପଧାନ, ଉମାକାନ୍ତ ରଣା, ରଞ୍ଜୁ ଦାସ, ବିନୋଦ କୁମାର ବେହେରା, ବିକାଶ କୁମାର ବାରିକ, ଦୟାନନ୍ଦ ପଧାନ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**KINJIRKELA HIGHER SECONDARY SCHOOL, KINJIRKELA**
BLOCK - BALISANKARA, DIST - SUNDARGARH – 770015
Regd. No. S.G.D. 1252-60/93-94
**URGENTLY REQUIRED**
Interview for the post of **Lecturer in Odia** candidate most having minimum 55% marks in P.G. Level.
Desire candidates are requested to apply for the above post with their bio-data, self attested Xerox copy of all certificate and documents and one recent passport size photo apply on or before 15 days from the advertisement.
Principal-Cum-Secretary
Kinjirkela Higher Secondary School, Kinjirkela
Dist : Sundargarh

**ସମଗ୍ର ଶିକ୍ଷା, କଳାହାଣ୍ଡି** No.n-201
Letter No. 226 Dtd.31.01.25
**ନିଯୁକ୍ତି ବିଜ୍ଞାପନ**
କଳାହାଣ୍ଡି ଜିଲ୍ଲାର ବିଭିନ୍ନ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ଚୁକ୍ତିଭିତ୍ତିକ ପଦବୀ ଯଥା- Warden, Accountant, Part Time Teachers (English), Part Time Teachers (Sanskrit / Hindi), Part Time Teachers (Science / Mathematics) ପଦବୀ କେବଳ ମହିଳା ପ୍ରାର୍ଥିନୀମାନଙ୍କଠାରୁ ଆବଶ୍ୟକ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଥିବା ମହିଳା ପ୍ରାର୍ଥିନୀମାନେ ଜିଲ୍ଲା ୱେବ୍‌ସାଇଟ www.kalahandi.odisha.gov.inରୁ ଆବଶ୍ୟକ ଦରଖାସ୍ତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟୱାରୀ ଖାଲି ପଡ଼ିଥିବା ତାଲିକା ଓ ଆବେଦନ କରିବା ପାଇଁ ଅନ୍ୟାନ୍ୟ ତଥ୍ୟ ଡାଉନ୍‌ଲୋଡ କରି ତା୩୧।୨୫ରିଖରୁ ୧୧।୦୨।୨୦୨୫ ତାରିଖ ସନ୍ଧ୍ୟା ୫ ଘଟିକା ସୁଦ୍ଧା ଆବେଦନ କରିବା ପାଇଁ ସୂଚାଇ ଦିଆଗଲା।
ଜିଲ୍ଲାପାଳ ତଥା ଅଧକ୍ଷ, ସମଗ୍ର ଶିକ୍ଷା, କଳାହାଣ୍ଡିଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲା ଶିକ୍ଷାଧିକାରୀ-ତଥା-ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, କଳାହାଣ୍ଡି
OIPR-27172/11/0003/2425

**NOTICE**
DIST-BOLANGIR
COURT OF SENIOR CIVIL JUDGE, TITILAGARH
Execution case No.1/2016
Food Corporation of India, District Office, Titilagarh. ... D.Hr.
Versus
Utkal Roller Flour Mills Pvt. Ltd. & others. ... J.Drs.
To
(i) Utkal Roller Flour Mills Pvt. Ltd., Cherupali.
(ii) Thawar mal Swamy, S/o Baluram Swamy.
(iii) Suresh Kumar Swamy, S/o Baluram Swamy.
All resident of At/P.O. Cherupali, P.S.Dunguripali,Civil Judgeship- B.Rampur, District Sonepur, Odisha. ...J.Drs.
Where as Area Manager Food Corporation of India on behalf of Food Corporation of India, District Office, Titilagarh has made application to this court for execution of decree in Civil suit No.84/2009 on the allegation that you are the judgement Debter in the case. This is to give you notice to appear before this court on the day of 20.02.2025. to show cause why execution should not be granted.
Given under my hand and the seal of the court this 18th day of January 2025.
Sd/-
Civil Judge. (SD)

## ପାୱାର କପ୍ କ୍ରିକେଟ୍ ଟୁର୍ନାମେଣ୍ଟ: ଏଏମ୍‌ସି ଏକାଦଶ ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ଦଳ।

ବୌଦ୍ଧ,୨।୨(ଅଜିତ କୁମାର ବାରିକ)

ବୌଦ୍ଧ ବିଦ୍ୟୁତ ବିଭାଗ ଆନୁକୂଲ୍ୟରେ ବୌଦ୍ଧ ଜିଲା ଷ୍ଟାଡିୟମଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ପାୱାର କପ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୪ ଗୋଟି ଦଳ ଅଂଶଗ୍ରହଣ କରିଥିବାବେଳେ ରବିବାର ଏହାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲ ଖେଳ ଡିଭିଜନ ଏକାଦଶ ଓ ଏଏମସି ଏକାଦଶ ମଧ୍ୟରେ ହୋଇଥିଲା। ଡିଭିଜନ ଏକାଦଶ ୧୨ ଓଭରରେ ୫ ଉଇକେଟ ହରାଇ ୮୨ ରନ କରିଥିବାବେଳେ ଏଏମ୍‌ସି ଏକାଦଶ କୌଣସି ଉଇକେଟ୍ ନହରାଇ ୮ ଓଭରରେ ବିଜୟ ଲକ୍ଷ ହାସଲ କରିନେବା ସହ ଚାମ୍ପିୟନ ହୋଇଥିଲା। ଏଏମସି ଏକାଦଶର ଖେଳାଳୀ ସତ୍ୟ ସାହୁ ଶ୍ରେଷ୍ଠ ବ୍ୟାଟସମେନ ଓ ଡିଭିଜନ ଏକାଦଶର ଶିଶିର ପ୍ରଧାନ ଶ୍ରେଷ୍ଠ ବୋଲର ଭାବରେ ପୁରସ୍କୃତ ହୋଇଥିଲେ। ବିଦ୍ୟୁତ ବିଭାଗ ନିର୍ବାହିଯନ୍ତ୍ରୀ ଇଂ. ଅମରେନ୍ଦ୍ର ସାହୁ ଅତିଥି ଭାବରେ ଯୋଗଦେଇ ଚମ୍ପିୟାନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାଟି କନିଷ୍ଠ ଯନ୍ତ୍ରୀ ଇଂ. ଜ୍ଞାନଦୀପ ବେହେରାଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ଅମରେଶ ଦାଶ, ଯୁଧିଷ୍ଠିର ଓରାମ, ଆହ୍ଲାଦ ଦାଶ,ଶାନ୍ତନୁ ପ୍ରଧାନ, ଜିତେନ୍ଦ୍ର ଶାସିନୀ,ସତ୍ୟଗୋପାଳ ମହାନ୍ତି, ବିବେକାନନ୍ଦ ମହାନ୍ତି, ଚନ୍ଦ୍ରୁ ପ୍ରଧାନ, ଜ୍ୟୋତି ରଣା, ପ୍ରତାପ ପ୍ରଧାନ, ଶାରଦା ପ୍ରସାଦ ମହାକୁଡ,ବ୍ୟୋମକେଶ ମିଶ୍ର ଓ ନିଖିଳ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

No.E-
**State Health Assurance Society**
A1 Block, 2nd Floor, Toshali Bhawan, Satya Nagar
Unit-9, Bhubaneswar – 751007, Odisha
Phone/Fax :0674-2620500

**TENDER CALL NOTICE FOR PRINTING & SUPPLY OF ENVELOP, ABPMJAY-GJAY CARD HOLDER (POUCH), FAQ (LEAFLET) & HCM LETTER**

**Tender Advt. No. 01/2025** **Date: 03.02.2025**

Sealed tenders are invited from registered agencies (with GST registration having GSTIN) having adequate experience in taking up the works of composing /proof reading / designing and printing. Details regarding the design of these items, specifications, printing and supply terms & conditions may be downloaded from the websites: www.nhmodisha.gov.in (under link "Tender"). A pre-bid meeting shall be held on **06.02.2025, 03.30 PM at NHM Conference Hall, Unit-8, Bhubaneswar**. The tender should reach the office of the undersigned by **10.02.2025 (till 03.00 PM)**. The Tender will be opened at **04.00 PM on 10.02.2025 at NHM Conference Hall, Unit-8, Bhubaneswar.** Any changes in the tender document including extension if any shall only be notified in the website mentioned above.
The undersigned reserves the right to reject any or all the tenders / cancel the tender without assigning any reason thereof.

Sd/
Chief Executive Officer
State Health Assurance Society, Odisha
OIPR-10170/11/0008/2425



ଜିଲାପାଳ ଓ ବିଧାୟକ ଫିତା କାଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।




ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଉପାନ୍ତ ଅଞ୍ଚଳ କାରିଗରଙ୍କ କଳାର ପ୍ରଚାର ହୋଇପାରିବ

## ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

**ରାଉରକେଲା ,୨।୨(ସଙ୍ଗୀତା ଜେନା)**

ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପଲ୍ଲୀଶ୍ରୀ ଓ ଖାଦ୍ୟମେଳା ଆନୁଷ୍ଠାନିକ ଭାବେ ରବିବାର ସନ୍ଧ୍ୟା ୬ଟାରେ ଉଦ୍‌ଘାଟିତ ହୋଇଯାଇଛି। ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ବିରମିତ୍ରପୁର ବିଧାୟକ ରୋଶନ ଯୋସେଫ ତିର୍କୀ, ଜିଲାପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା ମେଳାର ଉଦଘାଟନ କରିବା ସହିତ ବିଭିନ୍ନ ଷ୍ଟଲ ବୁଲି ଦେଖିଲେ। ଖାଦ୍ୟ ମେଳାରେ ବିଭିନ୍ନ ସୁସ୍ୱାଦ ଖାଦ୍ୟ ଚାଖିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିରମିତ୍ରପୁର ବିଧାୟକ ଯୋଶଫ ତିର୍କୀ ଏହି ପରି ହସ୍ତତନ୍ତ ମେଳା ପ୍ରଦର୍ଶନରେ ଉପାନ୍ତ ଅଞ୍ଚଳର କାରିଗରମାନଙ୍କ କଳାର ପ୍ରଚାର କରିବାରେ ସହାୟକ ହୋଇପାରିବ ଓ ଏହା କାରିଗରମାନଙ୍କୁ ଉତ୍ସାହିତ କରିବା ବୋଲି କହିଥିଲେ। ରାଉରକେଲା ବିଧାୟକ ନାୟକ ଗ୍ରାମାଞ୍ଚଳ ମହିଳାମାନଙ୍କୁ ମଜବୁତ କରିବା ପାଇଁ ଆହ୍ୱାନ କରିଥିଲେ। ରଘୁନାଥପଲ୍ଲୀ ବିଧାୟକ ତନ୍ତୀ ଗାଁ ଜନିଷ ଆଣି ସହରରେ ବିକ୍ରି କରିବା ଦ୍ୱାରା ସହର ଲୋକ ଗାଁ ଜନିଷ ପାଇପାରୁଛନ୍ତି ଓ ଗ୍ରାମୀଣ ଲୋକ ଆର୍ଥିକ ସ୍ୱାବଲମ୍ବୀ ହୋଇ ପାରୁଛନ୍ତି। ଏହିପରି ଭାବେ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ। ଜିଲାପାଳ ମନୋଜ ମହାଜନ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ସୁରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ପାନପୋଷ ଉପଜିଲାପାଳ ବିଜୟ ନାୟକ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁନ୍ଦରଗଡ ନନ୍ଦିନୀ ମୁଣ୍ଡାରୀ ମଞ୍ଚ ପରିଚାଳନା କରିଥିଲେ। ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନୃତ୍ୟ ମଲହାର ପକ୍ଷରୁ ଓଡିଶୀ, ନୃତ୍ୟ ଶାନ୍ତି ପକ୍ଷରୁ କଲ୍କିକାଲ ଫ୍ୟୁଜନ, ପାୟଲ ଡ୍ୟାନସ ଏକାଡେମୀ କଥକ ଓ ବିହୁ, ମ୍ୟୁଜିକ ସର୍କଲ ରଜ ପର୍ବ ଡ୍ୟାନ୍ସ ଡ୍ରାମା , ନୃତ୍ୟ ଶାନ୍ତି ପକ୍ଷରୁ ଶିବ ତାଣ୍ଡବ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରଦର୍ଶନୀ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ, ଓରମାସ, ରାଉରକେଲା ମହାନଗର ନିଗମ ଏବଂ ଜିଲାପ୍ରଶାସନ , ସୁନ୍ଦରଗଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଛି।

# ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

**ବଣାଇଁ,୨।୨(ପ୍ରଦୀପ ତ୍ରିପାଠୀ)**

ବଣାଇଁ ଉପଖଣ୍ଡ ସୋଲ ଠାକୁରପାଲି ଗ୍ରାମରେ ଥିବା ପୁଷ୍ପ ମଞ୍ଜରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁରୁଣ୍ଡିଆ ଜିଲାପରିଷଦ ସଭ୍ୟ ଅପିନ୍ଦ୍ର କିଷାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥିଭାବେ ସୋଲ ସରପଞ୍ଚ ମୋନଜ ମିର୍ଦ୍ଧା, ସୋଲ ଓ ମହୁଲଡିହା କ୍ଲଷ୍ଟରର ସିଆରସିସି ପଙ୍କଜ ହରିଜନ, କମଳ ସୁନିଆନି, ସନ୍ତୋଷ କୁମାର ସିଂହ, ବଟକୃଷ୍ଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ସନ୍ତୋଷ କୁମାର ପଟେଲ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ତାଙ୍କର ଅଭିଭାଷଣରେ ପିଲାମାନଙ୍କ ଶିକ୍ଷା ସହିତ ଆମ ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ଦେବା ଉପରେ ଆଲୋକପାତ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର କଳାରେ ଖେଳନା ଗୁଡିକ ତିଆରି କରିଥିବା ସମସ୍ତଙ୍କୁ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୀମା ସୁନା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଲହୁଣୀପଡ଼ାରେ ସରସ୍ୱତୀ ପୂଜା



**ଲହୁଣୀପଡ଼ା,୨।୨(ଦାଶରଥି ପଣ୍ଡା)**

ଲହୁଣୀପଡା ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯୋଗମାୟା ମହିଳା ମହାବିଦ୍ୟାଳୟ, ଲହୁଣୀପଡା ମହାବିଦ୍ୟାଳୟ, ନିକିତା ଇଂରାଜୀ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ସନ୍ଧ୍ୟାରେ କେତେକ ସ୍ଥାନରେ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବନ ସୁରକ୍ଷା ନିମନ୍ତେ ସଚେତନତା ଶିବିର



ସଚେତନତା ଶିବିରରେ ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ।

**ବଣାଇଁ,୨।୨(ପ୍ରଦୀପ ତ୍ରିପାଠୀ)**

ବଣାଇଁ ବନଖଣ୍ଡର ଜାଲେଇ ଗ୍ରାମରେ ବନ ସୁରକ୍ଷା ଉପରେ ଏକ ସଚେତନତା ଶିବିର ସରୋଜ କୁମାର ପାତ୍ରଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବନ ସୁରକ୍ଷା ସମିତି ଜାଲେଇ ଆନୁକୂଲ୍ୟରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସହିତ ଜଙ୍ଗଲକୁ କିପରି ବାହ୍ୟ ଶତ୍ରୁ ତଥା ଶିକାରୀଙ୍କ ଠାରୁ ରକ୍ଷା କରିବା ସେଥିପାଇଁ ସମସ୍ତେ ଆଲୋଚନା କରି ଏହା ପାଇଁ ଉଚିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜରଡା ରେଞ୍ଜ ଅଧିକାରୀ କୈଳାଶ ଚନ୍ଦ୍ର କିସାନ ଯୋଗଦେଇ ଆମ ମଣିଷ ସମାଜରେ ଜଙ୍ଗଲର ଉପକାରିତା ଓ ଆବଶ୍ୟକତା ସହିତ ବିଶ୍ୱରେ ଜଙ୍ଗଲ ଅଭାବ ହେତୁ କିପରି ବିଶ୍ୱ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି ତାହା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜଙ୍ଗଲକୁ ନିଆଁ, ଗଛ ତସ୍କର ଓ ଶିକାରୀଙ୍କ ଠାରୁ ବଞ୍ଚାଇବା ପାଇଁ ଆହ୍ୱାନ କରିବା ସହିତ ଶପଥ ପାଠ କରାଇ ଆୟୋଜିତ ସଚେତନତା ରାଲିକୁ ଶୁଭାରମ୍ଭ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ କଂସର ବନପାଳ ଚୈତନ୍ୟ ଭୁମିଜ, କଂସର ବନରକ୍ଷୀ ରତିପ୍ରିଆ ବେହେରା, ଅମୂଲ୍ୟ ରାୟ, ଉନ୍ନୟନ ଅଧିକାରୀ ଏସଜିୟୁପି ରଞ୍ଜିତା ବାଳା କିଷାନ, ଫକୀର ମୋହନ ସାହୁ, କୁଞ୍ଜ ବିହାରି ସାମନ୍ତ ପ୍ରମୁଖ ଯୋଗ ଦେଇଥିବା ବେଳେ ପଡ଼ୋଶୀ ଗ୍ରାମର ବନ ସୁରକ୍ଷା ସମିତି ଜଣ୍ଡା, ଘଣ୍ଟିଆଲୀ, ରାମଛିଣ୍ଡା, କୁଣ୍ଢେଇଡିହା, କଂସରର ସଭାପତି ଓ ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ। ଏଥିରେ ବନ ସୁରକ୍ଷା ସମିତିର ସମସ୍ତ ସଦସ୍ୟା ସଦସ୍ୟ ତଥା ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ।

# ଜର୍ନାଲିଷ୍ଟ ଆସୋସିଏଶନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ସୁନ୍ଦରଗଡ,୨।୨(ଜୟ ନାରାୟଣ ମେଣ୍ଡୁଲି)**

ଗଣମାଧ୍ୟମ ସମାଜର ଦର୍ପଣ ସଦୃଶ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମ ପ୍ରତିନିଧିମାନେ ସତ୍ୟାନ୍ୱେଷୀ ହୋଇ ସବୁବେଳେ ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ କରି ଜନ ସାଧାରଣଙ୍କ ଆସ୍ଥା ଭାଜନ ହେବା ଆବଶ୍ୟକ ବୋଲି ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମତବ୍ୟକ୍ତ କରିଛନ୍ତି। ରବିବାର ସ୍ଥାନୀୟ ସାଇବିହାର ଠାରେ ସୁନ୍ଦରଗଡ଼ ଜର୍ନାଲିଷ୍ଟ ଆସୋସିଏଶନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପବାଚସ୍ପତି ଭୋଇ ଏହା କହିଥିଲେ। ଜିଲାର ଗରିବ,ଚାଷୀ ଓ ସାଧାରଣ ଜନତାଙ୍କ ସମସ୍ୟା ସହ ବିଭିନ୍ନ ଦୁର୍ନୀତିକୁ ଲୋକ ଲୋଚନକୁ ଆଣି ଜିଲାର ବିକାଶରେ ସହାୟକ ହେବାକୁ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ, ପୌରାଧ୍ୟକ୍ଷା ତନୟା ମିଶ୍ର, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ବରିଷ୍ଠ ଆଇନଜୀବୀ ତଥା ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ କୁମାର ଦାଶ, ପୂର୍ବତନ ନଗରପାଳ ତଥା ସୁନ୍ଦରଗଡ ଏଜୁକେଶନାଲ ଟ୍ରଷ୍ଟର ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ନାଗରିକ କମିଟିର ପୂର୍ବତନ ସଭାପତି ବେଣୁମାଧବ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜ ବ୍ୟବସ୍ଥାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରି ଠିକ ଖବର ପରିବେଷଣ କରି ଗଣମାଧ୍ୟମର ଗାରିମାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଆସୋସିଏଶନର ସଭାପତି ଦେବବ୍ରତ ଜେନା ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ପପୁ ପ୍ରସାଦ ସିଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ କମିଟି ସଭ୍ୟ ଅଶୋକ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ସହ ଖବରଦାତାମାନେ।

**KINJIRKELA HIGHER SECONDARY SCHOOL, KINJIRKELA**
BLOCK - BALISANKARA, DIST - SUNDARGARH – 770015
Regd. No. S.G.D. 1252-60/93-94
**URGENTLY REQUIRED**
Interview for the post of **Lecturer in Odia** candidate most having minimum 55% marks in P.G. Level.
Desire candidates are requested to apply for the above post with their bio-data, self attested Xerox copy of all certificate and documents and one recent passport size photo apply on or before 15 days from the advertisement.
**Principal-Cum-Secretary**
**Kinjirkela Higher Secondary School, Kinjirkela**
**Dist : Sundargarh**

**ସମଗ୍ର ଶିକ୍ଷା, କଳାହାଣ୍ଡି** No.n–201
Letter No. 226 Dtd.31.01.25
**ନିଯୁକ୍ତି ବିଜ୍ଞାପନ**
କଳାହାଣ୍ଡି ଜିଲ୍ଲାର ବିଭିନ୍ନ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ଚୁକ୍ତିଭିତ୍ତିକ ପଦବୀ ଯଥା– Warden, Accountant, Part Time Teachers (English), Part Time Teachers (Sanskrit / Hindi), Part Time Teachers (Science / Mathematics) ପଦବୀ କେବଳ ମହିଳା ପ୍ରାର୍ଥିନୀମାନଙ୍କଠାରୁ ଆବଶ୍ୟକ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଥିବା ମହିଳା ପ୍ରାର୍ଥିନୀମାନେ ଜିଲ୍ଲା ୱେବ୍‌ସାଇଟ www.kalahandi.odisha.gov.inରୁ ଆବଶ୍ୟକ ଦରଖାସ୍ତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟୱାରୀ ଖାଲି ପଡ଼ିଥିବା ତାଲିକା ଓ ଆବେଦନ କରିବା ପାଇଁ ଅନ୍ୟାନ୍ୟ ତଥ୍ୟ ଡାଉନ୍‌ଲୋଡ କରି ତା୩।୨।୨୫ରିଖରୁ ୧୧।୦୨।୨୦୨୫ ତାରିଖ ସନ୍ଧ୍ୟା ୫ ଘଟିକା ସୁଦ୍ଧା ଆବେଦନ କରିବା ପାଇଁ ସୂଚାଇ ଦିଆଗଲା।
ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ସମଗ୍ର ଶିକ୍ଷା, କଳାହାଣ୍ଡିଙ୍କ ଆଦେଶକ୍ରମେ
**ସ୍ୱା./- ଜିଲ୍ଲା ଶିକ୍ଷାଧିକାରୀ-ତଥା-ଜିଲ୍ଲା ପ୍ରକଳ୍ପ ସଂଯୋଜକ**
**ସମଗ୍ର ଶିକ୍ଷା, କଳାହାଣ୍ଡି**
OIPR–27172/11/0003/2425

# ଚାଉଳ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ: ଡ୍ରାଇଭର ମୃତ

**ବେଲପଡ଼ା,୨।୨(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡ଼ା ନିକଟ ଭରୁଆମୁଣ୍ଡା ଚକବୁଲାନିଠାରେ ରବିବାର ଭୋର ସମୟରେ ଏକ ଚାଉଳ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକଟି ଭାରସାମ୍ୟ ହରାଇ ଓଲଟି ପଡିବାରୁ ଘଟଣାସ୍ଥଳରେ ଡ୍ରାଇଭରର ମୃତ୍ୟୁ ଘଟିଛି ଓ ହେଲପର ଆହତ ହୋଇଛନ୍ତି । ମୃତ ଡ୍ରାଇଭର ହେଲେ ଜନକ ହାତୀ । ତାଙ୍କ ଘର ବରଗଡ ଜିଲା ବୁଡେନ ଥାନା ଡଙ୍ଗରଚଚରା ଗ୍ରାମରେ। ଚାଉଳ ବୋଝେଇ ଟ୍ରକଟି ଛତିଶଗଡ଼ର ଚମ୍ପାରୁ କଣ୍ଟାବାଞ୍ଜି ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ଟ୍ରକକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ ୩୧/୨୫ ରେ ମାମଲା ରୁଜୁ କରାଯାଇଛି।

# କୁଚେଡ଼େଗା ହାଇସ୍କୁଲର ବାର୍ଷିକ ଉତ୍ସବ

**ହେମଗିର,୨।୨(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ସ୍ଥିତ କୁଚେଡେଗା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରରେ ରବିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସଭାର ଆୟୋଜନ ହୋଇଥିଲା। ସଭାରେ ମୁଖ୍ୟ ଅତିଥିଭାବେ କୁଚେଡେଗା ସରପଞ୍ଚ ଲିଜା ନାଏକ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତାଭାବେ ଏବିଇଓ କପିଲ ଚନ୍ଦ୍ର ଦାସ,ସମ୍ମାନିତ ଅତିଥି ସମିତି ସଭ୍ୟା ନଳିନୀ ବଡେକ, ସ୍କୁଲ କମିଟିର ସଭାପତି ଖିରମତି ପଟେଲ, ସିଆରସିସି ଭବାନୀ କାଲୋ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବାସନ୍ତି ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ,ସ୍କୁଲ କମିଟି ଓ ଗ୍ରାମବାସୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

**NOTICE**
**DIST-BOLANGIR**
**COURT OF SENIOR CIVIL JUDGE, TITILAGARH**
**Execution case No.1/2016**
Food Corporation of India, District Office, Titilagarh. ... D.Hr.
Versus
Utkal Roller Flour Mills Pvt. Ltd. & others. ... J.Drs.
To
(i) Utkal Roller Flour Mills Pvt. Ltd., Cherupali.
(ii) Thawar mal Swamy, S/o Baluram Swamy.
(iii) Suresh Kumar Swamy, S/o Baluram Swamy.
All resident of At/P.O. Cherupali, P.S.Dunguripali,Civil Judgeship- B.Rampur, District Sonepur, Odisha. ...J.Drs.
Where as Area Manager Food Corporation of India on behalf of Food Corporation of India, District Office, Titilagarh has made application to this court for execution of decree in Civil suit No.84/2009 on the allegation that you are the judgement Debter in the case. This is to give you notice to appear before this court on the day of 20.02.2025. to show cause why execution should not be granted.
Given under my hand and the seal of the court this 18th day of January 2025.
Sd/-
Civil Judge. (SD)

## ଗେତୁବାହଲ ଫୁଟବଲ ଟୁର୍ନାମେଣ୍ଟ

# ଗଙ୍ଗାଜଳ ଚାମ୍ପିୟନ

**ବଡ଼ଗାଁ,୨।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଟିମନା ପଞ୍ଚାୟତର ଗେତୁବାହାଲ ଗ୍ରାମର ବୀଣାପାଣି କ୍ଲବ ଦାରା ରବିବାର ଆୟୋଜିତ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଗଙ୍ଗାଜଳ ଫୁଟବଲ ଟିମ ଚାମ୍ପିୟନ ହୋଇଛି। ୮ଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଉଦଘାଟନୀ ମ୍ୟାଚ ଗେତୁବାହାଲ ଓ ଗୁଠିଆପଡା ମଧ୍ୟରେ ହୋଇଥିଲା। ଫାଇନାଲ ମ୍ୟାଚ ଲେଲେପଡା ଓ ଗଙ୍ଗାଜଳ ମଧ୍ୟରେ ହୋଇଥିଲା। ପେନାଲିଟି ଜରିଆରେ ଗଙ୍ଗାଜଳ ଟିମ ୪–୩ ଗୋଲରେ ଲେଲେପଡା ଟିମକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରତ୍ନାକର ନାଏକ ମୁଖ୍ୟ ଅତିଥି ଓ ବାବୁଲାଲ ମାଝୀ ଓ ମିଶ୍ର ମାଝୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଗଙ୍ଗାଜଳ ଟିମକୁ ୧୦ ହଜାର ଟଙ୍କା ଓ ରନର୍ସ ଅପ ଲେଲେପଡା ଟିମକୁ ୬ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟର ମୁଖ୍ୟ ପରିଚାଳକ ସଞ୍ଜୟ ଲାକ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟ ପରିଚାଳନାରେ ଦୀପକ ଲାକଡା, ରୂପକ ଲାକଡା, ରତ୍ନାକର ନାଏକ, ସନ୍ତୋଷ ନାଏକ, ସମୀର ପ୍ରଧାନଙ୍କ ସହିତ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ। ବରିଷ୍ଠ ରେଫରୀ ରମେଶ ଚନ୍ଦ୍ର ମାଝୀ ଖେଳ ପରିଚାଳନା କରିଥିଲେ। ଅଜିତ ନାଏକ ଓ ଅଜୟ ଲାକ୍ରା ସହଯୋଗ କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସନ୍ତୋଷ ନାଏକ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।



ଚାମ୍ପିୟନ ଗଙ୍ଗାଜଳ ଟିମ୍।

No.E-
**State Health Assurance Society**
**A1 Block, 2nd Floor, Toshali Bhawan, Satya Nagar**
**Unit-9, Bhubaneswar – 751007, Odisha**
**Phone/Fax :0674-2620500**

**TENDER CALL NOTICE FOR PRINTING & SUPPLY OF ENVELOP, ABPMJAY-GJAY CARD HOLDER (POUCH), FAQ (LEAFLET) & HCM LETTER**

**Tender Advt. No. 01/2025** **Date: 03.02.2025**

Sealed tenders are invited from registered agencies (with GST registration having GSTIN) having adequate experience in taking up the works of composing /proof reading / designing and printing. Details regarding the design of these items, specifications, printing and supply terms & conditions may be downloaded from the websites: www.nhmodisha.gov.in (under link "Tender"). A pre-bid meeting shall be held on **06.02.2025, 03.30 PM at NHM Conference Hall, Unit-8, Bhubaneswar**. The tender should reach the office of the undersigned by **10.02.2025 (till 03.00 PM)**. The Tender will be opened at **04.00 PM on 10.02.2025 at NHM Conference Hall, Unit-8, Bhubaneswar.** Any changes in the tender document including extension if any shall only be notified in the website mentioned above.
The undersigned reserves the right to reject any or all the tenders / cancel the tender without assigning any reason thereof.

Sd/
Chief Executive Officer
State Health Assurance Society, Odisha
OIPR-10170/11/0008/2425

# କାମଚଳାରେ ଚାଲିଛି ଉତ୍ସବ ପ୍ରଧାନପାଟ

## ଉତ୍ସବ ପ୍ରଧାନପାଟର କିଛି କଥା କିଛି ବ୍ୟଥା

ଦେବଗଡ଼,୨।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ର ଉତ୍ସବ ପ୍ରଧାନପାଟ ଶନିବାରଠାରୁ ଆରମ୍ଭ ହେଇଥିବା ବେଳେ ରବିବାର ଦ୍ୱିତୀୟ ସନ୍ଧ୍ୟାରେ ପହଞ୍ଚିଛି। ହେଲେ ଉତ୍ସବ ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଥିବାବେଳେ ସବୁଠି ଅସନ୍ତୋଷ ବାତାବରଣ ସୃଷ୍ଟି ହୋଇଛି। ଲକ୍ଷ୍ୟ ଉଦ୍ଦେଶ୍ୟ ଆଭିମୁଖ୍ୟଠାରୁ ଦୂରେଇ ଯାଉଛି ଉତ୍ସବ ପ୍ରଧାନପାଟ।

**କାମଚଲା ସାଂସ୍କୃତିକ କାର୍ଯ୍ୟକ୍ରମ**

ଉତ୍ସବ ପ୍ରଧାନପାଟ ଉଦ୍‌ଘାଟନୀ ଦିବସରେ ପରିବେଷଣ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭରୁ ଦର୍ଶକ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ପ୍ରଥମ ଦିନ ସିଦ୍ଧାନ୍ତ ଶତପଥି ଏବଂ ସାଥିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାର ଥିଲା। ମାତ୍ର ସେମାନେ ଆସି ନ ଥିବା ବେଳେ କାମ ଚଳା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ଦିଆଯାଇଥିବା କିଛି ସାଂସ୍କୃତିକ ଦଳ ଏବଂ ଛୋଟ ମୋଟ ଅନୁଷ୍ଠାନକୁ ନେଇ ନୃତ୍ୟ ପରିବେଷଣ କରିଥିଲେ। ଯାହା କି ଦର୍ଶକଙ୍କୁ ବାନ୍ଧି ରଖି ପାରି ନ ଥିଲା। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିଲା କିନ୍ତୁ ଜଣେ ବି ଦର୍ଶକ ନ ଥିଲେ।

**ଧୂଳି ଗୁଣ୍ଡରେ ଭର୍ତ୍ତି ଚୌକିରେ ବସିଲେ ଦର୍ଶକ**

ସାଂସ୍କୃତିକ ମଞ୍ଚ ସମ୍ମୁଖରେ ଦର୍ଶକଙ୍କ ପାଇଁ ଚୌକି ବ୍ୟବସ୍ଥା କରାଯାଇଛି। ଚୌକିରେ ଆରାମରେ ବସି ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମର ଉପଭୋଗ କରିବା ଲକ୍ଷ୍ୟରେ ଏଭଳି ବ୍ୟବସ୍ଥା ହୋଇଛି। ମାତ୍ର ଚୌକି ସବୁ ଧୂଳି ଗୁଣ୍ଡରେ ଭର୍ତ୍ତି ହୋଇଥିବା ବେଳେ ସେ ସବୁ ସଫା ହେଉ ନାହିଁ। ବାଧ ହୋଇ ଦର୍ଶକ ଚୌକିରେ ବସୁଥିବା ବେଳେ ଚୌକି ଖାଲିଥିଲେ ମଧ୍ୟ ଶତାଧିକ ଦର୍ଶକ ଛିଡା ହୋଇ ଦେଖୁଥିଲେ।

**ଅନ୍ଧାରରେ ଗାଡ଼ି ପାର୍କିଂ ସ୍ଥାନ**

ବାହାରୁ ଆସୁଥିବା ଦର୍ଶକଙ୍କ ପାଇଁ ବଡବଗିଚା ଛକ ନିକଟ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଉଭୟ ପାର୍ଶ୍ୱରେ ଗାଡି ପାର୍କିଂ ବ୍ୟବସ୍ଥା କରାଯାଇଛି। ମାତ୍ର ଆବଶ୍ୟକ ମୁତାବକ ଲାଇଟ ଲାଗି ନ ଥିବାରୁ ଅନ୍ଧାରରେ ଲୋକ ପାର୍କିଂ ସ୍ଥାନକୁ ଯିବା ଆସିବା କରୁଥିଲେ।

**ସାଂସ୍କୃତିକ ଶୋଭାଯାତ୍ରାରେ ବଡ଼ ଅଧିକାରୀଙ୍କ ଦେଖାନାହିଁ**

ଉଦ୍‌ଘାଟନୀ ଦିବସରେ ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିରରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଉପ ଜିଲାପାଳ ପରକ୍ଷୀତ ସାହୁ ଏବଂ ତିଲେଇବଣି ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା ସାମିଲ ହୋଇଥିଲେ। ମାତ୍ର ଜିଲାପାଳ, ଅତିରିକ୍ତ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କିମ୍ବା ଜିଲାସ୍ତରୀୟ ଅନ୍ୟ କୌଣସି ବିଭାଗର ଅଧିକାରୀଙ୍କ ଦେଖା ମିଳି ନ ଥିଲା।

**ଉତ୍ସବ ପ୍ରଧାନପାଟରେ ରାଜନୀତି ଗନ୍ଧ**

ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସମ୍ମାନିତ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ମାତ୍ର ଜିଲାପାଳଙ୍କ 'ଏକ୍ସ' ଆଇଡିରେ ଟୁଇଟ ପୋଷ୍ଟ ହୋଇଥିବା ଉଦ୍‌ଘାଟନୀ ଦିବସର ଫଟୋରେ କେବଳ ମନ୍ତ୍ରୀ ଏବଂ ଜିଲାପାଳଙ୍କ ସ୍ୱତନ୍ତ୍ର ଫଟୋ ଥିବା ବେଳେ ବିଧାୟକଙ୍କ ଫଟୋ ନ ଥିଲା। ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପରେ ଜିଲାପାଳଙ୍କ 'ଏକ୍ସ' ଆଇଡିରେ ବିଧାୟକଙ୍କ ଫଟୋ ସାମିଲ କରାଯାଇ ପୁଣି ଥରେ ପୋଷ୍ଟ କରାଯାଇଥିଲା।

**ଭିଭିଆଇପି ଚୌକିରେ ନେତାଙ୍କ ଗହଳି**

ମଞ୍ଚ ସମ୍ମୁଖରେ ଅତିଥି ଏବଂ ଭିଭିଆଇପିଙ୍କ ପାଇଁ ଉଦ୍ଦିଷ୍ଟ ଚୌକିରେ ନେତାଙ୍କ ଗହଳି ଦେଖାଯାଇଥିଲା। ମନ୍ତ୍ରୀ ପୂଜାରୀଙ୍କ ସାଙ୍ଗରେ ଆସିଥିବା ବହୁ ଭାଜପା ନେତା ଭିଭିଆଇପି ଚୌକି ଅକ୍ତିଆର କରିବାରେ ଲାଗି ପଡିଥିଲେ।

**ଭାଷଣରେ ମନ୍ତ୍ରୀଙ୍କୁ ପୋତି ପକାଇଲେ ବିଧାୟକଙ୍କୁ ଭୁଲିଗଲେ**

ସାଂସ୍କୃତିକ ମଞ୍ଚରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ନିଜ ଭାଷଣ ଆରମ୍ଭରୁ ଶେଷ ଯାଏଁ ମନ୍ତ୍ରୀ ପୂଜାରୀଙ୍କ ବିଷୟରେ କହିଲେ। ମନ୍ତ୍ରୀଙ୍କ ନେତୃତ୍ୱାଧିନ ସଙ୍ଗଠନଠାରୁ ଆରମ୍ଭ କରି ଓଡ଼ିଶାର ବିକାଶ ଫର୍ଦ୍ଧରେ ମନ୍ତ୍ରୀଙ୍କ ଭୂମିକାକୁ ଗୋଟି ଗୋଟି କରି ବର୍ଣ୍ଣନା କଲେ। ମାତ୍ର ମଞ୍ଚ ଉପରେ ଥିବା ବିଧାୟକଙ୍କ ନାଁ ମଧ୍ୟ ଧରିଲେ ନାହିଁ ଜିଲାପାଳ। ବିଧାୟକଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଧାୟକ କହି ନିଜର ବକ୍ତବ୍ୟକୁ ସାରିଦେଲେ।

**ସ୍ଥାନୀୟ ଉଦଘୋଷକ କୋଣଠେସା**

ପରିଚାଳନା ପାଇଁ ଗତବର୍ଷରେ ସ୍ଥାନୀୟ ଉଦଘୋଷକମାନଙ୍କୁ ସୁଯୋଗ ଦିଆଯାଉଥିଲା। ମାତ୍ର ଚଳିତବର୍ଷ ସେମାନଙ୍କୁ କୋଣଠେସା କରାଯାଇଛି। ବାହାର ଜିଲାରୁ ଉଦଘୋଷକଙ୍କୁ ଡାକି ମଞ୍ଚ ପରିଚାଳନା କରାଯାଉଥିବା ବେଳେ ସ୍ଥାନୀୟ ଉଦଘୋଷକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

**ଉତ୍ସବକୁ ନେଇ ଜନସାଧାରଣ ଖୁସି ନାହାଁନ୍ତି**

ଚଳିତବର୍ଷ ଉତ୍ସବରେ ସାଜସଜ୍ଜା ଓ ଆୟୋଜନ ନେଇ ଜନସାଧାରଣ ଖୁସି ନାହିଁ ବୋଲି ସବୁଆଡେ ଚର୍ଚ୍ଚା ଜୋର ଧରିଛି, ଏପରି କିଛି ବି ଖୋସ କଳାକାର ନାହିଁ କି ଭଲ କାର୍ଯ୍ୟକ୍ରମ ହେଉ ନ ଥିବା ଦେଖିବାକୁ ମିଳୁଛି।

# ମହିଳାଙ୍କ ମଦ ବିରୋଧୀ ଅଭିଯାନ

ଝାରସୁଗୁଡ଼ା,୨।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଭିକମପାଲି ପଞ୍ଚାୟତ ମହିଳାମାନେ ବେଆଇନ ମଦ ଓ ହାଣ୍ଡିଆ ବିକ୍ରି ବିରୋଧରେ ଅଣ୍ଟା ଭିଡ଼ିଛନ୍ତି। ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କପିଳାପୁର, ପୂଝାରିପାଲି ଏବଂ ଛୁଇପାଲି ଗାଁର ଶତାଧିକ ମହିଳା କପିଳାପୁର ମଣ୍ଡପଠାରେ ଏକତ୍ରିତ ହୋଇ ବେଆଇନ ମଦ ଓ ହାଣ୍ଡିଆ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସଂକଳ୍ପ ନେଇଥିଲେ। କପିଳାପୁର ଗାଁରୁ ଏକ ବିଶାଳ ରାଲିରେ ବାହାରି ଗାଁ ଗାଁ ବୁଲି ମହିଳାମାନେ ଚୋରାମଦ ବିରୋଧୀ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଆଗାମୀ ଦିନରେ ଏହି ମଦ ବିରୋଧୀ ଅଭିଯାନ କାର୍ଯ୍ୟକ୍ରମରେ ଭିକମପାଲି ପଞ୍ଚାୟତର ପ୍ରତ୍ୟେକ ଗାଁରେ କରାଯିବ। ପଞ୍ଚାୟତରେ ଥିବା ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ସାମିଲ ହୋଇ ଏହାକୁ ତୀବ୍ର ବିରୋଧ କରିବୁ। ଯଦି ଖୋଲମଖୋଲା ଭାବେ ବେଆଇନ ମଦ ଓ ହାଣ୍ଡିଆ କାରବାର କରୁଥିବା ବ୍ୟବସାୟୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ ବୋଲି ମହିଳା ସଦସ୍ୟାମାନେ ଚେତାବନୀ ଦେଇଛନ୍ତି। ସୂଚନା ଥାଉକି ଭିକମପାଲି ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଅପରାଧିକ ଘଟଣା ସାଙ୍ଗକୁ ପାରିବାରିକ ହିଂସା ଘଟି ସାମାଜିକ ସ୍ଥିତିକୁ ଆହୁରି ଦୋହଲାଇ ଦେଉଛି। ଏପରି କି ବିଷାକ୍ତ ମଦ ପିଇ ଲୋକେ ରୋଗଗ୍ରସ୍ତ ହେବା ସହ ଅନେକ ସମୟରେ ଅକାଳ ମୃତ୍ୟୁବରଣ କରୁଛନ୍ତି। ନିଶାଦ୍ରବ୍ୟର କାରବାର ବଢିବା ଯୋଗୁ ବିଶେଷ କରି ମହିଳାମାନେ ଅଧିକ ନିର୍ଯାତିତ ସହ ଶୋଷଣର ଶିକାର ହେଉଛନ୍ତି। ଏସବୁ ସମସ୍ୟାରୁ ସମାଜକୁ ମୁକ୍ତ କରିବା ଲାଗି ଦୃଢ ନିଷ୍ପତ୍ତି ନେଇ ମଦ ବିରୋଧୀ ଅଭିଯାନ ଆଜିଠାରୁ ଆରମ୍ଭ କରିଥିବା ମହିଳା ସଂଘ କାର୍ଯ୍ୟକର୍ତ୍ତା ପ୍ରକ୍ରିୟା ପ୍ରକାଶ କରିଛନ୍ତି।



ମହିଳାମାନେ ବେଆଇନ ମଦ ଓ ହାଣ୍ଡିଆ ବିକ୍ରି ବିରୋଧରେ ବିକ୍ଷୋଭ କରୁଛନ୍ତି।

# ସରସ୍ୱତୀ ପୂଜାରେ ଫୁଟ୍‌ବଲ ଟୁର୍ନାମେଣ୍ଟ

ଝାରସୁଗୁଡ଼ା,୨।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅନ୍ତର୍ଗତ ଜଲିବାହାଲ ଗ୍ରାମରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଛି। ଏହି ଅବସରରେ ରବିବାର ପୂର୍ବାହ୍ନ ୧୦ଟାରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଲକ୍ଷ୍ମୀ ବୋରୱଲ ଓ ବନ୍ଦକାନୀ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଟ୍ରାଇବ୍ରେକରେ ଜରିଆରେ ଲକ୍ଷ୍ମୀ ବୋରୱଲ ଚାମ୍ପିୟନ ହେଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଖୁନ୍ତାମାଲ ସରପଞ୍ଚ ସବ୍ୟସାଚୀ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରଲାଲ କିଷାନ ଓ ନବିନ କିଷାନ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଜଲିବାହାଲ ଗୁନପଡା ସରସ୍ୱତୀ ଯାତ୍ରା କମିଟି ଆୟୋଜନ କରିଥିଲା। ଗ୍ରାମର ଗଜିନ୍ଦ୍ର କିଷାନ, ସୁମନ୍ତ କିଷାନ, ଲୋକନାଥ ସାହୁ, ଅରୁଣ କିଷାନ, ମିଲନ କିଷାନ, ସଞ୍ଚିତ କିଷାନ ଓ ସାନୁ ଷଣ୍ଢ ପ୍ରମୁଖ ସହଯୋଗ କରିଥିଲେ। ଗୋଧୂଳି ଲଗ୍ନେ ଗୁନପଡାଠାରେ ମା' ସରସ୍ୱତୀଙ୍କ ପୂଜା ଉତ୍ସବ ହୋଇଥିଲା। ପୂଜକ ମନୋଜ ପାଣିଗ୍ରାହୀ ପୂଜା ଦାୟିତ୍ୱ ତୁଲାଇଥିବା ବେଳେ ଚକ୍ରଧର ଷଣ୍ଢ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହା ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ନୃତ୍ୟ ପ୍ରତିଯୋଗିତା ଓ ବୈଠକି କୀର୍ତ୍ତନ ମହାସମାରୋହରେ ଅନୁଷ୍ଠିତ ହୋଇଥଲା।



ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

# ସରସ୍ୱତୀ ଶିଶୁ ମନ୍ଦିରରେ ମା' ବୀଣାପାଣିଙ୍କ ପୂଜା

ଝାରସୁଗୁଡ଼ା,୨।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ସରବାହାଲସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡାକ୍ତର ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ଅଶୋକ ସାକୁନିଆ, ପ୍ରଶାନ୍ତ ଦାଶ ସମେତ ଅଭିଭାବକ ମା' ସରସ୍ୱତୀଙ୍କୁ ପୁଷ୍ପାଞ୍ଜଳି ଦେଇଥିଲେ। ପୂଜାର୍ଚ୍ଚନା ପରେ ୭୨ଜଣ ନୂତନ ଶିଶୁ ମମତା ରାଉଳ ଗୁରୁମାଙ୍କ ସହଯୋଗରେ ଖଡିଛୁଇଁ ଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଅନିତାଡିଲା ଗୁରୁମା ପୂଜା ପରିଚାଳନା ଦାୟିତ୍ୱ ନିର୍ବାହ କରିବା ସହିତ ବରିଷ୍ଠ ଆଚାର୍ଯ୍ୟା ସଂଯୁକ୍ତା ମେହେର, କବିତା ପଟେଲ, ମିନାକ୍ଷୀ ପଣ୍ଡା, ଜ୍ୟୋତି ନାଏକ, ପିଙ୍କି ବରାଳ, ସରିତା ପଣ୍ଡା ଗୁରୁମା ସହଯୋଗ କରିଥିଲେ।

**KINJIRKELA HIGHER SECONDARY SCHOOL, KINJIRKELA**
BLOCK - BALISANKARA, DIST - SUNDARGARH – 770015
Regd. No. S.G.D. 1252-60/93-94
**URGENTLY REQUIRED**
Interview for the post of **Lecturer in Odia** candidate most having minimum 55% marks in P.G. Level.
Desire candidates are requested to apply for the above post with their bio-data, self attested Xerox copy of all certificate and documents and one recent passport size photo apply on or before 15 days from the advertisement.
Principal-Cum-Secretary
Kinjirkela Higher Secondary School, Kinjirkela
Dist : Sundargarh

# ମରାମତି ପାଇଁ ରେଳ ଫାଟକ ବନ୍ଦ

ଝାରସୁଗୁଡ଼ା,୨।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରର ସରାହାଲ ରେଳ ଫାଟକ ମରାମତି କାର୍ଯ୍ୟ ପାଇଁ ରବିବାର ଦିନତମାମ ବନ୍ଦ ରହିଥିଲା। ଫଳରେ ଲୋକେ ଯିବାଆସିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରବିବାର ସକାଳ ୬ଟାରୁ ରେଳ ଫାଟକ ମରାମତି ଚାଲିଥିବାରୁ ବର୍ତ୍ତମାନ ସୁଦ୍ଧା କାମ ନ ସରିବାରୁ ଓଭର ବ୍ରିଜ ହୋଇ ଯିବା ଆସିବା କରିବା ପାଇଁ ବାଧ ହେଉଛନ୍ତି। ମଝିରେ ମଝିରେ ମରାମତି ହେବା ଫଳରେ ଟ୍ରାଫିକ ସମସ୍ୟା ଯୋଗୁ ଲୋକେ ଯିବାଆସିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଥିପ୍ରତି ରେଳ ଅଧିକାରୀ ଧ୍ୟାନ ଦେବାକୁ ସରାହାଲବାସୀ ଦାବି କରୁଛନ୍ତି।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

ଝାରସୁଗୁଡ଼ା,୨।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅନ୍ତର୍ଗତ ଅଏଁଲାପଡା ନାଳ ଏଲଆଇ ପଏଣ୍ଟ ନିକଟରୁ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶନିବାର ବିଳମ୍ବିତ ରାତ୍ରିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଝାରସୁଗୁଡ଼ା ସହର ମାଲିପଡ଼ାର ପବନ ସାହୁ (୨୮)। ରବିବାର ସକାଳୁ ଅଏଁଲାପଡା ନାଳ ନିକଟ ଏଲଆଇ ପଏଣ୍ଟ ନିକଟରେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ବିଦ୍ୟୁତ୍ କର୍ମଚାରୀ ଏବଂ ଲଖନପୁର ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାସ୍ଥଳରୁ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ତାର, କାଚ ବୋତଲ ଏବଂ ବାଉଁଶ ବାଡି ଆଦି ପୋଲିସ ଜବତ କରିଛି। ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ ଏବଂ ଲଖନପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପବନ କାହିଁକି ଅଏଁଲାପଡା ନିକଟକୁ ଯାଇଥିଲେ ସେ ନେଇ କିଛି ସ୍ପଷ୍ଟ ସୂଚନା ପୋଲିସ ପ୍ରଦାନ କରି ନହିଁ। ଘଟଣାକୁ ନେଇ ବିଦ୍ୟୁତ୍ ବିଭାଗ ଅଧିକାରୀ ମିନିକେତନ ପ୍ରଧାନ ଲିଖିତ ଅଭିଯୋଗ ଆଧାରରେ ଲଖନପୁର ପୋଲିସ ୟୁ/ଏସ ୧୦୫ ବିଏନଏସ/ଆର/ଡବ୍ଲୁ ସେକ.୧୩୫ (୧) (ବି) ଇଲେକ୍ଟ୍ରିସିଟି ଆକ୍ଟ କେଶ ନମ୍ବର ୨୮ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ସମଗ୍ର ଶିକ୍ଷା, କଳାହାଣ୍ଡି** No.n–201
Letter No. 226 Dtd.31.01.25
**ନିଯୁକ୍ତି ବିଜ୍ଞାପନ**
କଳାହାଣ୍ଡି ଜିଲ୍ଲାର ବିଭିନ୍ନ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ଚୁକ୍ତିଭିତ୍ତିକ ପଦବୀ ଯଥା– Warden, Accountant, Part Time Teachers (English), Part Time Teachers (Sanskrit / Hindi), Part Time Teachers (Science / Mathematics) ପଦବୀ କେବଳ ମହିଳା ପ୍ରାର୍ଥିନୀମାନଙ୍କଠାରୁ ଆବଶ୍ୟକ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଥିବା ମହିଳା ପ୍ରାର୍ଥିନୀମାନେ ଜିଲ୍ଲା ୱେବ୍‌ସାଇଟ www.kalahandi.odisha.gov.inରୁ ଆବଶ୍ୟକ ଦରଖାସ୍ତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟୱାରୀ ଖାଲି ପଡ଼ିଥିବା ତାଲିକା ଓ ଆବେଦନ କରିବା ପାଇଁ ଅନ୍ୟାନ୍ୟ ତଥ୍ୟ ଡାଉନ୍‌ଲୋଡ କରି ତା୩।୨।୨୫ରିଖରୁ ୧୧।୦୨।୨୦୨୫ ତାରିଖ ସନ୍ଧ୍ୟା ୫ ଘଟିକା ସୁଦ୍ଧା ଆବେଦନ କରିବା ପାଇଁ ସୂଚାଇ ଦିଆଗଲା।
ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ସମଗ୍ର ଶିକ୍ଷା, କଳାହାଣ୍ଡିଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲା ଶିକ୍ଷାଧିକାରୀ-ତଥା-ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, କଳାହାଣ୍ଡି
OIPR–27172/11/0003/2425

# ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୨।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ସଦର ମହକୁମାରେ ରବିବାର ପୂର୍ବାହ୍ନରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ୨୩ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଶେଷ କରି ମେଗା ଲିଫ୍ଟ, ନିର୍ମାଣ କାର୍ଯ୍ୟର ବିଲ ପୈଠ ଏବଂ ଭିନ୍ନକ୍ଷମ ଭତ୍ତା ଯୋଜନାରେ ସାମିଲ କରିବା ପାଇଁ ଜନସାଧାରଣ ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଅଭିଯୋଗ ଆଣିଲେ ସୁଦ୍ଧା ସମାଧାନ ହେଉ ନ ଥିବାରୁ ବିଧାୟକଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିବା ଜଣାପଡିଛି। ପ୍ରତ୍ୟେକ ଅଭିଯୋଗକାରୀଙ୍କ ସହ ବିଧାୟକ ଆଲୋଚନା କରି ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

**NOTICE**
DIST-BOLANGIR
COURT OF SENIOR CIVIL JUDGE, TITILAGARH
Execution case No.1/2016
Food Corporation of India, District Office, Titilagarh. ... D.Hr.
Versus
Utkal Roller Flour Mills Pvt. Ltd. & others. ... J.Drs.
To
(i) Utkal Roller Flour Mills Pvt. Ltd., Cherupali.
(ii) Thawar mal Swamy, S/o Baluram Swamy.
(iii) Suresh Kumar Swamy, S/o Baluram Swamy.
All resident of At/P.O. Cherupali, P.S.Dunguripali, Civil Judgeship- B.Rampur, District Sonepur, Odisha. ...J.Drs.
Where as Area Manager Food Corporation of India on behalf of Food Corporation of India, District Office, Titilagarh has made application to this court for execution of decree in Civil suit No.84/2009 on the allegation that you are the judgement Debter in the case. This is to give you notice to appear before this court on the day of 20.02.2025. to show cause why execution should not be granted.
Given under my hand and the seal of the court this 18th day of January 2025.
Sd/-
Civil Judge. (SD)

# ଲୋକାରଣ୍ୟ ପାଲଟିଲା ଉତ୍ସବ ପ୍ରଧାନପାଟ ଦ୍ୱିତୀୟ ସନ୍ଧ୍ୟା



ଉତ୍ସବ ପ୍ରଧାନପାଟ ଦ୍ୱିତୀୟ ସନ୍ଧ୍ୟାରେ ପରିବେଶିତ ସାଂସ୍କୃତିକ ନୃତ୍ୟ।

**ସ୍ୱୟମ ପାଢୀଙ୍କ ସଙ୍ଗୀତର ତାଳେ ତାଳେ ଝୁମିଲେ ଦର୍ଶକ**

ଦେବଗଡ଼,୨।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ମହୋତ୍ସବ ଉତ୍ସବ ପ୍ରଧାନପାଟ ସ୍ଥାନୀୟ ବଡ଼ବଗିଚା ପଡିଆରେ ଚାଲିଥିବା ବେଳେ ରବିବାର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକଙ୍କ ଭିଡ ଜମିଥିଲା। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସନ୍ଧ୍ୟା ଉତ୍ସବକୁ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ ଉଦଘାଟନ କରିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦଘାଟନ କରି ଜିଲାବାସୀଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିବା ସହିତ ଜିଲାର ବିକାଶ ପାଇଁ ସମସ୍ତେ ହାତ ମିଳାଇବାକୁ ଆହ୍ୱାନ କରିଥିଲେ। ପ୍ରଶାସନ ପକ୍ଷରୁ ଅତିଥିଙ୍କୁ ଉପଢୌକନ ଏବଂ ସ୍ମାରକୀ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ସଭା ପୂର୍ବରୁ ଦେବଗଡ଼ କୁଡୋ ଆସୋସିଏଶନ କଳାକାରମାନେ ବିଭିନ୍ନ ଆତ୍ମ ସୁରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ଆପ୍ରାଇଜ କଲେଜ, ଆଦର୍ଶ ମୋହନ ଡ୍ୟାନ୍ସ ଗ୍ରୁପ, ମା' ମାହେଶ୍ୱରୀ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସ୍ଥାନୀୟ କଳାକାରମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଉଦ୍‌ଘାଟନୀ ସଭା ପରେ କରଞ୍ଜିଆର ମାଳଖମ୍ଭ, ପଲ୍ଲବୀ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସମ୍ବଲପୁରୀ ନୃତ୍ୟ, କୋରାପୁଟର ସାଂସ୍କୃତିକ ଦଳ ଢେମସା ଏବଂ ବରଗଡ଼ କଳାକାରମାନଙ୍କ ଦ୍ୱାରା ଡାଲଖାଇ ନୃତ୍ୟ ପରିବେଷଣ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସ୍ୱୟମ ପାଢୀଙ୍କ ସଙ୍ଗୀତର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ।

**State Health Assurance Society** No.E-
A1 Block, 2nd Floor, Toshali Bhawan, Satya Nagar
Unit-9, Bhubaneswar – 751007, Odisha
Phone/Fax :0674-2620500

**TENDER CALL NOTICE FOR PRINTING & SUPPLY OF ENVELOP, ABPMJAY-GJAY CARD HOLDER (POUCH), FAQ (LEAFLET) & HCM LETTER**

Tender Advt. No. 01/2025 Date: 03.02.2025

Sealed tenders are invited from registered agencies (with GST registration having GSTIN) having adequate experience in taking up the works of composing /proof reading / designing and printing. Details regarding the design of these items, specifications, printing and supply terms & conditions may be downloaded from the websites: www.nhmodisha.gov.in (under link "Tender"). A pre-bid meeting shall be held on **06.02.2025, 03.30 PM at NHM Conference Hall, Unit-8, Bhubaneswar**. The tender should reach the office of the undersigned by **10.02.2025 (till 03.00 PM)**. The Tender will be opened at **04.00 PM on 10.02.2025 at NHM Conference Hall, Unit-8, Bhubaneswar.** Any changes in the tender document including extension if any shall only be notified in the website mentioned above.
The undersigned reserves the right to reject any or all the tenders / cancel the tender without assigning any reason thereof.

OIPR-10170/11/0008/2425
Sd/
Chief Executive Officer
State Health Assurance Society, Odisha

**ବକଟି ସରପଞ୍ଚଙ୍କ ପରଲୋକ**

ଲୋଇସିଂହା,(ସୁଶାନ୍ତ ବାରିକ)ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବକଟି ସରପଞ୍ଚ ସୁଲତା ପୁରୋହିତଙ୍କ ୬୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଲୋକେ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଅସୁସ୍ଥ ଥିବାରୁ ସେ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ମଧାହ୍ନରେ ମରଶରୀର ଗାଁ ରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ପଞ୍ଚାୟତବାସୀ ତାଙ୍କ ଶେଷ ଦର୍ଶନ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ବିସ୍ଥାପିତ ଲୋକଙ୍କୁ କମ୍ପାନୀ କ୍ଷତିପୂରଣ ଦେଉ

## ଖଣି ଖନନକୁ ବିରୋଧ

### ଅନୁଧ୍ୟାନ ପାଇଁ ଜିଲା ପ୍ରଶାସନର ଘଟଣାସ୍ଥଳ ପରିଦର୍ଶନ

ଭବାନୀପାଟଣା/ଥୁଆମୂଳ ରାମପୁର, ୨।୨
(ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି)


କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ସୂର୍ଯ୍ୟଗଡ଼, କନରଫାସ ଓ ଦୂରମୁଷି ଆଦି ଅଞ୍ଚଳରେ ଗତ ସପ୍ତାହ ଧରି ଏକ କମ୍ପାନୀ ପକ୍ଷରୁ ବ୍ଲାଷ୍ଟିଂ କରି ଖଣି ଖନନ କରାଯାଉଥିଲା। ଯାହାକୁ ବିରୋଧ କରିଛନ୍ତି ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧି। ବିସ୍ଥାପିତ ଲୋକଙ୍କୁ ପ୍ରଥମେ କମ୍ପାନୀ କ୍ଷତିପୂରଣ ଦେଉ ବୋଲି ଦାବିକରି ଗତ ୩ ଦିନ ହେଲା ସ୍ଥାନୀୟ ଲୋକେ ଏହି ଖଣି ଖନନକୁ ବନ୍ଦ କରିବା ସହ ପ୍ରତିବାଦ କରିଛନ୍ତି। ଫଳରେ ଅନୁଧ୍ୟାନ ପାଇଁ ଶନିବାର ଘଟଣାସ୍ଥଳକୁ ଜିଲା ପ୍ରଶାସନ ପକ୍ଷରୁ ଭବାନୀପାଟଣା ଉପଜିଲାପାଳ ପ୍ରଭାତ ପରିଡା, ଥୁଆମୂଳ ରାମପୁର ତହସିଲଦାର ନିରୋଜ କୁମାର ଭତ୍ରା ପ୍ରମୁଖ ଘଟଣାସ୍ଥଳକୁ ଯାଇ ବିସ୍ଥାପିତ ଲୋକଙ୍କୁ ବୁଝାସୁଝା କରିଥିଲେ। କମ୍ପାନୀ ପ୍ରତିଶ୍ରୁତି ଦେଇଥିବା କ୍ଷତି ପୂରଣ ପ୍ରଦାନ କରା ନ ଗଲା ଯାଏ ଏହି ଆନ୍ଦୋଳନ ଚାଲିବ ବୋଲି ବିସ୍ଥାପିତମାନେ ପ୍ରକାଶ କରିଥିଲେ। ଫଳରେ ଅଧିକାରୀମାନେ ଘଟଣାସ୍ଥଳରୁ ନିରାଶ ହୋଇ ଫେରିଥିଲେ।

ପ୍ରକାଶ, ଖଣି ଖନନ ପୂର୍ବରୁ କମ୍ପାନୀ ପକ୍ଷରୁ ଲୋକଙ୍କୁ କ୍ଷତିପୂରଣ ଦିଆ ଯିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଲୋକଙ୍କୁ କ୍ଷତି ପୂରଣ ଏଯାଏ ମିଳି ନ ଥିବା ବେଳେ ହାଇକୋର୍ଟ ନିର୍ଦ୍ଦେଶକୁ ମଧ କମ୍ପାନୀ ବେଖାତିର କରିଛି। କମ୍ପାନୀ ସହିତ ଖଣି ଖନନ ପାଇଁ ରାୟଗଡ଼ା ଜିଲାପାଳ, ଓଡ଼ିଶା ଖଣି ନିଗମର ବୁଝାମଣା ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। କଳାହାଣ୍ଡି ଜିଲାର ୩ଟି ଗାଁରେ ଖଣି ଖନନ ଥିବାବେଳେ ଚୁକ୍ତିପତ୍ରରେ କଳାହାଣ୍ଡି ପରିବର୍ତ୍ତେ ରାୟଗଡ଼ା ଜିଲାପାଳ ଖଣିଖନନ ପାଇଁ ଅନୁମତି ଦେବା ଘଟଣା ତଦନ୍ତ ସାପେକ୍ଷ। କଳାହାଣ୍ଡି ଓ ରାୟଗଡ଼ା ଜିଲାସ୍ଥିତ ବଫଲାମାଲି ବକ୍ସାଇଟ ବ୍ଲକ ଖନନ ନିମନ୍ତେ ରାଜ୍ୟ ସରକାର ୧୯୯୭ ମସିହା ଜୁନ ୧୦ରେ ଓଡ଼ିଶା ଖଣି ନିଗମ ଲିମିଟେଡକୁ ଖଣି ପଟ୍ଟା ପ୍ରଦାନ କରିଥିଲେ। ୧୯୯୮ ମସିହା ଜଙ୍ଗଲ ଜମିପଟ୍ଟା ଫେବୃଆରି ୧୭ରେ ଏହି ଖଣି ପଟ୍ଟା ରେଜିଷ୍ଟ୍ରେସନ ସମ୍ପାଦିତ ହୋଇଥିଲା। ଏଥିରେ ୧୦୦% ରପ୍ତାନିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ସର୍ତ୍ତେ ଅନୁଯାୟୀ ୨୦୦୦ ମସିହା ଜୁନ ୨୬ରେ କମ୍ପାନୀକୁ ଖଣିପଟ୍ଟା ହସ୍ତାନ୍ତର କରିଥିଲେ। ଏହି ରେଜିଷ୍ଟ୍ରେସନରେ ରାୟଗଡ଼ା ଜିଲାପାଳ, ଉତ୍କଳ ଆଲୁମିନା କମ୍ପାନୀ ଓ ଓଡ଼ିଶା ଖଣି ନିଗମ ମଧ୍ୟରେ ସ୍ୱାକ୍ଷର ହୋଇଥିଲା। କିନ୍ତୁ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକର ସୂର୍ଯ୍ୟଗଡ଼, କନାରପାସ ଓ ଦୂର୍ମୁଷି ଅଞ୍ଚଳରେ ଖଣି ଖନନ ହେଉଥିବାବେଳେ କଳାହାଣ୍ଡି ଜିଲାପାଳଙ୍କୁ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରାଯାଇ ନ ଥିଲା। ସମସ୍ତ ଏଗ୍ରିମେଣ୍ଟ ଶେଷ ହେବା ପରେ କେବଳ ଖଣି ଖନନ ନିମନ୍ତେ କଳାହାଣ୍ଡି ଜିଲାପାଳ ୨୦୦୪ ଅକ୍ଟୋବର ୫ରେ ସରଫେସ ରାଇଟ ପ୍ରଦାନ କରିଥିଲେ। ରାୟଗଡ଼ା ଜିଲାର ଖଣି ଖନନ ନେଇ ବିସ୍ଥାପିତ ହୋଇଥିବା ଲୋକେ କ୍ଷତିପୂରଣ ପାଇ ସାରିଛନ୍ତି। କିନ୍ତୁ କଳାହାଣ୍ଡି ଜିଲାର କନାରପାସ, ସୂର୍ଯ୍ୟଗଡ଼ ଓ ଦୂର୍ମୁଷି ଗ୍ରାମର ଲୋକେ କ୍ଷତିପୂରଣ ପାଇନାହାନ୍ତି। ବର୍ଷବର୍ଷ ଧରି ଖଣି ଖନନ କରି ବିସ୍ଥାପିତ ହୋଇଥିବା ଲୋକଙ୍କୁ ରାୟଗଡ଼ା ଜିଲାପାଳ ନା' କଳାହାଣ୍ଡି ଜିଲାପାଳଙ୍କ ଜରିଆରେ କ୍ଷତିପୂରଣ ପ୍ରଦାନ କରାଯିବ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାର ମଧ ଏଥିରେ ହସ୍ତକ୍ଷେପ କରୁ ନଥିବା ଯୋଗୁ ଆଦିବାସୀମାନେ ନିଜର ପ୍ରାପ୍ୟ ପାଇପାରୁନାହାନ୍ତି। କଳାହାଣ୍ଡି ଜିଲାର ଆର୍ପିଡିଏସି ବୈଠକରେ ଏନେଇ ବାରମ୍ବାର ଉଦ୍‌ବେଗ ପ୍ରକାଶ ପାଇଆସୁଛି। ଖଣି ଖନନ କରାଯାଇଥିବା ଅଞ୍ଚଳ ସେମାନଙ୍କର ଓ ଆଦିବାସୀମାନଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଆଦିବାସୀ ଲୋକ ଗରିବ ହୋଇଥିବା ଯୋଗୁ କୋର୍ଟର ଦ୍ୱାରସ୍ଥ ମଧ ହୋଇପାରୁ ନାହାନ୍ତି। ଏ ନେଇ ହାଇକୋର୍ଟ ତୁରନ୍ତ ସେମାନଙ୍କ ସହିତ କଥାବାର୍ତ୍ତା ଜରିଆରେ ଆପୋସ ବୁଝାମଣା ପାଇଁ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କମ୍ପାନୀ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବୁଝାମଣା ହୋଇ ନ ଥିବାବେଳେ ଜୋରଜବରଦସ୍ତ ଗତ ଏକ ସପ୍ତାହ ଧରି ବ୍ଲାଷ୍ଟି କରି ଖଣି ଖନନ ଆରମ୍ଭ କରିଛି।

# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

### ମୃତଦେହ ଫେରାଇ ଆଣିବାକୁ ବିଧାୟକଙ୍କୁ ନିବେଦନ

କୋକସରା,୨।୨
(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲାରେ ପୁଣି ଜଣେ ଦାଦନ ଶ୍ରମିକ ବାହାର ରାଜ୍ୟକୁ ପେଟପାଟଣା କରିବାକୁ ଯାଇ ଆଖି ବୁଜିଛନ୍ତି। କୋକସରା ବ୍ଲକ କୋକସରା ଗ୍ରାମର ଅଶୋକ କୁମାର ଦାସ (୫୪) ଦୀର୍ଘବର୍ଷ ହେବ ଦାଦନ ଶ୍ରମିକ ଭାବେ ହାଇଦ୍ରାବାଦର ପଟେନଚେରୁ ପୋଲିସ ଷ୍ଟେସନ ଅନ୍ତର୍ଗତ କୌଣସି ଏକ ଠିକା ସଂସ୍ଥାରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ରହିଥିଲେ। ତେବେ ଗତ ଜାନୁଆରୀ ୧୮ରେ ଅସୁସ୍ଥତା କାରଣରୁ ସ୍ଥାନୀୟ ପଟେନଚେରୁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୩୧ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସ୍ଥାନୀୟ ପଟେନଚେରୁ ଥାନା ପୋଲିସ ରିପୋର୍ଟରୁ ଜଣାପଡିଛି। ଏନେଇ ହାଇଦ୍ରାବାଦ ପଟେନଚେରୁ ପୋଲିସ ପକ୍ଷରୁ କୋକସରା ପୋଲିସକୁ ସୂଚନା ଦେବାପରେ ପୋଲିସ ପରିବାର ଲୋକଙ୍କୁ ଅବଗତ କରାଇଥିଲା। ତେବେ ପରିବାର ଲୋକ ମୃତଦେହ ଆଣିବାରେ ଅସମର୍ଥ ଥିବାରୁ ରବିବାର କୌଣସି ଏକ କାର୍ଯ୍ୟରେ ସ୍ଥାନୀୟ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ କୋକସରା ଆସିଥିବା ଖବରପାଇ ମୃତକଙ୍କ ପରିଜନ ମୃତଦେହ ଫେରାଇ ଆଣିବା ପାଇଁ ଜିଲା ପ୍ରଶାସନ ସହ ଆଲୋଚନା କରିବା ପାଇଁ ନିବେଦନ କରିଥିଲେ। ବିଧାୟକ ଏନେଇ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସହ ଆଲୋଚନା କରି ହାଇଦ୍ରାବାଦରୁ ମୃତଦେହ ଆଣିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ପରିବାର ଲୋକେ କହିଛନ୍ତି।


ମୃତ ଦାଦନ ଶ୍ରମିକଙ୍କ ଫାଇଲ ଫଟୋ।

# କଲେଜର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣୀ ଉତ୍ସବ



ବାର୍ଷିକ କ୍ରୀଡା ପୁରସ୍କାର ବିତରଣୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା,୨।୨ (ମକାରୁ ବେମାଲ)

ନୂଆପଡା ଜିଲା ଘାଟିପଡା ଶ୍ରୀସାଇ କଲେଜ କୁରୁମପୁରିଠାରେ ଶନିବାର ୯ତମ ବାର୍ଷିକ କ୍ରୀଡା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ମୁଖ୍ୟ ଅତିଥି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଖେଳ ଶିକ୍ଷକ ଦୁଷ୍ମନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଅଧ୍ୟୟନ ସହ କ୍ରୀଡା ଉପରେ ଧ୍ୟାନ ଦେବାକୁ କହିଥିଲେ। ଉକ୍ତ ବାର୍ଷିକ କ୍ରୀଡାରେ ଶହେ, ୪ ଶହ ମିଟର ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ସର୍ଟପୁଟ, ଭଲିବଲ୍, କବାଡି, ରଶି ଡିଆଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏହି ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଯୁକ୍ତ ୨ କଳାରେ ୯୯ ପ୍ରତିଶତ ମାର୍କ ରଖି କ୍ରୀଡା କ୍ଷେତ୍ରରେ ସବୁ ଇଭେଣ୍ଟରେ କୃତକାର୍ଯ୍ୟ ହୋଇଥିବାରୁ ସୋମବାରୀ ଶବରଙ୍କୁ କଲେଜ ତରଫରୁ ୨୦୨୫ ଏୱାର୍ଡ ପୁରସ୍କାର ଦିଆଯାଇଥିଲା। କଲେଜର ଅଧ୍ୟାପିକା, ଅଧ୍ୟାପକମାନଙ୍କରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସିପ୍ରା ଗୋଆ, ଇପସୀତା ରାଜପୁତ, ଇପସୀତା ମଣ୍ଡଳ, ପଦ୍ମନାଭ ପାଣ୍ଡେ, ଗଣେଶ ସାହୁଙ୍କୁ ପୁରସ୍କୃତ କରା ଯାଇଥିଲା। ଅଙ୍କିତ ହୋତା ମଞ୍ଚ ପରିଚାଳନା କରିଥିଲେ।

# ସମସ୍ୟା କବଳିତ ଜଡ଼ାମୁଣ୍ଡା ବସ୍‌ଷ୍ଟାଣ୍ଡ

### ନୂତନ ନଳକୂପ ଖନନ ଦାବି

ନୂଆପଡା,୨।୨ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ବସଷ୍ଟାଣ୍ଡରେ ଗ୍ରୀଷ୍ମଋତୁ ପୂର୍ବରୁ ପିଇବା ପାଣି ସମସ୍ୟା ଦେଖାଦେଲାଣି। ଜଡାମୁଣ୍ଡା ବସଷ୍ଟାଣ୍ଡକୁ ବସ ଅପେକ୍ଷାରେ ଆସୁଥିବା ଯାତ୍ରୀ, ପଥିକ ପିଇବା ପାଣି ପାଇଁ ଉହଲବିକଳ ହେଉଥିବାବେଳେ ବସଷ୍ଟାଣ୍ଡବାସୀ ଜଡାମୁଣ୍ଡା ଗାଁ କିମ୍ବା ଗନିଆରି ଗାଁ ୨ରୁ ୩ କିଲୋମିଟର ପାଣି ଆଣିବାକୁ ଯାଇ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଜଡାମୁଣ୍ଡା ବସଷ୍ଟାଣ୍ଡରେ ନୂତନ ନଳକୂପ ଖନନ ପାଇଁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓ,ଜିଲାପାଳ ପର୍ଯ୍ୟନ୍ତ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବସଷ୍ଟାଣ୍ଡରେ ଛୋଟ ବଡ ୧୫ରୁ ଊର୍ଦ୍ଧ୍ୱ ଦୋକାନ ରହିଛି। ଦୂରଦୁରାନ୍ତକୁ ଯିବା ପାଇଁ ସୁନାବେଡା, ସୋସେଙ୍ଗ, ମିଛାପାଲି, ଜଡାମୁଣ୍ଡା ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗାଁର ଲୋକେ ଜଡାମୁଣ୍ଡା ବସଷ୍ଟାଣ୍ଡ ଉପରେ ନିର୍ଭର କରିଥାନ୍ତି। ପିଇବା ପାଣି ଅଭାବ ଯୋଗୁ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ଯାତ୍ରୀମାନେ ଖରା, ବର୍ଷାରେ ଗଛମୂଳେ ବିଶ୍ରାମ ନେଉଛନ୍ତି। ଦୂରଦୁରାନ୍ତକୁ ଯିବା ଯାତ୍ରୀ ରାତି ପର୍ଯ୍ୟନ୍ତ ମଧ୍ୟ ରହିଥାନ୍ତି। ଆଲୋକ ଅଭାବରୁ ଅନ୍ଧାରରେ ରହିବାକୁ ପଡେ। ଜଡାମୁଣ୍ଡା ବସଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମାଗାର, ହାଇମାର୍କ୍ସ ଲାଇଟ,ଶୌଚାଳୟ ଓ ନୂତନ ନଳକୂପ ଖନନ ହେଉ ବୋଲି ସାମାଜିକ କର୍ମୀ ହେମନ୍ତ କର ଓ ଅଞ୍ଚଳବାସୀ ଦାବି କରିଛନ୍ତି।


ଜଡାମୁଣ୍ଡା ବସଷ୍ଟାଣ୍ଡ।

# କବି ବ୍ରଜରାଜ ସିଂହଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ


ବ୍ରଜରାଜ ସିଂହ ଦେଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

ଖଡ଼ିଆଳ,୨।୨ (ସୁଜିତ କୁମାର ପ୍ରଧାନ)

ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ପାଇଁ ବ୍ରଜରାଜ ସିଂହ ଦେଙ୍କ ଅବଦାନ ଅବିସ୍ମରଣୀୟ। ଜଣେ ପ୍ରଜାବତ୍ସଳ ରାଜା ଭାବେ ସେ ସୁପରିଚିତ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଖଡ଼ିଆଳ ସାହିତ୍ୟ ସମିତିର ମିଳିତ ଆନୁକୂଲ୍ୟରେ ଖଡ଼ିଆଳ ରାଜଦରବାରରେ କବି ବ୍ରଜରାଜ ସିଂହ ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ଏହି ବକ୍ତବ୍ୟ ପ୍ରଦାନ କରିଥିଲେ। ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ତଥା ସୁସାହିତ୍ୟିକ ଡ. ସୁଶାନ୍ତ କୁମାର ବିଶି ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ ତଥା ଖଡ଼ିଆଳ ରାଜାସାହେବ ଡ. ଜିତାମିତ୍ର ପ୍ରସାଦ ସିଂହ ଦେବ, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କବି ବଳଭଦ୍ର ମହାଉତି, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ପ୍ରାଧାପକ ସାମୁଏଲ ଦାନୀ, ମୁଖ୍ୟବକ୍ତା ଭାବରେ ଉପେନ୍ଦ୍ର ପ୍ରଭାକର ମହାବିଦ୍ୟାଳୟ ଡୁକୁଲାର ପ୍ରାଧାପକ ଡ. ଶରତ ଚନ୍ଦ୍ର ଚଲାନ ଓ ସମ୍ମାନିତ ବକ୍ତା ଭାବରେ କବି ଗୌରାଙ୍ଗ କୁମାର ସାହୁ ଯୋଗ ଦେଇଥିଲେ। ସମିତିର ଯୁଗ୍ମ ସମ୍ପାଦକ ଆଦିତ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବି ସନାତନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗୀତ ସୌରଭ ନନ୍ଦଲାଲ ବାରିକ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସମାରୋହରେ ବିଶିଷ୍ଟ କବି ପଞ୍ଚାୟତ ନୀଳଲୋହିତ ସିଂହ ଦେବ, ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ, ଅବସରପ୍ରାପ୍ତ ପ୍ରାଧାପକ ବିଜୟ କୁମାର ବାରିକ, ଲୋହିତାକ୍ଷ ଯୋଷୀ, ସତୀଶ କୁମାର ପଟ୍ଟନାୟକ, ନବୀନ କିଶୋର ପାଢ଼ୀ, ଅଶୋକ କୁମାର ବେହେରା, ଅବକାଶ ନାରାୟଣ ପଣ୍ଡା, କୈଳାସ ବାଗ, ଆକାଶ କୁମାର ସାହୁ, ଗୋବର୍ଦ୍ଧନ ସାହୁ, ସଂଗ୍ରାମ ସିଂ ଠାକୁର, ଖରତ ଚନ୍ଦ୍ର ବାରିକ, କ୍ଷମସାଗର ସାହୁ, କ୍ଷମରାଜ ମହାପାତ୍ର, ଗଜିନ୍ଦ୍ର ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ଯୁବରାଜ ଦେବ ଦେବ ସିଂହ ଦେଓ ସହଯୋଗ କରିଥିଲେ। ସମାରୋହରେ ଶତାଧିକ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।

## ମହୁ ମାଛି ଆକ୍ରମଣରେ ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ

ଭବାନୀପାଟଣା,୨।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଉପକଣ୍ଠ ଦୁଆରଶୁଣିରେ ହାଇଟେକ ପବ୍ଲିକ ସ୍କୁଲରେ ରବିବାର ସରସ୍ୱତୀ ପୂଜା ଚାଲିଥିବାବେଳେ ହଠାତ ମହୁମାଛି ଆକ୍ରମଣ କରିଥିଲା। ଏଥିରେ ସ୍ଥାନୀୟ ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର,ସ୍କୁଲ କର୍ମଚାରୀ ଆହତ ହୋଇଥିବା ଜଣାପଡିଛି। ତୁରନ୍ତ ସେମାନଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଯାଇଥିଲା। ଚିକିତ୍ସା ପରେ ସମସ୍ତ ଆହତ ଛାତ୍ରୀଛାତ୍ର ଓ କର୍ମଚାରୀ ନିଜ ଘରକୁ ଫେରିଥିବା ଜଣାପଡିଛି। ସ୍କୁଲରେ ଦୁଇଟି ମହୁ ଫେଣା ରହିଥିଲା। ସେଠାରୁ ମହୁମାଛି କୌଣସି କାରଣବଶତଃ ଉଡ଼ି ଆସି ଛାତ୍ରୀଛାତ୍ର,ସ୍କୁଲ କର୍ମଚାରୀଙ୍କୁ ଆକ୍ରମଣ କରିଥିଲା।

# ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମାଧାନ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ଦାବି

କେସିଙ୍ଗା, ୨।୨(ତୁମେଶ୍ୱର ସାହୁ)

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କଳାହାଣ୍ଡି ଜିଲା ଉତ୍କେଳା ଏୟାର ଷ୍ଟ୍ରିପରେ ରବିବାର ଓହ୍ଲାଇ ବଲାଙ୍ଗିର ଜିଲା ଗସ୍ତରେ ଯାଇଛନ୍ତି। ଗସ୍ତ ସମୟରେ କିଛି ସମୟ କେସିଙ୍ଗା ଏନଏସି ଗେଷ୍ଟ ହାଉସରେ ରହଣିବେଳେ ନଗର ଭାଜପା କର୍ମକର୍ତ୍ତା, ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କୁ ସାକ୍ଷାତକରି କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବିଭିନ୍ନ ସମସ୍ୟା ସହିତ ଡାକ୍ତର ଅଭାବ ବିଷୟ କହି ସମାଧାନ ଲାଗି ଦାବି କରିଥିଲେ। ମନ୍ତ୍ରୀ ମହାଲିଙ୍ଗ ସମସ୍ତ ଅଭିଯୋଗ ଉପରେ ମତ ପ୍ରକାଶ କରିଥିଲେ, ଯାହାବି ସମସ୍ୟା ଅଛି, ତାହା ପୂର୍ବ ସରକାର ଶାସନ ସମୟରେ ହୋଇଛି। ଡ଼ାକ୍ତରଖାନାରେ ବିଭିନ୍ନ ପଦବୀ ପୂରଣ ନିମନ୍ତେ ଆସନ୍ତା ୭ରେ ୩୫୦୦ ପାରା ମେଡିକାଲ କର୍ମଚାରୀ ନିଯୁକ୍ତି ଦେବା ଏବଂ ୫୫୦୦ ଡାକ୍ତର ପଦବୀ ପୂରଣ ଲାଗି ବିଜ୍ଞାପନ ଦେଇଛୁ। ଭାବୁଛି ଚଳିତ ବର୍ଷରେ ଖାଲିଥିବା ପଦବୀଗୁଡିକ ପୂରଣ ହୋଇଯିବ। ଏହି ସମୟରେ ପୂର୍ବତନ ଜୁନାଗଡ଼ ଏନଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲଙ୍କ ସମେତ ଜିଲାସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଥାନା ସମ୍ମୁଖରେ ଯୁବ ଛାତ୍ର କଂଗ୍ରେସର ବିକ୍ଷୋଭ

### ରାଜ୍ୟ ଛାତ୍ର କଂଗ୍ରେସ ସଭାପତିଙ୍କ ଗିରଫକୁ ନିନ୍ଦା

ଭବାନୀପାଟଣା,୨।୨(ଉତ୍ତମ କୁମାର ଦାଶ)

ଆର୍‌ଏସଏସ ମୁଖ୍ୟ ମୋହନ ଭାଗବତଙ୍କ ଭୁବନେଶ୍ୱର ଗସ୍ତ ସମୟରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଓ ତାଙ୍କ ସହଯୋଗୀ କଳାପତାକା ଦେଖାଇଥିଲେ। ଏହି ଘଟଣାକୁ ନେଇ ପୋଲିସ ଆକ୍ରୋଶମୂଳକ ଭାବେ ସଭାପତି ଓ ତାଙ୍କ ସହଯୋଗୀ ଛାତ୍ରମାନଙ୍କୁ ଗିରଫ କରିଛି। ଏହି ଘଟଣାକୁ ଦୃଢ଼ ନିନ୍ଦା କରି ଭବାନୀପାଟଣା ଗାନ୍ଧୀ ଛକ ସ୍ଥିତ ଟାଉନ ଥାନା ସମ୍ମୁଖରେ ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବଙ୍କ ନେତୃତ୍ୱରେ ସରକାର ଓ ପୋଲିସ ବିରୋଧରେ ବିକ୍ଷୋଭ ପ୍ରତିବାଦ କରାଯାଇଛି। ଏହି ସମୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦିକା ମନ୍ଦାକିନୀ ବାଣୁଆ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବେଣୁ ପାଣି ଦୁର୍ଗା, ଜିଲା ଛାତ୍ର କଂଗ୍ରେସ ସଭାପତି ସୁଶାନ୍ତ ପ୍ରଧାନୀ, ସୁବାସ ପ୍ରଧାନ,କାଉନସିଲ ସଚିନ ନାଏକ,କେତନ , ମନୋଜ କରୁଆଁ, ଦେବାଶିଷ କୁମାର, ଆଶିଷ ନାଏକ, ଅନିଲ, ଚୈତନ୍ୟ, ସୁଜିତ ରଘୁ, ବଣ୍ଟି, ବରିଷ୍ଠ କଂଗ୍ରେସ ନେତା ବ୍ରଜ ସାହୁ, ଭାଗବତ, ନାରୀ ନେତ୍ରୀ ପ୍ରମିଳା ବାତ୍ରା ପ୍ରମୁଖ ଯୋଗ ଦେଇଥିଲେ। ଶୀଘ୍ର ଛାତ୍ର ନେତାମାନଙ୍କୁ ଛାଡି ଦିଆ ନ ଗଲେ ଆଗାମୀ ଦିନରେ ସବୁ ଥାନା ସାମ୍ନାରେ ଗଣତାନ୍ତ୍ରିକ ଉପାୟରେ ଜୋରଦାର ପ୍ରତିବାଦ ହେବ ବୋଲି ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର କର୍ମୀମାନେ କହିଛନ୍ତି।



ଟାଉନ ଥାନା ସମ୍ମୁଖରେ ଯୁବ, ଛାତ୍ର କଂଗ୍ରେସର ବିକ୍ଷୋଭ।

# ଭାଟିର ପୂର୍ବତନ କର୍ମଚାରୀ ମାଷ୍ଟର ମାଇଣ୍ଡ

## ଧର୍ମଗଡ଼ ଦେଶୀ ମଦ ଭାଟିରୁ ଟଙ୍କା ଲୁଟ୍ ଘଟଣା

- ଆୟକର ଜରିଆରେ ହେବ ଜବତ ଟଙ୍କାର ତଦନ୍ତ
- ଆଇ ଜି ନୀତି ଶେଖର ଙ୍କ ଖବରଦାତା ସମ୍ମିଳନୀ

ଧର୍ମଗଡ଼/ବେହେରା,୨।୨
(ଆକାଶ କୁମାର ଜଗତ/ ଭୂପେଶ ତିୱାରୀ)



ଆଇଜି ନୀତି ଶେଖରଙ୍କ ଖବରଦାତା ସମ୍ମିଳନୀରେ ସୂଚନା।

କଳାହାଣ୍ଡି ଜିଲା ଧର୍ମଗଡ଼ ଦେଶୀ ମଦ ଭାଟିରୁ ଟଙ୍କା ଲୁଟ ଘଟଣାରେ ୮ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗକୁ କଳାହାଣ୍ଡି ପୋଲିସ ଧରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଝାଡଖଣ୍ଡ ରାଜ୍ୟ ରାଞ୍ଚି ଜିଲାର ତାହିର ଅନସାରୀ, ହୁସେନ ଖାନ, ଜସିମ ଖାନ, ସାମିମ ଅନସାରୀ, ବାସୁଦେବ ଗୋପେ, ପିଣ୍ଟୁ ଓରଫ ଆଲିମ, ଅନୁଜ କୁମାର ଓ ସମିମ ଅନସାରୀ। ଏହି ଘଟଣାରେ ସାମିଲ ଥିବା ଆଉ ଜଣେ ଡକାୟତ ଫେରାର ଅଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ନଗଦ ୩ କୋଟି ୫୧ଲକ୍ଷ ଟଙ୍କା, ବନ୍ଧୁକ, ଗୁଳି, ଅପରାଧରେ ବ୍ୟବହୃତ ଗାଡି ଏବଂ ମାରଣାସ୍ତ୍ର ଆଦି ଜବତ କରାଯାଇଛି। ଏ ନେଇ ଧର୍ମଗଡ଼ ପୋଲିସ ଷ୍ଟେସନ ଠାରେ ରବିବାର ମଧ୍ୟାହ୍ନରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଦକ୍ଷିଣ ପଶ୍ଚିମାଞ୍ଚଳ ଆଇଜି ନୀତି ଶେଖର। ଧର୍ମଗଡ଼ ଦେଶୀ ମଦ ଭାଟିରୁ ଗତ ୬ ମାସ ତଳେ ବହିଷ୍କୃତ ହୋଇଥିବା ପୂର୍ବତନ କର୍ମଚାରୀ ଅନୁଜ କୁମାର ଏହି ଲୁଟ ଘଟଣାର ମାଷ୍ଟର ମାଇଣ୍ଡ। ଗତ କିଛି ଦିନ ତଳେ ସେ ଧର୍ମଗଡ଼କୁ ଆସି ଡ଼କାୟତି ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲା ବୋଲି ଆଇଜି କହିଛନ୍ତି।

ଏହି ଆନ୍ତଃରାଜ୍ୟ ଡ଼କାୟତମାନଙ୍କୁ ଧରିବା ପାଇଁ କଳାହାଣ୍ଡି ପୋଲିସ ସମେତ ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼, ରାଉରକେଲା, ଗୁମଲା, ରାଞ୍ଚି ଗ୍ରାମାଞ୍ଚଳ, ଲୋହାର, ଦାଗା, ୱେଷ୍ଟ ସିଂଭୂମ ଏବଂ ସିମ୍‌ଡ଼େଗା ଜିଲା ପୋଲିସ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଦେଶୀ ମଦ ଭାଟିରେ ଏତେ ପରିମାଣର ଟଙ୍କା କେଉଁଠୁଁ ଆସିଲା ତାହାର ତଦନ୍ତ ଆୟକର ଜରିଆରେ ହେବ ବୋଲି ଆଇଜି ନୀତି ଶେଖର କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଏସ୍‌ପି ଅଭିଳାଷ ଜି, ଭବାନୀପାଟଣା ସଦର ଏସଡିପିଓ ଆଜିଙ୍କେମାନେ ବାବୁ ରାଓ, ଧର୍ମଗଡ଼ ଏସଡିପିଓ ମନୋଜ କୁମାର ବେହେରା, ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆରୂପ ନେବ ବରଗଡ଼ ବସ୍‌ଷ୍ଟାଣ୍ଡ, ବଦଳିବ ଠିକଣା



ନୂତନ ସରକାରୀ ବସଷ୍ଟାଣ୍ଡ ପାଇଁ ନୂଆଜାଗା ବୁଲି ଦେଖୁଛନ୍ତି ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ।

- ଅସ୍ତିତ୍ୱ ହଜାଇ ବସିଛି
- ବିଧାୟକଙ୍କ ପ୍ରସ୍ତାବିତ ଜାଗା ପରିଦର୍ଶନ

ବରଗଡ଼,୨।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସରକାରୀ ବସଷ୍ଟାଣ୍ଡ ତାର ଅସ୍ତିତ୍ୱ ହଜାଇ ବସିଛି। ଏଠାରେ ରହିଥିବା ବିଭିନ୍ନ ସମସ୍ୟା ଅସମାହିତ ହୋଇ ରହିଯାଇଛି। କେତେବେଳେ ପାନୀୟଜଳ ସଙ୍କଟ ତ ଆଉକେବେ ବସଷ୍ଟାଣ୍ଡରେ ବର୍ଷାଜଳ ଲହଡ଼ି ମାରୁଛି। ସେହିପରି ବିଭିନ୍ନ ସମୟରେ ବସଷ୍ଟାଣ୍ଡ ପରିସରରେ ରହିଥିବା ଶୌଚାଳୟରେ ମାସମାସ ଧରି ତାଲା ଝୁଲିବାର ନଜିର ରହିଥିବାବେଳେ ପରିମଳ ବ୍ୟବସ୍ଥା ଏଠାରେ ଭୁଶୁଡ଼ି ପଡ଼ିଛି। ଏଥିପାଇଁ ସର୍ବପୁରାତନ ଏହି ବସଷ୍ଟାଣ୍ଡରେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଯାତ୍ରୀମାନଙ୍କୁ ବହୁ ଅସୁବିଧା ଭୋଗିବାକୁ ପଡୁଛି। ତେଣୁ ନୂଆ ସରକାର ସରକାରୀ ବସଷ୍ଟାଣ୍ଡକୁ ନୂତନ ରୂପରେଖ ଦେବାକୁ ଯୋଜନା କରୁଛନ୍ତି। ସରକାରୀ ବସଷ୍ଟାଣ୍ଡକୁ ଘରୋଇ ବସଷ୍ଟାଣ୍ଡ ପାଖକୁ ଉଠାଇ ନେବା ଏବଂ ଉଭୟ ସରକାରୀ, ଘରୋଇ ବସଷ୍ଟାଣ୍ଡକୁ ଏକ ଆଦର୍ଶ ବସଷ୍ଟାଣ୍ଡଭାବେ ଗଢ଼ି ତୋଳିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଥିପାଇଁ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ବିଭାଗୀୟ ଅଧିକାରୀଙ୍କ ସହିତ ପ୍ରସ୍ତାବିତ ଜାଗା ପରିଦର୍ଶନ କରିଛନ୍ତି। ସରକାରଙ୍କ ପାଖରେ ଏହି ଦାବି ପୂର୍ବରୁ ସେ ରଖି ଆସିଛନ୍ତି ଏବଂ ସହରବାସୀ ଓ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସେଭଳି ପଦକ୍ଷେପ ନିଆଯାଉଥିବା ବିଧାୟକ କହିଛନ୍ତି।

ଅନ୍ୟପଟେ ବର୍ତ୍ତମାନ ସହର ମଧ୍ୟରେ ରହିଥିବା ସରକାରୀ ବସଷ୍ଟାଣ୍ଡ ସ୍ଥାନାନ୍ତରଣ ହେଲେ ସେଠାରେ ବୃହତ୍ ମୁକ୍ତାକାଶ ଧନୁଯାତ୍ରା ମଞ୍ଚ, ରାଜମହଲ ନିର୍ମାଣର ପରିକଳ୍ପନା କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି। ଧନୁଯାତ୍ରା ମହୋତ୍ସବରେ ଦର୍ଶକଙ୍କ ଗହଳି ଦୃଷ୍ଟିରୁ ମଞ୍ଚ ସମ୍ମୁଖ ପର୍ଯ୍ୟାପ୍ତ ହେଉ ନାହିଁ। ସେହିପରି ନୂଆ ସରକାର ଏଥର ଧନୁଯାତ୍ରା ମହୋତ୍ସବକୁ ବିଗତବର୍ଷ ଅପେକ୍ଷା ଅଧିକ ଗୁରୁତ୍ୱ ଦେବା ସହିତ ଧନୁଯାତ୍ରା ଅନୁଦାନ ରାଶି କୋଟିଏ ଟଙ୍କାକୁ ବୃଦ୍ଧି କରିବା ସହିତ ମହୋତ୍ସବରେ ନୂତନତା ଆଣିଛି। ଏହି ଦୃଷ୍ଟିରୁ ସରକାରୀ ବସଷ୍ଟାଣ୍ଡକୁ ଘରୋଇ ବସଷ୍ଟାଣ୍ଡ ନିକଟକୁ ସ୍ଥାନାନ୍ତରଣ ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ ମଧ୍ୟ କରାଯାଉଛି। ବରଗଡ଼ ସରକାରୀ ବସଷ୍ଟାଣ୍ଡ ୧୯୫୨ରେ ପ୍ରତିଷ୍ଠା ହୋଇଥିଲା। ଉକ୍ତ ବସଷ୍ଟାଣ୍ଡରୁ ବର୍ତ୍ତମାନ ୭ଟି ରୁଟ୍ ସମ୍ବଲପୁର, ଗୋଲାମୁଣ୍ଡା, ନବରଙ୍ଗପୁର, କଟକ, ବ୍ରହ୍ମପୁର, ସୁନାବେଡ଼ା, ମାଲକାନଗିରିକୁ ଓଏସଆରଟିସିର ସମୁଦାୟ ୧୩ ଯାତ୍ରୀବାହୀ ବସ ଯାତାୟାତ କରୁଛି। ମାଲକାନଗିରି, ବ୍ରହ୍ମପୁର ଓ କଟକକୁ ନାଇଟ୍ ବସ୍ ଯାଉଥିବାବେଳେ ଏହି ବସଷ୍ଟାଣ୍ଡ ଦେଇ ପୁରୀକୁ ୨ଟି ଭଲଭୋ ବସ୍ ଯାତାୟାତ କରୁଛି। ସେହିପରି ବରଗଡ଼-ସମ୍ବଲପୁର ମଧ୍ୟରେ ନିୟମିତ ବ୍ୟବଧାନରେ ୮ଟି ସିଟିବସ୍ ଯିବା ଆସିବା କରୁଥିବାବେଳେ ବରଗଡ଼ର ବ୍ଲକର ବିଭିନ୍ନ ପଞ୍ଚାୟତକୁ ୭ଟି ଏବଂ ଗାଇସିଲେଟକୁ ଗୋଟିଏ ଲକ୍ଷ୍ମୀ ବସ୍ ଏହି ବସଷ୍ଟାଣ୍ଡ ଦେଇ ଯାତାୟାତ ହେଉଛି। ଉପରୋକ୍ତ ସବୁ ଯାତ୍ରୀବାହୀ ବସର ରହଣୀ ଏହି ବସଷ୍ଟାଣ୍ଡରେ ଥିବା ଯୋଗୁ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ଅପରପକ୍ଷେ ବରଗଡ଼ ବସଷ୍ଟାଣ୍ଡରୁ ପ୍ରୟାଗରାଜକୁ ଯାତାୟାତ ପାଇଁ ୨ନୂତନ ଯାତ୍ରୀବାହୀ ବସ୍(ଏସି) ଦୀର୍ଘମାସ ଏହି ବସଷ୍ଟାଣ୍ଡରେ ପଡ଼ି ରହିଥିଲା, ମାତ୍ର ପରମିଟ୍ ନ ମିଳିବା ଆଳ ଦେଖାଇ ତାକୁ ମଧ୍ୟ ଏଠାରୁ ଅନ୍ୟ ଜିଲାକୁ କାଢ଼ି ନିଆଯାଇଥିଲା।

ତେବେ ନିର୍ମାଣ ସମୟରେ ବସ୍‌ଷ୍ଟାଣ୍ଡ ପରିସରରେ ସେତେବେଳେ ବିଭିନ୍ନ ବିଭାଗ ପାଇଁ ୨ମହଲା ବିଶିଷ୍ଟ କୋଠାଘର ହୋଇଥିଲା। ତଳ ମହଲାରେ ୬ ଏବଂ ଉପର ମହଲାରେ ୪କୋଠରୀ ପୂର୍ବରୁ ବ୍ୟବହୃତ ହେଉଥିଲା। କିନ୍ତୁ ଦୀର୍ଘବର୍ଷ ହେଲା କେବଳ ତଳ ମହଲା କୋଠରୀ ଗୁଡ଼ିକ ବ୍ୟବହୃତ ହେଉଥିବାବେଳେ ଉପର ମହଲା କୋଠରୀ ଗୁଡ଼ିକ ଭୂତକୋଠିଭାବେ ପଡ଼ି ରହିଛି। ସେହିପରି ବସଷ୍ଟାଣ୍ଡ ପରିସରରେ ରହିଥିବା ପେଟ୍ରୋଲ ପମ୍ପ, ଗ୍ୟାରେଜ, କ୍ୟାଣ୍ଟିନ୍ ବି କେବେଠାରୁ ଅସ୍ତିତ୍ୱ ହଜାଇ ସାରିଲାଣି। ସରକାରୀ ବସଷ୍ଟାଣ୍ଡର ଏଭଳି ଦୁରାବସ୍ଥାକୁ ନେଇ ବର୍ଷବର୍ଷ ଧରି ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳି ଆସୁଛି। ଏହାସତ୍ତ୍ୱେ ଏ ଯାଏ ସେଥିପ୍ରତି ଦୃଷ୍ଟି ଦିଆଯାଇ ନଥିବାବେଳେ ନୂଆ ସରକାର ନେଉଥିବା ପଦକ୍ଷେପ କେତେଶୀଘ୍ର କାର୍ଯ୍ୟକାରୀ ହୋଇ ପାରିବ, ତାକୁ ସହରବାସୀ ଚାହିଁ ବସିଛନ୍ତି।

# ଶିବିରରେ ୧୬୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଭେଡ଼େନ ବିଡିଓ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ବରଗଡ଼,୨।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭେଡ଼େନ ହାଟପଦାସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଏବଂ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବର୍ତ୍ତନ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ଉକ୍ତ ଶିବିରକୁ ଭେଡ଼େନ ବିଡ଼ିଓ ତ୍ରିପୁରା ମହାନନ୍ଦ ଉଦ୍‌ଘାଟନ କରିଥିଲେ। ଭେଡ଼େନ ନାଗରିକ କମିଟିର ସଭାପତି ସ୍ୱାଧୀନ ରଥ, ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ ଅତିଥିଭାବେ ଯୋଗଦାନ କରିଥିଲେ। ଡା. ସ୍ୱାଗତ ପ୍ରଧାନ, ଡା. ତତ୍ତ୍ୱଦର୍ଶୀ ସାହୁ, ଡା. ଅମିତ ଭୋଇ ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ୩୫ଶିଶୁ ଏବଂ ୧୩୦ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଫାର୍ମାସିଷ୍ଟ ଅବିନାଶ ମେହେର, ସଂଗଠନର ସ୍ମିତ ପ୍ରଧାନ, ଦେବବ୍ରତ ତନସନା, ନିତିଶ ଭୋଇ, ନରେଶ ଭୋଇ ପ୍ରମୁଖ ଉପସ୍ଥିତ ସହଯୋଗ କରିଥିଲେ।

# ଅକ୍ଷୟତୃତୀୟାରେ ମା'ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ହରଭଙ୍ଗା,୨।୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଭୈରବୀ। ଜିଲାର ହରଭଙ୍ଗା ବ୍ଲକର ପୁରୁଣାକଟକଠାରେ ମା'ଙ୍କ ମନ୍ଦିର ରହିଛି । ବର୍ତ୍ତମାନ ମା'ଙ୍କ ନୂତନ ମନ୍ଦିର କାର୍ଯ୍ୟ ଚାଲିଥିବା ବେଳେ ଏହି ମନ୍ଦିର ପ୍ରତିଷ୍ଠା ପାଇଁ ମନ୍ଦିର କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି । ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମନ୍ଦିର ପ୍ରତିଷ୍ଠା ଉପରେ ଆଲୋଚନା ହୋଇଥିଲା। ନୂତନ ମନ୍ଦିର କାର୍ଯ୍ୟ ପ୍ରଶାସନ ପକ୍ଷରୁ ଚାଲିଥିବା ବେଳେ ଶୀଘ୍ର ଏହାକୁ ସାରିବାକୁ ଉପସଭାପତି ରସାନନ୍ଦ ସାହୁ ପ୍ରଶାସନକୁ ଅନୁରୋଧ କରିଥିଲେ। ଉକ୍ତ ମନ୍ଦିରର ରତ୍ନମୁଦ ଉତ୍ସବ ୨୦୨୩ ଅକ୍ଷୟତୃତୀୟା ଦିନ ହୋଇଥିବା ବେଳେ ଆସନ୍ତା ଅକ୍ଷୟତୃତୀୟାରେ ମନ୍ଦିର ପ୍ରତିଷ୍ଠା ଉତ୍ସବ କରିବାକୁ ସ୍ଥିର କରାଯାଇଥିଲା। କମିଟିର ସମ୍ପାଦକ ସୁକାନ୍ତ ଦାସ ଏଥିପାଇଁ ହେବାକୁ ଥିବା ବ୍ୟୟବରାଦ ଉପରେ ଆଲୋଚନା କରିଥିଲେ। ଆସନ୍ତା ବୈଠକରେ ପ୍ରତିଷ୍ଠା ଉତ୍ସବର ନୀତି ନିର୍ଘଣ୍ଟ ଉପରେ ଆଲୋଚନା କରାଯିବ ବୋଲି ସ୍ଥିର ହୋଇଥିଲା। ବୈଠକରେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ୧୬ ଖଣ୍ଡ ମୌଜାର ପ୍ରତିନିଧି ଉପସ୍ଥିତ ଥିଲେ।

# ପାରାୟଣ ମହୋତ୍ସବରେ ଧନୁଯାତ୍ରା ଝଲକ୍

ବରଗଡ଼,୨।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ତଳିପଡ଼ାସ୍ଥିତ ଘୁଡ଼ାଦାନୀ ମନ୍ଦିର ପ୍ରାଙ୍ଗଣରେ ପାରାୟଣ ମହୋତ୍ସବ ଚାଲିଛି। ଗତମାସ ୩୧ତାରିଖରୁ ଏହି ମହୋତ୍ସବ ଆରମ୍ଭ ହୋଇଥିବାବେଳେ ରବିବାର ତୃତୀୟ ଦିବସ ରହିଥିଲା। ତୃତୀୟ ଦିବସରେ ଏହି ମହୋତ୍ସବରେ ଗୋପଲୀଳା ପାରାୟଣ ହୋଇଥିଲା। ଏଥିରେ କଳାକାରଙ୍କ ଦୃଶ୍ୟାଭିନୟ ଚିତ୍ତାକର୍ଷକ ଥିଲା ଏବଂ ଧନୁଯାତ୍ରା ଝଲକ୍ ଦେଖିବାକୁ ମିଳିଥିଲା। କଂସ ମହାରାଜଙ୍କ ସମେତ ଦେବକୀ, ବସୁଦେବଙ୍କ ବିବାହ ଦୃଶ୍ୟାଭିନୟ ମାଧ୍ୟମରେ ଗୋପଲୀଳା ଦେଖିବାକୁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ବରପାଲିର ସୁରଜ ଦେବତା ପାରାୟଣ ଗାନ କରିଥିଲେ।



ପାରାୟଣ ମହୋତ୍ସବରେ ଦେବକୀ, ବସୁଦେବ ବିବାହ ଦୃଶ୍ୟାଭିନୟ।

# ଖଇରପାଲି ସ୍କୁଲରେ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

ସରଣ୍ଡା, ୨।୨(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ଅଧୀନ ଖଇରପାଲି ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରତ୍ନାକର ମହାପାତ୍ରଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମେହେରଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ସୁଦାମ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଜିଲା ପରିଷଦ ସଭ୍ୟ ରଣଜିତ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ଗେଜୋ, ଉଚ୍ଚ ବିଦ୍ୟାଳୟ ଲରାସରାର ପ୍ରଧାନ ଶିକ୍ଷକ ମନବୋଧ ମାଝୀ, ଅତିରିକ୍ତ ଗୋଷ୍ଠୀ ଅଧିକାରୀ କାର୍ତ୍ତିକ ବାଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

# ଲାଦରପାଲି ହାଇସ୍କୁଲରେ ବାର୍ଷିକ ଉତ୍ସବ ଉଲ୍ଲାସ



ସରଣ୍ଡା,୨।୨(ଯୁଧିଷ୍ଠିର ମହାପାତ୍ର)

ରବିବାର ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜନ ଅବସରରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଲାଦରପାଲିରେ ୨୦୨୪-୨୫ ଶିକ୍ଷା ବର୍ଷର ବାର୍ଷିକ ଉତ୍ସବ 'ଉଲ୍ଲାସ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଚକ୍ରଧର ବାରିକଙ୍କ କରକମଳରୁ ଛାତ୍ରୀଛାତ୍ର ବିଭିନ୍ନ କାର୍ଯ୍ୟକ୍ରମର ପୁରସ୍କାର ଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ସ୍ଥାନୀୟ ଆଲୁମ୍‌ନି ସଦସ୍ୟ ଦେବାଶିଷ ପ୍ରଧାନଙ୍କୁ ଉଲ୍ଲାସ ମଞ୍ଚରେ ସମ୍ବର୍ଦ୍ଧିତ କରି ଯୁବଶକ୍ତିକୁ ବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ସହୃଦୟ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ଜ୍ୟୋତ୍ସ୍ନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାମସେଠରେ ଅଷ୍ଟ ପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ

ପାଇକମାଳ,୨।୨: ବଡ ଶତପଥି

ବରଗଡ଼ ଜିଲା ପାଇକମାଳ ବ୍ଲକ ଜାମସେଠ ଗ୍ରାମର କଟାପଡ଼ାସ୍ଥିତ କାଳୀ ମନ୍ଦିର ଓ ମହାକାଳେଶର ମନ୍ଦିରର ପରିସରରେ ରବିବାର ଅଷ୍ଟ ପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଶନିବାର ସକାଳେ କଳସାଧିବାସ ପରେ ନାମାରମ୍ଭ ହୋଇଥିଲା। କର୍ତ୍ତା ଭାବରେ ଦାମୋଦର ରଣା ଓ ସତ୍ୟବତୀ ରଣା, ହେମନ୍ତ ପ୍ରଧାନ ଓ ଗୋପେଶ୍ୱରୀ ପ୍ରଧାନ, ଭୁବନାନନ୍ଦ ରଣା ଓ ମିରା ରଣା, ଅନିଲ ରଣା ଓ ରିନା ରଣା, ସେଶାନ ରଣା ଓ ଜାହ୍ନବୀ ରଣା ରହିଥିବା ବେଳେ ମୁଖ୍ୟ ପୂଜକ ଭାବରେ ମାନଭଞ୍ଜନ ତ୍ରିପାଠୀ ଦାୟୀତ୍ୱ ତୁଲାଇଥିଲେ। ନାମଯଜ୍ଞରେ ଅଞ୍ଚଳରୁ ବିଭିନ୍ନ ଗାଁରୁ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ପୂର୍ଣ୍ଣାହୂତି ସରିଲା ପରେ ବୈଠକି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଚାଳନାରେ ସରୋଜ ପଟ୍ଟନାୟକ, ଗଗନ ବିହାରୀ ରାୟ, ଦୈତାରୀ ମାଝୀ, ନିରଞ୍ଜନ ମାଝୀ, ନେତ୍ର ରଣା, ରୋହିତ ପଶାୟତ,ପାର୍ଥ ରଣା, ନନ୍ଦିକିଶୋର ନନ୍ଦ, କ୍ଲବ କର୍ମକର୍ତ୍ତା ତଥା ଗ୍ରାମବାସୀ ସହଯୋଗ କରିଥିଲେ।

# ଗୌଡ଼ପାଲିକୁ ହରାଇ ନିଞ୍ଜା ସ୍ପୋର୍ଟିଂ ଚମ୍ପିୟନ




ପଦ୍ମପୁର,୨।୨(ପ୍ରଦୀପ୍ତଦାଶ)

ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ନୂଆପାଲିର ୧୨ତମ ଏମ୍‌ଆର୍‌ସିସି କ୍ରିକେଟ କପ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରିତେଶ ବହିଦାର ଏବଂ ଅନ୍ୟତମ ଅତିଥି ଭାବେ ମନୋଜ ନାଏକ, ବାଞ୍ଛାନିଧି ନାୟକ, ମିନକେତନ ସାହୁ, ସୁଦାମ ମହାନନ୍ଦ, ପ୍ରଭାତ ମିଶ୍ର, ଗୋପବନ୍ଧୁ ସାହୁ, ଅଜିତ ବିଶ୍ୱାଳ, ସୁଶାନ୍ତ ଦାଶ, ଶାନ୍ତନୁ ପ୍ରଧାନ ଆଦି ଯୋଗଦାନ କରି ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚ ନିଞ୍ଜା ସ୍ପୋର୍ଟିଂ ପଦ୍ମପୁର ଓ ଗୌଡ଼ପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିଞ୍ଜା ସ୍ପୋର୍ଟିଂ ୧୮୩ ରନର ବିଜୟ ଲକ୍ଷ୍ୟ ଦେଇଥିବା ବେଳେ ବିପକ୍ଷରେ ଗୌଡ଼ପାଲି ଦଳ ମାତ୍ର ୯୦ସଂଗ୍ରହ କରିଥିଲା। ଫଳରେ ନିଞ୍ଜା ସ୍ପୋର୍ଟିଂ ଚମ୍ପିୟନ ହୋଇଥିଲା। ରାଜୁ ପଟେଲ ଓ କୈଳାଶ ତନସନା ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ।

# ହନୁମାନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

ବରଗଡ଼,୨।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସରକାରୀ ବସଷ୍ଟାଣ୍ଡ ସମ୍ମୁଖରେ ସ୍ଥାପିତ ହନୁମାନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଶ୍ରୀ ଶ୍ରୀ ହନୁମାନଙ୍କୁ ଦର୍ଶନ ପାଇଁ ସେମାନେ ପୂଜା ସାମଗ୍ରୀ ନେଇ ପହଞ୍ଚିଥିଲେ ଏବଂ ଦର୍ଶନ କରି ଆଶିଷ ନେଇଥିଲେ। ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ସତ୍ୟଜିତ କର, ଶୁଭମ ଦାଶ, ମିଳନ ଗୁରୁ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ କୁଳମଣି ମହାପାତ୍ରଙ୍କ ସମେତ ଶୁଭ୍ରାଂଶୁ ଶେଖର ମିଶ୍ର ବ୍ରହ୍ମା, କାହ୍ନା ଦାଶ, ସିଦ୍ଧେଶ୍ୱର ସାବତ, ରତ୍ନାକର ଶତପଥୀ, ସୌରଭ ପାଣିଗ୍ରାହୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

# ବରଗଡ଼ର ଆହ୍ୱାନ, ସ୍ୱାସ୍ତିକଙ୍କୁ କାଂସ୍ୟ ପଦକ

## ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ବରଗଡ଼,୨।୨(ପ୍ରେମାନନ୍ଦ ଖମାରୀ)

ତେଲେଙ୍ଗାନା ରାଜ୍ୟ କୋଟଲାସ୍ଥିତ ବିଜୟ ଭାସ୍କର ରେଡ୍ଡି ଇନଡ଼ୋର ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ବରଗଡ଼ ଜିଲାର ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ୧୪ବର୍ଷରୁ କମ୍ ବୟସ ବର୍ଗରେ ଆହ୍ୱାନ ବିଶ୍ୱାଳ ଏବଂ ସ୍ୱାସ୍ତିକ ବିଶ୍ୱାଳ କାଂସ୍ୟ ପଦକ ପାଇଛନ୍ତି। ବରଗଡ଼ ବିଜୟ ଟାଏକୋଣ୍ଡୋ ଏକାଡ଼େମୀର ମୁଖ୍ୟକୋଚ୍ ବିଜୟ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଏହି ୨କୃତୀ ଖେଳାଳି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କୃତିତ୍ୱ ହାସଲ କରି ବରଗଡ଼ ବରଗଡ଼ ରେଳ ଷ୍ଟେଶନ ପହଞ୍ଚିବା ପରେ ବରଗଡ଼ ଟାଏକୋଣ୍ଡୋ ଆସୋସିଏଶନର ଜିଲା ସଭାପତି ନବକିଶୋର ପାଣିଗ୍ରାହୀ, ଉପସଭାପତି ଆଶୁତୋଷ ରଥ, ଶ୍ରୀୟା ମିଶ୍ର, ସୁଲଗ୍ନା ପ୍ରଧାନ, ଜିତେନ୍ଦ୍ର ବିଶ୍ୱାଳ, ଦିବ୍ୟକିଶୋର ମିଶ୍ର ପ୍ରମୁଖ କୃତୀ ଖେଳାଳି ଏବଂ କୋଚ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



କୋଚ୍, କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଶିକ୍ଷାନୁଷ୍ଠାନରେ ଭକ୍ତିହୀନ ବାଗଦେବୀ ପୂଜନ

ଝାରବନ୍ଧ,୨।୨(ଦେବେନ୍ଦ୍ର ସାହୁ )

ଶିକ୍ଷାର ଦେବତା ଭାବରେ ଶ୍ରୀଗଣେଶ ଓ ବିଦ୍ୟାଦାତ୍ରୀ ବାଗଦେବୀଙ୍କ ପୂଜନ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ କରାଯାଏ। ଆବାହନ କାଳରୁ ଏହି ପୂଜା କରାଯାଉଥିବା ବେଳେ ଝାରବନ୍ଧ ଯୁକ୍ତ ଦୁଇ ମହାବିଦ୍ୟାଳୟରେ ତାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଛାତ୍ରୀଛାତ୍ରମାନେ ନିଜର ଆରାଧ୍ୟ ଦେବତାକୁ ପୂଜା କରିବା ପାଇଁ ଅନେକ ଦିନରୁ ପ୍ରସ୍ତୁତ ହୋଇଥିଲେ। ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ବାଗଦେବୀ ପୂଜା ସୂଚନା ନ ପାଇ ଛାତ୍ରୀଛାତ୍ର ନିରାଶ ହୋଇଥିଲେ। ସୂଚନା ଯୋଗ୍ୟ, ଉକ୍ତ ମହାବିଦ୍ୟାଳୟରେ ପ୍ରାୟ ୪୦୦ରୁ ଅଧିକ ଛାତ୍ରୀଛାତ୍ର ପାଠ ପଢୁଛନ୍ତି ଏବଂ ନାମ ଲେଖା ସମୟରେ ଗଣେଶ ପୂଜା, ସରସ୍ୱତୀ ପୂଜା ପାଇଁ ଫି ଦିଆଯାଇଥାଏ। ନାମକୁ ମାତ୍ର ୮ରୁ ୧୦ଜଣ ଛାତ୍ରୀଛାତ୍ର ସହ କେତେଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ପୂଜା କାର୍ଯ୍ୟ ସମାପନ କରିଥିଲେ। ଭକ୍ତି ହୀନ ପୂଜାକୁ ଅନେକ ଅଭିଭାବକ ଭିନ୍ନ ନଜରରେ ଦେଖୁଛନ୍ତି। ଶିକ୍ଷାନୁଷ୍ଠାନରେ ଏପରି ପୂଜା ଦ୍ୱାରା ଛାତ୍ରୀଛାତ୍ର, ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଛି।

# କର୍ମଶାଳାରେ ଶୃଙ୍ଖଳିତ ଜୀବନକୁ ଗୁରୁତ୍ୱ




କର୍ମଶାଳାରେ ଆଲୋଚକ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ।

ବରଗଡ଼,୨।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜର୍ଜ ହାଇସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ନକାରାତ୍ମକ ଚିନ୍ତାଧାରାକୁ ପ୍ରତିହତ କରିବା ଏବଂ ଅଧ୍ୟୟନ ପାଇଁ ମନୋନିବେଶ କରିବା ଉଦ୍ଦେଶ୍ୟରେ ଚାଲିଥିବା ୨ ଦିନିଆ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦୀପଶିଖା ଧଳ ଆଲୋଚକଭାବେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଶୃଙ୍ଖଳିତ ଜୀବନ, ଭବିଷ୍ୟତ ପାଇଁ ଯୋଜନାବଦ୍ଧ ଲକ୍ଷ୍ୟ ନିର୍ଦ୍ଧାରଣ, ମାନସିକ ଅବସାଦରୁ ମୁକ୍ତି, ନିଶା ନିବାରଣ ଆଦି ଉପରେ ସେ ଆଲୋଚନା କରିଥିଲେ।

ପରବର୍ତ୍ତୀ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ସହିତ ନିଜକୁ ସାମିଲ କରି ଶିକ୍ଷୟିତ୍ରୀ ଧଳ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ସୁରେଶ କୁମାର ଦାଶ ପରିଚାଳନା କରିଥିଲେ। ପୁରାତନ ଛାତ୍ର ବିଶ୍ୱଜିତ ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ପଦ୍ମଜା ପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ହାଇସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହୋଇଥିଲେ।

# ୫ ବର୍ଷ ଧରି ଖୋଲୁନି ଟିକେଟ୍ ଘର

■ ଯାତ୍ରୀ ଅସନ୍ତୋଷ: ପୁନର୍ବାର ଖୋଲିବାକୁ ଦାବି
■ ମାସ ଭିତରେ ସମାଧାନ ହେବ: ଷ୍ଟେଶନ ମାଷ୍ଟର

ରାଉରକେଲା,୨।୨(ଦିନେଶ ମିଶ୍ର)

ରାଉରକେଲା ରେଳ ଷ୍ଟେଶନ ସ୍ମାଟ ରେଳ ଷ୍ଟେଶନରେ ପରିଣତ ହେବାପରେ ଏଠାରେ ଚାଲିଛି ବହୁ ଉନ୍ନତିମୂଳକ କାର୍ଯ୍ୟ। ଷ୍ଟେଶନର ସମ୍ପ୍ରସାରଣ ସାଙ୍ଗକୁ ୨୪ ଘଣ୍ଟା ଲିଫ୍ଟ ଓ ୱାଇଫାଇ ବ୍ୟବସ୍ଥା, ଟିକେଟ୍ ବୁକିଂ କାଉଣ୍ଟରଠାରୁ ଆରମ୍ଭ କରି ଏସି ଯାତ୍ରୀ ପ୍ରେକ୍ଷାଳୟ ବ୍ୟବସ୍ଥା କରାଯାଇଛି। ଏଥିସହ ରାଉରକେଲା ମେନ୍‌ରୋଡ ପଟକୁ ରହିଥିବା ରେଳ ଷ୍ଟେଶନର ମୁଖ୍ୟ ପ୍ରବେଶ ପଥରେ ଥିବା ଟିକେଟ କାଉଣ୍ଟରରେ ପ୍ରାୟ ସମୟ ଭିଡ ରହୁଥିବାରୁ ରେଲୱେ କଲୋନୀ ପଟୁ ଦ୍ୱିତୀୟ ପ୍ରବେଶ ପଥରେ ଟିକେଟ ଘର ନିର୍ମାଣ କରାଯାଇଛି। ଏହି ଦ୍ୱିତୀୟ ପ୍ରବେଶ ପଥ ନିର୍ମାଣ ହେବା ପରେ ବିଭିନ୍ନ ସେକ୍ଟରବାସୀଙ୍କ ସହ କୋଏଲନଗର, ଶକ୍ତିନଗର, ବାସନ୍ତୀ କଲୋନୀ, ନୟାବଜାର, ଜଗଦା, ଝିରପାଣି, ହମିରପୁର ଅଞ୍ଚଳବାସୀ ବେଶ୍ ଉପକୃତ ହେଉଥିଲେ। କିନ୍ତୁ କାଳକ୍ରମେ ରେଲୱେ କର୍ମଚାରୀ ଅଭାବ ଯୋଗୁ ଗତ ୬ ବର୍ଷ ଧରି ରେଳ ଷ୍ଟେଶନର ଦ୍ୱିତୀୟ ପ୍ରବେଶ ପଥରେ ଥିବା ଟିକେଟ ଘର ଅଧିକାଂଶ ସମୟ ବନ୍ଦ ରହୁଛି। ଫଳରେ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧ୍ୟହୋଇ ଯାତ୍ରୀମାନେ ରାଉରକେଲା ମେନ୍‌ରୋଡ ପଟୁ ଆସି ନିଜର ଟିକେଟ କାଟୁଛନ୍ତି। ଏହା ଷ୍ଟେଶନର ମୁଖ୍ୟ



ବନ୍ଦ ପଡିଥିବା ଟିକେଟ ଘର।

ପ୍ରବେଶ ପଥ ହୋଇଥିବାରୁ ଏଠାରେ ସର୍ବଦା ଯାତ୍ରୀଙ୍କ ଭିଡ ରହୁଛି। ବହୁ ଯାତ୍ରୀ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନ୍ ଲଗାଇ ଟିକେଟ୍ କିଣିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଉରକେଲା ଦ୍ୱିତୀୟ ଷ୍ଟେଶନ ପ୍ରବେଶ ପଥରେ ୨୦୧୫ ମାର୍ଚ୍ଚ ୧୩ ତାରିଖରେ ଦକ୍ଷିଣ-ପୂର୍ବ ରେଲୱେର ପୂର୍ବତନ ମହାପ୍ରବନ୍ଧକ ରାଧେଶ୍ୟାମ ଏହି ଟିକେଟ ଘରକୁ ଉଦ୍‌ଘାଟନ କରିଥିଲେ। ଏହି ଟିକେଟ ଘର ଉଦ୍‌ଘାଟନ ପରେ ବହୁ ଯାତ୍ରୀ ଏଥିରେ ଉପକୃତ ହୋଇଥିଲେ। ତେଣୁ ଦକ୍ଷିଣ-ପୂର୍ବ ରେଳପଥର ଉଚ୍ଚ ଅଧିକାରୀ ପୁଣି ଥରେ ଏହି ଟିକେଟ ଘରକୁ ଚାଲୁ କରିବା ସହ ଏହା କିଭଳି ଯାତ୍ରୀଙ୍କ ବ୍ୟବହାର ହୋଇପାରିବ ସେନେଇ ସାଧାରଣରେ ଦାବି ହୋଇଛି। ଏନେଇ ରେଲୱେ ଷ୍ଟେଶନ ମାଷ୍ଟର ପ୍ରଭାସ ରଞ୍ଜନ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଦ୍ୱିତୀୟ ପ୍ରବେଶପଥ ରେଳ ଷ୍ଟେଶନରେ ଥିବା ଟିକେଟ୍ କାଉଣ୍ଟର ସକାଳ ଗୋଟିଏ ବେଳା କର୍ମଚାରୀ କମ୍ ଥିବା ଯୋଗୁ ଖୋଲା ଯାଉଛି। ଫଳରେ ଉକ୍ତ ପ୍ରବେଶ ପଥ ଦେଇ ଆସୁଥିବା ଯାତ୍ରୀ ଟିକେଟ୍ ନେବାଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ନେଇ ଆମେ ରେଲୱେ ମହାପ୍ରବନ୍ଧକଙ୍କୁ ଜଣାଇବା ସହ ଏକ ସପ୍ତାହ ପୂର୍ବେ ଚକ୍ରଧରପୁର ମଣ୍ଡଳର ଡିଆରଏମ୍ ତରୁଣ ହୁରିଆଙ୍କୁ ଉକ୍ତ ଘଟଣା ବିଷୟରେ ଅବଗତ କରିଛୁ। ରାଉରକେଲା ଦ୍ୱିତୀୟ ପ୍ରବେଶ ପଥରେ ଥିବା ସମସ୍ୟା ଆଗାମୀ ଏକ ମାସ ଭିତରେ ସମାଧାନ ହୋଇଯିବ ବୋଲି ଦାସ ସୂଚନା ଦେଇଛନ୍ତି।

## ଭାଲୁଲତା ଗ୍ରାମରେ ଶ୍ମଶାନ ଘାଟ ସୁବିଧା ନିର୍ମାଣ


ଶ୍ମଶାନ ଘାଟ ସୁବିଧା କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

ରାଉରକେଲା,୨।୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର କର୍ପୋରେଟ ସାମାଜିକ ଦାୟିତ୍ୱ ପଦକ୍ଷେପ ଅଧୀନରେ ବିସ୍ରା ବ୍ଲକ ଭାଲୁଲତା ଗ୍ରାମରେ ଗୋଷ୍ଠୀ କଲ୍ୟାଣ ନିମନ୍ତେ ଏକ ଶ୍ମଶାନ ଘାଟ ସୁବିଧା ନିର୍ମାଣ ସହିତ ଆଉ ଏକ ଅଧ୍ୟାୟ ଯୋଡିଛି। ଏନେଇ ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏହି ସୁବିଧା କେନ୍ଦ୍ରକୁ ଜାନୁୟାରୀ ୨୧ ତାରିଖରେ ଉଦ୍‌ଘାଟନ କରି ଏହାକୁ ଲୋକସେବା ପାଇଁ ଉତ୍ସର୍ଗ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି.କେ. ଜୋଜୋ, ସିଏସ୍‌ଆର୍ ବିଭାଗ ଜିଏମ୍ ଇନଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ସିଏସ୍‌ଆର୍ ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ, ଏଜିଏମ୍ ଟି.ବି. ଟପ୍ପୋ ଓ ଏ.ଏନ୍. ପତି ଉପସ୍ଥିତ ଥିଲେ। ଭାଲୁଲତା ସରପଞ୍ଚ ବିଟା ମିଞ୍ଜ ଓ ଜିଲା ପରିଷଦ ସଦସ୍ୟ ସୁନୀତା ମିଞ୍ଜ ଉପସ୍ଥିତ ଥିଲେ। ଉଦ୍‌ଘାଟନ ଉତ୍ସବରେ ବହୁ ସଂଖ୍ୟକ ଗ୍ରାମବାସୀ ଯୋଗ ଦେଇଥିଲେ। ୧୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଶ୍ମଶାନରେ ଚିତା ଜଳେଇବା ପାଇଁ ଏକ କଂକ୍ରିଟ ଛାତ ପ୍ଲାଟଫର୍ମ,ବେଞ୍ଚ ସହିତ ଏକ ଖୋଲା ବିଶ୍ରାମସ୍ଥଳ ଓ ଶେଷକୃତ୍ୟ ସହ ପୂଜାପାଠ ପାଇଁ ନଦୀ ନିକଟରେ ଘାଟ ରହିଛି। ଏହି ସୁବିଧା ବିସ୍ରା ବ୍ଲକର ୧୪ଟି ଗ୍ରାମପଞ୍ଚାୟତର ବାସିନ୍ଦାଙ୍କୁ ଲାଭ ଦେବ ; ଯାହା ସମ୍ପ୍ରଦାୟ ପାଇଁ ଏକ ଅତ୍ୟାବଶ୍ୟକ ଭିତ୍ତିଭୂମି ପ୍ରଦାନ କରିବ। ଏହି ଶ୍ମଶାନ ସ୍ଥାନୀୟ ଲୋକମାନଙ୍କ ଦୀର୍ଘକାଳୀନ ଆବଶ୍ୟକତାକୁ ପୂରଣ କରିବ, ବିଶେଷକରି ଗ୍ରାମାଞ୍ଚଳରେ ଯେଉଁଠାରେ ଶେଷକୃତ୍ୟ ପାଇଁ ଉପଯୁକ୍ତ ସୁବିଧାର ଅଭାବ ରହିଛି।

## ଇସ୍ପାତ ସହରରେ ସରସ୍ୱତୀ ପୂଜା


ଶକ୍ତିନଗର ଏକ ଶିକ୍ଷାନୁଷ୍ଠାନରେ ପୂଜା କରାଯାଉଛି।

ଝିରପାଣି, ୨।୨( ଉତ୍ତମ ବେହେରା)

ଇସ୍ପାତ ସହରରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ବିସ୍ରା, ନୂଆଗାଁ, ଜଗଦା, କୋଏଲନଗର, ବାସନ୍ତୀକଲୋନୀ, ଶକ୍ତିନଗର, ଛେଣ୍ଡ, ଦକ୍ଷିଣ ରାଉରକେଲା ସମେତ ବିଭିନ୍ନ ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନ ଏବଂ ଘରୋଇ ବିଦ୍ୟାଳୟ ଗୁଡ଼ିକରେ ସରସ୍ୱତୀଙ୍କ ପୂଜା ସମ୍ପନ୍ନ ହୋଇଛି। ଜଗଦା ସ୍ଥିତ ପ୍ରଗତି ହାଇସ୍କୁଲରେ ପୂଜା କାର୍ଯ୍ୟ ସକାଳ ସାଢ଼େ ୯ଟାରେ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ ପୁଷ୍ପାଞ୍ଜଳି କରାଯାଇଥିଲା। ପ୍ରଧାନ ଶିକ୍ଷକ ହୃଷିକେଶ ନାୟକଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସୀବ ମହାନ୍ତି, ଲକ୍ଷ୍ମୀଧର ନାୟକ, କାଳା ଖାଲକୋ ଓ ଅନ୍ୟମାନେ ଏଥିରେ ଉପସ୍ଥିତ ଥିଲେ। ସେହିପରି ଶକ୍ତିନଗର ସ୍ଥିତ ସାଇ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର ପୂଜାର ଆୟୋଜନ କରିବା ସହ ଖୁସି ମନାଇଥିଲେ। ଏହି ଅବସରରେ କିଛି ବସ୍ତି ଗୁଡିକରେ ସରସ୍ୱତୀ ପୂଜା ଅବସରରେ ଗରିବ ଶ୍ରେଣୀୟ ପିଲାଙ୍କୁ ନିଃଶୁଳ୍କ ପାଠ୍ୟଉପକରଣ ବଣ୍ଟନ କରାଯାଇଥିଲା।

## ଏନ୍‌ଆଇଟି କେଭି ବିଦ୍ୟାଳୟ ବାର୍ଷିକ ଉତ୍ସବ

ରାଉରକେଲା,୨।୨(ସଙ୍ଗୀତା ଜେନା)



ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରୁଛନ୍ତି।

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା ପରିସରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସ୍କୁଲର ଅଧ୍ୟକ୍ଷା ପି. ନୀରଜାଙ୍କ ପୌରହିତ୍ୟରେ ମୁଖ୍ୟଅତିଥିଭାବେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଯୋଗଦେଇଥିଲେ। ମନୋନୀତ ଅଧ୍ୟକ୍ଷ ସୁରଜିତ ଦାସ, ଏନ୍‌ଆଇଟି ରେଜିଷ୍ଟ୍ରାର ପ୍ରଫେସର ରୋହନ୍ ଧୀମାନ, କେଭି ବିଦ୍ୟାଳୟ ରାଉରକେଲା ସୁଜିତ ରାୟ, ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷା ହେମଲତା ନାୟକ ସମେତ ଅନ୍ୟମାନେ ଉପସ୍ଥିତଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରାଓ କୁନି କୁନି ପିଲାମାନଙ୍କୁ ଉତ୍ସାହିତ କରିବା ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପିଲାମାନଙ୍କ ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସ୍କୁଲ ପତ୍ରିକା ଶିକ୍ଷାମୃତ ଉନ୍ମୋଚିତ କରାଯାଇଥିଲା। 'ଏକ ଉତ୍ତମ ଭବିଷ୍ୟତ ପାଇଁ ହୃଦୟକୁ ଏକଜୁଟ କରିବା' ବିଷୟବସ୍ତୁ ସହିତ ଛାତ୍ରମାନେ ବିଭିନ୍ନ ସାଂସ୍କୃତି କାର୍ଯକ୍ରମ ପରିବେଷଣ କରିଥିଲେ। ଜଙ୍ଗଲନୃତ୍ୟ, ଝାଡଖଣ୍ଡ ଆଦିବାସୀ ନୃତ୍ୟ, ସମ୍ବଲପୁରୀ ସହିତ ନୃତ୍ୟ ପ୍ରଦର୍ଶନ ଓ ତେଲେଙ୍ଗାନା କର୍ଣ୍ଣାଟକ, ରାଜସ୍ଥାନ, ଆସାମରୁ ପ୍ରତିନିଧିତ୍ୱ କରୁଥିବା ନୃତ୍ୟଶିଳ୍ପୀ ପାରମ୍ପରିକ ନୃତ୍ୟ ଗୁଡ଼ିକ ଉପସ୍ଥାପନ କରିଥିଲେ। ୩ୟ ଶ୍ରେଣୀ ଛାତ୍ରୀ କୃତିକା ଡୋରାଙ୍କ ଭଗବତ ତାପର୍ଯ୍ୟ ପରିବେଶକୁ ଆଧ୍ୟାତ୍ମିକତାରେ ଭରିଦେଇଥିଲା। ମାଆ ଓ ଝିଅମାନଙ୍କୁ ନେଇ ର୍ୟାମ୍ପ ଶୋ' ପ୍ରସ୍ତୁତ କରାଯାଇଥିଲା। କମ୍ପ୍ୟୁଟର ଶିକ୍ଷକ ସମ୍ବିତ ଦାସ ମୁଖ୍ୟ ଉପସ୍ଥାପକ କାର୍ଯ୍ୟକ୍ରମ ପରିଚାଳନା କରଥିଲେ। ପ୍ରାଥମିକ ଶିକ୍ଷକ ମୋତିଲାଲ ପ୍ରଧାନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଦୀପ ରଥ, ପରସୀମା ରଥ, ତୁଲି ବିଶ୍ୱାସ, କିରଣ ପ୍ରଭା, ଝସକେତନ ପ୍ରଧାନ, ଆଶୁତୋଷ ମିଶ୍ର, ନର୍ମଦା ସାହୁ ପ୍ରମୁଖ ସହଯୋଗ କରିଥିଲେ। ନୃତ୍ୟ ପ୍ରଶିକ୍ଷକା ସତ୍ୟପ୍ରିୟା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଉରକେଲା ଏୟାରପୋର୍ଟ ଆକ୍ସନ କମିଟି ଆନ୍ଦୋଳନରୁ ଓହରିଲା

ରାଉରକେଲା,୨।୨(ସଙ୍ଗୀତା ଜେନା):

ରାଉରକେଲା ବିମାନବନ୍ଦରକୁ ୪ସି ଲାଇସେନ୍ସରେ ଅପଗ୍ରେଡ୍ କରିବା, ଏୟାରପୋର୍ଟ ମାଲିକାନା ସେଲ୍ କର୍ତ୍ତୃପକ୍ଷଙ୍କ ଠାରୁ ଏୟାରପୋର୍ଟ ଅଥରିଟିଙ୍କୁ ପ୍ରଦାନ କରିବା, ଇନଷ୍ଟ୍ରମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ( ଆଇଏଲ୍‌ଏସ୍) ଓ ନାଇଟ୍ ଲ୍ୟାଣ୍ଡିଂ ସିଷ୍ଟମ(ଏନ୍‌ଏଲ୍‌ଏସ୍) ସ୍ଥାପନ କରିବା ଦାବିରେ ଗତ ଜାନୁଆରୀ ୧ରୁ ବିମାନବନ୍ଦର ସମ୍ମୁଖରେ ରାଉରକେଲା ଏୟାରପୋର୍ଟ ଆକ୍ସନ କମିଟି ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଦାବି ଗୁଡ଼ିକ ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ବିକ୍ଷୋଭ ଡାକରା ଦିଆଯାଇଥିଲା। ଜାନୁଆରୀ ୨୬ରୁ ପ୍ରଶାସନର ଅଣଦେଖାକୁ ନଜରରେ ରଖି ଅନଶନ କରାଯାଇଥିଲା। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ରାଉରକେଲା ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ମଧ୍ୟାହ୍ନ ୧୨ଟାରେ ଉକ୍ତ ଅନଶନକାରୀ ମାନଙ୍କୁ ପୋଲିସ ଉଠାଇନେଇଥିଲେ। ମୁକ୍ତିକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ହୋଇଥିବା ଉକ୍ତ ଅନଶନରେ ଯୋଗଦେଇଥିବା ସମସ୍ତ ସଦସ୍ୟଙ୍କୁ ପୋଲିସ ବଳପୂର୍ବକ ଉଠାଇନେଇଥିଲା। ମୁକ୍ତିକାନ୍ତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ବିକ୍ଷୋଭକାରୀମାନଙ୍କୁ ପୋଲିସ ମୁଖ୍ୟାଳୟରେ ରଖି ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦିଆଯାଇଥିଲା। ଶନିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ହକିଭିଲେଜ ଠାରେ ଖବରଦାତା ସମ୍ମିଳନୀରେ ଦେଇଥିବା ବୟାନ ପରେ ରବିବାର ଅପରାହ୍ନ ୫ଟାରେ ରାଉରକେଲା ଏୟାରପୋର୍ଟ ଆକ୍ସନ କମିଟି ସଦସ୍ୟମାନେ ଆନ୍ଦୋଳନରୁ ଓହରିଯାଇଥିବା ସୂଚନା ମିଳିଛି। ଭାଜପା ରାଜ୍ୟପ୍ରବକ୍ତା ଧୀରେନ୍ ସେନାପତିଙ୍କ ଅନୁସାରେ, ମୁଖ୍ୟମନ୍ତ୍ରୀ ମାଝୀ ବିମାନବନ୍ଦର ପ୍ରସଙ୍ଗକୁ ନେଇ କେନ୍ଦ୍ର ଏବଂ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ସେହିକ୍ରମରେ ରବିବାର ମୁଖ୍ୟମନ୍ତ୍ରୀ ମାଝୀ ସକାଳେ ରାଉରକେଲା ଗସ୍ତ ଶେଷ କରି ଫେରିବା ପୂର୍ବରୁ ରାଉରକେଲା କାରଖାନା ଡିଆଇସିଙ୍କୁ ଡାକି ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ବୋଲି ସେନାପତି କହିଥିଲେ। ଏହାର ପ୍ରଭାବରେ ଅପରାହ୍ନରେ ବିକ୍ଷୋଭକାରୀ ମୁକ୍ତିକାନ୍ତ ବିଶ୍ୱାଳଙ୍କ ଅନଶନ ଭଙ୍ଗ କରାଯିବା ସହ ଆନ୍ଦୋଳନ ଓହରିବା ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ, ମୁକ୍ତିକାନ୍ତଙ୍କୁ ପୋଲିସ ଉଠାଇ ନେଇ ଆରଜିଏଚ୍‌ରେ ରଖିଥିଲା। ସେଠାରେ ତାଙ୍କ ଅନଶନ ଭଙ୍ଗାଯାଇଥିଲା।



## ସେକ୍ଟର-୧୯ ଥାନାରେ ଆମ ପୋଲିସ ବୈଠକ

ରାଉରକେଲା,୨।୨(ଦିନେଶ ମିଶ୍ର)

ସେକ୍ଟର-୧୯ ଥାନାରେ ଆମ ପୋଲିସ ପକ୍ଷରୁ ଶନିବାର ରାତିରେ ଏକ ବୈଠକ ପ୍ରାକ୍ତନ ପୋଲିସ ଅଧିକାରୀ ଡକ୍ଟର ସୁମନ ଦତ୍ତଙ୍କ ଆବାହକତ୍ୱରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଥାନାର ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଥାନା ଅଧୀନରେ ଥିବା ବିଭିନ୍ନ ସେକ୍ଟର ଅଞ୍ଚଳରେ କିଭଳି ଶାନ୍ତି ଶୃଙ୍ଖଳା ସହ ଅସାମାଜିକ କାର୍ଯ୍ୟକଳାପ କରଥିବା ଲୋକଙ୍କୁ କାବୁ କରିହେବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଥାନା ଅଧିକାରୀ ନାୟକ ସେକ୍ଟର-୧୯ ଥାନାରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବାରେ ସ୍ଥାନୀୟ ଜନସାଧାରଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଆମ ପୋଲିସ ପକ୍ଷରୁ ସନ୍ତୋଷ କୁମାର ସ୍ୱାଇଁ, ଗଣେଶ ଜୟସିଂହ, ସୁଜିତ କୁମାର ସ୍ୱାଇଁ, ପ୍ରସନ୍ନ ସାହାଣୀ, ସନ୍ତୋଷ ରାଉତ, ଅଶୋକ ସ୍ୱାଇଁ, ପ୍ରଦୀପ ସାହୁ, ଆକାଶ କୁମାର ପୃଷ୍ଟି, ସଞ୍ଜୟ ରଜାକ, ଏଏସଆଇ ରୁଦ୍ରନାରାୟଣ ଦାସ, କ୍ଷେତ୍ରବାସୀ ଜୟପୁରିଆ, କୌଶଲ୍ୟା ଗୌଡ, ଜୋନ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ମହାନ୍ ବିପ୍ଳବୀ ଭଗବତୀ ପାଣିଗ୍ରାହୀଙ୍କ ଜନ୍ମ ଜୟନ୍ତୀ

ରାଉରକେଲା,୨।୨(ସଙ୍ଗୀତାଜେନା)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ

ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟତମ ପ୍ରତିଷ୍ଠାତା, ପ୍ରଗତିଶୀଳ ସାହିତ୍ୟିକ, ମହାନ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୧୧୮ତମ ଜନ୍ମ ଜୟନ୍ତୀ ଶନିବାର ସନ୍ଧ୍ୟା ୬ଟାରେ ସିପିଆଇଏମ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ସ୍ଥାନୀୟ ଶ୍ରମିକ ଭବନ ସେକ୍ଟର-୧୬ ଠାରେ ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସିପିଆଇଏମ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ମୁଖ୍ୟବକ୍ତା ବିଶିଷ୍ଟ ଐତିହାସିକ ଡ. ପ୍ରଭାତ ମଲ୍ଲିକ, ଓଡ଼ିଆ ବିଭାଗର ପ୍ରଧ୍ୟାପକ ଡ. ନଗେନ ଦାସ ଯୋଗଦେଇଥିଲେ। ଓଡ଼ିଶା ପ୍ରଗତିଶୀଳ ସାହିତ୍ୟ ଓ ସାମ୍ୟବାଦୀ ଚେତନାର ସେ ଅଗ୍ରଦୂତ ବୋଲି ଅତିଥିମାନେ କହିଥିଲେ। ତାଙ୍କର କାଳଜୟୀ ରଚନା ଜଙ୍ଗଲୀ, ଶିକାର, ହାତୁଡି ଓ ଦା, ବଞ୍ଚିବା, ଜୀବନର ସମାଧି, ଝଡ଼, ମୃତ୍ୟୁର ବିବେଚନା, ମୀମାଂସା, ଓଡ଼ିଶା ପ୍ରଗତିଶୀଳ ସାହିତ୍ୟ ପାଇଁ ଏକ ଅନନ୍ୟ ଅବଦାନ ବୋଲି ସେମାନେ ବକ୍ତବ୍ୟରେ କହିଥିଲେ। ସିପିଆଇଏମ ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲା କମିଟି ସଦସ୍ୟ ବସନ୍ତ ନାୟକ, ତାଜମୁନ ନେହାର, ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଭଗବାନ କୁଣ୍ଡୁ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ଆଞ୍ଚଳିକ କମିଟି ସଦସ୍ୟ ଏନଏନ ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି, ପ୍ରଭାତ ମହାନ୍ତି, ଦିବାକର ମହାରଣା, ପ୍ରଦୀପ ସେଠୀ, ବସନ୍ତ ପାଢ଼ୀ, ସାଗର ଛୋଟରାୟ, ଏନକେ ରାଉତରାୟ, ବାସୁଦେବ ସାହୁ, ସଚିନ ରାୟ, ଜ୍ୟୋସ୍ନାମୟୀ ଧୂପାଳ, ଅଞ୍ଜଳି ଘୋଷ, ଜୟନ୍ତୀ ମୋହିନୀ, ପ୍ରମୋଦ ପରିଡ଼ା, ଗୋବିନ୍ଦ ବାରିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବାସନ୍ତୀ କଲୋନିରେ ସରସ୍ୱତୀ ପୂଜା


ବାସନ୍ତୀ କଲୋନି ହାଇସ୍କୁଲରେ ସରସ୍ୱତୀ ପୂଜା ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ।

ରାଉରକେଲା,୨।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ସମସ୍ତ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନରେ ରବିବାର ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାସନ୍ତୀ କଲୋନୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଝିରପାଣି ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁପଲ୍ଲୀ ଉନ୍ନତୀ ସରକାରୀ ବିଦ୍ୟାଳୟ, ଉଦିତନଗର ଉଚ୍ଚ ବିଦ୍ୟାଳୟ ସମେତ ରାଉରକେଲାର ସମସ୍ତ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟରେ ସରସ୍ୱତୀ ପୂଜା ହୋଇଥିଲା। ବାସନ୍ତୀ କଲୋନୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ବିଶ୍ୱାଳ, ଝିରପାଣି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଉର୍ଶ୍ରେଲା ତିର୍କୀ ଏବଂ ଉଦିତନଗର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଲହୁଣୀପଡା,୨।୨(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ବାଙ୍କୀ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକହେଲେ ଭରତ ପାତ୍ର(୩୯)। ପୋଲିସ ମୃତଦେହକୁ ଆର୍‌ଜିଏଚକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନାହିଁ। ସୂଚନାରୁ ପ୍ରକାଶ, ଶନିବାର ରାତିରେ ଭରତ ନିଜ ପରିବାର ଲୋକଙ୍କୁ ଏକାଠି ଶୋଇବାକୁ କହି ସେ ଅନ୍ୟ ଘରେ ଶୋଇଥିଲେ। କିନ୍ତୁ ରବିବାର ସକାଳ ପର୍ଯ୍ୟନ୍ତ ସେ କବାଟ ଖୋଲି ନ ଥିଲେ। ପରିବାର ଲୋକ କବାଟ ଖୋଲି ଦେଖିଲା ବେଳକୁ ଭରତଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ଏସମ୍ପର୍କରେ ପରିବାର ଲୋକେ ଚାନ୍ଦିପୋଷ ପୋଲିସକୁ ଖବର ଦେଇଥିଲେ।

## ସରକାରୀ ଗୋଦାମକୁ ମନ୍ଥର ଗତିରେ ଆସୁଛି ଚାଉଳ

ରାଉରକେଲା,୨।୨(ବିପ୍ଳବ ରଞ୍ଜନ ଦାଶ)

ପାନପୋଷ କୃଷି ଜିଲାରେ ୨୦୨୪-୨୫ ଖରିଫ ଋତୁ ଧାନ ସଂଗ୍ରହ ଅଭିଯାନ ଆରମ୍ଭ ହେବାର ଏକମାସରୁ ଊର୍ଦ୍ଧ୍ୱ ସମୟ ବିତି ସାରିଛି। ମାତ୍ର ଏଯାଏଁ ଭାରତୀୟ ଖାଦ୍ୟ ନିଗମ ଓ ରାଜ୍ୟ ଖାଦ୍ୟ ନିଗମ ଅଧୀନ ଗୋଦାମକୁ ନିର୍ଦ୍ଧାରିତ ଚାଉଳ ଆସି ପାରିନାହିଁ। ପ୍ରକାଶ ଥାଉକି, ଚଳିତବର୍ଷ ପାନପୋଷ କୃଷି ଜିଲାର ୬ହଜାର ୪୩୬ଜଣ ଚାଷୀଙ୍କ ନାଁ ଧାନବିକ୍ରି ପାଇଁ ସମବାୟ ବିଭାଗ ଓ ଯୋଗାଣ ବିଭାଗ ପକ୍ଷରୁ ପଞ୍ଜିକୃତ କରାଯାଇଥିଲା। ୬ଟି ରାଇସ ମିଲକୁ ଧାନମଣ୍ଡିରୁ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ଧାନ ନେବା ନିର୍ଦ୍ଧାରିତ ଥିଲା। ୧୩ଟି ଲ୍ୟାମ୍ପସ ଓ ଗୋଟିଏ ଏସଏଚଜି ଗ୍ରୁପ ଦ୍ୱାରା ୬ହଜାର ୪୩୬ଜଣ ଚାଷୀଙ୍କ ଧାନ ସଂଗ୍ରହ କରିବା ଥିଲା। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ୪ହଜାର ୨୦୨ଟି ଟୋକନ ମାଧ୍ୟମରେ ୧ଲକ୍ଷ ୨୦ହଜାର ୪୭୬.୧୩ କୁଇଣ୍ଟାଲ ଧାନ କିଣା ହୋଇସାରିଛି। ଚିନ୍ତାର ବିଷୟ ଏତେ ମାତ୍ରାରେ ଧାନକିଣା ହୋଇ ମିଲକୁ ଯାଇସାରି ଥିଲେ ସୁଦ୍ଧା ସରକାରଙ୍କ ଚାଉଳ ଗୋଦାମକୁ ରାଇସ ମିଲ ଗୁଡିକରୁ ଚାଉଳ ଆସୁନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ରାଉରକେଲା ଏସଟିଆଇ ସ୍ଥିତ ଏଫସିଆଇର ମୋଟ ୨ଟି ଚାଉଳ ଗୋଦାମ ରହଛି। ଯାହାର କ୍ଷମତା ୧୫ହଜାର ଟନ ବିଶିଷ୍ଟ ରହିଛି। ମାତ୍ର ଏଯାଏଁ ଏଫସିଆଇ ଗୋଦାମକୁ ଚାଉଳ ଆସିନାହିଁ। ସେହିଭଳି ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ଏସଟିଆଇ ଛକ ସ୍ଥିତ ଏକମାତ୍ର ନିଜସ୍ୱ ଚାଉଳ ଗୋଦାମ ରହିଥିବା ବେଳେ ଅନ୍ୟ ଗୋଦାମ ଏଫସିଆଇର ଠାରୁ ଭଡା ସୂତ୍ରରେ ନିଆଯାଇଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ନିଜସ୍ୱ ଚାଉଳ ଗୋଦାମର କ୍ଷମତା ୧୫ହଜାର କୁଇଣ୍ଟାଲ ଥିବା ବେଳେ ଭଡା ସୂତ୍ରରେ ଚାଲିଥିବା ଗୋଦାମ ୨୫ହଜାର ଟନ୍ ବିଶିଷ୍ଟ ରହିଛି। ମାତ୍ର ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହ ମୁତାବକ ଚାଉଳ ଗୋଦାମକୁ ଆସିନାହିଁ। ସବୁଠାରୁ ଚିନ୍ତାର ବିଷୟ ହେଉଛି ଯେ,ରାଉରକେଲାରେ ରହିଥିବା ଚାଉଳ ଗୋଦାମ ଗୁଡିକରେ ଅସ୍ଥାୟୀ ଭାବେ ଶ୍ରମିକମାନେ ଚାଉଳ ନେବା ଆଣିବା କରୁଥିବା ବେଳେ ଆବଶ୍ୟକ ମୁତାବକ କର୍ମଚାରୀ ରହୁନାହାଁନ୍ତି। ଏଥିସହ ଶ୍ରମିକ ମାନଙ୍କର ଚାଉଳ ନେବା ଆଣିବା ନିମନ୍ତେ ଭଡାସୁତ୍ରରେ ଚାଲିଥିବା ଚାଉଳ ଗୋଦାମରେ ପିଣ୍ଡି ବ୍ୟବସ୍ଥା ମଧ ନାହିଁ। ଏଥିପ୍ରତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି। ଏନେଇ ରାଉରକେଲା ପାନପୋଷ ଜିଲା ସମବାୟ ସମିତି ମୁଖ୍ୟ କେନ୍ଦ୍ର ସହାୟକ ଅଧିକାରୀ ବିକାଶ ସାମଦ କହିଛନ୍ତି, ଖରିଫ ଧାନଚାଷୀଙ୍କ ଜମି ପରିମାଣ ମୁତାବକ ଟୋକନ ପ୍ରସ୍ତୁତି ହୋଇଛି। ଧାନ ସଂଗ୍ରହ କାର୍ଯ୍ୟ ସଠିକ ଭାବେ ଚାଲିଛି। ମାତ୍ର ଚାଉଳ ଅନୁଦାନ କଥା ଯୋଗାଣ ବିଭାଗ କହିପାରିବେ ବୋଲି କହିଥିଲେ। ଏନେଇ ଜିଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ଭେସ୍ରାଙ୍କୁ ପଚାରିବାରୁ, ମିଲ ଗୁଡିକୁ ଚାଷୀଙ୍କ ଉତ୍ପାଦିତ ଧାନ ପହଞ୍ଚି ସାରିଛି। ପର୍ଯ୍ୟାୟ ସ୍ତରରେ ସରକାରଙ୍କ ଚାଉଳ ଗୋଦାମକୁ ଚାଉଳ ଯାଉଛି। ଧିମା ଭାବେ ଚାଉଳ ପ୍ରସ୍ତୁତି ଯୋଗୁ ଅନୁଦାଦ ପୁରଣ ବିଳମ୍ବ ହେଉଛି ବୋଲି ଭେସ୍ରା କହିଛନ୍ତି।

# ଅନାଲୋଚିତ ଇତିହାସ, ଲୋକସଂସ୍କୃତିର ଗବେଷଣା ଲୋଡ଼ା

**ସମ୍ବଲପୁର,୨।୨(ଭବାନୀ ଶଙ୍କର ଭୋଇ)**


ଆଇଆଇଏମ ରଙ୍ଗବତୀ ଉତ୍କର୍ଷ କେନ୍ଦ୍ରର ଗବେଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଆଇଆଇଏମ୍ ସମ୍ବଲପୁରରେ ରଙ୍ଗବତୀ ଉତ୍କର୍ଷ କେନ୍ଦ୍ର ପକ୍ଷରୁ ରବିବାର ପଶ୍ଚିମ ଓଡ଼ିଶାର ଅନାଲୋଚିତ ଇତିହାସ ଏବଂ ସଂସ୍କୃତି ଉପରେ ଅନ୍ତରାଷ୍ଟ୍ରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ଉଦ୍‌ଘାଟନ କରିଥିଲେ। ରଙ୍ଗବତୀ ଉତ୍କର୍ଷ କେନ୍ଦ୍ର ସଂଯୋଜକ ଡ ସୁଜିତ ପୃଷ୍ଠେଠ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶେଷରେ ଡ. ହେମାଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ସେମିନାରରେ ଜାପାନରୁ ଏସିଆନ ବ୍ୟାଙ୍କ ଉପାଧ୍ୟକ୍ଷ ପ୍ରଫେସର ଦିଲ ରାହୁତ, ଜର୍ଜିଆରୁ ଥିବସି ଷ୍ଟେଟ ବିଶ୍ୱବିଦ୍ୟାଳୟର ଡ. ତମାର ବାଗରତିଆ, ଗ୍ରୀସରୁ ପ୍ରଫେସର ପ୍ରୋବେ ଖଣ୍ଡୁରୀ ଏବଂ ଆମେରିକାରୁ ପ୍ରଫେସର ଓଟାଭିଆନୋ ଆଭାସୀ ଜରିଆରେ ସାମିଲ ହୋଇଥିଲେ। ଭାରତର ସାମଜିକ ଜୀବନ ଏବଂ ଗୌରବମୟ ଇତିହାସ ବିଷୟରେ କହିଥିଲେ । ସେମିନାରରେ ଡ ଆଲୋକ ଭୋଇ କଳାହାଣ୍ଡିର ଅନାଲୋଚିତ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ ସଂଗ୍ରାମ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ଅନ୍ୟତମ ଗବେଷକ ବୀରେନ୍ଦ୍ର ଝାଙ୍କର ବଲାଙ୍ଗୀରର ଶହୀଦ ଧରମ ସିଂହ ମାନ୍‌ଧାତାଙ୍କ ସଂଗ୍ରାମ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଗବେଷକ ଡ. ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର, ରାମୋଡର ସଂଗ୍ରାମୀ ସାଲେଗ୍ରାମ ବରିହାଙ୍କ ସଂଗ୍ରାମ ବିଷୟରେ ଆଲୋକପାତ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ଚିତ୍ରଶିଳ୍ପୀ ଏବଂ ଗବେଷକ ଦୁଃଖୀ ସେବକ ସାହୁ ପଶ୍ଚିମ ଓଡ଼ିଶାର ଝୁହଳ କୁଠୀ ପରମ୍ପରା ଜରିଆରେ ପାରମ୍ପରିକ କୁଠିଚିତ୍ରର ବ୍ୟବହାର ଏବଂ ଉପରେ ବର୍ଣ୍ଣନା କରିଥିଲେ। ଗବେଷକ ରାଜେଶ ଝାଙ୍କର ଦେଶ ମାରେନ ପରମ୍ପରା ଜରିଆରେ

## ପଶ୍ଚିମ ଓଡ଼ିଶାର ଇତିହାସ, ସଂସ୍କୃତିକୁ ନେଇ ଅର୍ନ୍ତଜାତୀୟ ସମ୍ମିଳନୀ

ଗ୍ରାମାଞ୍ଚଳରେ କିଭଳି ଖାଦ୍ୟ ପରମ୍ପରା ଏବଂ ଏକତାର ଭାବ ଦେଖିବାକୁ ମିଳିଥାଏ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ଡ ଶ୍ରବଣ କୁମାର ବାଗ ପଶ୍ଚିମ ଓଡ଼ିଶାରେ ହୁମୋ ବଉଳି ଗୀତ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଆଇଆଇଏମ ରଙ୍ଗବତୀ ଉତ୍କର୍ଷ କେନ୍ଦ୍ର ପକ୍ଷରୁ ପଶ୍ଚିମ ଓଡ଼ିଶାର ଇତିହାସ ଏବଂ କଳା ସଂସ୍କୃତି ଉପରେ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥିବାରୁ ଗବେଷକମାନେ ଖୁସିପ୍ରକଟ କରିଥିଲେ। କାର୍ଯ୍ୟକ୍ରମରେ ଗଙ୍ଗାଧର ମହେର ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ ପ୍ରଧାନ ସଭାପତିତ୍ୱ କରିଥିଲେ। ସେମିନାରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ଇମ୍ପେରିଆଲ କଲେଜ ବରଗଡର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ ।

# ହକି ଟୁର୍ନାମେଣ୍ଟ: ପୋଡ଼ାମାଳ ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ନାକଟିଦେଉଳ,୨।୨(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ପାଲି ପଞ୍ଚଖଣ୍ଡା କ୍ଲବ ଆନୁକୂଲ୍ୟରେ ରବିବାର ଏକ ଦ୍ୱିଦବସୀୟ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ହକି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ପୋଡାମାଳ ଏବଂ କାଲୋ ମଧ୍ୟରେ ହୋଇଥିଲା । ଏଥିରେ ପୋଡାମାଳ ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ସୁଧୀର ଲୁଗୁନ ଏବଂ ବିଜୟ ମିଞ୍ଜ ପରିଚାଳନା କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଗିରିଶ୍ଚନ୍ଦ୍ରପୁର ବନପାଳ ପ୍ରବୀଣ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଗ୍ରାମର ବରିଷ୍ଠ ନାଗରିକ ଜୈମିନି ପ୍ରଧାନ ଏବଂ ଗୌଡ଼ପାଲି ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରମୋଦ କୁମାର ସାହୁ ଯୋଗଦେଇ ବିଜେତା ପୋଡାମାଳ ଏବଂ ଉପବିଜେତା କାଲୋ ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଶେଷରେ ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନ ପଞ୍ଚଖଣ୍ଡା କ୍ଲବର ଅମିତ ବେହେରା, ଅଶୋକ ମଲ୍ଲିକ, ଭୀମ ଗୁଜ ଏବଂ ବିରୁପାକ୍ଷ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଚାରିଧାମ ମନ୍ଦିର ରତ୍ନମୁଦ ଉତ୍ସବ

**ସମ୍ବଲପୁର,୨।୨(ବି.ଶଙ୍କର)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ସଙ୍କର୍ମା ଗ୍ରାମରେ ଚାରିଧାମ ମନ୍ଦିର ରତ୍ନମୁଦ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କୃଷ୍ଣଚନ୍ଦ୍ର ବେହେରା ଓ ଧର୍ମପତ୍ନୀ ସଂଯୁକ୍ତା ବେହେରା, ଦିପକ ଭୂୟାଁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଜୟ ଗୋପାଳ ସୁଆରଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ହୋଇଥିଲା । ତାଙ୍କୁ ପଣ୍ଡିତ ସୁଶାନ୍ତ ପତି, ପଣ୍ଡିତ ବାଳକୃଷ୍ଣ ଦାସ, ପୂଜାରୀ ଦେବଦତ୍ତ ବେହେରା ଓ ପଞ୍ଚାନନ ଦେହୁରୀ ସହଯୋଗ କରିଥିଲେ। ହଳଦୀ, କାଣି ବନ୍ଧଲି ଓ କୁଲତା ନୂଆପାଲି କୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହି ଉତ୍ସବରେ ପ୍ରମୋଦ ଭୋଇ, ବିଜୟ ସାହୁ, ଚିନ୍ତାମଣି ଭୋଇ, ସୁଶାନ୍ତ ବାଞ୍ଜି, ସୋମ୍ୟଭୂଷଣ ସାହାଣୀ, ତାପସ ପରିଡ଼ା, ତରୁଣ ପରିଡ଼ା, ଭୋଜରାଜ ବାଞ୍ଜି, ସଞ୍ଜିବ ତରିଆ, ବିନୟ ଭୋଇ, ଗଙ୍ଗାଧର ପ୍ରଧାନ, ବଜେନ୍ଦ୍ର ସାହୁ, ବଳରାମ ଭୋଇ, ଜନାର୍ଦ୍ଦନ ପଣ୍ଡା ଓ ସଙ୍କର୍ମା ଗ୍ରାମବାସୀ ସହଯୋଗ କରିଥିଲେ।


ସଙ୍କର୍ମା ଗ୍ରାମରେ ଚାରିଧାମ ମନ୍ଦିର ରତ୍ନମୁଦ ଉତ୍ସବ।

# କିଷାନ ସମାଜର ବାର୍ଷିକ ଉତ୍ସବ


ବାର୍ଷିକ ସଭାରେ ଯୋଗଦେଇଥିବା ଅତିଥି।

**କୁଚିଣ୍ଡା,୨।୨(ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ବାଦପଡ଼ାଠାରେ ରବିବାର ୫୫୦ କିଷାନ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ରୀତିନୀତି ଅନୁସାରେ ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବାଦପଡ଼ା ଆଞ୍ଚଳିକ ଗୁଡ଼ି ସଭାପତି ଲିଙ୍ଗରାଜ ବାଘଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ପଟେଲ ବାଘ, ମହେନ୍ଦ୍ର ବାଘ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ମୁନକୁ ବାଘ ସ୍ୱାପର ପରିଚାଳନା କରିଥିଲେ। ସମାଜର ସର୍ବାଙ୍ଗୀନ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ, କୁସଂସ୍କାର, ଅନ୍ଧ ବିଶ୍ୱାସ, ବୃକ୍ଷ ରୋପଣ ଆଦି ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଛବିଲ ଧାନ, କୃଷ୍ଣଚନ୍ଦ୍ର ମିଞ୍ଜ, ଜଳନ୍ଧର ବାଘ, ମିଶ୍ର ବାଘ, ବିନୋଦ ବାଘ, ନାମି ବାଘ, ରବିଚନ୍ଦ୍ର ବାଘ, ବଡିଆ ବରୁଆ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କନ୍ଦର୍ପ ବାଘ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁ ପ୍ରକାଶ ବାଘଙ୍କ ସଂଯୋଜନାରେ ଶତାଧିକ ମହିଳା ପୁରୁଷ କିଷାନ ନୃତ୍ୟ ପରିବେଷଣ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଦେବଗଡ଼,୨।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ବଣିଆକିନ୍ଦା ଗ୍ରାମ ପଞ୍ଚାୟତର କଳାମାଟିସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ନନ୍ଦ ଚାକିରିକୁ ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନିକଟସ୍ଥ ଗଜୁରୀବଣି, ନିକ୍ତିମାଳ, ଖଣ୍ଡାଧୁଆଁ ଓ କଳାମାଟି ଗ୍ରାମର ବହୁ ଅଭିଭାବକ ଓ ପୂର୍ବତନ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦାୟୀ ଶିକ୍ଷୟିତ୍ରୀ ନନ୍ଦଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ତରୁଲତା ସାମଲ, ଲକ୍ଷ୍ମୀ ସାହୁ, ସବିତା ବେହେରା, ଜ୍ୟୋତି ନାୟକ, ଅର୍ଚ୍ଚନା ଅଭିଲିପ୍ସା ଜେନା, ଶିକ୍ଷକ ବିଭୁତି ଭୂଷଣ କର, ଅନିରୁଦ୍ଧ ପାତ୍ର, ପ୍ରବୋଧ ଚୈତନ୍ୟ, ବିଜୟ ସାମଲ ଓ ଘନଶ୍ୟାମ ବେହେରା ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀଙ୍କ ସମ୍ବନ୍ଧରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅରୁଣା ପ୍ରଭା ମିଞ୍ଜ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଶିକ୍ଷୟିତ୍ରୀ ପଦ୍ମିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପନ୍ନ ହେଲା ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ


ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଶ୍ରଦ୍ଧାଳୁଙ୍କ ଗହଣରେ ମନ୍ତ୍ରୀ ରବିନାରାୟଣ ନାଏକ ।

**କୁଚିଣ୍ଡା,୨।୨ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା ବାମରା ବ୍ଲକ ପିଣ୍ଡାପଥର ଗ୍ରାମରେ ନବନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ରବିବାର ସମ୍ପନ୍ନ ହୋଇଛି। ସନ୍ଧ୍ୟା ୬ଟାରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇଥିଲେ। ଶୁକ୍ରବାର ପ୍ରାତଃରେ ପଞ୍ଚକୁଣ୍ଡିୟ ଯଜ୍ଞକୁଣ୍ଡ, ସ୍ନାନ ମଣ୍ଡପ ଓ ଅଙ୍କୁରରୋପଣ ମଣ୍ଡପ ନିର୍ମାଣ କରାଯାଇଥିବା ବେଳେ ଶନିବାର ସକାଳେ ମଣ୍ଡଳାଦି ପ୍ରସ୍ତୁତି କରଣ, ଅଙ୍କୁର ରୋପଣ ଆଦି କାର୍ଯ୍ୟ ହୋଇଥିଲା। ଏଥିପାଇଁ ପୂର୍ବାହ୍ନରେ ୩ହଜାର ମହିଳାଙ୍କୁ ନେଇ କଳସ ଯାତ୍ରା ହୋଇଥିଲା। ଏଥିରେ ରୌମ୍ୟରଞ୍ଜନ ପଟେଲ ସପତ୍ନୀକଙ୍କ ସମେତ ୧୫ ଯୋଡି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପରେ ଘଟ ମଣ୍ଡଳାଦି ପୂଜା ଓ ଯଜ୍ଞାଗ୍ନି ସ୍ଥାପନ ଓ ଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହେତୁ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଜଗନ୍ନାଥ ମନ୍ଦିର କମିଟି ସଭାପତି ଦୀନବନ୍ଧୁ ମିଞ୍ଜ, ସମ୍ପାଦକ ସଞ୍ଜିତ ପଟେଲ, କେଶବଚନ୍ଦ୍ର ନାଏକ, ବିଜୟ ପଟେଲ, ଦୀପକ ପଟେଲ, ଟେକଚାନ୍ଦ ପଟେଲ, ବିରଞ୍ଚି ମାଝି, ଦୁର୍ଗା ଲାକ୍ରା, ଭୁବନେଶ୍ୱର ମିଞ୍ଜ, ରବି ବାଘ, ଉପଦେଷ୍ଟା ଝସକେତନ ପଟେଲ, ଚନ୍ଦ୍ରଭାନୁ ବାଘ, ଭୋଜରାମ ପଟେଲ, ସିଂହ ଚରଣ ମିଞ୍ଜ, ରମିନ ମିଞ୍ଜ, ପ୍ରଦୀପ ପଟେଲ, ମାଧବ ଚନ୍ଦ୍ର ପଟେଲ, ହୁକୁମ ଚାନ୍ଦ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଗାୟତ୍ରୀ ଶକ୍ତିପୀଠରେ ବସନ୍ତ ପଞ୍ଚମୀ ପର୍ବ

**ସମ୍ବଲପୁର,୨।୨(ଭବାନୀ ଶଙ୍କର ଭୋଇ)**


ଗାୟତ୍ରୀ ଶକ୍ତୀପୀଠରେ ପୂଜାର୍ଚ୍ଚନା କରାଯାଉଛି ।

ସମ୍ବଲପୁର କମଲିବଜାର ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ବସନ୍ତ ପଞ୍ଚମୀ ଅବସରରେ ରବିବାର ନବ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ସହିତ ଉଦ୍‌ଯାପିତ ହୋଇଯାଇଛି। ଉପେନ୍ଦ୍ର କୁମାର ପାଢୀ ଓ ସତ୍ୟନାରାୟଣ ପଟେଲ ଯଜ୍ଞ ସଂଚାଳନ କରିଥିଲେ। ଗାୟତ୍ରୀ ଦେବପରିବାରର ସଭ୍ୟମାନେ ଜ୍ୟୋତି କଳସ ଯାତ୍ରାକୁ ସଫଳ କରିବା ପାଇଁ ସଙ୍କଳ୍ପ ନେଇଥିଲେ। ଗାୟତ୍ରୀ ଯଜ୍ଞ ସହିତ ବିଭିନ୍ନ ସଂସ୍କାର ମଧ୍ୟ କରାଯାଇଥିଲା। ମୁଣ୍ଡନ, ଅନ୍ନପ୍ରସନ, ବିଦ୍ୟାରମ୍ଭ, ଗାୟତ୍ରୀ ମହାମନ୍ତ୍ର ଦୀକ୍ଷା ସଂସ୍କାର ହୋଇଥିଲା। ଗାୟତ୍ରୀ ଯଜ୍ଞକୁ ସଫଳ କରିବା ପାଇଁ ଦୀନଦୟାଲ ଅଗ୍ରୱାଲ, ଦିଲୀପ ସାନବଡ, ବାନଶ୍ୱର ସର, ତୁଷାର ପଟ୍ଟନାୟକ, ରାଜକ୍ଷ୍ମ ପଟେଲ, ରବୀନ୍ଦ୍ର ଦର୍ଜୀ, ବଦନ ମାଝୀ, ଶମ୍ଭୁଶର୍ମା,ପ୍ରେମକାନ୍ତ ଝା, ଟଙ୍କନୁ କୁମାର, ଦିବ୍ୟ ମେଣ୍ଡଲୀ, ପୂର୍ଣ୍ଣାନନ୍ଦ ମିଶ୍ର, ରାଜେଶ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ମୁଦିପଡ଼ା ଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ରଥକାଠ ପୂଜାର୍ଚ୍ଚନା

**ସମ୍ବଲପୁର,୨।୨(ବି.ଶଙ୍କର)**

ପବିତ୍ର ଶ୍ରୀପଞ୍ଚମୀ ତିଥିରେ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ମୁଦିପଡା ଜଗନ୍ନାଥ ମହାପ୍ରଭୁଙ୍କ ନୂତନ ରଥ ନିର୍ମାଣ ପାଇଁ ରଥକାଠ ଅନୁକୂଳ ହୋଇଛି । ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପଣ୍ଡିତ ଅଜିତ ମିଶ୍ର ଓ ମନ୍ଦିର ପୂଜକ ବ୍ୟୋମକେଶ ପଣ୍ଡା ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରିଥିଲେ । ମୁଦିପଡା ରଥଯାତ୍ରା କମିଟି ସଭାପତି ଅଜିତ କର୍ଣ୍ଣ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ କମିଟିର ସମ୍ପାଦକ ଗତିକୃଷ୍ଣ ଷଡଙ୍ଗୀ, କୋଷାଧ୍ୟକ୍ଷ ଭାଗିରଥି ପ୍ରଧାନ, ସହ ସମ୍ପାଦକ ସୁବ୍ରତ ବହିଦାର, ଗଜପତି ରାଓ, ଚନ୍ଦ୍ର ଶେଖର ପ୍ରଧାନ, ପ୍ରମୋଦ ଦୋରା, ଉମା ହଜାରା, ଆଲୋକ ସାହୁ, ସୁଜିତ କର୍ଣ୍ଣ ଓ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ। ଘଣ୍ଟ, ଶଙ୍ଖ, ହରିବୋଲ ଓ ହୁଳହୁଳିରେ ଅଞ୍ଚଳ ଉଚ୍ଛୁଳି ପଡୁଥିଲା । ପଣ୍ଡିତମାନଙ୍କ ମନ୍ତ୍ରୋଚାରଣ ଓ ଭକ୍ତମାନଙ୍କ ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।ଚଳିତବର୍ଷ କମିଟି ପକ୍ଷରୁ ଏକ ନୂତନ ରଥ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟ କାଠ ମନ୍ଦିର ପରିସରରେ ଆସି ପହଞ୍ଚିଛି। ତେଣୁ ଆଜି ରଥ କାଠ ପୂଜା କରାଯାଇଥିଲା । ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚିତ କରାଯାଇଛି ।


ନୂତନ ରଥ ନିର୍ମାଣ ପାଇଁ ରଥକାଠ ପୂଜାର୍ଚ୍ଚନା କରାଯାଉଛି।

# ଚିତ୍ରାଙ୍କନ ପ୍ରତିଯୋଗିତାର ୪୨କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ସମ୍ବଲପୁର,୨।୨(ପ୍ରମୋଦ ବହିଦାର)**


ବିଶ୍ୱ ଆର୍ଦ୍ର ଦିବସ ପାଳନ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତାରେ ପୁରସ୍କୃତ ଛାତ୍ରୀଛାତ୍ର।

ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ରବିବାର ଡେବ୍ରିଗଡ଼ ଅଭୟାରଣ୍ୟ ସଂଲଗ୍ନ ୪୮ଟି ଗ୍ରାମର ଅଧିବାସୀ ଏବଂ ୩୭ଟି ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷକଙ୍କ ସହିତ ଇଡିସି ସଦସ୍ୟମାନେ ଦିବସ ପାଳନ କରିଥିଲେ। ଏହି ଅବସରରେ ଗତ ଜାନୁଆରିରେ ଅନୁଷ୍ଠିତ 'ହୀରାକୁଦର ପକ୍ଷୀ ଓ ଡେବ୍ରିଗଡ଼ର ବନ୍ୟଜନ୍ତୁ' ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ୪୨କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥିଭାବେ ଯୋଗଦେଇ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାଶ ଇଡିସି ସଦସ୍ୟ, ବିଦ୍ୟାଳୟର ଶିକ୍ଷକ ଓ ଅଭିଭାବକଙ୍କ ଉପସ୍ଥିତିରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

ଏହି ଅବସରରେ ବନଖଣ୍ଡ ଅଧିକାରୀ ଦାଶ କହିଛନ୍ତି, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ହୀରାକୁଦ ଆର୍ଦ୍ରଭୂମି ସଂରକ୍ଷଣ ସହିତ ଏଠାରେ ସ୍ୱଚ୍ଛତା ରକ୍ଷା ଦିଗରେ ସଚେତନତା ପାଇଁ ପଦକ୍ଷେପ ନିଆଯାଇଛି। ୨୦୨୪ ଅପ୍ରେଲ୍ ୧ରୁ ଡେବ୍ରିଗଡ଼ ଅଭୟାରଣ୍ୟରେ ଝୋଟବ୍ୟାଗ,

## ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ପାଳିଲା ବିଶ୍ୱ ଆର୍ଦ୍ରଭୂମି ଦିବସ

କାଚବୋତଲ, ବେତ ଏବଂ ବାଉଁଶ ଉତ୍ପାଦ ବ୍ୟବହାରକୁ ପ୍ରୋତ୍ସାହିତ କରାଯାଇ ପରିବେଶ ଅନୁକୂଳ ପର୍ଯ୍ୟଟନ କ୍ଷେତ୍ରଭାବେ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ସେହିପରି ମୁକ୍ତାକାଶ ଶୌଚମୁକ୍ତ ଅଞ୍ଚଳ ଭାବେ ଘୋଷିତ ଗୋବିନ୍ଦପୁର ପକ୍ଷୀ ଗ୍ରାମ ଓ ଧୋଡ୍ରୋକୁସୁମ ସବୁଜ ଗ୍ରାମ ପରିବେଶ ଅନୁକୂଳ ପର୍ଯ୍ୟଟନ ଦିଗରେ ଗୋଟିଏ ଉଦାହରଣ। ବର୍ତ୍ତମାନ ହୀରାକୁଦ ଆର୍ଦ୍ରଭୂମି ଓ ଡେବ୍ରିଗଡ଼ ଅଭୟାରଣ୍ୟ ଗୟଳ, ସମ୍ବର, ହରିଣ, କଲରାପତରିଆ ବାଘ, ଭାଲୁ, ହାତୀ, ଶୃଗାଳ, ଗଧିଆ, କୁକୁର ଆଦି ବିଭିନ୍ନ ପ୍ରକାର ବନ୍ୟପ୍ରାଣୀଙ୍କ ସହ ପ୍ରାୟ ସାଢ଼େ ୩ ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀଙ୍କ ଜୀବନରେଖାର ପରିଣତ ହୋଇସାରିଛି। ସେହିପରି ଏହାମଧ୍ୟରେ ୧୨୦ରୁ ଅଧିକ ପ୍ରଜାତିର ଉଭୟ ଉଦ୍ଭିଦ ସହିତ ଜଳଜାତ ଉଦ୍ଭିଦ ଓ ଜଳଚର ପ୍ରାଣୀ ରହିଛନ୍ତି। ୨୦୨୩ ମସିହାରେ ଏଠାରୁ ୪ଟି ଗ୍ରାମର ପ୍ରାୟ ୪ଶହ ପରିବାରଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପରେ ଡେବ୍ରିଗଡ଼ ଅଭୟାରଣ୍ୟ ବର୍ତ୍ତମାନ ପ୍ରସ୍ତାବିତ ଜାତୀୟ ଉଦ୍ୟାନ ଓ ବ୍ୟାଘ୍ର ଅଭୟାରଣ୍ୟରେ ପରିଗଣିତ ହୋଇଛି ବୋଲି କହିଛନ୍ତି ବନଖଣ୍ଡ ଅଧିକାରୀ ଦାଶ।

## ସଂକ୍ଷେପରେ

### ଅଯୋଧ୍ୟାରେ ଦଳିତ ଯୁବତୀଙ୍କୁ ଗଣବଳାତ୍କାର ପରେ ହତ୍ୟା

ଲକ୍ଷ୍ନୌ,୨।୨

ଉତ୍ତରପ୍ରଦେଶର ଅଯୋଧ୍ୟା ଅନ୍ତର୍ଗତ ସହନାୱା ଗ୍ରାମ ବାହାରେ ଥିବା ଡ୍ରେନ୍‌ରୁ ଶନିବାର ଜଣେ ୨୨ ବର୍ଷୀୟା ଦଳିତ ଯୁବତୀଙ୍କ ଉଲଗ୍ନ ମୃତଦେହ ମିଳିଛି। ଏହା ଏକ ଗଣବଳାତ୍କାର ଓ ହତ୍ୟା ଘଟଣା ବୋଲି ସନ୍ଦେହ କରାଯାଉଥିବାବେଳେ ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ମୃତା ଯୁବତୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ପକ୍ଷରୁ ଦାବି ହୋଇଛି। ଗୁରୁବାର ରାତିରୁ ଯୁବତୀ ଜଣକ ନିଖୋଜ ଥିଲେ। ଶୁକ୍ରବାର ଥାନାରେ ଅଭିଯୋଗ ପରେ ନିଖୋଜ ମାମଲା ରୁଜୁ ହୋଇଥିଲା। ଶନିବାର ସକାଳେ ଗାଁ ବାହାରେ ଏକ ଶୁଖିଲା ଡ୍ରେନ୍‌ରୁ ତାଙ୍କ ମୃତଦେହ ରହସ୍ୟମୟ ଅବସ୍ଥାରେ ମିଳିଥିଲା। ତାଙ୍କ ଶରୀର ସମ୍ପୂର୍ଣ୍ଣ ଉଲଗ୍ନ ଥିବାବେଳେ ଗୋଡ଼ହାତ ଭାଙ୍ଗିଦିଆଯାଇଛି। ଦେହସାରା କ୍ଷତଚିହ୍ନ ରହିଛି ଏବଂ ଆଖି ବାହାରିଯାଇଛି। ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ପରିବାର ଓ ଗ୍ରାମବାସୀ ସନ୍ଦେହ କରିଛନ୍ତି। କୋଟୱାଲି ପୋଲିସ ଏହାକୁ ହତ୍ୟା ମାମଲା ଭାବେ ଗ୍ରହଣ କରି ଅଧିକ ତଦନ୍ତ ଚଳାଇଛି। ରବିବାର ଫୈଜାବାଦର ସମାଜବାଦୀ ପାର୍ଟି ଏମ୍‌ପି ଅୱଧେଶ ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ଉକ୍ତ ଘଟଣାକୁ ନେଇ କାନ୍ଦି ପକାଇବା ସହ ଦଳିତ ଯୁବତୀଙ୍କ ପରିବାରକୁ ନ୍ୟାୟ ନ ମିଳିଲେ ନିଜ ଆସନରୁ ଇସ୍ତଫା ଦେବେ ବୋଲି କହିଛନ୍ତି।

### କେନ୍ ମାର୍ଟିନ୍ ଆମେରିକା ଡେମୋକ୍ରାଟ୍ ନେତା ନିର୍ବାଚିତ



ୱାଶିଂଟନ,୨।୨

ଆମେରିକାର ଡେମୋକ୍ରାଟ୍‌ମାନେ ୫୧ ବର୍ଷୀୟ ପ୍ରଗତିଶୀଳ ଆକ୍ଟିଭିଷ୍ଟ କେନ୍ ମାର୍ଟିନ୍‌ଙ୍କୁ ଶନିବାର ସେମାନଙ୍କ ନେତା ନିର୍ବାଚିତ କରିଛନ୍ତି। ଗତବର୍ଷ ରାଷ୍ଟ୍ରପତି ନିର୍ବାଚନରେ ଦଳୀୟ ପ୍ରାର୍ଥୀ ପରାଜିତ ହେବା ପରେ ସ୍ଥିତି ସୁଧାରିବା ପାଇଁ ମାର୍ଟିନ୍ ଦଳର ପୁନର୍ଗଠନ କରିବେ। ଏଥିସହିତ ରିପବ୍ଲିକାନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସବୁ ଦିଗରୁ କିପରି ବିରୋଧ କରାଯିବ, ସେ ନେଇ ବାଟ ବାହାର କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ସବୁ ନିର୍ବାଚନରେ ଏବଂ ସବୁ ସ୍ତରରେ ଦଳକୁ ସଶକ୍ତ କରାଇବା ପାଇଁ ଆମକୁ କଠିନ ପରିଶ୍ରମ କରିବାର ସମୟ ଆସିଛି ବୋଲି ଡେମୋକ୍ରାଟିକ୍ ନ୍ୟାଶନାଲ କମିଟି (ଡିଏନ୍‌ସି)ର ନୂଆ ଅଧ୍ୟକ୍ଷ ମାର୍ଟିନ୍ କହିଛନ୍ତି।

### ଆଜି ଅମୃତ ସ୍ନାନ ପାଇଁ ବ୍ୟାପକ ପ୍ରସ୍ତୁତି

#### ହାଇ ଆଲର୍ଟରେ ମେଡିକାଲ ଟିମ୍

ପ୍ରୟାଗରାଜ/ମହାକୁମ୍ଭ ନଗର,୨।୨

ଉତ୍ତରପ୍ରଦେଶର ପ୍ରୟାଗରାଜ ମହାକୁମ୍ଭରେ ଗତ ମାସ ୨୯ ତାରିଖ ମୌନି ଅମାବାସ୍ୟା ଅମୃତ ସ୍ନାନ ବେଳେ ଦଳାଚକଟା ଘଟି ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ସୋମବାର ବସନ୍ତ ପଞ୍ଚମୀ ଶାହୀ ସ୍ନାନ ପଡୁଥିବାରୁ ଆୟୋଜନରେ ଯେପରି ସାମାନ୍ୟ ତ୍ରୁଟି ନ ରହେ, ତାହା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରୟାଗରାଜରେ ଶନିବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ, ପାରମ୍ପରିକ ଭବ୍ୟ ଶୋଭାଯାତ୍ରା ଏବଂ ଆଖଡ଼ା ପାଇଁ ସମୟସୀମା ମଧ୍ୟରେ ସମସ୍ତ ଆବଶ୍ୟକ ପ୍ରସ୍ତୁତି ଶେଷ ହେବା ଜରୁରୀ। ମୁଖ୍ୟମନ୍ତ୍ରୀ ସୁରକ୍ଷା ପ୍ରତି ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ପବିତ୍ର ବୁଡ଼ ବେଳେ କୌଣସି ଭିଆଇପି ପ୍ରୋଟୋକଲ ରହିବ ନାହିଁ। ପ୍ରୟାଗରାଜ ଡିଭିଜନର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପୂର୍ଣ୍ଣ ସଜାଗ ରଖାଯାଇଛି। ସମଗ୍ର ମହାକୁମ୍ଭ ନଗର ଏବଂ ଡିଭିଜନ୍‌ର ଡାକ୍ତରମାନଙ୍କୁ କୋଟି କୋଟି ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଟ୍ରମ୍ପଙ୍କ ଟାରିଫ୍‌ରୁ ବାଣିଜ୍ୟ ଯୁଦ୍ଧ

**ଚାଇନା, ମେକ୍ସିକୋ ଓ କାନାଡାରୁ ଆମେରିକାକୁ ଆମଦାନୀ ହେଉଥିବା ସାମଗ୍ରୀଗୁଡ଼ିକ ଉପରେ ଚଢ଼ା ଟାରିଫ୍ ଲଗାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ଏଥିଯୋଗୁ ସମ୍ପୃକ୍ତ ଦେଶଗୁଡ଼ିକର ସାମଗ୍ରୀ ଆମେରିକାକୁ ରପ୍ତାନି କରିବାରେ ଅସୁବିଧା ସୃଷ୍ଟି ହେବ। ଏହାର ଜବାବ ଦେବା ପାଇଁ ବାଣିଜ୍ୟିକ ସହଯୋଗୀମାନେ ରଣନୀତି ପ୍ରସ୍ତୁତ କରିଥିବାରୁ ଆମେରିକା ସହ ଏକ ନୂଆ ଟ୍ରେଡ୍ ୱାର୍ ଆରମ୍ଭ ହୋଇଛି। ବାଣିଜ୍ୟ ଯୁଦ୍ଧର ଦୁଷ୍ପରିଣାମ କେବଳ ଏହି ଦେଶଗୁଡ଼ିକ ମଧ୍ୟରେ ସୀମିତ ନ ରହି ବିଶ୍ୱବ୍ୟାପୀ ଅନୁଭୂତ ହେବ ବୋଲି ଅର୍ଥନୀତିଜ୍ଞ ଓ ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି।**



## ମେକ୍ସିକୋ, କାନାଡା, ଚାଇନାର ପାଲଟା ଚ୍ୟାଲେଞ୍ଜ

ୱାଶିଂଟନ୍/ବେଜିଂ,୨।୨

ଆମେରିକାର ରିପବ୍ଲିକାନ୍ ପ୍ରେସିଡେଣ୍ଟ ଡୋନାଲ୍ଡ ଟ୍ରମ୍ପ୍ ଶନିବାର ସ୍ୱାକ୍ଷର କରିଥିବା ଅର୍ଡର ଅନୁସାରେ କାନାଡା ଓ ମେକ୍ସିକୋରୁ ଆସୁଥିବା ସାମଗ୍ରୀ ଉପରେ ମଙ୍ଗଳବାରଠାରୁ ୨୫% ଏବଂ ଚାଇନା ସାମଗ୍ରୀ ଉପରେ ୧୦% ଆମଦାନୀ ଶୁଳ୍କ ଲାଗିବ। ଟ୍ରମ୍ପ୍ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଦର୍ଶାଇଛନ୍ତି, ଆମେରିକୀୟମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଚାଇନା, ମେକ୍ସିକୋ ଓ କାନାଡା ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିଲା। ବେଆଇନ ଫେଣ୍ଟାନିଲ୍ ଉତ୍ପାଦନ ଓ ରପ୍ତାନି ଉପରେ କଟକଣା ସହ ଆମେରିକାକୁ ଆପ୍ରବାସୀଙ୍କ ଅନୁପ୍ରବେଶ ରୋକିବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ଏଥିରେ ସେ ଉଲ୍ଲେଖ କରିଛନ୍ତି। ଟ୍ରମ୍ପ୍‌ଙ୍କ ନୂଆ ଟାରିଫ୍ ଲାଗୁ ସହ ନିର୍ବାଚନ ପ୍ରଚାର ବେଳେ ଗ୍ରୋସେରି, ଗ୍ୟାସୋଲିନ୍, ଗୃହନିର୍ମାଣ, ଅଟୋ ଓ ଅନ୍ୟ ସାମଗ୍ରୀଗୁଡ଼ିକର ଦରଦାମ ହ୍ରାସ ପାଇଁ ସେ ଦେଶର ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରୁ ଗୋଟିଏ ପୂରଣ ହୋଇଛି। କିନ୍ତୁ ଟ୍ରମ୍ପ୍‌ଙ୍କ ଏଭଳି ଅପରିଣାମଦର୍ଶୀ ପଦକ୍ଷେପ ବୈଶ୍ୱିକ ଅର୍ଥନୀତିକୁ ଅନିଶ୍ଚିତତା ଆଡ଼କୁ ଠେଲିଦେଇଥିବା ସମାଲୋଚକମାନେ କହିଛନ୍ତି। ଅର୍ଥନୀତି ବିଶେଷଜ୍ଞଙ୍କ ମତରେ ନୂଆ ଟାରିଫ୍ ଜାରି ରହିଲେ ମୁଦ୍ରାସ୍ଫୀତି ଅହେତୁକ ବୃଦ୍ଧି ଘଟିବ। ଏଥିସହ ଆମେରିକା ସହିତ ଏହି ରାଷ୍ଟ୍ରଗୁଡ଼ିକର ବାଣିଜ୍ୟ ଯୁଦ୍ଧ ଚାଲିବ।

ଇତିମଧ୍ୟରେ ମେକ୍ସିକୋ ଓ କାନାଡା ମଧ୍ୟ ଆମେରିକୀୟ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି ପାଇଁ ଘୋଷଣା କରିଛନ୍ତି। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନ୍‌ବଉମ୍ ପର୍ଡୋ ତତ୍କାଳ ଜବାବୀ ୨୫% ଟାରିଫ୍ କଷିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ମଧ୍ୟ ଆମେରିକାରୁ ଆମଦାନୀ ହେଉଥିବା ୧୫୫ ବିଲିୟନ୍ ଡଲାର ସାମଗ୍ରୀ ଉପରେ ୨୫% ଟାରିଫ୍ ଘୋଷଣା କରିଛନ୍ତି। ଆମେରିକୀୟ ଆଲ୍‌କୋହଲ ଓ ଫଳଗୁଡ଼ିକୁ ନେଇ ୩୦ ବିଲିୟନ୍ ଡଲାର ସାମଗ୍ରୀ ଉପରେ ଏହା ମଙ୍ଗଳବାରଠାରୁ ଲାଗୁ ହେବ ବୋଲି ସେ ଚ୍ୟାଲେଞ୍ଜ ଦେଇଛନ୍ତି। ଅନୁରୂପ ଭାବେ ଚାଇନାର କମ୍ୟୁନିଷ୍ଟ ସରକାର ରବିବାର ଟ୍ରମ୍ପ୍ ପ୍ରଶାସନର ଏହି ନୀତିକୁ ସମାଲୋଚନା କରିଛନ୍ତି। କିନ୍ତୁ ବିବାଦର ସମାଧାନ ପାଇଁ ଆମେରିକା ଲାଗି ଆଲୋଚନାର ଦ୍ୱାର ଖୋଲା ରଖିଛନ୍ତି। ଟ୍ରମ୍ପ୍‌ଙ୍କ ଟାରିଫ୍ ଅନ୍ତର୍ଜାତୀୟ ବାଣିଜ୍ୟିକ ଆଇନର ଗମ୍ଭୀର ଉଲ୍ଲଂଘନ। ଏହାକୁ ବେଜିଂ ୱାର୍ଲ୍ଡ ଟ୍ରେଡ୍ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଟିଓ)ରେ ଚ୍ୟାଲେଞ୍ଜ କରିବ। ଏଥିସହ କେତେକ ଅନିର୍ଦ୍ଦିଷ୍ଟ ମୁକାବିଲା ପଦକ୍ଷେପ ନେବ ବୋଲି ଚାଇନାର ଅର୍ଥ ଓ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ପ୍ରକାଶଯେ, ବାଇଡେନ୍ ପ୍ରଶାସନର ଭୁଲ୍ ଆର୍ଥିକ ପରିଚାଳନା ଯୋଗୁ ଆମେରିକା ଅର୍ଥନୀତି କ୍ରମଶଃ ଦୁର୍ବଳ ହେବାରେ ଲାଗିଥିବାବେଳେ ରିପବ୍ଲିକାନ୍ ଟ୍ରମ୍ପ୍ ଅନେକ ବିତ୍ତୀୟ ସଂସ୍କାର ପଦକ୍ଷେପର ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଥିଲେ। ଜାନୁଆରୀ ୨୦ରେ ଟ୍ରମ୍ପ୍ ରାଷ୍ଟ୍ରପତି ଭାବେ ଶପଥ ନେବା ପରଠୁ ଜାତୀୟ ସ୍ୱାର୍ଥର ଦ୍ୱାହିଦେଇ ଗୋଟିଏ ପରେ ଗୋଟିଏ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଚାଲିଛନ୍ତି। ତନ୍ମଧ୍ୟରେ ଏହି ଟାରିଫ୍ ଅର୍ଡର ରହିଛି।

## 'ନିଅଣ୍ଟ ପାଇଁ ଚାଇନା, ମେକ୍ସିକୋ, କାନାଡା ଦାୟୀ'



ଆମେରିକାର ବାଣିଜ୍ୟ ନିଅଣ୍ଟ ପାଇଁ ରାଷ୍ଟ୍ରପତି ଟ୍ରମ୍ପ୍ ଚାଇନା, ମେକ୍ସିକୋ ଏବଂ କାନାଡାକୁ ଦାୟୀ କରିଛନ୍ତି। ଆମେରିକା ବାଣିଜ୍ୟ ନିଅଣ୍ଟରେ ଚାଇନାର ସର୍ବାଧିକ ୩୦.୨% ଅବଦାନ ରହିଥିବାବେଳେ ମେକ୍ସିକୋର ୧୯ ଏବଂ କାନାଡାର ୧୪ ପ୍ରତିଶତ ରହିଥିବାରୁ ଟ୍ରମ୍ପ୍ ପ୍ରଥମ ପର୍ଯ୍ୟାୟ ଟାରିଫ ଏହି ୩ ଦେଶ ଉପରେ ଲଗାଇଛନ୍ତି। ଅନ୍ୟପକ୍ଷରେ ବାଣିଜ୍ୟ ନିଅଣ୍ଟରେ ଭାରତର ଭାଗ ମାତ୍ର ୩.୨ ଥିବାରୁ ଏହାର ଉକ୍ତ ଟାରିଫ୍‌ରୁ ବାଦ୍ ପଡ଼ିଛି। ଉପରୋକ୍ତ ୩ ଦେଶ ଆମେରିକାକୁ ବିପୁଳ ପରିମାଣର ଫେଣ୍ଟାନିଲ୍ ରପ୍ତାନି କରୁଛନ୍ତି, ଯେଉଁଥିରେ ବର୍ଷକୁ ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ଘଟୁଛି। କାନାଡା ସହ ଆମେରିକାର ୨୦୦ ବିଲିୟନ ଡଲାର ବାଣିଜ୍ୟ ନିଅଣ୍ଟ ଥିବାବେଳେ ମେକ୍ସିକୋ ସହ ୨୫୦ ବିଲିୟନ ଡଲାର ନିଅଣ୍ଟ ରହିଥିବା ଟ୍ରମ୍ପ୍ ଏକ ପ୍ରେସ୍ ବିବୃତିରେ କହିଛନ୍ତି।

## ଲୋକଙ୍କ ବଜେଟ, ଲୋକମାନଙ୍କ ପାଇଁ: ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ,୨।୨(ପି.ଟି.)

କେନ୍ଦ୍ର ବଜେଟ ଲୋକମାନଙ୍କର ଏବଂ ସେମାନଙ୍କ ପାଇଁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର କହିଛନ୍ତି। ବଜେଟ ଉପସ୍ଥାପନ ପରବର୍ତ୍ତୀ ପ୍ରଥମ ସାକ୍ଷାତ୍‌କାରରେ ସେ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଆବ୍ରାହାମ୍ ଲିଙ୍କନ୍‌ଙ୍କ ଉକ୍ତିକୁ ଉଦ୍ଧାର କରିବା ସହ ମଧ୍ୟବିତ୍ତ ଶ୍ରେଣୀଙ୍କ ପାଇଁ ଟିକସ କାଟିବା ଚିନ୍ତାଧାରା ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ଣ୍ଣ ସମର୍ଥନ ରହିଥିବା କହିଛନ୍ତି। ତେବେ ଅମଲାମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପାଇଁ ସମୟ ଲାଗିଥିଲା। ସଚ୍ଚୋଟ କରଦାତା ସତ୍ତ୍ୱେ ମଧ୍ୟମବର୍ଗଙ୍କ ଆଶା ଆକାଂକ୍ଷା ପୂରଣ ହେଉ ନ ଥିବା ଅଭିଯୋଗ ହୋଇ ଆସୁଥିଲା। ଆମକୁ ମଧ୍ୟବିତ୍ତ ଶ୍ରେଣୀଙ୍କ ସ୍ୱର ଶୁଣିବାକୁ ହେଲା ବୋଲି ସୀତାରାମନ୍ ସାକ୍ଷାତ୍‌କାରରେ କହିଛନ୍ତି। ମୁଦ୍ରାସ୍ଫୀତି ଆଦି ପ୍ରଭାବକୁ ସୀମିତ କରିବା ଦିଗରେ ସରକାର ଅଧିକ କିଛି କରନ୍ତୁ ବୋଲି ସଚ୍ଚୋଟ ଓ ଗର୍ବିତ ଟିକସଦାତା ଚାହାନ୍ତି। ସେମାନଙ୍କୁ ସହାୟତା ପାଇଁ ତୁରନ୍ତ ଉପାୟ ଖୋଜିବାକୁ ପ୍ରଧାନମନ୍ତ୍ରୀ ତାଙ୍କୁ ଦାୟିତ୍ୱ ଦେଇଥିଲେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଆୟକରରେ ସୁବିଧା ଦେବା ପାଇଁ ପ୍ରଧାନମନ୍ତ୍ରୀ ତୁରନ୍ତ ରାଜି ହୋଇଥିବାବେଳେ ଅର୍ଥ ମନ୍ତ୍ରଣାଳୟ ଏବଂ କେନ୍ଦ୍ରୀୟ ଟିକସ ବୋର୍ଡ (ସିବିଡିଟି)ର ପ୍ରଶାସନିକ ଅଧିକାରୀମାନଙ୍କୁ ଏ ନେଇ ସହମତ କରାଇବାକୁ ସମୟ ଲାଗିଥିଲା। ଅର୍ଥମନ୍ତ୍ରୀ ସୀତାରାମନ୍ ଶନିବାର କ୍ରମାଗତ ଅଷ୍ଟମ ଥର ପାଇଁ ବଜେଟ ଉପସ୍ଥାପନ କରିବା ଅବସରରେ ବ୍ୟକ୍ତିଗତ ଆୟକର ଦାଖଲ ପାଇଁ ଆୟ ସୀମା ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ସମ୍ପର୍କରେ ଘୋଷଣା କରିଥିଲେ। ଏଥିସହିତ ଟ୍ୟାକ୍ସ ବ୍ରାକେଟରେ ପରିବର୍ତ୍ତନ କରାଯାଇଛି, ଯାହା ଫଳରେ ଏହାଠାରୁ ଅଧିକ ରୋଜଗାର କରୁଥିବା ଲୋକମାନଙ୍କୁ ୧.୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିବାରେ ସହାୟକ ହେବ। ଆୟକର ଛାଡ଼ ସୀମା ୫ ଲକ୍ଷ ଟଙ୍କା ବୃଦ୍ଧି କରାଯିବା ସର୍ବାଧିକ ଏବଂ ୨୦୦୫ରୁ ୨୦୨୩ ମଧ୍ୟରେ ଦିଆଯାଇଥିବା ସହାୟତା ସହ ସମାନ। ଏହା ଲୋକମାନଙ୍କ ବଜେଟ, ଯାହା ସେମାନେ ଚାହୁଁଥିଲେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।



ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ରବିବାର ପ୍ରୟାଗରାଜର ତ୍ରିବେଣୀ ସଙ୍ଗମଠାରେ ବୁଡ଼ ପକାଉଛନ୍ତି। ଏହି ଅବସରରେ ସେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁ ସାଧୁ ସନ୍ଥଙ୍କୁ ସାକ୍ଷାତ କରିଛନ୍ତି।

## ମହାକୁମ୍ଭ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଚିନ୍ତା: ସୁପ୍ରିମକୋର୍ଟରେ ଶୁଣାଣି ଆଜି

ନୂଆଦିଲ୍ଲୀ,୨।୨(ପି.ଟି.)

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭରେ ଗତ ମାସ ୨୯ ତାରିଖ ଅମୃତ ସ୍ନାନ ବେଳେ ଦଳାଚକଟାରେ ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ୬୦ ଜଣ ଆହତ ହୋଇଥିଲେ। ମେଳାରେ ଯୋଗଦେଉଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ଏବଂ ନିୟମାବଳୀ କାର୍ଯ୍ୟକାରୀ କରିବାକୁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ସୋମବାର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠରେ ଏହାର ଶୁଣାଣି ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଥିବା କଜ୍ ଲିଷ୍ଟରୁ ଜଣାପଡ଼ିଛି।



ଆଇନଜୀବୀ ବିଶାଳ ତିୱାରି ଦାଏର କରିଥିବା ଉକ୍ତ ପିଟିଶନରେ ଦଳାଚକଟା ଭଳି ଘଟଣା ଯେପରି ନ ଘଟେ, ତାହା ସୁନିଶ୍ଚିତ କରିବା ଏବଂ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ, ସମାନତା ଓ ଜୀବନ ଧାରଣ ମୌଳିକ ଅଧିକାରର ସୁରକ୍ଷା ପାଇଁ ନିବେଦନ କରିଥିଲେ। ଏଥିରେ କେନ୍ଦ୍ର ଏବଂ ସମସ୍ତ ରାଜ୍ୟଙ୍କୁ ପକ୍ଷ କରାଯାଇଛି। ମହାକୁମ୍ଭ ଶ୍ରଦ୍ଧାଳୁମାନଙ୍କ ପାଇଁ ସୁରକ୍ଷିତ ଓ ନିରାପଦ ପରିବେଶ ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ନିବେଦନ କରିଛନ୍ତି। ପ୍ରୟାଗରାଜକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ସୁରକ୍ଷା ତଥ୍ୟ ଯୋଗାଇଦେବା ସହ ସହାୟତା କରିବା ପାଇଁ ସବୁ ରାଜ୍ୟ ସେଠାରେ ସୁବିଧା କେନ୍ଦ୍ର ଖୋଲିବାକୁ ପିଟିଶନରେ ପ୍ରସ୍ତାବ ଦିଆଯାଇଛି। ତୀର୍ଥଯାତ୍ରୀମାନଙ୍କ ଯାତାୟାତରେ ସୁବିଧା ପାଇଁ ସୂଚନା ଫଳକ ଲଗାଇବା ସହ ବିଭିନ୍ନ ଭାଷାରେ ଘୋଷଣା କରାଯିବାକୁ ନିବେଦନ କରାଯାଇଛି। ଏଥିସହିତ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ପ୍ରୋଟୋକଲ୍‌ର ପ୍ରଚାର ପାଇଁ ଏସ୍‌ଏମ୍‌ଏସ୍ ଏବଂ ହ୍ୱାଟ୍ସଆପ୍ ମେସେଜ୍ ବ୍ୟବହାର ନିମନ୍ତେ ଆବେଦନରେ ପ୍ରସ୍ତାବ ରହିଛି।

## ଫୁରସତ୍

### ବିଶ୍ୱର ଏକମାତ୍ର ଟେନ୍ ଷ୍ଟାର୍ ହୋଟେଲ

ଦୁବାଇ



ସାଉଦି ଆରବର ଦୁବାଇରେ ବିଶ୍ୱର ଏକମାତ୍ର ଦଶ ତାରକା ହୋଟେଲ 'ଜୁମିରା ବୁର୍ଜ ଅଲ ଆରବ' ରହିଛି। ଦୁବାଇର ଏକ କୃତ୍ରିମ ଦ୍ୱୀପରେ ନିର୍ମିତ ଏହି ହୋଟେଲ ଅତ୍ୟନ୍ତ ବିଳାସପୂର୍ଣ୍ଣ ହୋଇଥିବା ବେଳେ ଏହାର ଆକାର ଏକ ଡଙ୍ଗା ପରି ରହିଛି। ଆର୍କିଟେକ୍ଟ ଟମ୍ ରାଇଟ୍ ଏହି ହୋଟେଲର ଡିଜାଇନ୍ କରିଥିଲେ। ୧୯୯୯ ମସିହାରେ ଏହି ହୋଟେଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ତେବେ ୩୨୧ ମିଟର ଉଚ୍ଚତାର ଏହି ହୋଟେଲ ବିଶ୍ୱର ସବୁଠାରୁ ଉଚ୍ଚ ହୋଟେଲ ଭାବେ ମଧ୍ୟ ପରିଚିତ। ପିକ୍ ସିଜନରେ ବୁର୍ଜ ଅଲ୍ ଆରବ ହୋଟେଲରେ ଗୋଟିଏ ରାତ୍ରିଯାପନ ପାଇଁ ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟ ଦେବାକୁ ପଡ଼ିଥାଏ। ତେଣୁ କେବଳ ଭିଆଇପି ଓ ସେଲିବ୍ରିଟିମାନେ ଏହି ହୋଟେଲରେ ଛୁଟି କଟାଇବାକୁ ଆସିଥାନ୍ତି। ଏହି ଅଲଟ୍ରା ବିଳାସପୂର୍ଣ୍ଣ ହୋଟେଲରେ ବୁକିଂ କରୁଥିବା ଲୋକଙ୍କୁ ଏକ ଘରୋଇ ଜେଟ୍ ଦ୍ୱାରା ସ୍ୱାଗତ କରାଯାଇଥାଏ। ସେହିପରି ଅନେକ ବିଳାସପୂର୍ଣ୍ଣ ଯାନ ସେମାନଙ୍କୁ ପାଛୋଟି ନେବାକୁ ଆସିଥାନ୍ତି। ଏହି ହୋଟେଲର ଭିତର ଅଂଶ ୨୪ କ୍ୟାରେଟ୍ ସୁନା ପ୍ଲେଟ୍‌ରେ ନିର୍ମିତ। ସେହିପରି 'ଜୁମିରା ବୁର୍ଜ ଅଲ ଆରବ'ରେ ଗ୍ରାହକମାନଙ୍କୁ ବିଶ୍ୱର ସର୍ବୋତ୍ତମ ଖାଦ୍ୟ ପରଷା ଯାଇଥାଏ। ଏହି ହୋଟେଲରେ ଏକ ଅଣ୍ଡର ୱାଟର ରେଷ୍ଟୁରାଣ୍ଟ ମଧ୍ୟ ରହିଛି।

### ରୋମାଣ୍ଟିକ ଫିଲ୍ମ କରିବାକୁ ଚାହୁଁଛନ୍ତି ଜୟଦୀପ



ମୁମ୍ବାଇ

ଅଭିନେତା ଜୟଦୀପ ଅହଲାୱତ୍‌ଙ୍କୁ ନେଇ ଏବେ ଖୁବ୍ ଚର୍ଚ୍ଚା ଲାଗିରହିଛି। ବର୍ତ୍ତମାନ ସୁଦ୍ଧା ସେ କୌଣସି ରୋମାଣ୍ଟିକ ଫିଲ୍ମ କିମ୍ବା ରୋମାଣ୍ଟିକ ଚରିତ୍ରରେ କାର୍ଯ୍ୟ କରିନାହାନ୍ତି। ରୋମାଣ୍ଟିକ ଫିଲ୍ମ କରିବାକୁ ଚାହାନ୍ତି ନାହିଁ କି ବୋଲି ରବିବାର ଏକ ସାକ୍ଷାତ୍‌କାରରେ ଜୟଦୀପଙ୍କୁ ପଚରାଯାଇଥିଲା। ଏହାର ଉତ୍ତରରେ ସେ କହିଛନ୍ତି, ରୋମାଣ୍ଟିକ ଫିଲ୍ମ କରିବାକୁ ତାଙ୍କର ଇଚ୍ଛା ରହିଛି। ବର୍ତ୍ତମାନ ସୁଦ୍ଧା କୌଣସି ରୋମାଣ୍ଟିକ ଚରିତ୍ର କରି ନ ଥିଲେ ମଧ୍ୟ ଭବିଷ୍ୟତରେ ସୁଯୋଗ ମିଳିଲେ ଏପରି ଚରିତ୍ରକୁ ସେ ଠିକ୍ ଭାବେ କରି ଦର୍ଶକଙ୍କ ହୃଦୟ ଜିତିପାରିବେ। ଏହି ବିଶ୍ୱାସ ତାଙ୍କର ରହିଛି ବୋଲି ଜୟଦୀପ କହିଛନ୍ତି। ତେବେ ବୋଧହୁଏ କୌଣସି ଫିଲ୍ମ ନିର୍ମାତା ତାଙ୍କୁ ରୋମାଣ୍ଟିକ ଫିଲ୍ମରେ କାଷ୍ଟ କରିବାକୁ ଚାହାନ୍ତି ନାହିଁ। ସେ ରୋମାଣ୍ଟିକ ଚରିତ୍ର ମଧ୍ୟ କରିପାରିବେ, ଯେପର୍ଯ୍ୟନ୍ତ ଏନେଇ ଫିଲ୍ମନିର୍ମାତାମାନଙ୍କୁ ବିଶ୍ୱାସ ଆସିନାହିଁ ସେଯାଏ ତାଙ୍କୁ ରୋମାଣ୍ଟିକ ଚରିତ୍ରରେ ଅଭିନୟ କରିବାକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ଜୟଦୀପ କହିଛନ୍ତି।



ଦିଲ୍ଲୀର ଆର୍‌କେ ପୁରମଠାରେ ଏକ ନିର୍ବାଚନୀ ଜନସଭାରେ ପାଲାମ୍ ଖାପ୍ ମୁଖ୍ୟ ସୁରେନ୍ଦ୍ର ସୋଲାଙ୍କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ହଳର ପ୍ରତିକୃତି ଭେଟି ଦେଉଛନ୍ତି।

# ତେଲଙ୍ଗାନା କଂଗ୍ରେସରେ ଫାଟ

## ପଞ୍ଚାୟତ ନିର୍ବାଚନ ପୂର୍ବରୁ ୧୦ ବିଧାୟକଙ୍କ ଗୁପ୍ତ ବୈଠକ

ହାଇଦ୍ରାବାଦ,୨।୨

ତେଲଙ୍ଗାନାରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶାସକ ଦଳରେ ଅସନ୍ତୋଷକୁ ନେଇ ଚିନ୍ତା ବଢ଼ିଛି। ନିର୍ବାଚନ ପୂର୍ବରୁ କଂଗ୍ରେସର ୧୦ ଜଣ ବିଧାୟକ ଗୋପନରେ ରୁଦ୍ଧଦ୍ୱାର ବୈଠକ କରିଥିବାରୁ ଦଳରେ ଫାଟ ସୃଷ୍ଟି ହୋଇଥିବା ନେଇ କଳ୍ପନାଜଳ୍ପନା ବଢ଼ିଛି। ହାଇଦ୍ରାବାଦ ଉପକଣ୍ଠରେ ଥିବା ବିଧାୟକ ଅନିରୁଦ୍ଧ ରେଡ୍ଡୀଙ୍କ ଫାର୍ମ ହାଉସ୍‌ରେ ଏହି ଗୁପ୍ତ ବୈଠକ ବସିଥିଲା। ଠିକାଦାରମାନଙ୍କ ବିଲ୍ ମଞ୍ଜୁର କରାଇବା ପାଇଁ ୨ ମନ୍ତ୍ରୀ ଲାଞ୍ଚ ଦାବି କରୁଥିବାରୁ ଏହାକୁ ନେଇ ବିଧାୟକମାନେ ଚିନ୍ତା ପ୍ରକଟ କରିଥିଲେ। ଦଳ ଭିତରେ ବିଶେଷ କରି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପୋଙ୍ଗୁଲେଟି ଶ୍ରୀନିବାସ ରେଡ୍ଡୀଙ୍କ ପ୍ରତି ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୁପ୍ତ ବୈଠକରେ ସାମିଲ ହୋଇଥିବା କଂଗ୍ରେସ ବିଧାୟକମାନେ ହେଲେ ନୈନି ରାଜେନ୍ଦ୍ର ରେଡ୍ଡୀ, ଭୂପତି ରେଡ୍ଡୀ, ୟେନ୍ନାମ ଶ୍ରୀନିବାସ ରେଡ୍ଡୀ, ମୁରଲୀ ନାଏକ, କୁଚାକୁଲ୍ଲା ରାଜେଶ ରେଡ୍ଡୀ, ସଞ୍ଜୀବ ରେଡ୍ଡୀ, ଅନିରୁଦ୍ଧ ରେଡ୍ଡୀ, ଲକ୍ଷ୍ମୀକାନ୍ତ ରାଓ, ଦୋଣ୍ଡି ମାଧବ ରେଡ୍ଡୀ ଏବଂ ବିର୍ଲା ଇଲାୟା। ଅସନ୍ତୋଷ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ମନ୍ତ୍ରୀମାନଙ୍କ ବୈଠକ ଡାକିଥିବା ଜଣାପଡ଼ିଛି। ସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଗୁପ୍ତ ବୈଠକରେ ଯୋଗ ନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ପଞ୍ଚାୟତ ଏବଂ ଏମ୍‌ଏଲ୍‌ସି ନିର୍ବାଚନ ପୂର୍ବରୁ ବିଧାୟକମାନଙ୍କ ବିଦ୍ରୋହ ଲୋକଙ୍କ ପାଖକୁ ଭୁଲ୍ ବାର୍ତ୍ତା ପଠାଇବ ବୋଲି ଦଳ ହାଇକମାଣ୍ଡ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଧାୟକମାନଙ୍କ ସହ ସମନ୍ୱୟ ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ତାଙ୍କ କ୍ୟାବିନେଟ ସହକର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଭାଜପାରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା, ୪ ସରପଞ୍ଚ



ଭାଜପାରେ ମିଶିଥିବା ନେତାମାନଙ୍କୁ ସ୍ୱାଗତ କରାଯାଉଛି।

ଛତ୍ରପୁର,୨।୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ରିକାପଲ୍ଲିସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ରବିବାର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ସାରଦା ରେଡ୍ଡୀ, ୪ ସରପଞ୍ଚ, ୩ ସମିତିସଭ୍ୟଙ୍କ ସମେତ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ୩୦୦ରୁ ଊର୍ଦ୍ଧ୍ୱ ସମର୍ଥକ ଓ ପଞ୍ଚାୟତ ପ୍ରତିନିଧି ବିଜେଡି ଏବଂ ସିପିଆଇ ଛାଡି ଛତ୍ରପୁର ବିଧାୟକ ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ ପାଢୀଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି। ବିଧାୟକମାନେ ସେମାନଙ୍କୁ ଭାଜପା ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱକୁ ସମ୍ମାନ ଜଣାଇ ଭାଜପାରେ ଯୋଗଦେଲେ ବୋଲି ନୂତନ ନେତାମାନେ ଘୋଷଣା କରିଥିଲେ । ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ସାରଦା , ବଡ଼ମାଧପୁର ସରପଞ୍ଚ ଅର୍ଚ୍ଚନା କୁମାରୀ ସେଠୀ, ପୂର୍ବତନ ଜିଲା ପରିଷଦ ଏସ. କିଶୋର ଚନ୍ଦ୍ର ରେଡ୍ଡୀ, ପୋଢ଼ାପଦର ସରପଞ୍ଚ ସୁଜାତା ଦାସ, ନରେନ୍ଦ୍ରପୁର ସରପଞ୍ଚ ଜ୍ୟୋତି ସାହୁ, ସମିତି ସଭ୍ୟ ବି. ସୋନାଲି ସେନାପତି , ପୂର୍ବତନ ସମିତି ସଭ୍ୟ ଜ୍ୟୋତି ରଞ୍ଜନ ସାହୁ, ଲକ୍ଷ୍ମୀପୁର ସମିତି ମେମ୍ବର ଏନ. ରମେଶ ରେଡ୍ଡୀ, ଅଗସ୍ତିନୂଆଗାଁ ସରପଞ୍ଚ ଉର୍ମିଳା ଦାସ, ବାପି ଦାସ, ମହାନାଦପୁର ସମିତି ସଭ୍ୟା ସୁନୀତା ବେହେରା, ପୂର୍ବତନ ସରପଞ୍ଚ ଅଶୋକ ପାଣିଗ୍ରାହୀ, ବିପୁଳିଙ୍ଗି ପଞ୍ଚାୟତର କାମରାଜୁ ଖୁଣ୍ଟିଆ, ଚମାଖଣ୍ଡି ପଞ୍ଚାୟତ ସିପିଆଇର ବରିଷ୍ଠ ନେତା ଏନ. ଦୁର୍ଯ୍ୟୋଧନ ରେଡ୍ଡୀ , ବଉଳଗାଁ ସମିତି ମେମ୍ବର ରାମଚନ୍ଦ୍ର ପରିଡ଼ା, ଶ୍ରୀରାମଚନ୍ଦ୍ରପୁରର ନାରାୟଣ ପ୍ରଧାନ ଓ ଗଞ୍ଜାମ ବ୍ଲକ ହୁମା ସରପଞ୍ଚ ପ୍ରତିନିଧି ସୁଦାମ ଚରଣ ଦାସ ପ୍ରମୁଖ ଭାଜପାରେ ମିଶିଥିଲେ ।

# ବଜେଟକୁ ନେଇ ଭାଜପାକୁ ଟାର୍ଗେଟ କଲେ ବିଜେଡି, କଂଗ୍ରେସ

ଭୁବନେଶ୍ୱର, ୨।୨(ସୁନିତ୍ ମିଶ୍ର)

■ ବିହାରରେ ନିର୍ବାଚନ ରହିଛି, ସେଥିଲାଗି ସେମାନେ ହ୍ୱାଇଁ ପୁଅ: ବିଜେଡି
■ ଓଡ଼ିଶାକୁ ନିରାଶ କରିଛି ଡବଲ ଇଞ୍ଜିନ ସରକାର: କଂଗ୍ରେସ
■ ବଜେଟକୁ ଜନସମର୍ଥନ ଦେଖି ବିରୋଧୀ ବ୍ୟସ୍ତବିବ୍ରତ: ଭାଜପା

କେନ୍ଦ୍ର ବଜେଟରେ ଓଡ଼ିଶାକୁ ଅବହେଳା କରାଯାଇଥିବା ବିଜେଡି ଓ କଂଗ୍ରେସ ଅଭିଯୋଗ କରିଛନ୍ତି। ଆଗକୁ ନିର୍ବାଚନ ଥିବାରୁ ବିହାରକୁ ଫୋକସ୍‌ରେ ରଖାଯାଇଥିବା ବେଳେ ଓଡ଼ିଶାକୁ ଅବହେଳା କରାଯାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି। ରାଜ୍ୟ ଭାଜପାର ଯୁକ୍ତି କିନ୍ତୁ ପୂର୍ବ ଅପେକ୍ଷା ଓଡ଼ିଶାକୁ ଢେର୍ ଅଧିକ ଅର୍ଥ ମିଳିଛି।

ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବଜେଟରେ ଓଡ଼ିଶା ପୁଣି ଅବହେଳିତ ହୋଇଛି। ରାଜନୈତିକ ସ୍ୱାର୍ଥକୁ ଆଖି ଆଗରେ ରଖି ବଜେଟରେ ବ୍ୟବସ୍ଥା କରାଯାଇଛି। ବିହାରରେ ନିର୍ବାଚନ ଅଛି, ସେଥିପାଇଁ ବିହାର ହ୍ୱାଇଁ ପୁଅ ହୋଇଗଲା। ଓଡ଼ିଶା ପ୍ରତି କାହିଁକି ଏଭଳି ବୈମାତୃକ ମନୋଭାବ ବୋଲି ସେ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ କହିଛନ୍ତି, କେନ୍ଦ୍ରୀୟ ବଜେଟରେ ଓଡ଼ିଶାକୁ ଡବଲ ଇଞ୍ଜିନ ସରକାର ନିରାଶ କରିଛି। ଓଡ଼ିଶା ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇନାହିଁ କି ଦୀର୍ଘଦିନ ଧରି ଦାବି ହେଉଥିବା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲାନି। ବିପର୍ଯ୍ୟୟପ୍ରବଣ ରାଜ୍ୟ ଭାବେ ଏହାକୁ ମୁକାବିଲା ପାଇଁ ସ୍ୱତନ୍ତ୍ର ପାଣ୍ଠି ମଧ୍ୟ ମିଳିଲାନି ବୋଲି ପଞ୍ଚାନନ କହିଛନ୍ତି।

ଭାଜପା ସାଧାରଣ ସମ୍ପାଦକ ଯତୀନ ମହାନ୍ତି କହିଛନ୍ତି, ପାର୍ଲାମେଣ୍ଟରେ ଶନିବାର ଏକ ଐତିହାସିକ, ଜନକଲ୍ୟାଣକାରୀ ଓ ବିକାଶମୁଖୀ ବଜେଟ ଆଗତ କରାଯାଇଛି। ଏହି ବଜେଟକୁ ଅଭୂତପୂର୍ବ ଜନସମର୍ଥନ ମିଳିଛି। ଏନେଇ ବିଜେଡି ବ୍ୟସ୍ତବିବ୍ରତ ହୋଇପଡିଛି। ଏହି ଜନକଲ୍ୟାଣକାରୀ ବଜେଟ ଓଡ଼ିଶା ବିକାଶକୁ ତ୍ୱରାନ୍ୱିତ କରିବ। ଦେଶର ସବୁବର୍ଗର ଲୋକେ ସବୁଦିଗରୁ ଏହି ବଜେଟ ଦ୍ୱାରା ଲାଭାନ୍ୱିତ ହେବେ। ପ୍ରଧାନମନ୍ତ୍ରୀ ସବୁବେଳେ ଓଡ଼ିଶା ଉପରେ ପ୍ରାଧାନ୍ୟ ଦେଉଥିଲେ ମଧ୍ୟ ରାଜ୍ୟରେ ବିଜେଡି ସରକାରରେ ଥିଲାବେଳେ ବେପରୁଆ ମନୋଭାବ ପ୍ରଦର୍ଶନ କରି ମହିଳା ବିକାଶଠାରୁ ଆରମ୍ଭ କରି ପୋଷଣ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦୁଇଦଶନ୍ଧି ଧରି ଅବହେଳିତ କରିଥିଲା। ମାତ୍ର ଏବେ ଓଡ଼ିଶାରେ ଭାଜପା ସରକାର ଥିବାରୁ ଏସବୁ ଅସୁବିଧା ଦୂର କରି ରାଜ୍ୟକୁ ବିକାଶ ପଥରେ ଆଗେଇ ନେବାରେ ଲାଗିଛି ବୋଲି ସେ କହିଛନ୍ତି।

## ସୋନିଆ, ରାହୁଲ, ପ୍ରିୟଙ୍କାଙ୍କ ନାଁରେ ମାମଲା

ମୁଜାଫରପୁର, ୨।୨

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଓ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀଙ୍କ ନାଁରେ ରବିବାର ମୁଜାଫରପୁର ସିଜେଏମ୍ କୋର୍ଟରେ ମାମଲା ରୁଜୁ ହୋଇଛି। ମୁଜାଫ୍ଫରପୁରର ଜଣଶୁଣା ଆଇନଜୀବୀ ସୁଧୀର କୁମାର ଓଝାଙ୍କ ଅଭିଯୋଗ ଆଧାରରେ ଏହି ମାମଲା ରୁଜୁ ହୋଇଛି। ସଂସଦର ବଜେଟ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ପରେ ରାହୁଲ, ସୋନିଆ ଓ ପ୍ରିୟଙ୍କା ତାଙ୍କୁ ନେଇ ଅପମାନଜନକ ଟିପ୍ପଣୀ କରିଥିଲେ ବୋଲି ସୁଧୀର ନିଜ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

Business

# ସର୍ବୋଚ୍ଚ ସ୍ତରରେ ସୁନା ଦର

## ରୁପା ଦର ୧.୧୦ ଲକ୍ଷ ନିକଟବର୍ତ୍ତୀ

ନୂଆଦିଲ୍ଲୀ,୨।୨(ଅଭୟ ଦାଶ)



କ୍ରମାଗତ ଭାବେ ସୁନା ଓ ରୁପା ଦର ଘରୋଇ ବଜାରରେ ବୃଦ୍ଧି ପାଇଚାଲିଛି। ଏପରି କି ବର୍ତ୍ତମାନ ବିବାହ ଋତୁ ଓ ଶୁଭକାର୍ଯ୍ୟ ସାରା ଦେଶରେ ଜାରି ରହିଥିଲାବେଳେ ମୂଲ୍ୟବାନ ଧାତୁ ଏବଂ ସୁନା ଓ ରୁପା ଦର ବୃଦ୍ଧି ସବୁ ବର୍ଗର ଗ୍ରାହକଙ୍କୁ ଅତିରିକ୍ତ ଖର୍ଚ୍ଚାନ୍ତ କରାଉଥିଲା ବେଳେ ବ୍ୟବସାୟ ମାନ୍ଦା ରହୁଥିବା ବେଳେ ବର୍ତ୍ତମାନ ସୁନା ଦର ସର୍ବୋଚ୍ଚସ୍ତରରେ ପହଞ୍ଚିଛି ଏବଂ ରୁପା ଦର ୧.୧୦ ଲକ୍ଷ ନିକଟବର୍ତ୍ତୀ ହୋଇଛି ବୋଲି ଉଭୟ ରିଟେଲ ଓ ବୃହତ୍‌ବର୍ଗର ବ୍ୟବସାୟୀମାନେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଦରବୃଦ୍ଧି ଯୋଗୁ ଗ୍ରାହକ କାର୍ଯ୍ୟ ଚଳାଇବା ଭଳି କାରବାର ବା ସାମଗ୍ରୀ କ୍ରୟ କରୁଥିବା ଅଳଙ୍କାର ବ୍ୟବସାୟୀମାନେ କହିଛନ୍ତି। ଏପରି କି ସେମାନଙ୍କ କହିବା ଅନୁଯାୟୀ ଯେଉଁ ଗ୍ରାହକ ପୂର୍ବ ଥର ମନ ମୁତାବକ ସାମଗ୍ରୀ କ୍ରୟ କରୁଥିଲାବେଳେ ବର୍ତ୍ତମାନ ସେହି ଗ୍ରାହକ କାମ ଚଳାଇବା ଭଳି ସାମଗ୍ରୀ କ୍ରୟ କରୁଛି। ଗୋଟିଏ ପଟରେ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ଉଚ୍ଚା ରହିଥିଲା ବେଳେ ଅପରପକ୍ଷରେ ଶୁଭ କାର୍ଯ୍ୟ ପାଇଁ ସୁନା ଓ ରୁପା ଭଳି ମୂଲ୍ୟବାନ ସାମଗ୍ରୀ କିଣିବାକୁ ମଧ୍ୟ ଗ୍ରାହକ କୁଣ୍ଠାବୋଧ କରୁଛନ୍ତି।

ସେହିଭଳି ରବିବାର ଭୁବନେଶ୍ୱରରେ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନାର ଦର ୮୪,୪୧୦ ଟଙ୍କାରେ କାରବାର ହେଉଥିଲାବେଳେ ପ୍ରତି ୧୦ଗ୍ରାମ ପିଛା ୨୨ କ୍ୟାରେଟ ସୁନାର ଦର ୭୭,୪୫୦ ଟଙ୍କା ଏବଂ ୧୮ କ୍ୟାରେଟ ସୁନାର ଦର ୬୩,୩୭୦ ଟଙ୍କାରେ ବିକ୍ରି ହେଉଥିଲାବେଳେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୧,୦୭,୦୦୦ ଟଙ୍କାରେ ରହିଛି।

ସେହିପରି ନୂଆଦିଲ୍ଲୀରେ ପ୍ରତି ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନାର ଦର ୮୪,୬୬୩ ଟଙ୍କାରେ କାରବାର ହେଉଥିଲାବେଳେ ପ୍ରତି ୧୦ ଗ୍ରାମ ପିଛା ୨୨କ୍ୟାରେଟ ସୁନାର ଦର ୭୭,୬୨୩ ଟଙ୍କା ଏବଂ ୧୮ କ୍ୟାରେଟ ସୁନାର ଦର ୬୩,୪୯୦ ଟଙ୍କାରେ ବିକ୍ରି ହେଉଥିଲା ବେଳେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୧,୦୨,୦୦୦ଟଙ୍କାରେ ରହିଛି।

ଉଲ୍ଲେଖଯୋଗ୍ୟ, ଚେନ୍ନାଇ ବଜାରରେ ୨୪ କ୍ୟାରେଟ ସୁନାର ଦର ୮୪,୫୧୧ ଟଙ୍କାରେ କାରବାର ହେଉଥିଲାବେଳେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୧,୦୯,୭୦୦ ଟଙ୍କାରେ ପହଞ୍ଚିଛି।

## ଡିଜିଟ୍ ଲାଇଫ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨।୨

ଗୋ ଡିଜିଟ୍ ଲାଇଫ୍ ଇନସ୍ୟୁରାନ୍ସ ଲିମିଟେଡ୍ ବା ଡଜିଟ୍ ଲାଇଫ୍‌ର ନୂତନ ଉତ୍ପାଦ ତଥା ପ୍ରଥମ ବ୍ୟକ୍ତିଗତ ପିୟୋର୍ ଟର୍ମ ଲାଇଫ୍ ଇନ୍‌ସ୍ୟୁରାନ୍ସ ପ୍ଲାନ 'ଡିଜିଟ୍ ଗ୍ଲୋ ଟର୍ମ ଲାଇଫ୍ ଇନସ୍ୟୁରାନ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହାକୁ ସ୍ୱତନ୍ତ୍ର ଭାବେ ସେଲ୍ଫ-ଏମ୍ପ୍ଲଏଡ୍ ଭାରତୀୟମାନଙ୍କ ପାଇଁ ଡିଜାଇନ୍ କରାଯାଇଛି। ଅପରପକ୍ଷରେ ଗ୍ରାହକସେବାକୁ ସୁଗମ କରିବା ଏବଂ ଏଜେଣ୍ଟମାନଙ୍କୁ ଶୀଘ୍ର ସାମିଲ କରିବା ପାଇଁ କମ୍ପାନୀ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏପରିକି ଭୁବନେଶ୍ୱରର ଶହୀଦ ନଗରଠାରେ ଡିଜିଟ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ ସିଧାସଳଖ ପଲିସି କ୍ରୟ ଏବଂ ଏଜେଣ୍ଟମାନଙ୍କୁ ସାମିଲ କରିବା ପାଇଁ କାର୍ଯ୍ୟାଳୟ ଖୋଲିଛି।

## 'ସଲିଟାୟାର ୱାନ୍'ର ଶୁଭାରମ୍ଭ

ନୂଆଦିଲ୍ଲୀ,୨।୨



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନୂତନ କଲେକ୍ସନ 'ସଲିଟାୟାର ୱାନ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଯାହା ପ୍ରାକୃତିକ ହୀରାକୁ ନେଇ ଏକ ଉତ୍କୃଷ୍ଟ କଲେକ୍ସନ୍ ହୋଇଥିଲାବେଳେ ପ୍ରତ୍ୟେକଟି ଅନ୍ତର୍ଜାତୀୟ ପରୀକ୍ଷାଗାର ଦ୍ୱାରା ଏହା ପ୍ରମାଣିତ ହୋଇଛି। ଏପରିକି ବଲିଉଡ୍ ଆଇକନ୍ ଏବଂ ବ୍ରାଣ୍ଡ ଆମ୍ବାସାଡର ଆଲିଆ ଭଟ୍ଟଙ୍କୁ ନେଇ ଏକ ନୂତନ ଟିଭିସ ଏବଂ ସଲିଟାୟାର ଜୀବନର ମୂଲ୍ୟବାନ ମୁହୂର୍ତ୍ତଗୁଡ଼ିକୁ ସ୍ମୃତିବହୁଳ କରିବା ପାଇଁ ଉଦ୍ଦିଷ୍ଟ ହୋଇଛି, ରତ୍ନ ପାଇଁ ପ୍ରତ୍ୟେକ ମହିଳା ଭଲ ପାଇବାକୁ ଏହା ପ୍ରତିଫଳିତ କରିଛି। ସେହିଭଳି ଆଲିଆ ଭଟ୍ଟଙ୍କ ଅଭିନୀତ ଏକ ମନମୋହକ ଚଳଚ୍ଚିତ୍ର ସହିତ ଆରମ୍ଭ ହୁଏ, ଯାହା ସୁନ୍ଦର ଭାବେ ଜଡିତ ୩ଟି ପ୍ରେମ କାହାଣୀକୁ ଜୀବନ୍ତ କରିଥାଏ। ଏହି ଅବସରରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି, ସଲିଟାୟାର ୱାନ୍ କେବଳ ଏକ କଲେକ୍ସନ୍ ନୁହେଁ ବରଂ କିଛି ଅଧିକ। ଏହା କାଳଜୟୀ ସୌନ୍ଦର୍ଯ୍ୟ ଏବଂ ପ୍ରେମ ଶକ୍ତିର ଏକ ଉତ୍ସ। ଏହି ଅଭିଯାନ ମହିଳାମାନେ ସଲିଟାୟାର ସହିତ ଅଂଶୀଦାର କରୁଥିବା ଗଭୀର ଭାବପ୍ରବଣ ସମ୍ପର୍କକୁ କଏଦ କରିଛି। ଯାହା ସୌନ୍ଦର୍ଯ୍ୟ ଏବଂ ସ୍ଥାୟୀ ମୁହୂର୍ତ୍ତ ଉଭୟକୁ ପ୍ରତୀକ କରିଥାଏ। ଏହି ଅଭିଯାନରୁ ପାଇଥିବା ପ୍ରତିକ୍ରିୟାରେ ଆମେ ବହୁତ ଉତ୍ସାହିତ ଏବଂ ଏହାକୁ ପିନ୍ଧୁଥିବା ପ୍ରତ୍ୟେକ ମହିଳାଙ୍କ ଶକ୍ତି, କୃତିତ୍ୱ ଏବଂ ବ୍ୟକ୍ତିତ୍ୱକୁ ପ୍ରତିନିଧିତ୍ୱ କରୁଥିବା ଏକ ଖଣ୍ଡ ପ୍ରଦାନ କରିବାକୁ ଗର୍ବିତ।

## ଆକ୍ସିସ ମ୍ୟାକ୍ସ ଲାଇଫ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ,୨।୨

ଦେଶର ପ୍ରମୁଖ ବୀମା କମ୍ପାନୀ ଆକ୍ସିସ ମ୍ୟାକ୍ସ ଲାଇଫ ଇନ୍‌ସ୍ୟୁରାନ୍ସ ଲିମିଟେଡର ନୂତନ ଅଭିଯାନ 'ଇନ୍‌ସ୍ୟୋର ଆର୍ଥ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅଭିଯାନ ଅଧୀନରେ ଦେଶର ଟିୟର-୪ ଓ ଟିୟର-୩ ଟାଉନରେ ଥିବା ବୀମା କମ୍ପାନୀର ୩୫ ଶାଖା ଅଞ୍ଚଳରେ ୭୦୦୦ରୁ ଅଧିକ ଚାରାରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏପରିକି ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଏବଂ କେରଳ ଭଳି ୩୫ଟି ଆରୋହଣ ଶାଖାରେ ଏହି ଅଭିଯାନ ଆରମ୍ଭ ହୋଇଛି।

ସେହିଭଳି କମ୍ପାନୀ କର୍ମଚାରୀ, ଏଜେନ୍ସି ଅଂଶୀଦାର ଏବଂ ସ୍ଥାନୀୟ ସମୁଦାୟର ସଦସ୍ୟଙ୍କ ସମେତ ୧୭୦୦ରୁ ଅଧିକ ସ୍ୱେଚ୍ଛାସେବୀ ସକ୍ରିୟ ଭାବେ ଏହି ଅଭିଯାନ ଓ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଶେଷ କରି ପାର୍କ, ସ୍କୁଲ ଏବଂ ସାର୍ବଜନୀନ ସ୍ଥାନ ଭଳି ସ୍ଥାନୀୟ ହଟ୍‌ସ୍ପଟ୍‌କୁ ସବୁଜ ଏବଂ ସ୍ୱଚ୍ଛ ପରିବେଶରେ ପରିଣତ କରି ସବୁଜ ଜୀବନଯାପନକୁ ପ୍ରୋତ୍ସାହିତ କରିବା ଏହି ଅଭିଯାନ ଓ ବୃକ୍ଷରୋପଣ ପଦକ୍ଷେପର ଲକ୍ଷ୍ୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ଅଂଶୀଦାର ମାଲିକାନା ଏବଂ ଦୀର୍ଘମିଆଦୀ ସ୍ଥାୟିତ୍ୱ ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ସମୁଦାୟକୁ ସକ୍ରିୟ ଭାବେ ନିୟୋଜିତ କରାଯାଉଛି। ଏ ସମ୍ପର୍କରେ ଆକ୍ସିସ ମ୍ୟାକ୍ସ ଲାଇଫ୍‌ର ମୁଖ୍ୟ ବିତରଣ ଅଧିକାରୀ ସୁମିତ ମଦନ କହିଛନ୍ତି,ଆମେ 'ଡବଲ୍ ଭରସା'ର ପ୍ରତିଶ୍ରୁତି ପୂରଣ କରିବାରେ ବିଶ୍ୱାସ କରିଥାଉ। ଯେହେତୁ ଆମେ ମେଟ୍ରୋ ଏବଂ ଟିୟର-୧ ଟାଉନଠାରୁ ଅଧିକ ବିସ୍ତାର କରୁଛୁ, ଆମେ ଏହି ସହରଗୁଡ଼ିକରେ ଥିବା ସମ୍ପ୍ରଦାୟଗୁଡ଼ିକୁ ଆର୍ଥିକ ନିରାପତା ପ୍ରଦାନ କରିବା ସହିତ ସେମାନଙ୍କ ପରିବେଶ କଲ୍ୟାଣରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସେମାନଙ୍କ ସହିତ ଗଭୀର ସମ୍ପର୍କ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ।

ସେହିଭଳି ଆକ୍ସିସ ମ୍ୟାକ୍ସ ଲାଇଫ ଇଏସ୍‌ଜି ମୁଖ୍ୟ ଏବଂ କମ୍ପାନୀ ସେକ୍ରେଟାରୀ ଜେନେରାଲ କାଉନସେଲ ଅନୁରାଗ ଚୌହାନ କହିଛନ୍ତି, 'ଇନ୍‌ସ୍ୟୋର ଆର୍ଥ' ଅଭିଯାନ ସ୍ଥାନୀୟ ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରୁଛି।

## ମହାକୁମ୍ଭରେ ରିଲାଏନ୍ସର ସେବା କାର୍ଯ୍ୟ ଜାରି



ମହାକୁମ୍ଭରେ ରିଲାଏନ୍ସ ପକ୍ଷରୁ ଅନ୍ନ ସେବା ଯୋଗାଇ ଦିଆଯାଉଛି।

ମୁମ୍ବାଇ,୨।୨

ଦୀର୍ଘ ବର୍ଷ ପରେ ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଆୟୋଜିତ 'ମହାକୁମ୍ଭ' (କୁମ୍ଭ ମେଳା)ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ସେବା କାର୍ଯ୍ୟ ଜାରି ରହିଛି। ଏପରି କି ପ୍ରତିଦିନ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କ ସେବା ଯୋଗାଇବା ସହିତ ବିଭିନ୍ନ ପ୍ରକାରର କାର୍ଯ୍ୟ ହାତକୁ ନିଆଯାଇଛି। ବିଶେଷ କରି ପୁଷ୍ଟିକର ଭୋଜନ, ଆବଶ୍ୟକ ସ୍ୱାସ୍ଥ୍ୟସେବା, ସୁରକ୍ଷିତ ପରିବହନ ଏବଂ ଯୋଗାଯୋଗ ସଂଯୋଗ ପରି ଅନେକ ସେବା ତୀର୍ଥଯାତ୍ରୀଙ୍କୁ ରିଲାଏନ୍ସ ପକ୍ଷରୁ ପ୍ରଦାନ କରାଯାଉଛି। ସେହିଭଳି 'ତୀର୍ଥଯାତ୍ରୀ ସେବା' ମାଧ୍ୟମରେ ରିଲାଏନ୍ସ ପକ୍ଷରୁ ଯାତ୍ରାକୁ ସୁରକ୍ଷିତ, ଆରାମଦାୟକ ଏବଂ ଆଧ୍ୟାତ୍ମିକ ଭାବେ ସମୃଦ୍ଧ କରିବାକୁ ପ୍ରୟାସ କରାଯାଉଛି। ତୀର୍ଥଯାତ୍ରୀଙ୍କୁ ୮ଟି ପ୍ରମୁଖ ଉପାୟରେ ସେବା ଯୋଗାଇ ଦିଆଯାଉଥିବା କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଏଥିମଧ୍ୟରୁ ସବୁଠାରୁ ବଡ଼ ହେଉଛି ଅନ୍ନସେବା, ଯାହା ଅଧୀନରେ ପ୍ରତିଦିନ ହଜାର ହଜାର ତୀର୍ଥଯାତ୍ରୀଙ୍କୁ ମାଗଣା ଭୋଜନ ପରିବେଷଣ କରାଯାଉଛି। ରିଲାଏନ୍ସ ସ୍ୱେଚ୍ଛାସେବୀମାନେ ବିଭିନ୍ନ ଆଖଡ଼ାଗୁଡିକରେ ମାଗଣା ଭୋଜନ ଏବଂ ଜଳ ପରିବେଷଣ କରୁଛନ୍ତି।

ରିଲାଏନ୍ସ ଫାଉଣ୍ଡେଶନ୍ ପକ୍ଷରୁ ସ୍ୱାସ୍ଥ୍ୟସେବାରେ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ, ଓପିଡି ଏବଂ ଦନ୍ତ ଚିକିତ୍ସା ସେବା ଭଳି ସୁବିଧା ଦିନ ରାତି ୨୪ ଘଣ୍ଟା ଉପଲବ୍ଧ କରାଉଛନ୍ତି। ମହିଳାମାନଙ୍କୁ ମାଗଣା ସାନିଟାରୀ ନାପକିନ୍ ବଣ୍ଟନ କରାଯାଉଛି। ଏହାବ୍ୟତୀତ ଯାତ୍ରାକୁ ସହଜ, ସୁଗମ ଏବଂ ନିରାପଦ କରିବା ପାଇଁ ଆହୁରି ଅନେକ ଉଦ୍ୟମ ମଧ୍ୟ କରାଯାଉଛି।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ କହିଛନ୍ତି, କୁହାଯାଏ ଯେ ଯେତେବେଳେ ଆମେ ତୀର୍ଥଯାତ୍ରୀମାନଙ୍କ ସେବା କରୁ, ସେତେବେଳେ ଆମେ ମଧ୍ୟ ଆଶୀର୍ବାଦ ପ୍ରାପ୍ତ ହୋଇଥାଉ। ସହସ୍ରାବ୍ଦୀରେ ଗୋଟିଏ ଥର ହେଉଥିବା ଏହି ଆୟୋଜନରେ ତୀର୍ଥଯାତ୍ରୀମାନଙ୍କୁ ଆମର ସେବା ଯୋଗାଇଦେବା ସେମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଉଦ୍ଦିଷ୍ଟ ରହିଛି।

## ଓଲାର ନୂଆ ଏସ୍୧ ଜେନ୍ ୩ ପୋର୍ଟଫୋଲିଓ

ନୂଆଦିଲ୍ଲୀ,୨।୨

ଦେଶର ପ୍ରମୁଖ ଇଲେକ୍ଟ୍ରିକ ଭେହିକିଲ ବା ଇଭି କମ୍ପାନୀ ଓଲା ଇଲେକ୍ଟ୍ରିକର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ଏସ୍୧ ଜେନ୍ ୩ ପୋର୍ଟଫୋଲିଓ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଇଭି ଟେକ୍ନୋଲୋଜିକୁ 'ନେକ୍ସଟ ଲେଭେଲ ବା ପରବର୍ତ୍ତୀ ସ୍ତରକୁ ମାର୍ଗ ଦେଖାଇବ।

ଏ ସମ୍ପର୍କରେ ଓଲା ଇଲେକ୍ଟ୍ରିକର ଅଧ୍ୟକ୍ଷ ତଥା ଏମ୍‌ଡି ଭାବିଶ ଅଗ୍ରୱାଲ କହିଛନ୍ତି, ଆମର ପ୍ରଥମ ପିଢ଼ିର ସ୍କୁଟରଗୁଡ଼ିକ ସହ ଆମେ ଗ୍ରାହକଙ୍କୁ ବାସ୍ତବରେ ଏକ ଆକାଂକ୍ଷିତ ଇଲେକ୍ଟ୍ରିକ ସ୍କୁଟର ପ୍ରଦାନ କରୁଛୁ, ଯାହା ଦେଶରେ ଇଭି ବିପ୍ଳବର ଆରମ୍ଭ କରିଥିଲା। ଜେନ ୨ ସହିତ ଆମେ ପ୍ରତ୍ୟେକ ମୂଲ୍ୟ ବର୍ଗରେ ମଧ୍ୟ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସ୍କୁଟର ସହ ଆମର ପୋର୍ଟଫୋଲିଓକୁ ବିସ୍ତାର କରି ସ୍କୁଟରଗୁଡିକୁ ସ୍ମାର୍ଟ ଓ ଅଧିକ ପହଞ୍ଚଯୋଗ୍ୟ କରିଛୁ। ଏପରିକି ଆଜି ଆମେ ଜେନ୍ ୩ ସହିତ ଇଭି ୨ଡବ୍ଲ୍ୟୁ ଶିଳ୍ପକୁ ମଧ୍ୟ 'ନେକ୍ସଟ ଲେଭେଲ'କୁ ନେଇଛୁ। ଜେନ୍ ୩ ଅତୁଳନୀୟ ପ୍ରଦର୍ଶନ, ଉନ୍ନତ ଦକ୍ଷତା ଓ ଆମେ ନିଜ ପାଇଁ ସୃଷ୍ଟି କରିଥିବା ପୁନଃଆବିଷ୍କୃତ ପାଇଁ ବେଞ୍ଚମାର୍କ ଆଣିଛି, ଯାହା ଶିଳ୍ପକୁ ପୁଣିଥରେ ପରିବର୍ତ୍ତନ କରିବ। ସେହିଭଳି ଆଡ୍‌ଭାନ୍ସଡ ଜେନ୍ ୩ ପ୍ଲାଟଫର୍ମ ଉପରେ ନିର୍ମିତ ନୂଆ ପୋର୍ଟଫୋଲିଓର ମୂଲ୍ୟ ବର୍ତ୍ତମାନ ଏସ୍୧ ଏକ୍ସ (୨କେଡବ୍ଲ୍ୟୁଏଚ୍)ର ମୂଲ୍ୟ ୭୯,୯୯୯ ଟଙ୍କାରୁ ଆରମ୍ଭ ହେଉଛି ଏବଂ ଏସ୍୧ ପ୍ରୋ+ ୫.୩ କେଡବ୍ଲ୍ୟୁଏଚ୍‌ର ପ୍ରାରମ୍ଭିକ ମୂଲ୍ୟ ୧,୬୯,୯୯୯ ଟଙ୍କା ରହିଛି। ଜେନ ୩ ପୋର୍ଟଫୋଲିଓର ଶୀର୍ଷକ ହେଉଛି,ଫ୍ଲାଗଶିପ ଏସ୍୧ ପ୍ରୋ+ ୫.୩ କେଡବ୍ଲ୍ୟୁଏଚ୍ (୪୬୮୦ ଭାରତ ସେଲ୍ ସହିତ) ଏବଂ ୪ କେଡବ୍ଲ୍ୟୁଏଚ୍ ଯାହାର ମୂଲ୍ୟ ଯଥାକ୍ରମେ ୧୬୯,୯୯୯ ଟଙ୍କା ଓ ୧୫୪,୯୯୯ ଟଙ୍କା ରହିଛି।୪ କେଡବ୍ଲ୍ୟୁଏଚ୍ ଓ ୩ କେଡବ୍ଲ୍ୟୁଏଚ୍ ବ୍ୟାଟେରି ବିକଳ୍ପରେ ଉପଲବ୍ଧ ହେଉଥିବା ଏସ୍୧ ପ୍ରୋର ମୂଲ୍ୟ ଯଥାକ୍ରମେ ୧,୩୪,୯୯୯ ଟଙ୍କା ଓ ୧,୧୪,୯୯୯ ଟଙ୍କା ରହିଛି।ଏସ୍୧ ଏକ୍ସର ମୂଲ୍ୟ ୨କେଡବ୍ଲ୍ୟୁଏଚ୍ ପାଇଁ ୭୯,୯୯୯ ଟଙ୍କା, ୩ କେଡବ୍ଲ୍ୟୁଏଚ୍ ପାଇଁ ୮୯,୯୯୯ ଟଙ୍କା ଓ ୪କେଡବ୍ଲ୍ୟୁଏଚ୍ ପାଇଁ ୯୯,୯୯୯ ଟଙ୍କା ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବିଗ୍ନେଶ୍
ପରିବାରବର୍ଗ


ଆଜିମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜମି ବ୍ୟବସାୟୀଙ୍କୁ ମାରି ଫିଙ୍ଗିଦେଲେ

■ ୪ ଦିନ ତଳୁ ନିଖୋଜ ଥିଲେ

■ ୬ ଅଟକ

ବାରିପଦା,୨।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଭଞ୍ଜପୁର ଥାନା ଅଞ୍ଚଳରେ ଜମି କିଣାବିକାକୁ କେନ୍ଦ୍ରକରି ଏକ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତମାନେ ଜଣେ ଜମି ବ୍ୟବସାୟୀଙ୍କୁ ହତ୍ୟା କରି ବେତନଟୀ ଥାନା ଅଧୀନ ଜାମଶୁଳୀ ସଂରକ୍ଷିତ ଜଙ୍ଗଲରେ ଫିଙ୍ଗି ଦେଇଛନ୍ତି। ମୃତକ ହେଲେ ବାଘଡ଼ା ରୋଡ୍ ବଡ଼େଇ ସାହିର ସାଲଖୁ ମାର୍ଣ୍ଡି। ରବିବାର ଅପରାହ୍ନ ୪ଟାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ସୂଚନାଯୋଗ୍ୟ, ସାଲଖୁ ଓ ଦାମୋଦରପୁର ଅଞ୍ଚଳର ଜଣେ ବ୍ୟକ୍ତି ଜମି କିଣାବିକା କରୁଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଗତ ୩୦ ତାରିଖଠାରୁ ସାଲଖୁ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇପାରି ନ ଥିଲେ। ମୋବାଇଲ ସୁଇଚ୍ ଅଫ୍ ରହିଥିବାରୁ ସାଲଖୁଙ୍କ ସ୍ତ୍ରୀ ଭଞ୍ଜପୁର ଥାନାରେ ନିଖୋଜ ସମ୍ପର୍କିତ ଏତଲା ଦେଇଥିଲେ। ସାଥୀ ବ୍ୟବସାୟୀମାନେ ତାଙ୍କ ସ୍ୱାମୀଙ୍କୁ ବାରମ୍ବାର ଟଙ୍କା ମାଗୁଥିବା ନେଇ ଅଭିଯୋଗରେ ଦର୍ଶାଇଥିବା ସୂଚନା ମିଳିଛି। ପୋଲିସ ସାଲଖୁଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ଜଡ଼ିତ ଥିବା ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଞ୍ଚଳର ୨ଜଣ, ଭଞ୍ଜପୁର ଥାନା ଅଞ୍ଚଳର ଜଣେ ଓ ଝାଡ଼ଖଣ୍ଡର ବହଡ଼ାଗୋଡ଼ା ଅଞ୍ଚଳର ୩ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା ଚଳାଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ତଦନ୍ତରେ ବାଧା ଉପୁଜିବା କାରଣରୁ ହତ୍ୟାକାଣ୍ଡର ସବିଶେଷ ବିବରଣୀ ପୋଲିସ ପ୍ରକାଶ କରିନାହିଁ ।


ମୃତଦେହ ଫିଙ୍ଗାଯାଇଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

# ୩ କଇଁଛ, ୧୫ ଶୁଆ ଜବତ: ୪ ଗିରଫ

ବୌଦ୍ଧ,୨।୨ (ଅଜିତ କୁମାର ବାରିକ)

ବେଆଇନ ଶୁଆ, କଇଁଛ ଚାଲାଣ ଅଭିଯୋଗରେ ବୌଦ୍ଧ ବନ ବିଭାଗ ପକ୍ଷରୁ ରବିବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବୌଦ୍ଧ ଥାନା ଅନ୍ତର୍ଗତ କଣ୍ଟୁଆଣି ଗ୍ରାମର କିଶୋର କୁମାର ସାହୁ, ସମ୍ବଲପୁର ଜିଲା ରେଢାଖୋଲ ଥାନା ସାଲେଇସିଙ୍ଗ ଗାଁର ଯୋଗେଶ୍ୱର ଦେହୁରୀ, ରେଢାଖୋଲ ସୁଦସାହିର ବଳରାମ ଜେନା, ରେଢାଖୋଲ ଖନ୍ଦାଡିପର ଆୟୁଷ କୁମାର ସାହୁ। ସେମାନଙ୍କଠାରୁ ୩ କଇଁଛ, ୧୫ ଶୁଆ ଜବତ କରାଯାଇଛି।

ବୌଦ୍ଧରେ ଶୁଆ ଚାଲାଣ ସମ୍ପର୍କିତ ସୂଚନା ବନ ବିଭାଗର ୱାଇଲ୍ଡ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ ଭୋପାଳ ପକ୍ଷରୁ ଦିଆଯିବା ପରେ ଖୋର୍ଦ୍ଧା ୱାଇଲ୍ଡ ଲାଇଫ ବିଭାଗ ପକ୍ଷରୁ ବୌଦ୍ଧ ବନ ବିଭାଗକୁ ଏନେଇ ଶନିବାର ସୂଚନା ଦିଆଯାଇଥିଲା। ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ନିର୍ଦ୍ଦେଶରେ ବୌଦ୍ଧରେ ଅଧିକାରୀ ଅର୍ଚ୍ଚନା ଗମାଙ୍ଗ ଓ ଫରେଷ୍ଟର ଗୋବର୍ଦ୍ଧନ ମେହେରଙ୍କ ନେତୃତ୍ୱରେ ଶୁଆ ଚାଲାଣକାରୀଙ୍କୁ ଧରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏ ନେଇ ଶୁଆ ଶାବକ କ୍ରୟ କରିବା ପାଇଁ କିଶୋରଙ୍କୁ ଯୋଗାଯୋଗ କରାଯାଇଥିଲା। କିଶୋର ୩ଟି ଶୁଆ ଶାବକକୁ ନେଇ ବିକ୍ରୟ ପାଇଁ ପହଞ୍ଚିଥିଲେ। ପୂର୍ବ ଯୋଜନା ମୁତାବକ ବୌଦ୍ଧରେ ଅଧିକାରୀଙ୍କ ନେତୃତ୍ୱରେ ଗଠିତ ଟିମ ତାଙ୍କୁ ଧରିଥିଲେ। ପ୍ରଥମେ ୩ ଶୁଆ ଶାବକ ଜବତ କରିବା ସହ କିଶୋରଙ୍କୁ ଅଟକ ରଖି ପଚରାଉଚୁରା କରାଯାଇଥିଲା। ଏହି କାରବାରରେ ଏକ ର୍ୟାକେଟ୍ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀ ଜାଣିବାକୁ ପାଇଥିଲେ। କିଶୋରଙ୍କ ସୂଚନାକୁ ଆଧାର କରି ଯୋଗେଶ୍ୱର, ବଳରାମ, ଆୟୁଷଙ୍କ ଘରେ ଚଢାଉ କରାଯାଇ ସେମାନଙ୍କ ନିକଟରୁ ୧୨ଟି ଶୁଆ ଶାବକ ଓ ୩ଟି କଇଁଛ ଜବତ କରାଯାଇଥିଲା। ଏ ନେଇ ଏକ ମାମଲା ରୁଜୁ କରାଯାଇ ବନ୍ୟଜନ୍ତୁ ସୁରକ୍ଷା ଆଇନ ଆଧାରରେ ଅଭିଯୁକ୍ତମାନଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣା ପରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନ୍ତର୍ଗତ ପ୍ରତିବନ୍ଧିତ ପଶୁ ପକ୍ଷୀଙ୍କୁ ଘରେ ପାଳନ ନ କରିବାକୁ ବନ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।






ଧ-୨୭୯୧


# ବୋଲେରୋ ଅଟକାଇ ଟଙ୍କା ଲୁଟ୍ ଘଟଣା, ୩ ଗିରଫ

ତରଭା,୨।୨ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ବରଗାଁ-ମେଣ୍ଡା ରାସ୍ତାରେ ଗତ ୩୧ତାରିଖ ସନ୍ଧ୍ୟାରେ ଡ଼କାୟତି ଘଟଣାରେ ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତରଭା ଥାନା ଟର୍କଲା ଗ୍ରାମର ଜିତେନ ବିଶି (୨୧) ଓ ନେପାଳ କୁଦେଇ (୩୦) ଏବଂ ପୁଇଁତଳା ଥାନା ଗଣ୍ଡବାହାଲ ଗ୍ରାମର ବିନୋଦ ମେଶୱା( ୨୯)। ସେମାନଙ୍କଠାରୁ ନଗଦ ୬୩୦୦ ଟଙ୍କା, ବାଇକ ନଂ. ଓଡି ୩୧ ଇ ୭୭୦୫, ୧ଟି ମୋବାଇଲ, ତଲୱାର ଜବତ ହୋଇଛି। ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ରବିବାର ସନ୍ଧ୍ୟାରେ ତରଭା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସବିଶେଷ ସୂଚନା ଦେଇଛନ୍ତି ଥାନାଧିକାରୀ ଅନିତା କିଡୋ । ଖବରଦାତା ସମ୍ମିଳନୀରେ ଆଇଆଇସି କିଡୋ ସୂଚନା ଦେଇ କହିଛନ୍ତି ଗତ ୩୧ତାରିଖ ସନ୍ଧ୍ୟା ୮ଟା୩୦ରେ ତରଭା ଥାନା ରାଜପାଲି ଗ୍ରାମର ପୃଥ୍ୱୀରାଜ ସୁନା (୩୦) ବଲାଙ୍ଗୀରରୁ ବରଗାଁ ରାସ୍ତାଦେଇ ମେଣ୍ଡା ଆଡ଼କୁ ଏକ ବୋଲେରୋରେ ଟାଇଲ ଲୋଡ଼ କରି ଘରକୁ ଫେରୁଥିଲେ। କେକଟପାଲି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ଅପାଚି ବାଇକ ନଂ.ଓଡି ୩୧ଇ ୭୭୦୫ରେ ୩ଜଣ ଯୁବକ ଦ୍ରୁତଗତିରେ ଆସି ବାଟ ଓଗାଳିଥିଲେ। ଗାଳି ଗୁଲଜ କରିବାସହ ଖଣ୍ଡା, କତୁରି ଦେଖାଇ ବୋଲେରୋର ସମ୍ମୁଖ ଓ ସାଇଡ ଗ୍ଲାସ ଭାଙ୍ଗିଥିଲେ। ପୃଥ୍ୱୀରାଜଙ୍କୁ ଗାଡିରୁ ଟାଣି ଆଣି ମୁଣ୍ଡ, ମୁହଁ ଓ ପଛ ପଟେ ଆଘାତ କରିଥିଲେ। ପରେ ତାଙ୍କ ପାଖରେ ଥିବା ୨୦ହଜାର ଟଙ୍କା, ଏକ ମୋବାଇଲ ଲୁଟି ନେଇଥିଲେ। କୌଣସି ସୂତ୍ରରୁ ଖବର ପାଇ ପୃଥ୍ୱୀରାଜଙ୍କ ଭାଇ ଦେବରାଜ ସୁନା ଘଟଣାସ୍ଥଳରେ ପହଞ୍ଚି ଥିଲେ। ଦେବରାଜଙ୍କୁ ଦେଖି ଅଭିଯୁକ୍ତମାନେ ଖଣ୍ଡା ତଲୱାଲ ଦେଖାଇ ଭୟଭୀତ କରାଇ ସେଠାରୁ ଫେରାର୍ ହୋଇଯାଇଥିଲେ। ଏହି ଘଟଣା ପରେ ପୃଥ୍ୱୀରାଜ ମେଣ୍ଡା ଆଉଟ୍‌ପୋଷ୍ଟରେ ଡକାୟତି ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଏତଲାକୁ ଆଧାର କରି ତରଭା ପୋଲିସ ଏକ ଟିମ୍ ଗଠନ କରି ତରଭା ଥାନା ଅଧୀନରେ ଥିବା ଟର୍କଲା ଗ୍ରାମର ଜିତେନ, ନେପାଳ ଏବଂ ପୁଇଁତଳା ଥାନା ଗଣ୍ଡ ବାହାଲର ବିନୋଦଙ୍କୁ ଗିରଫ କରିଥିଲା। ପୋଲିସ ଟିମ୍‌ରେ ମେଣ୍ଡା ଫାଣ୍ଡି ଅଧିକାରୀ ରବିନ୍ଦ୍ର ସାହୁ, ଏସଆଇ ମରୁତ ଚନ୍ଦ୍ର ପଧାନ, ଏସଆଇ ଲମ୍ବୋଦର ଡାଙ୍ଗ, ଏସଆଇ ଶୁଭେନ୍ଦୁ ସିଂ ବାବୁ ପ୍ରମୁଖ ଥିଲେ।



# କଣ୍ଟାବାଞ୍ଜିରେ ଅନ୍‌ଲାଇନ ବେଟିଂ: ୫ ଗିରଫ

## ୩ ଲାପ୍‌ଟପ, ୨୦ ସ୍ମାର୍ଟ ମୋବାଇଲ ଜବତ

କଣ୍ଟାବାଞ୍ଜି,୨।୨ (ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ଲାୟନ୍ସ ପବ୍ଲିକ୍ ସ୍କୁଲ ନିକଟସ୍ଥ ଏକ ଭଡ଼ାଘରେ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ରାଜ୍ୟର ସନ୍ତୋଷ କୁମାର ଯାଦବ (୨୯), ସନ୍ତୋଷ କୁମାର (୨୫), ସୋନୁ କୁମାର ଯାଦବ(୨୧) ଏବଂ କଣ୍ଟାବାଞ୍ଜି ନୂଆପଡ଼ାର କ୍ଷୀରସାଗର ନାୟକ(୨୯) ଓ ବେଲପଡ଼ା ଥାନା ଅଧୀନ ଲଥାକେନ୍ଦର ଜିତେନ୍ଦ୍ର ପୁଞ୍ଜି (୩୬) । ସେମାନଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କଠାରୁ ୩ ଲାପଟପ୍ ଓ ବିଭିନ୍ନ କମ୍ପାନୀର ୨୦ଟି ମୋବାଇଲ ଫୋନ ଜବତ ହୋଇଛି ବୋଲି ରବିବାର କଣ୍ଟାବାଞ୍ଜି ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟବାହୀ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସଦାନନ୍ଦ ପୂଝାରୀ ସୂଚନା ଦେଇଛନ୍ତି ।

ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ଭଡ଼ାଘରେ ଦୀର୍ଘଦିନରୁ ଅନ୍‌ଲାଇନ ବେଟିଂ ଗେମ୍ ଚାଲୁଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶନିବାର ବଲାଙ୍ଗୀର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହିମାଂଶୁ ଭୋଇଙ୍କ ନେତୃତ୍ୱରେ ଜିଲା ପୋଲିସ ଓ କଣ୍ଟାବାଞ୍ଜି ପୋଲିସ ମିଳିତ ଭାବେ ଗେମ୍ ଚାଲୁଥିବା ଭଡ଼ାଘରେ ଅଚାନକ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ମୋବାଇଲ ଓ ଲାପଟପ୍ ଜବତ କରାଯାଇ ବଲାଙ୍ଗୀର ସାଇବର ସେଲ୍‌କୁ ତଦନ୍ତ ପାଇଁ ପଠାଯାଇଛି ବୋଲି ପୂଝାରୀ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅନ୍‌ଲାଇନ ବେଟିଂରେ ଅନ୍ୟ ଲୋକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେନେଇ କହିଛନ୍ତି। ଏ ନେଇ ନଂ.୪୪/୨୫ ବିଏନ୍‌ଏସ୍ ଧାରା ୩୧୮(୪)/୬୧(୨) /ଆର.ଡବ୍ଲ୍ୟୁ. ସେକ୍ସନ ୪/୫/ପିଏମ୍‌ଏସ୍ ୧୯୭୮ରେ ମାମଲା ରୁଜୁ ହୋଇଛି ।

# ଛାତ୍ରୀଙ୍କୁ ଅସଦାଚରଣ କରି ପ୍ରଧାନଶିକ୍ଷକ ଗିରଫ

କେନ୍ଦୁଝର,୨।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ଥାନା ଶିବନାରାୟଣପୁରଗୋଡ଼ା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ସାହୁ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରି ଗିରଫ ହୋଇଛନ୍ତି। ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ଅପରାହ୍ନରେ ବିଦ୍ୟାଳୟକୁ ଯାଇ ମିଳିତ ଭାବେ ତଦନ୍ତ କରିଥିଲେ। ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।


# Classified Everyday

0674-2580101, 9692975378


REAL ESTATE

SALE

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar- 7008459987. D-76232

**11700 sqft. Gharabari land sale at Pitapalli, NH Side - 7008634668.** D-76234

ମାତ୍ର 50 ହଜାରରେ ଇନ୍‌ଭେଷ୍ଟମେଣ୍ଟ Plot, ଭୁବନେଶ୍ୱର (ଖୋର୍ଦ୍ଧା), ଢେଙ୍କାନାଳ ( ଗୁଡ଼ିଆକାଟେଣୀ) । Contact- 8917622925 D-2762

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact- 9438362399.** D-2772




Newly open health benefits spa by experience lady therapist. 8658088274. D-76191

Positively Health benefited spa by expert female therapist, Nayapalli. 7846814019 D-76190

Newly open Jyoti spa positively health benefits (Expert therapist). 8458067955 D- 76192




**OFFICE SPACE / STORAGE SPACE 1700- 2000sqf. GF and FF with parking, loading and unloading premises at Satya Sai Enclaves, Aiginia, Khandagiri, BBSR. Available from March-2025. For Agreement in advance contact: 8104454250 / 8249356671.** D-2782

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡ଼କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT



ମୁଁ, Sabhal Tati, ବୟସ(୨୧), ଲିଙ୍ଗ-ମହିଳା, D/o- Mangal Tati, At- Balika Residencial School, Jangala, Post.- Matwada, Dist.- Bijapur, Chhatishgarh, PIN- 494444, ଆଜିଠାରୁ ନିଜକୁ Manisha Thati ରୂପେ ଘୋଷଣା କରୁଅଛି । ଭବିଷ୍ୟତରେ ମୋତେ ଏହି ନାମରେ ଜଣାଯିବ ଏବଂ ମୋର ସମସ୍ତ ଦରକାରୀ କାଗଜପତ୍ର ଏହି ନାମରେ ପରିବର୍ତ୍ତନ କରାଗଲା। ଧ-୨୭୮୪

By virtue of an affidavit sworn before the Executive Magistrate, Bhubaneswar dated 1st February 2025, I, Somalita Kar, Address- 4323/C, Rabi Talkies Square, Lewis Road, Bhubaneswar, PIN-751002, Odisha declare that I have changed my son's name from Asimanshu Barick to *Lakshya Barick*. Henceforth, he shall be known as Lakshya Barick for all purposes.
Somalita Kar
D-76042

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit in the Court of the Executive Magistrate, Simulia. I declare that in my Aadhaar & Bank Passbook my name has been mentioned as Usharani Barik, where as in my LIC Certificate bearing policy No.- 587166608 my name is recorded as Gouribala Barik. Both the above name belongs to one and same person. D-2792

I, Baishnav Charan Sahoo, Son of Krushna Chandra Sahoo, resident of Plot No.- 266/2124, Canal Road, Shantoshi Vihar, Meherpalli, Bhubaneswar (M.C), Dist.- Khordha, Odisha- 751006 declare by this affidavit No.- 61, dtd. 28.01.2025 that now onwards I shall be known as Baishnab Charan Sahoo for all purposes. D-2793

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



ୖରବିନ୍ଦ୍ର କୁମାର ମହାନ୍ତି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତ ।।

ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।

ଶ୍ରଦ୍ଧାଞ୍ଜଳି: ହତଭାଗ୍ୟ ପୁତ୍ର: ରାକେଶ୍, ବିପାଶ୍ ଓ ଶୋକାକୁଳ ପରିବାରବର୍ଗ ।

ଧ-୨୭୯୪

### ଏକବିଂଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ କୃଷ୍ଣ ପ୍ରସାଦ ସେନ

ତିରୋଧାନ-୦୩।୦୨।୨୦୦୪

ତୁମର ସରଳ ସ୍ୱଭାବ, ସୁନ୍ଦର ବ୍ୟକ୍ତିତ୍ୱ ଓ ସହନଶୀଳତା ସମସ୍ତଙ୍କୁ ପ୍ରେରଣା ଦେଉଥାଉ । ଆଜିର ଏହି ଶ୍ରାଦ୍ଧ ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

-ଶ୍ରଦ୍ଧେୟ- ପତ୍ନୀ: ସୁରମା, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ତପୁ, ଧୁନ୍, ଗାଗୁଲୁ, ମିଷ୍ଟି, ପାଖୀ ଓ ପରିବାରବର୍ଗ ।

ଧ-୨୭୭୯

### ଶ୍ରଦ୍ଧାଞ୍ଜଳି



ୖପ୍ରାଧ୍ୟାପକ ବୈକୁଣ୍ଠନାଥ ମହାନ୍ତି
ଭୁବନେଶ୍ୱର

ଆବିର୍ଭାବ: ୦୪।୦୩।୧୯୪୦
ତିରୋଧାନ: ୦୨।୦୨।୧୯୯୮ (ମାଘ ଷଷ୍ଠୀ)

ଆଜି ଆପଣଙ୍କ ପବିତ୍ର ପୁଣ୍ୟତିଥି (୨୭ତମ ଶ୍ରାଦ୍ଧବାର୍ଷିକୀ)ରେ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ଶୋକସନ୍ତପ୍ତ: ବିଶ୍ୱଜିତ୍, ଇନ୍ଦ୍ରଜିତ୍, ଶତ୍ରୁଜିତ୍, ରଣଜିତ୍ (ପୁଅ), ରାଗେଶ୍ରୀ, ଖ୍ୟାତି, ବନଶ୍ରୀ, ଶାରଦା (ବୋହୂ), ପ୍ରାଧ୍ୟାପିକା ମମତା (ଝିଅ), ରକ୍ଷକ (ଜ୍ୱାଇଁ), ରିୟା, ଶ୍ରେୟା, ନେହା, ରିକୁ, ଇମନ୍, ରୋହନ୍, ସୋହନ୍, ଶିମନ୍ (ନାତି), ରୋମି (ନାତୁଣୀ), ଅର୍ପିତ୍ (ନାତୁଣୀଜ୍ୱାଇଁ) ଓ ବନ୍ଧୁବର୍ଗ ।

ଧ-୨୭୯୦

ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ସନ୍ତୁଳିତ ଜୀବନଶୈଳୀ ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ଖାଦ୍ୟ ଖାଇବାର ଅଧଘଣ୍ଟା ପୂର୍ବରୁ କିଛି ପାଣି ଏବଂ ଖାଇବାର ଅଧଘଣ୍ଟା ପରେ ପାଣି ପିଇବା ଭଲ। କେତେକ ବ୍ୟକ୍ତି ଠିକ୍ ଖାଦ୍ୟ ଖାଇବା ପୂର୍ବରୁ, ଖାଦ୍ୟ ଖାଇବା ବେଳେ ଏବଂ ଖାଇବା ପରେ ପରେ ଥଣ୍ଡା ପାଣି ପିଅନ୍ତି, ଯାହାକି ଆମର ପାଚନ କ୍ରିୟାରେ ପ୍ରତିକୂଳ ପ୍ରଭାବ ପକାଇ ଶରୀରରେ ପାଚକ ରସକୁ ନିଷ୍କ୍ରିୟ କରାଇଥାଏ। ଆବଶ୍ୟକତାଠାରୁ ଅଧିକ ପାଣି ପିଇବା ଦ୍ୱାରା ତାହା ଶରୀରରେ ଖରାପ ପ୍ରଭାବ ପକାଇଥାଏ। ଆମର ପୂର୍ବଜମାନେ ଖାଦ୍ୟ ଖାଇ କ୍ଷେତରେ କଠିନ ପରିଶ୍ରମ କରୁଥିଲେ, ଯଦ୍ଦ୍ୱାରା ଶରୀରରେ ଖାଦ୍ୟ ଉପଯୁକ୍ତ ପରିପକ୍ୱ ହୋଇ ଶରୀର ସୁସ୍ଥ, ନୀରୋଗ ହୋଇ ଶତାୟୁ ବର୍ଷ ବଞ୍ଚି ରହୁଥିଲେ।''



ଭାରତୀୟ ପ୍ରାଚୀନ ପରମ୍ପରା, ଐତିହ୍ୟ, ସଂସ୍କୃତି ଅତି ମହାନ୍। ଆମର ପୂର୍ବପିଢ଼ି ପାଖାପାଖି ଶହେ ବର୍ଷ ବଞ୍ଚି ରହୁଥିଲେ। ବୟସର ଛାପ ସେମାନଙ୍କୁ ଡେରିରେ ସ୍ପର୍ଶ କରୁଥିଲା। ଜୀବନର ପରିଣତ ବୟସରେ ବି ଦୃଶ୍ୟପଟ ଠିକ୍ ରହିବା, ସ୍ପଷ୍ଟ ଶୁଣାଯିବା, କେଶ ନ ପାଚିବା, ଦାନ୍ତ ନ ଝଡ଼ି ସ୍ପଷ୍ଟ ଉଚ୍ଚାରଣ କରିପାରିବା, ବାହ୍ୟ ଚର୍ମ ସତେଜ, ମଜଭୁତ, କାର୍ଯ୍ୟଦକ୍ଷତା ରହୁଥିବାର ନଜିର ରହିଛି। ଏହାର ମୁଖ୍ୟ କାରଣ ହେଲା, ଠିକ୍ ଭାବରେ ଆହାର ବିହାର କରୁଥିଲେ। ଜୈବିକସାରରୁ ପ୍ରସ୍ତୁତ ଧାନ, ପନିପରିବା ଚାଷ କରି ଖାଦ୍ୟ ଭାବେ ଖାଉଥିଲେ। ଦୈନନ୍ଦିନ ଉପଯୁକ୍ତ ଶାରୀରିକ ପରିଶ୍ରମ କରୁଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଛୋଟ ଶିଶୁ, ଯୁବକ, ମଧ୍ୟବୟସ୍କ ଆଦି ସମସ୍ତଙ୍କର ଦୈନନ୍ଦିନ ଚାଲିଚଳଣି, ଖାଦ୍ୟପେୟ ଆହାର ବିହାର ଆଦିରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ସେହିପରି ଖାଦ୍ୟପେୟ ସକାଳୁ ଘରୋଇ ପ୍ରସ୍ତୁତ ଚୁଡ଼ା, ମୁଢ଼ି, ଲିଆ, ଖୁଦ ଉପମା, ଛତୁଆ, ରୁଟି, ସୁଜି ଉପମା, ଇଡ଼୍ଲି, ଚକୁଳି ଜଳଖିଆ ପସନ୍ଦ ନ କରି ପୁରୀ, ବରା, ସିଙ୍ଗଡ଼ା, ନୁଡୁଲ୍ସ, ଚାଉମିନ, ପିଜା, ବର୍ଗରକୁ ସକାଳ ଜଳଖିଆ ଭାବେ ପସନ୍ଦ କରୁଛନ୍ତି। ଆଧୁନିକ ତଥା ପାଶ୍ଚାତ୍ୟ ଖାଦ୍ୟଶୈଳୀକୁ ଆପଣେଇ ଖରାବେଳେ ହେଉ କିମ୍ବା ରାତିରେ କେତେକ ବ୍ୟକ୍ତି ଭାତ ସହ ମାଂସ, ମାଛ, ଚିକେନ ଏବଂ ସାଦା ବିରିୟାନୀ, ଚିକେନ ବିରିୟାନୀ ଆଦି ଖାଇବା ପରେ ଆଇସ୍କ୍ରିମ, ଥଣ୍ଡା ପାଣି, କୋଲ୍ଡ ଡ୍ରିଙ୍କସକୁ ପାନୀୟ ଭାବେ ସେବନ କରୁଛନ୍ତି, ଯାହାକି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଯେମିତି ଖାଦ୍ୟ ଖାଇବା ସେପ୍ରକାରର ଗୁଣବତ୍ତା ଆମେ ପାଇବା। ଅତ୍ୟଧିକ କାର୍ବୋହାଇଡ୍ରେଟ ଖାଦ୍ୟ ଆମ ପାଇଁ ଶୀଘ୍ର ବାର୍ଦ୍ଧକ୍ୟ ଆଣିଥାଏ। ତେଣୁ ଖାଦ୍ୟରେ ଭାତ ଓ ରୁଟିର ପରିମାଣ କମ୍ କରିବା ସହ ଖାଦ୍ୟରେ ଅଧିକ ଜୈବିକ ପ୍ରଣାଳୀରେ ପ୍ରସ୍ତୁତ ସବୁଜ ତଥା ତଟକା ପନିପରିବା, ଶାଗ ଓ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବା ଦରକାର। ଏହାଦ୍ୱାରା ଭିଟାମିନ ଏ,ବି,ସି,କେ, ଖଣିଜ ଜାତୀୟ ଦ୍ରବ୍ୟ ଶରୀରରେ ଅନୁକୂଳ ପ୍ରଭାବ ପକାଇଥାଏ, ଯାହାଫଳରେ ଆମ ଶରୀର ନୀରୋଗ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ନିମନ୍ତେ ସାହାଯ୍ୟ କରିଥାଏ। ଆମେ ଏକାଥରେ ପୁଳାଏ ଖାଦ୍ୟ ନ ଖାଇ କିଛି କମ୍ କରି ଖାଇବା ସହ ତିନିଥରକୁ ବରଂ ପାଞ୍ଚ ଥର କରି ଖାଇବା ସ୍ୱାସ୍ଥ୍ୟପ୍ରଦ ଅଟେ।

ପାଣି ପିଇବା ସ୍ୱାସ୍ଥ୍ୟପ୍ରଦ। ତେବେ ପାଣି ପିଇବାର ଶୈଳୀ ରହିଛି। ସକାଳୁ ଉଠି ଖାଲି ପେଟରେ ଥଣ୍ଡା ପାଣି ପିଅନ୍ତୁ। ଖାଦ୍ୟ ଖାଇବାର ଅଧଘଣ୍ଟା ପୂର୍ବରୁ କିଛି ପାଣି ଏବଂ ଖାଇବାର ଅଧଘଣ୍ଟା ପରେ ପାଣି ପିଇବା ଭଲ। କେତେକ ବ୍ୟକ୍ତି ଠିକ୍ ଖାଦ୍ୟ ଖାଇବା ପୂର୍ବରୁ, ଖାଦ୍ୟ ଖାଇବା ବେଳେ ଏବଂ ଖାଇବା ପରେ ପରେ ଥଣ୍ଡାପାଣି ପିଅନ୍ତି, ଯାହାକି ଆମର ପାଚନ କ୍ରିୟାରେ ପ୍ରତିକୂଳ ପ୍ରଭାବ ପକାଇ ଶରୀରରେ ପାଚକ ରସକୁ ନିଷ୍କ୍ରିୟ କରାଇଥାଏ। ଆବଶ୍ୟକତାଠାରୁ ଅଧିକ ପାଣି ପିଇବା ଦ୍ୱାରା ତାହା ଶରୀରରେ ଖରାପ ପ୍ରଭାବ ପକାଇଥାଏ। ଆମର ପୂର୍ବଜମାନେ ଖାଦ୍ୟ ଖାଇ କ୍ଷେତରେ କଠିନ ପରିଶ୍ରମ କରୁଥିଲେ, ଯଦ୍ଦ୍ୱାରା ଶରୀରରେ ଖାଦ୍ୟ ଉପଯୁକ୍ତ ପରିପକ୍ୱ ହୋଇ ଶରୀର ସୁସ୍ଥ, ନୀରୋଗ ହୋଇ ଶତାୟୁ ବର୍ଷ ବଞ୍ଚି ରହୁଥିଲେ। ଫଳସ୍ୱରୂପ ସେମାନେ ପରିଣତ ବୟସ ପର୍ଯ୍ୟନ୍ତ ଚଳଚଞ୍ଚଳ ଓ କାର୍ଯ୍ୟକ୍ଷମ ରହିପାରୁଥିଲେ। ବର୍ତ୍ତମାନ ପରିସ୍ଥିତିରେ ମନୁଷ୍ୟ ଖାଦ୍ୟଖାଇବା ପରେ ସଙ୍ଗେସଙ୍ଗେ କମ୍ପ୍ୟୁଟର ପାଖରେ ଏବଂ କାର୍ଯ୍ୟାଳୟରେ ଅଧିକ ସମୟ ବସିବା, କେତେକ ବ୍ୟକ୍ତି ଖାଇବା ପରେ ପରେ ସଙ୍ଗେ ସଙ୍ଗେ ଶୋଇପଡ଼ିବା ହେତୁ ମେଦ ବୃଦ୍ଧି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାବ୍ୟତୀତ ଖାଦ୍ୟ ଠିକ୍ଭାବେ ହଜମ ନ ହେବାରୁ ଗ୍ୟାଷ୍ଟ୍ରିକ୍ ସସମ୍ୟା ସୃଷ୍ଟି ହୋଇଥାଏ। ତେଣୁ ଖାଦ୍ୟ ଖାଇବା ପରେ କିଛି ସମୟ ଚଲାବୁଲା କରିବା ଉଚିତ। ଏଣୁ ଜୀବନଶୈଳୀ ହିଁ ଜୀବନର ମାନଦଣ୍ଡ। ଆମେ ହେୟଜ୍ଞାନ କରିବା ଦ୍ୱାରା ଏହାର ପ୍ରତିକୂଳ ପ୍ରଭାବ ଆମେ ହିଁ ଭୋଗ କରିଥାଉ।

ଆଜିକାଲି ଖାଇବା ସମୟରେ ମୋବାଇଲ, ଟିଭି ଦେଖିବା ଏବଂ ବିଳମ୍ବରେ ଶୋଇବା ଆଦି କେତେକଙ୍କର ଅଭ୍ୟାସରେ ପରିଣତ ହୋଇଯାଇଛି। ସ୍ୱାସ୍ଥ୍ୟ ବିଜ୍ଞାନ ମତରେ ଯେକୌଣସି ଖାଦ୍ୟ ଖାଇବା ବେଳେ ମନଲଗାଇ ଖାଇବା, ଖାଦ୍ୟ ପ୍ରତି ଆଗ୍ରହ ରଖି ଖାଇବା ଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ, ଯାହାକି ସ୍ୱାସ୍ଥ୍ୟପ୍ରଦ।

କେତେକ ବ୍ୟକ୍ତି ଅତ୍ୟନ୍ତ ଥଣ୍ଡା ପାଣି ବା ଫ୍ରିଜ ପାଣି ଏବଂ ଅଧିକ ଥଣ୍ଡା ଥିବା କୋଲ୍ଡ ଡ୍ରିଙ୍କସ ପିଇଥାଆନ୍ତି। ବିଭିନ୍ନ ପ୍ରକାର ଛଣା ଖାଦ୍ୟ ଖାଇବା ଅଭ୍ୟାସରେ ପଡ଼ିଗଲେ ତାହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ। ଆମର ଭାରତୀୟ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି ଯେ ଆମେ ଯେପରି ଖାଦ୍ୟ ଖାଇବା ତା'ର ଗୁଣବତ୍ତା ଶରୀରରେ ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜା, ଶୁକ୍ର ଏହିପରି ପ୍ରକ୍ରିୟା ସପ୍ତଧାତୁ ପ୍ରକ୍ରିୟାକରଣ ହୋଇ ଶେଷରେ ଶରୀରର ସର୍ବଶ୍ରେଷ୍ଠ ଧାତୁ 'ଓଜ' ସୃଷ୍ଟି ହୋଇଥାଏ। ଯଦି ଆମେ ଦୈନନ୍ଦିନ ଖାଦ୍ୟରେ କିଛି ପରିମାଣରେ ଗାଈ କ୍ଷୀର, ଶୁଦ୍ଧଘିଅ, ଶୁଦ୍ଧ ମହୁ, ପିସ୍ତାବାଦାମ, ଜୈବିକ ସାରରୁ ଉତ୍ପନ୍ନ ଖାଦ୍ୟଶସ୍ୟ ଆଦି ଖାଦ୍ୟ ରୂପେ ସେବନ କରିବା ଦରକାର। ତା'ସହ ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ କରିବା, ଉପଯୁକ୍ତ ପରିଶ୍ରମ କରିବା ଏବଂ ଦୈନନ୍ଦିନ ଜୀବନଶୈଳୀ ଓ ଆହାର ବିହାର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଥାଏ।

ଉପରୋକ୍ତ ସମସ୍ତ ବିଷୟକୁ ପର୍ଯ୍ୟାଲୋଚନା କଲେ ଆମେ ଜାଣିପାରିବା ଯେ ଉତ୍ତମ ଖାଦ୍ୟଶୈଳୀ, ଜୀବନଚର୍ଯ୍ୟା ହିଁ ଦୀର୍ଘାୟୁ ଜୀବନର ମୂଳ ମନ୍ତ୍ର।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

# ସୁସ୍ଥ ଶରୀର ଓ ଜଳ



ଆମ ଶରୀର ପାଇଁ ଜଳର କେତେ ଆବଶ୍ୟକତା ରହିଛି ତାହା କହିବା ଅନାବଶ୍ୟକ। କିନ୍ତୁ ଏଥିରେ ଅସନ୍ତୁଳନ ପରିଲକ୍ଷିତ ହେଲେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ତେଣୁ ଶରୀରରେ ଏହି ସ୍ତର ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ। ଜଳୀୟ ଅଂଶ ଯଦି ଆବଶ୍ୟକତା ପରିମାଣ ଠାରୁ ଯଥେଷ୍ଟ କମିଯାଏ, ତେବେ ଜଳୀୟ ଶୁଷ୍କତା ବା ଡିହାଇଡ୍ରେଶନ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଆମେ ଖାଦ୍ୟ ଖାଇବା ସହ ଆବଶ୍ୟକ ପରିମାଣର ପାଣି ନିୟମିତ ପିଇବା ଦରକାର। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୩ ଲିଟର ପାଣି ପିଇବା ଆବଶ୍ୟକ। ଶରୀରରେ ରକ୍ତ, ମୂତ୍ର, ଲୁହ, ପିତ୍ତ, ଲାଳ ଆଦି ଯେତେସବୁ ତରଳ ପଦାର୍ଥ ରହିଛି, ସେଗୁଡ଼ିକର ମୂଳ ଉପାଦାନ ହେଉଛି ଜଳ। ଶରୀରର ବିଭିନ୍ନ ଅଙ୍ଗକୁ ଚଳଚଞ୍ଚଳ ରଖିବାରେ ଏହାର ପ୍ରମୁଖ ଭୂମିକା ରହିଛି। ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ, ଭିଟାମିନ୍ସ ଏବଂ ଔଷଧ ଆଦି ପହଞ୍ଚାଇବାରେ ଏହା ବାହକ ରୂପେ ମଧ୍ୟ କାମ କରେ। ତା' ସହ ଶରୀରରେ ତାପମାତ୍ରା ମଧ୍ୟ ନିୟନ୍ତ୍ରଣ କରିଥାଏ।

# ସୁସ୍ଥ ହାର୍ଟ ପାଇଁ ସହଜ ଉପାୟ



ହୃତ୍ପିଣ୍ଡ ବା ହାର୍ଟ ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ। ହାର୍ଟର କାର୍ଯ୍ୟଧାରାରେ ଯଦି ବାଧା ସୃଷ୍ଟି ହୁଏ ତେବେ ତାହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ଏହାକୁ ସୁସ୍ଥ ରଖିବାର ସରଳ ତଥା ସହଜ ଉପାୟ ଆମର ହାତ ପାଆନ୍ତାରେ ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି, ତେବେ ହାର୍ଟ ଅନେକାଂଶରେ ସୁସ୍ଥ ରହିଥାଏ। 'ସୁସ୍ଥ ମାନସିକତା ଏବଂ ହାର୍ଟ' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ତା'ସହ ନିୟମିତ ସମୟ ବ୍ୟବଧାନରେ ଏହାର ପ୍ରଭାବ ସେମାନଙ୍କର ହାର୍ଟ ଉପରେ କିପରି ପଡୁଛି ତାହାକୁ ଅନୁଧ୍ୟାନ କରି ସେମାନେ ଏକଥା ଜାଣିପାରିଥିଲେ। ଅଧିକାଂଶ ସମୟ ନିଜର ମାନସିକତାକୁ ସକରାତ୍ମକ ରଖିବା ଫଳରେ ସେମାନଙ୍କର ହାର୍ଟ ଅନେକାଂଶରେ ସୁସ୍ଥ ରହୁଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି।

# ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଅଙ୍ଗୁର



ଆପଣ ନିଜ ରୋଗ ପ୍ରତିରୋଧକ ଶକ୍ତିକୁ ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏହାକୁ କେତେକାଂଶରେ ଦୃଢ଼ କରିବା ପାଇଁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଅଙ୍ଗୁର ସାମିଲ କରନ୍ତୁ ନା ! ୟୁନିଭର୍ସିଟି ଅଫ ଲଣ୍ଡନର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ପ୍ରତିଦିନ କିଛି ପରିମାଣରେ ଅଙ୍ଗୁର ଖାଇବା ଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି କେତେକାଂଶରେ ସନ୍ତୁଳିତ ରହିଥାଏ। ଅଙ୍ଗୁରରେ ମଧ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ଏଥିରେ ମଧ୍ୟ କ୍ୟାନ୍ସର ସହ ଲଢ଼ିବାର ଗୁଣ ରହିଛି। ଅଙ୍ଗୁରରେ ପୋଟାସିୟମ୍ ମାତ୍ରା ମଧ ଅଛି। ଏହା ମଧ୍ୟ ଶରୀରରେ ବ୍ଲଡ୍ ପ୍ରେସର୍‌କୁ ସନ୍ତୁଳିତ ରଖେ। ଏଥିରେ ଫାଇବର୍ ମଧ ରହିଛି ଯାହା କୋଲେଷ୍ଟରଲ୍‌ର ମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। ଆଲ୍‌ଜିମର୍ସ ଭଳି ମସ୍ତିଷ୍କଜନିତ ସମସ୍ୟାରୁ ଏହା କିଛି ମାତ୍ରାରେ ଉପଶମ ଦେଇଥାଏ। ଏହାକୁ ନିୟମିତ ଖାଇଲେ ମସ୍ତିଷ୍କର କାର୍ଯ୍ୟଧାରା ମଧ୍ୟ ସକ୍ରିୟ ରହେ। ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହା ମଧ ମାନସିକ ଶାନ୍ତି ପ୍ରଦାନ କରିଥାଏ। ଏଥିରେ ଭିଟାମିନ୍ କେ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ରହିଛି। ନିୟମିତ ଅଙ୍ଗୁର ଖାଇବା ଦ୍ୱାରା ଏହା ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ। ଏହାକୁ ଖାଇବା ଦ୍ୱାରା ବାତ ଓ ଆଣ୍ଠୁଗଣ୍ଠି ସମସ୍ୟାରୁ କିଛି ମାତ୍ରାରେ ଉପଶମ ମିଳିଥାଏ। କେତେକ ବ୍ୟକ୍ତିଙ୍କୁ ରାତିରେ ଠିକ୍ ଭାବେ ନିଦ ହୋଇ ନଥାଏ। ସେଥିପାଇଁ ପ୍ରତିଦିନ କିଛି କିଛି ଅଙ୍ଗୁର ଖାଇବା ନିହାତି ଦରକାର।

# ଉପକାରୀ ଶାଗ

ବିଶେଷ ଭାବରେ ପାଳଙ୍ଗ ଶାଗ, ମେଥିଶାଗ, ସୋରିଷ ଶାଗ ଓ ମୂଳା ଶାଗ ଆଦି ଶରୀର ପାଇଁ ବେଶ୍ ଉପକାରୀ। ବିଭିନ୍ନ ପ୍ରକାର ଶାଗରେ ଭିଟାମିନ୍ 'ଏ', 'ସି', 'ଇ', ଫଲିକ୍ ଏସିଡ୍, ଲୌହ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଇତ୍ୟାଦି ଭରି ରହିଛି। ଏହାବ୍ୟତୀତ ଶାଗରେ ତନ୍ତୁଜାତୀୟ ଉପାଦାନର ପରିମାଣ ବେଶି। ଶାଗରୁ ମଧ୍ୟ ମିଳେ ଅତି ଉପକାରୀ ଓମେଗା ଥ୍ରୀ ନାମକ ଫ୍ୟାଟ୍ ବା ସ୍ନେହସାର। ଶାଗରେ ଥାଏ ବିଟା କାରୋଟିନ୍ ଭିଟାମିନ୍-ସି, ଭିଟାମିନ୍-ଇ, ଚାକୋସାଇନୋଲେଟ୍, ଆଇସୋଥାୟୋସାୟିନେଟ୍ ଓ ଫ୍ଲାଭୋନଏଡସ ଜାତୀୟ ଆଣ୍ଟିଅକ୍ସିଡାଣ୍ଟ। ତେଣୁ ନିୟମିତ ଶାଗ ଖାଇଲେ ରକ୍ତହୀନତା, ହୃଦ୍‌ରକ୍ତନଳୀ ରୋଗ, ଡାଇବେଟିସ୍, କାଟାରାକ୍ଟ, ପୃଥୁଳତା, କୋଷ୍ଠକାଠିନ୍ୟ ଏବଂ ବିଭିନ୍ନ ପ୍ରକାରର କ୍ୟାନ୍‌ସର ଆଶଙ୍କା ଅନେକାଂଶରେ କମ୍ ରହିଥାଏ। ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ଶରୀରରେ ଅନେକ ପ୍ରକାର ଭିଟାମିନ୍‌ର ଅଭାବ ପୂରଣ କରିଥାଏ।



# ବ୍ରେକ୍‌ଫାଷ୍ଟ: କିଛି କଥା



ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହା ଆମ ଶରୀର ପାଇଁ ବେଶ୍ ଉପକାରୀ। ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ସବୁବେଳେ ଯେମିତି ସେହି ସମୟରେ ହିଁ ବ୍ରେକ୍‌ଫାଷ୍ଟ କରିବେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ବ୍ରେକ୍‌ଫାଷ୍ଟ ଖାଦ୍ୟ ତାଲିକାରେ ସବୁବେଳେ ହାଲ୍‌କା ଖାଦ୍ୟ ସାମିଲ କରନ୍ତୁ। କାରଣ ଏପରି ଖାଦ୍ୟ ସହଜରେ ହଜମ ହୋଇଥାଏ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ। ସକାଳେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯେପରି ଦିନତମାମ ଆପଣଙ୍କୁ ଭାରାକ୍ରାନ୍ତ ଲାଗିବ। ଆଉ ଗୋଟିଏ କଥା ମନେ ରଖିବା ନିହାତି ଦରକାର। ସକାଳୁ କଦାପି ତେଲଜାତୀୟ ଏବଂ ଛଣାଛଣି ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ସବୁବେଳେ ମନେ ରଖନ୍ତୁ ଯେ, ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ , ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସକାରାତ୍ମକ ରଖିବାରେ ସାହାଯ୍ୟ କରିବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ। ଏହି ତାଲିକାରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ବ୍ୟତୀତ ବ୍ରେଡ, ବିସ୍କୁଟ ବି ଖାଇପାରିବେ। ଏହି ତାଲିକାରେ ସାଲାଡ୍ ସାମିଲ କରନ୍ତୁ।

# ଜାଣି ରଖନ୍ତୁ

- ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।
- ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ ମହୌଷଧି ସଦୃଶ କାମ କରେ।
- ଡାଇବେଟିସ ରୋଗୀମାନେ ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ନିହାତି ଆବଶ୍ୟକ।
- କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଓଜନକୁ ସନ୍ତୁଳିତ ରଖେ।
- କଲରା ଶରୀରରେ ଆଲର୍ଜି ହେବାକୁ ଦିଏନାହିଁ।
- କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର ରଖିଥାଏ କଲରା।



# ମହାକାଶରେ ଇସ୍ରୋର ମହତ୍ତ୍ୱପୂର୍ଣ୍ଣ ଡକିଙ୍ଗ ପରୀକ୍ଷା

(ଶେଷ ଭାଗ)



ତେବେ ପ୍ରଶ୍ନ ହେଉଛି, ଇସ୍ରୋର ଅନ୍ତରୀକ୍ଷ ଅଭିଯାନରେ ଏହି ମହାକାଶୀୟ ଡକିଙ୍ଗ ଓ ଅନ୍‌ଡକିଙ୍ଗ ପ୍ରକ୍ରିୟାର ଆବଶ୍ୟକତା କ'ଣ ? ଏଠାରେ ଦୁଇଟି ଉଦାହରଣ ଦିଆଯାଇ ପାରେ : ପ୍ରଥମତଃ, ଇସ୍ରୋ ଆଗାମୀ ୨୦୩୫ ମସିହା ସୁଦ୍ଧା ଅନ୍ତରୀକ୍ଷରେ ଦୀର୍ଘଦିନ ରହଣି ନିମନ୍ତେ ନିଜର ଏକ ଅନ୍ତରୀକ୍ଷ ଷ୍ଟେଶନ (ନାମ: ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ) ଅବସ୍ଥାପିତ କରିବାକୁ ଯୋଜନା ରଖିଛି। ଅନ୍ତରୀକ୍ଷରେ କେବଳ ଅନ୍ତରୀକ୍ଷ ଷ୍ଟେଶନ ସ୍ଥାପନ କରିଦେଲେ ଚଳିବ ନାହିଁ; ବରଂ ସମୟ ସମୟରେ ପୃଥିବୀରୁ ଅନେକ ଅଭିଯାନ ଜରିଆରେ ଏହାକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ତଥା ମହାକାଶଯାତ୍ରୀଙ୍କୁ ଅଦଳବଦଳ କରିବାକୁ ପଡ଼ିବ। ଏଥିନିମନ୍ତେ ପୃଥିବୀରୁ ନିୟମିତ ଭାବେ ମାଲବାହୀ ତଥା ମନୁଷ୍ୟବାହୀ ଯାନଗୁଡ଼ିକ ଅନ୍ତରୀକ୍ଷକୁ ଯାତ୍ରା କରି ଅନ୍ତରୀକ୍ଷ ଷ୍ଟେଶନ ସହିତ ମିଳିତ ହେବା (ଡକିଙ୍ଗ) ସହ କାର୍ଯ୍ୟ ସରିଗଲେ ସେଗୁଡ଼ିକ ମହାକାଶ ଷ୍ଟେଶନରୁ ଅଲଗା ହୋଇ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବେ। ତେବେ ଯାଇ ଅନ୍ତରୀକ୍ଷ ଷ୍ଟେଶନରେ ମଣିଷର ଦୀର୍ଘଦିନ ରହଣିର ସ୍ୱପ୍ନ ସାକାର ହୋଇ ପାରିବ। ଏଠାରେ ଅନ୍ତରୀକ୍ଷରେ କାର୍ଯ୍ୟରତ ଅନ୍ତଃରାଷ୍ଟ୍ରୀୟ ଅନ୍ତରୀକ୍ଷ ଷ୍ଟେଶନ କଥା ବିଚାର କରାଯାଇପାରେ। ଏହି ଷ୍ଟେଶନକୁ ଅନେକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ପୃଥିବୀରୁ କ୍ରମାଗତ ଭାବେ ସାମଗ୍ରୀ ଯୋଗାଣ କରାଯାଇଛି କେତେକ ମହାକାଶଚାରୀ ପୃଥିବୀରୁ ଯାତ୍ରାକରି ଏଠାରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ସମ୍ପାଦନ କରି ପୁଣି ପୃଥିବୀକୁ ଫେରି ଆସିଛନ୍ତି। ସୁତରାଂ ଯେକୌଣସି ଅନ୍ତରୀକ୍ଷ ଷ୍ଟେଶନକୁ ଅନ୍ତରୀକ୍ଷରେ ଦୀର୍ଘଦିନ କାର୍ଯ୍ୟକ୍ଷମ ରଖିବା ନିମନ୍ତେ ଅନ୍ତରୀକ୍ଷରେ ମହାକାଶୀୟ ଡକିଙ୍ଗ ଓ ଅନ୍‌ଡକିଙ୍ଗ ପ୍ରକ୍ରିୟାର ଯଥେଷ୍ଟ ଆବଶ୍ୟକତା ରହିଛି।

ମହାକାଶୀୟ ଡକିଙ୍ଗ ଓ ଅନ୍‌ଡକିଙ୍ଗ ପ୍ରକ୍ରିୟାର ଦ୍ୱିତୀୟ ପ୍ରୟୋଗ ଘଟିବ ଇସ୍ରୋ ଦ୍ୱାରା ଚନ୍ଦ୍ରକୁ ଆଗାମୀ ଦିନରେ ପ୍ରେରଣ କରାଯିବାକୁ ଥିବା ଚନ୍ଦ୍ରଯାନ-୪ ଉପଗ୍ରହ ଅଭିଯାନରେ। ଏହି ଅଭିଯାନରେ ଏକ ଚନ୍ଦ୍ରଯାନକୁ ଚନ୍ଦ୍ରପୃଷ୍ଠରେ ଅବତରଣ କରାଯିବ ଏବଂ ଏହି ଯାନ ଜରିଆରେ ସେଠାରୁ କିଛି ମାଟିପଥର ସଂଗ୍ରହ କରାଯାଇ ପୃଥିବୀକୁ ଅଣାଯିବ। ମାତ୍ର ଅବତରକ ଚନ୍ଦ୍ରଯାନ ପକ୍ଷରେ ନିଜର ସୀମିତ ଇନ୍ଧନ ଓ ଗତିଶୀଳତା ହେତୁ ଚନ୍ଦ୍ରର ମାଧ୍ୟାକର୍ଷଣ ବନ୍ଧନ ଅତିକ୍ରମ ପୂର୍ବକ ଚନ୍ଦ୍ରରୁ ନମୁନା ଧରି ପୃଥିବୀକୁ ଫେରିବା ସମ୍ଭବପର ନୁହେଁ। ସୁତରାଂ ଏହି ଯାନ ନମୁନା ବହନ କରି ଚନ୍ଦ୍ରକୁ ଆକାଶରେ ପରିକ୍ରମା କରୁଥିବା ମୂଳ ଶକ୍ତିଶାଳୀ ଅର୍ବିଟର ଯାନ ସହିତ ଡକିଙ୍ଗ ପ୍ରକ୍ରିୟା ଜରିଆରେ ସଂଯୁକ୍ତ ହେବ ଏବଂ ଏହି ମୂଳଯାନଟି ନମୁନା ସହିତ ଚନ୍ଦ୍ରଯାନକୁ ସାଙ୍ଗରେ ଧରି ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବ।

ସୁତରାଂ ଇସ୍ରୋର ଏହି ସ୍ପେଡେକ୍ସ ଡକିଙ୍ଗ ଓ ଅନ୍‌ଡକିଙ୍ଗ ଅଭିଯାନ ଯେ ଆଗାମୀ ଦିନରେ ଭାରତୀୟ ଅନ୍ତରୀକ୍ଷ କାର୍ଯ୍ୟକ୍ରମକୁ ନେଇ ପାଦ ଆଗେଇ ନେବା ଦିଗରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ।

– ନିକୁଞ୍ଜ ବିହାରୀ ସାହୁ
ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

# ସ୍ୱାସ୍ଥ୍ୟ ସୂଚନା

- ଉପଯୁକ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଏବଂ ଠିକ୍ ସମୟ ବ୍ୟବଧାନରେ ନିଜର ବ୍ଲଡ୍ ପ୍ରେସର୍‌କୁ ଚେକ୍ କରନ୍ତୁ।
- ପ୍ରତିଦିନ ସକାଳ ଜଳଖିଆରେ ଗୋଟେ କିମ୍ବା ଦୁଇଟି ଟମାଟୋ ସାମିଲ୍ କରନ୍ତୁ। ଏହା ଶରୀରରେ ଚର୍ବି ଅଂଶ କମାଇଥାଏ।
- ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି କିଛି ସମୟ ପ୍ରାର୍ଥନା କରନ୍ତୁ। ଏହା ମସ୍ତିଷ୍କ ଉପରେ ସୁପ୍ରଭାବ ପକାଇଥାଏ।
- ଦାନ୍ତ ଘଷିଲା ବେଳେ ଆଦୌ ତରବର ହୁଅନ୍ତୁ ନାହିଁ। ଅତି କମ୍‌ରେ ଦୁଇରୁ ତିନି ମିନିଟ୍ ଯାଏ ଭଲଭାବେ ଘଷନ୍ତୁ। ସକାଳ ବ୍ୟତୀତ ରାତ୍ରଭୋଜନ ପରେ ଦାନ୍ତ ଘଷନ୍ତୁ।
- କୌଣସି ବ୍ୟକ୍ତି ଯଦି କୌଣସି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି, ସେହି ରୋଗ ବିଷୟରେ ତାଙ୍କ ସାମନାରେ ଆଲୋଚନା କରନ୍ତୁ ନାହିଁ। କାରଣ ଏହାର ନକାରାତ୍ମକ ପ୍ରଭାବ ତାଙ୍କ ମାନସିକତାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି।
- ନିଜକୁ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଯାହା ଆପଣଙ୍କ ମନକୁ ଶାନ୍ତି ପ୍ରଦାନ କରିବ।



ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଫେବୃଆରୀ ୩/୨୦୨୫ Bhubaneswar, Monday, February 3/ 2025

# ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଚାମ୍ପିୟନ



ଖୁସି ମୁହୂର୍ତ୍ତରେ ଟି୨୦ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳ।

### ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ

କୁଆଲାଲମ୍ପୁର, ୨।୨ (ପି.ଟି.)

ଭାରତ କ୍ରମାଗତ ଦ୍ୱିତୀୟ ଥର ୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ୯ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଗୋଟିଏ ହେଲେ ମ୍ୟାଚରେ ହାରି ନ ଥିବା ଭାରତ ୫୨ ବଲ୍ ବାକି ଥାଇ ଗୋଟିଏ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଫାଇନାଲର ଷ୍ଟାର ଖେଳାଳି ଥିଲେ ଅଲରାଉଣ୍ଡର ଗୋଙ୍ଗାଡି ତ୍ରିଶା। ସେ ପୁଣି ତାଙ୍କ ଅଲରାଉଣ୍ଡ ସାଫଲ୍ୟ ପ୍ରଦର୍ଶନ କରିଛନ୍ତି। ମ୍ୟାଚରେ ସେ ୧୫ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିବାବେଳେ ବ୍ୟାଟିଂ ବେଳେ ୩୩ ବଲ୍‌ରୁ ୮ ଚୌକା ସହ ୪୪ ରନ କରି ଅପରାଜିତ ଥିଲେ। ଉପ ଅଧିନାୟିକା ସାନିକା ଚାଲ୍‌କେ ୨୨ ବଲ୍‌ରୁ ୨୬ ରନ କରି ଅପରାଜିତ ରହିଥିଲେ। ସେ ୪ ଚୌକା ଲଗାଇଥିଲେ।

କେଲା ରେନିକେଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଭାରତର ୩ ଜଣିଆ ସ୍ପିନ ଆକ୍ରମଣର ମୁକାବିଲା ନ କରି ଦକ୍ଷିଣ ଆଫ୍ରିକା ୮୨ ରନରେ ଅଲଆଉଟ ହୋଇଯାଇଥିଲା। ଭାରତ ତରଫରୁ ଚମତ୍କାର ବୋଲିଂ ପ୍ରଦର୍ଶନ କରିଥିବା ଆୟୁଷୀ ଶୁକ୍ଳା ତାଙ୍କ ୪ ଓଭର ବୋଲିଂରେ ୨ ମେଡେନ ସହ ୯ ରନ ବିନିମୟରେ ୨ ଉଇକେଟ ନେଇଥିଲେ। ବାମହାତୀ ସ୍ପିନର ପାରୁନିକା (୪-୦-୬-୨) ପ୍ରାରମ୍ଭିକ ବ୍ରେକ୍ ଥ୍ରୁ ଆଣିଦେଇଥିଲେ। ସେ ଦକ୍ଷିଣ ଆଫ୍ରିକା ଓପନର ସିମୋନ୍ ଲୋରେନ୍ସଙ୍କୁ ବିନା କୌଣସି ରନରେ ଆଉଟ କରିଦେଇଥିଲେ। ଡାହାଣହାତୀ ସିମର ଶବନମ ଶକିଲ (୨-୦-୭-୧)ମଧ୍ୟ ଭଲ ବୋଲିଂ କରିଥିଲେ। ସେ ଦକ୍ଷିଣ ଆଫ୍ରିକାର ବିପଜ୍ଜନକ ବ୍ୟାଟର ଜେମା ବୋଥାଙ୍କୁ ଚତୁର୍ଥ ଓଭର ଶେଷରେ ପ୍ୟାଭିଲିଅନ ପଠାଇ ଦେଇଥିଲେ। ଦକ୍ଷିଣ ଆଫ୍ରିକାର ଟପ୍ ସ୍କୋରର ଥିଲେ ମିକ୍ ଭାନ୍ ଭୁର୍ଷ୍ଟ। ସେ ମାତ୍ର ୨୩ ରନ କରିଥିଲେ। ୪ଜଣ ବ୍ୟାଟର ଖାତା ଖୋଲିବାରେ ସମର୍ଥ ହୋଇ ନ ଥିଲେ। ଭାରତର ଗୋଙ୍ଗାଡି ତ୍ରିଶା ପ୍ଲେୟର ଅଫ୍ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ଇନିଂସ: ୨୦ ଓଭରରେ ୮୨/ଅଲଆଉଟ (ମିକ୍ ଭାନ୍ ଭୁର୍ଷ୍ଟ-୨୩, ଜେମା ବୋଥା-୧୬; ଗୋଙ୍ଗାଡି ତ୍ରିଶା-୩/୧୫, ପାରୁନିକା ସିସୋଡିଆ-୨/୬, ଆୟୁଷୀ ଶୁକ୍ଳା-୨/୯, ବୈଷ୍ଣବୀ ଶର୍ମା-୨/୨୩)। ଭାରତ ଇନିଂସ: ୧୧.୨ ଓଭରରେ ୮୪/୧ (ଗୋଙ୍ଗାଡି ତ୍ରିଶା-୪୪*, ଶାନିକା ଚାଲ୍‌କେ-୨୬*; କେଲା ରେନିକେ-୧/୧୪)।

## ମୋଦି, ମାଣ୍ଡବ୍ୟ, ତେନ୍ଦୁଲକରଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୨।୨ (ପି.ଟି.)

କୁଆଲାଲମ୍ପୁରରେ ୧୯ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ ସଫଳତା ପାଇଁ ଭାରତୀୟ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟଙ୍କଠାରୁ ଆରମ୍ଭ କରି କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପର୍ଯ୍ୟନ୍ତ ସମସ୍ତେ ଉଚ୍ଚ ପ୍ରଶଂସା କରିଛନ୍ତି। ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୯ ଉଇକେଟରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଥର ଟୁର୍ନାମେଣ୍ଟ ବିଜୟୀ ହୋଇଛି। ପ୍ରଧାନମନ୍ତ୍ରୀ ଟୁଇଟ କରି ଅଭିନନ୍ଦନ ଜଣାଇବା ସହ ଆମ ନାରୀ ଶକ୍ତି ପାଇଁ ଆମେ ଗର୍ବିତ ବୋଲି କହିଛନ୍ତି। ଦଳଗତ ପ୍ରଦର୍ଶନ ଯୋଗୁ ଏହା ସମ୍ଭବ ହୋଇପାରିଛି। ଏହି ବିଜୟ ଆଗାମୀ ଖେଳାଳିମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ସେ କହିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟର ମୁଖ୍ୟ ମାଣ୍ଡବ୍ୟ ଟୁଇଟ କରି କହିଛନ୍ତି, ବିଶ୍ୱ ଚାମ୍ପିୟନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁ ଏହି ସଫଳତା ମିଳିଛି। ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ତାଙ୍କର ଶୁଭେଚ୍ଛା। ବିଶ୍ୱ କ୍ରିକେଟର ଅନ୍ୟତମ ମହାନ୍ ଖେଳାଳି ତେନ୍ଦୁଲକର କହିଛନ୍ତି ଆମ ଦଳ ପ୍ରଥମ ଗେମ୍‌ଠାରୁ ଆରମ୍ଭ କରି ଫାଇନାଲ ପର୍ଯ୍ୟନ୍ତ ଚାମ୍ପିୟନ ଦଳ ପରି ଖେଳିଛି। ଟାଇଟଲ ବଜାୟ ରଖିବା ଲାଗି ଅସାଧାରଣ ପ୍ରୟାସର ଆବଶ୍ୟକତା ଥାଏ।

# ଓଡ଼ିଶାକୁ ୧୦ ଉଇକେଟରେ ହରାଇଲା ସର୍ଭିସେସ୍




ଶୁଭମ୍ ରୋହିଲା ଓ ସୂରଜ ବଶିଷ୍ଠ।

### ରଣଜୀ ଟ୍ରଫି

ଭୁବନେଶ୍ୱର, ୨।୨ (ବିଜୟ ରଣା)

ରଣଜୀ ଟ୍ରଫିର ଗ୍ରୁପ୍ 'ଏ'ର ଏକ ମ୍ୟାଚରେ ସର୍ଭିସେସ ୧୦ ଉଇକେଟରେ ଓଡ଼ିଶାକୁ ପରାସ୍ତ କରିଛି। କଟକସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ସର୍ଭିସେସ ୩୭୬ ରନର ବିଜୟ ଲକ୍ଷ୍ୟକୁ ବିନା କୌଣସି ଉଇକେଟରେ ହାସଲ କରି ନେଇଥିଲା। କେବଳ ସେତିକି ନୁହେଁ ରଣଜୀ ଟ୍ରଫି ଇତିହାସରେ ସର୍ଭିସେସ୍ ଦ୍ୱିତୀୟ ସର୍ବାଧିକ ବିଜୟ ଲକ୍ଷ୍ୟ ପିଛା କରିବାର ଗୌରବ ଅର୍ଜନ କରିଛି। ଶନିବାର ତୃତୀୟ ଦିବସ ଖେଳରେ ଓଡ଼ିଶା ଏହାର ଦ୍ୱିତୀୟ ଇନିଂସରେ ୩୯୪ରନ କରି ଅଲଆଉଟ ହୋଇଯିବା ପରେ ଭ୍ରମଣକାରୀ ଦଳ ପାଇଁ ୩୭୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସର୍ଭିସେସ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ଶନିବାର ଖେଳ ଶେଷ ସୁଦ୍ଧା ବିନା କୌଣସି ଉଇକେଟରେ ୪୬ ରନ କରିଥିଲା। ସୂରଜ ବଶିଷ୍ଠ ୧୬ ଓ ଶୁଭମ୍ ରୋହିଲା ୨୮ ରନରେ ଅପରାଜିତ ରହିଥିଲେ। ରବିବାର ଚତୁର୍ଥ ଦିବସରେ ଏହି ଦୁଇ ଓପନର ଓଡ଼ିଶା ବୋଲିଂକୁ ଭ୍ରୂକ୍ଷେପ ନ କରି ଅନାୟସରେ ରନ ସଂଗ୍ରହ କରିବାରେ ଲାଗିଥିଲେ। ରୋହିଲା ଦ୍ୱିଶତକ ହାସଲ କରି ୨୦୯ ରନ ଏବଂ ବଶିଷ୍ଠ ୧୫୪ ରନ କରି ଅପରାଜିତ ରହିଥିଲେ। ରଣଜୀ ଟ୍ରଫିରେ ସବୁଠାରୁ ଅଧିକ ରନର ବିଜୟ ଲକ୍ଷ୍ୟ ଚେଜ୍ କରିଥିବା ଦଳ ହେଉଛି ରେଲୱେ। ଏହି ଦଳ ଗତବର୍ଷ ଅଗରତଲାରେ ତ୍ରିପୁରା ବିପକ୍ଷରେ ୩୭୮ରନର ବିଜୟ ଲକ୍ଷ୍ୟ ଚେଜ୍ କରିବାରେ ସଫଳ ରହିଥିଲା। ବଶିଷ୍ଠ ଓ ରୋହିଲାଙ୍କ ମଧ୍ୟରେ ୩୭୬ ରନର ଅପରାଜିତ ପାର୍ଟନରଶିପ୍ ପ୍ରଥମଶ୍ରେଣୀ କ୍ରିକେଟ ଇତିହାସରେ ଚତୁର୍ଥ ଇନିଂସ ସଫଳ ରନ୍ ଚେଜ୍‌ରେ ଏହା ଦ୍ୱିତୀୟ ବୃହତମ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୮୦। ସର୍ଭିସେସ ପ୍ରଥମ ଇନିଂସ: ୧୯୯। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୯୪ ସର୍ଭିସେସ ଦ୍ୱିତୀୟ ଇନିଂସ: ୩୭୬/୦ (ଶୁଭମ୍ ରୋହିଲା-୨୦୯*, ସୂରଜ ବଶିଷ୍ଠ-୧୫୪*)।

# ଭୁବନେଶ୍ୱର ହାଫ୍ ମାରାଥନର ଟି-ଶାର୍ଟ ଉନ୍ମୋଚିତ

ଭୁବନେଶ୍ୱର, ୨।୨ (ବିଜୟ ରଣା)

କୋଲ ଇଣ୍ଡିଆର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମହାନଦୀ କୋଲ୍ ଫିଲ୍ଡ (ଏମ୍‌ସିଏଲ୍) ତରଫରୁ ଆସନ୍ତା ମାର୍ଚ୍ଚ ୨ରେ କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନ ଇଭେଣ୍ଟର ଆୟୋଜନ କରାଯାଇଛି। ଏହା ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ଓଡ଼ିଶାର କ୍ରୀଡ଼ା ଅଭିଯାନରେ ଯୋଗଦାନର ଏହା ଏକ ପ୍ରୟାସ । ସ୍ଥାନୀୟ ଏକ ହୋଟେଲରେ ଇଭେଣ୍ଟର ଅଫିସିଆଲ ଲୋଗୋ ଓ ରେସ୍ ଶାର୍ଟର ଉନ୍ମୋଚନ ଅବସରରେ ଆୟୋଜକଙ୍କ ତରଫରୁ ଏ ବିଷୟ କୁହାଯାଇଛି। ରେସ୍ ଟି-ଶାର୍ଟ ଓ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମରେ ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ପର୍ସୋନେଲ) କେଶବ ରାଓଙ୍କ ସମେତ କମ୍ପାନୀର ଅନ୍ୟ କେତେଜଣ ବରିଷ୍ଠ ପଦାଧିକାରୀ ଯୋଗଦାନ କରିଥିଲେ। ଏହି ଅବସରରେ ରାଓ କହିଥିଲେ ଲମ୍ବା ଦୂର ଦୌଡ଼ ଓ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବା ପାଇଁ ହାଫ୍ ମାରାଥନ ହେଉଛି ଏକ ମାଇଲଖୁଣ୍ଟ। ଏମ୍‌ସିଏଲ୍‌ର କୋଲ୍ ଇଣ୍ଡିଆ ହାଫ୍ ମାରାଥନ ହେଉଛି ଦେଶର ଅନ୍ୟତମ ବଡ଼ ଇଭେଣ୍ଟ। ଏଥିରେ ମୋଟ ୪୫.୩୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ବ୍ୟବସ୍ଥା କରାଯାଇଛି। ଏହି ହାଫ୍ ମାରାଥନରେ ବିଭିନ୍ନ କାଟାଗୋରି ରହିଛି। ଯଥା ୧.୫ କି.ମି. ଦୂରତା ବିଶିଷ୍ଟ 'ଫନ୍ ରନ୍'ରେ ଇଭେଣ୍ଟରେ ଛୋଟ ଛୋଟ ପିଲା, ପରିବାର ଓ ବରିଷ୍ଠ ନାଗରିକମାନେ ଅଂଶଗ୍ରହଣ କରିପାରିବେ। ଏହାଛଡ଼ା ୫କି.ମି. ଓ ୧୦ କି.ମି. ଦୌଡ଼ ସହିତ ୨୧ କି.ମି. ହାଫ୍ ମାରାଥନ ରେସ୍ ରହିଛି। କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନ ପ୍ରତିଯୋଗିତାରେ ଭାଗ ନେଉଥିବା ଧାବକ ଓ ଫିଟ୍‌ନେସ୍ ଉତ୍ସାହୀମାନଙ୍କୁ ଆକୃଷ୍ଟ କରିବ। କଳିଙ୍ଗ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମର ଆୟୋଜନ ଦ୍ୱାରା ଭୁବନେଶ୍ୱରକୁ ଆଥଲେଟିକ ଉତ୍କୃଷ୍ଟତା କେନ୍ଦ୍ର ଭାବେ ଆହୁରି ସୁନାମ ଆଣିଦେବ ବୋଲି ସେ କହିଥିଲେ।




ଟି-ଶାର୍ଟ ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ସିଏଲ୍ କର୍ମକର୍ତ୍ତା।

# ଓଡ଼ିଶା ୨୬୧ରେ ଅଲ୍‌ଆଉଟ୍

### ସିକେ ନାଇଡୁ ଟ୍ରଫି

ସମ୍ବଲପୁର, ୨।୨ (ବି.ଶଙ୍କର)

ସମ୍ବଲପୁରସ୍ଥିତ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଘରୋଇ ଓଡ଼ିଶା ଦଳର ସ୍ଥିତି ଭଲ ରହିଛି। ଦଳ ୧୧୯ ରନରୁ ଦ୍ୱିତୀୟ ଦିବସ ଖେଳ ଆରମ୍ଭ କରିଥିଲା । ପନକଲା ଶଶାଙ୍କ ଓ ଓମ ମୁଣ୍ଡା ଯୋଡି କ୍ରିଜ୍‌କୁ ବ୍ୟାଟିଂ କରିବାକୁ ଆସିଥିଲେ। ଦଳୀୟ ସ୍କୋର ୧୬୫ ଥିବା ବେଳେ ଅକଶିତ ରାଣା ଏଲବିଡବ୍ଲ୍ୟୁ ହୋଇ ପାଭିଲିୟନ ଫେରିଥିଲେ । ଏହାପରେ ଶଶାଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ । ଫଳସ୍ୱରୂପ ଓଡ଼ିଶା ୯୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୬୧ ରନ କରିଥିଲା । ଦଳର ଶଶାଙ୍କ ୧୫୯ଟି ବଲର ସମ୍ମୁଖୀନ ହୋଇ ୯୩ ରନ (୧୪ଟି ଚୌକା) ଓ ଓମ ମୁଣ୍ଡା ୨୦୬ଟି ବଲ ଖେଳି ୬୮ରନ ( ୪ ଚୌକା ଓ ୧ଟି ଛକା), ଆୟୁସ ସୂତାର ୪୫ ବଲର ସମ୍ମୁଖୀନ ହୋଇ ୨୪ ରନ କରିଥିଲେ। ଅପରପକ୍ଷେ ଭ୍ରମଣକାରୀ ଚଣ୍ଡିଗଡ଼ର ଯଶକିରଟ ସିଂ ମେହେରା ୫ଟି ଉଇକେଟ ନେଇଥିଲେ ।

ଏହାପରେ ଚଣ୍ଡିଗଡ଼ ଦଳର ଦେବାଙ୍ଗ କୌଶିକ ଏବଂ ଦିପେନ୍ଦର ଖୁସ ଦ୍ୱିତୀୟ ଇନିଙ୍ଗସ୍ ବ୍ୟାଟିଂ କରିବାକୁ କ୍ରିଜ୍‌କୁ ଓହ୍ଲାଇଥିଲେ । ଦଳର ସ୍କୋର ୫୭ ଥିବାବେଳେ ୩ଟି ମୂଲ୍ୟବାନ ଉଇକେଟ ହରାଇ ଚଣ୍ଡିଗଡ ପୁଣି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓଡ଼ିଶାର ଆଶୁତୋଷ ଛୁରିଆ ୧୦ଓଭର ବୋଲିଂ କରି ୨୮ରନ ବିନିମୟରେ ଚଣ୍ଡିଗଡର ଦେବାଙ୍ଗ କୌଶିକ, ଦିପେନ୍ଦର ଖୁସ ଓ ଅର୍ଣ୍ଣବ ବଂଶଲଙ୍କ ଉଇକେଟ ଅକ୍ତିଆର କରିଥିଲେ । ଫଳରେ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଚଣ୍ଡିଗଡ଼ ୨୯ ଓଭରରେ ୩ଟି ଉଇକେଟ ହରାଇ ୭୭ ରନ ସଂଗ୍ରହ କରିଛି । ବର୍ତ୍ତମାନ ଚଣ୍ଡିଗଡ ୪୬ ରନରେ ଓଡ଼ିଶାଠାରୁ ପଛରେ ଅଛି । ଦଳର ଦିପେନ୍ଦର ୭୬ ବଲରେ ୩୪ ରନ ସଂଗ୍ରହ କରିଥିଲେ। ଜିଲା କ୍ରୀଡା ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା କ୍ରୀଡା ସଂଘ ଉପସଭାପତି ସବିର ଅହମ୍ମଦ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ହକି ସମ୍ପାଦକ, ବିନୋଦ ଟପ୍ପୋ, ଆଥଲେଟିକ ସମ୍ପାଦକ ବିକାଶ ମିଶ୍ର, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ଖେଳ ସମ୍ପାଦକ ରଜେଶ ସେଠ, କାଉନସିଲ ସଭ୍ୟ ମହମ୍ମଦ ଇସାକ, ଶାନ୍ତନୁ ନନ୍ଦ, ସୁବୋଧ ସାହୁ, ମନୋଜ ଭୋଇ ଓ ଆନ୍ତଃଜାତିୟ ଅମ୍ପେୟାର ସୁବ୍ରତ ଦାସ ମ୍ୟାଚ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# କଳିଙ୍ଗରେ ଆଜି ଓଡ଼ିଶା ଏଫ୍‌ସି-ନର୍ଥଇଷ୍ଟ ୟୁନାଇଟେଡ




ଓଡ଼ିଶା ଏଫ୍‌ସି କୋଚ୍ ସର୍ଗିଓ ଲୋବେରା।

ଭୁବନେଶ୍ୱର, ୨।୨ (ବିଜୟ ରଣା)

ଓଡ଼ିଶା ଏଫ୍‌ସି ୧୨ ଦିନ ପରେ ଆକ୍ସନକୁ ଫେରିବ। ସୋମବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଏକ ମ୍ୟାଚରେ ଦଳ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ଭେଟିବ। ଏହି ଅବସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ଏଫ୍‌ସି କୋଚ୍ ସର୍ଗିଓ ଲୋବେରା କହିଛନ୍ତି, ପରବର୍ତ୍ତୀ ୭ଟି ମ୍ୟାଚ ମଧ୍ୟରୁ ଘରୋଇ ଗ୍ରାଉଣ୍ଡରେ ଖେଳାଯିବାକୁଥିବା ୪ଟିରେ ଭଲ ପ୍ରଦର୍ଶନ କରିପାରିଲେ ଦଳର ପ୍ଲେ-ଅଫ୍ ସୁଯୋଗ ରହିବ। ଶ୍ରେଷ୍ଠ ୬ ଦଳ ମଧ୍ୟରେ ସ୍ଥାନ ପାଇବା ଲାଗି କଳିଙ୍ଗ ଷ୍ଟାଡିୟମରେ ସ୍ଥାନୀୟ ଦର୍ଶକଙ୍କ ଉତ୍ସାହ ଦଳର ଭଲ ପ୍ରଦର୍ଶନରେ ବଡ଼ ଭୂମିକା ଗ୍ରହଣ କରିବ। ଓଡ଼ିଶା ଏଫ୍‌ସି ବର୍ତ୍ତମାନ ୨୪ ପଏଣ୍ଟ ସହ ଷ୍ଟାଣ୍ଡିଂରେ ୭ମ ସ୍ଥାନରେ ରହିଛି।

### ଡେଭିସ କପ୍ ଟେନିସ

## ଟୋଗୋକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୨।୨ (ପି.ଟି.)

ଭାରତ ୪-୦ରେ ଟୋଗୋକୁ ହରାଇବା ଦ୍ୱାରା ଡେଭିସ କପ୍ ୱାର୍ଲ୍ଡ ଗ୍ରୁପ୍-୧ରେ ଏହାର ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇଛି। ଭାରତ ରବିବାର ୨-୦ରେ ଅଗ୍ରଣୀ ସହ ଖେଳ ଆରମ୍ଭ କରିଥିଲା। ଡେଲ୍‌ଟା କମ୍ପ୍ଲେକ୍ସଠାରେ ଭାରତର ଏନ. ଶ୍ରୀରାମ ବାଲାଜୀ ଓ ରିତ୍ୱିକ ଚୌଧାରୀ ବୋଲାପାଲି ଯୋଡ଼ି ଡବଲ୍ସ ମ୍ୟାଚରେ ଟୋଗୋର ଏମ୍'ଲାପା ଟିଙ୍ଗୋ ଆକୋମୋଲୋ ଓ ହଡ୍ ଆବାଲୋ ଇସାକ୍ ପାଡିଓଙ୍କୁ ୬-୨, ୬-୧ରେ ହରାଇ ଦେଇଥିଲେ। ମ୍ୟାଚ ଜିତିବା ଲାଗି ସେମାନେ ୫୭ମିନିଟ ସମୟ ନେଇଥିଲେ। କରଣ ସିଂ ତାଙ୍କ ପଦାର୍ପଣ ମ୍ୟାଚରେ ହଡ୍ ଆବାଲୋ ଇସାକ୍ ପାଡିଓଙ୍କ ବିପକ୍ଷ ପ୍ରଥମ ରିଭର୍ସ ସିଙ୍ଗଲ୍ସକୁ ୬-୨, ୬-୩ରେ ଜିତି ନେଇଥିଲେ। ଭାରତ ୪-୦ରେ ଅଗ୍ରଣୀ ଲାଭ କରିସାରିଥିବାରୁ ୫ମ ତଥା ଅନ୍ତିମ ମ୍ୟାଚ ଗୁରୁତ୍ୱହୀନ ହୋଇପଡ଼ିଥିଲା। ଉଭୟଙ୍କ ସହମତିରେ ଏହି ମ୍ୟାଚ ନ ଖେଳିବା ଲାଗି ନିଷ୍ପତ୍ତି ନେଇଥିଲେ।

# ଭାରତ ୪-୧ରେ ସିରିଜ ବିଜୟୀ

ମୁମ୍ବାଇ, ୨।୨ (ପି.ଟି.)

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ରେ ଅଭିଷେକ ଶର୍ମାଙ୍କ ଆକର୍ଷଣୀୟ ଶତକ ସହାୟତାରେ ଭାରତ ୧୫୦ ରନରେ ସହଜ ବିଜୟ ହାସଲ କରିଛି। ଏଥିସହ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜ ୪-୧ରେ ଜିତି ନେଇଛି। ୨୪୮ରନର ବିଜୟ ଲକ୍ଷ୍ୟର ପିଛାକରି ଇଂଲଣ୍ଡ ୧୦.୩ ଓଭରରେ ମାତ୍ର ୯୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଓପନର ତଥା ଉଇକେଟକିପର ଫିଲ୍ ସଲ୍ଟ ଦଳ ପକ୍ଷରୁ ସର୍ବାଧିକ ୫୫ ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟର ଭାରତୀୟ ବୋଲରଙ୍କ ସାମ୍ନା କରିପାରି ନ ଥିଲେ। ଭାରତ ପକ୍ଷରୁ ମହମ୍ମଦ ଶାମି ୩, ଅଭିଷେକ ଶର୍ମା, ବରୁଣ ଚକ୍ରବର୍ତ୍ତୀ ଓ ଶିବମ ଦୁବେ ୨ଟି ଲେଖାଏ ଉଇକେଟ ନେଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୯ଉଇକେଟ ବିନିମୟରେ ୨୪୭ ରନ କରିଥିଲା। ଉଇକେଟକିପର ସଞ୍ଜୁ ସାମସନଙ୍କ ସହିତ ଓପନିଂ କରିବାକୁ ଆସିଥିବା ଅଭିଷେକ ୭ମ ଖେଳାଳିଭାବେ ଆଉଟ ହେବା ପୂର୍ବରୁ ତାଙ୍କ ୫୪ ବଲ୍‌ର ଇନିଂସରେ ୧୩ ଛକା ଓ ୭ ଚୌକା ସହ ୧୩୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବମ ଦୁବେ ୩୦, ତିଳକ ବର୍ମା ୨୪, ସଞ୍ଜୁ ସାମସନ ୧୬ ଓ ଅକ୍ଷର ପଟେଲ ୧୫ ରନ କରିଥିଲେ।

### ଭାରତ-ଇଂଲଣ୍ଡ ୫ମ ଟି୨୦

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୨୪୭/୯ (ଅଭିଷେକ-୧୩୫, ଶିବମ ଦୁବେ-୩୦; ବ୍ରାଇଡନ କାର୍ସି-୩/୩୮। ଇଂଲଣ୍ଡ : ୧୦.୩ ଓଭରରେ ୯୭/ଅଲଆଉଟ (ଫିଲ୍ ସଲ୍ଟ-୫୫; ମହମ୍ମଦ ଶାମି-୩/୨୫, ଅଭିଷେକ ଶର୍ମା-୨/୩, ବରୁଣ ଚକ୍ରବର୍ତ୍ତୀ-୨/୨୫, ଦୁବେ-୨/୧୧)।




ଶତକୀୟ ଇନିଂସ୍ ଅବସରରେ ଅଭିଷେକ ଶର୍ମା।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ